# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୧୯ (୧୬ ପୃଷ୍ଠା ) Sambalpur, Friday, March 15 / 2019 ★★

୧୫୩ ଭାଗ ୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






> ଆଝାର ପ୍ରସଙ୍ଗରେ ଚାଇନାର ଆଭିମୁଖ୍ୟ ଯଥାର୍ଥ । ଏହାଦ୍ୱାରା ମାମଲାର ପୁଙ୍ଖାନୁପୁଙ୍ଖ ଓ ଗଭୀର ସମୀକ୍ଷା ପାଇଁ ସମୟ ମିଳିବା ସହ ଆଲୋଚନା ଜରିଆରେ ସ୍ଥାୟୀ ସମାଧାନ ଲାଗି ସମ୍ପୃକ୍ତ ପକ୍ଷଙ୍କୁ ସୁଯୋଗ ଦେବ ।
> - ଲୁ କାଙ୍ଗ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

## ସଂକ୍ଷେପରେ

### ସୋନିଆଙ୍କ ସହଯୋଗୀ ଟମ୍ ଭଡକ୍କନ୍ ଭାଜପାରେ



**ନୂଆଦିଲ୍ଲୀ,୧୪।୩(ପି.ଟି.)**-କଂଗ୍ରେସ ମୁଖପାତ୍ର ତଥା ଏକଦା ଉପା ଅଧକ୍ଷ ସୋନିଆ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଥିବା ଟମ୍ ଭଡକ୍କନ୍ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ବାଲାକୋଟରେ ବାୟୁସେନାର ଆକ୍ରମଣକୁ ନେଇ କଂଗ୍ରେସର ଆଭିମୁଖ୍ୟକୁ ସେ ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଉପସ୍ଥିତିରେ ଭଡକ୍କନ ଭାଜପାରେ ଯୋଗଦେବା ପରେ ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କୁ ଭେଟିଥିଲେ। ସେନାର ସାଧୁତା ଉପରେ କଂଗ୍ରେସ ପ୍ରଶ୍ନ ଉଠାଉଛି। ପାକିସ୍ତାନ ଆମ ଦେଶରେ ଆକ୍ରମଣ କରୁଥିବାବେଳେ କଂଗ୍ରେସର ଏଭଳି ପ୍ରତିକ୍ରିୟା ଦୁଃଖଦାୟକ ବୋଲି ଭଡକ୍କନ କହିଛନ୍ତି।

### ଭାଜପାରେ ମିଶିଲେ ଟିଏମ୍‌ସି ନେତା ଅର୍ଜୁନ ସିଂ




**ନୂଆଦିଲ୍ଲୀ,୧୪।୩(ପି.ଟି.)**-ତୃଣମୂଳ କଂଗ୍ରେସ ନେତା ତଥା ପଶ୍ଚିମବଙ୍ଗରୁ ୪ ଥର ବିଧାୟକ ଥିବା ଅର୍ଜୁନ ସିଂ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଫଳରେ ଆଗାମୀ ନିର୍ବାଚନରେ ପଶ୍ଚିମବଙ୍ଗରେ ଗୈରିକ ଦଳ ପାଇଁ ସମ୍ଭାବନା ବୃଦ୍ଧି ପାଇଛି। ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟ ଏବଂ ପଶ୍ଚିମବଙ୍ଗ ନେତା ମୁକୁଲ ରୟଙ୍କ ଉପସ୍ଥିତିରେ ଦଳରେ ସାମିଲ ହେବା ଅବସରରେ ଅର୍ଜୁନ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରିଛନ୍ତି। ପୁଲୱାମା ଆତଙ୍କବାଦୀ ଆକ୍ରମଣ ଉପରେ ମମତାଙ୍କ ମନ୍ତବ୍ୟ ତାଙ୍କୁ ମର୍ମାହତ କରିଥିବା ଅର୍ଜୁନ କହିଛନ୍ତି।

### ବାରାମତିରୁ ଲଢ଼ିବେ ସୁପ୍ରିୟା ସୁଲେ



**ନୂଆଦିଲ୍ଲୀ,୧୪।୩(ପି.ଟି.)**-ଲୋକ ସଭା ନିର୍ବାଚନ ପାଇଁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପକ୍ଷରୁ ଗୁରୁବାର ୧୨ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏନ୍‌ସିପି ଅଧକ୍ଷ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେଙ୍କୁ ଦଳର ଗଡ଼ କୁହାଯାଉଥିବା ବାରାମତି ଆସନରୁ ପୁଣି ଟିକେଟ ଦିଆଯାଇଛି। ସେହିପରି ମହମ୍ମଦ ପି.ପି. ଫୈଜଲଙ୍କୁ ଲକ୍ଷାଦ୍ୱୀପରୁ ଲଢ଼ିବା ପାଇଁ ସୁଯୋଗ ମିଳିଛି। ପ୍ରକାଶ ଯେ, ପାୱାର ଏଥର ନିର୍ବାଚନ ଲଢ଼ିବାକୁ ମନାକରିଦେଇଛନ୍ତି।

## ■ କର୍ତ୍ତାରପୁର କରିଡରକୁ ନେଇ ଅଟ୍ଟାରି ସୀମାରେ ଭାରତ-ପାକିସ୍ତାନ ପ୍ରତିନିଧି

# ଏପଟେ ଉତ୍ତେଜନା, ସେପଟେ ଆଲୋଚନା

**ଅଟ୍ଟାରୀ,୧୪।୩(ପି.ଟି.)**

କର୍ତ୍ତାରପୁରସ୍ଥିତ ଗୁରୁଦ୍ୱାର ସାହିବ କରିଡରକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଗୁରୁବାର ଅଟ୍ଟାରୀ ସୀମାରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପୁଲ୍‌ୱାମା ଆକ୍ରମଣର ଠିକ୍ ମାସକ ପରେ ଦୁଇ ଦେଶର ଅଧିକାରୀଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ। ଏହି ଧର୍ମପୀଠକୁ ପ୍ରତିଦିନ ପାକିସ୍ତାନ ୫୦୦୦ ତୀର୍ଥଯାତ୍ରୀଙ୍କୁ ଭିଜାମୁକ୍ତ ପ୍ରବେଶ ଅନୁମତି ଦେବାକୁ ଭାରତ କହିଛି। ପଞ୍ଜାବର ଗୁରଦାସପୁର ଜିଲା ଏବଂ ସୀମା ସେପଟ କର୍ତ୍ତାରପୁର ସାହିବ ମଧ୍ୟରେ ତୀର୍ଥଯାତ୍ରୀଙ୍କ ପାଇଁ ଯୋଜନାବଦ୍ଧ କରିଡର ଖୋଲିବା ନେଇ ବୈଠକରେ ଉଭୟ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଦିନକୁ ଅନ୍ୟୁନ ୫୦୦୦ ତୀର୍ଥଯାତ୍ରୀଙ୍କୁ ଅନୁମତି ଦେବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଦାବି କରାଯାଇଥିବା ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ



ଅଟ୍ଟାରିରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏସ୍‌ସିଏଲ୍ ଦାସ (ମଝି)।

- ■ ପୁଲ୍‌ୱାମା ଆକ୍ରମଣ ପରେ ପ୍ରଥମ ଦ୍ୱିପାକ୍ଷିକ ବୈଠକ
- ■ ଭିଜାମୁକ୍ତ ଯାତ୍ରା ଅନୁମତି ପାଇଁ ଦାବିକଲା ଭାରତ
- ■ କରିଡର ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଉଭୟ ପକ୍ଷର ସହମତି

ଏସ୍.ସି.ଏଲ୍. ଦାସ ଖବରଦାତାମାନଙ୍କୁ କହିଛନ୍ତି। ଶିଖ୍‌ଧର୍ମର ପ୍ରତିଷ୍ଠାତା ଗୁରୁ



ନାନକ ଦେବ ତାଙ୍କ ଜୀବନର ଶେଷବର୍ଷ କର୍ତ୍ତାରପୁରରେ କଟାଇଥିଲେ। ତେଣୁ ସେଠାକୁ ଉଭୟ ଭାରତୀୟ ଏବଂ ଭାରତୀୟ ବଂଶୋଦ୍ଭବଙ୍କୁ ପ୍ରବେଶ ଅନୁମତି ମିଳିବା ଆବଶ୍ୟକ ବୋଲି ନୂଆଦିଲ୍ଲୀ ଜଣାଇଛି। ସେହିପରି ସପ୍ତାହ ସାରା ତୀର୍ଥଯାତ୍ରୀଙ୍କୁ ଦର୍ଶନ ଅନୁମତି ଦିଆଯିବା ଲାଗି ଭାରତ ପକ୍ଷରୁ ଜୋରଦାର ଦାବି କରାଯାଇଛି। କରିଡର ସମ୍ପୂର୍ଣ୍ଣ ଭିଜାମୁକ୍ତ ହେବା ଉଚିତ। କାଗଜପତ୍ର ଏବଂ ପ୍ରକ୍ରିୟାକୁ ନେଇ କୌଣସି ପ୍ରକାର ଅତିରିକ୍ତ ପ୍ରତିବନ୍ଧକ ରହିବା ଉଚିତ ନୁହେଁ ବୋଲି ଭାରତ କହିଛି। ଶ୍ରୀ ଦାସ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ପାକିସ୍ତାନ ଟିମ୍ ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ (ଏସ୍‌ଏ ଏବଂ ସାର୍କ) ମହମ୍ମଦ ଫୈଜଲଙ୍କ ନେତୃତ୍ୱରେ ଆସିଥିଲେ। ଉଭୟ ପକ୍ଷ ମଧ୍ୟରେ ପ୍ରସ୍ତାବିତ ରାଜିନାମାର ବିଭିନ୍ନ ଦିଗ ଓ ବ୍ୟବସ୍ଥା ସମ୍ପର୍କରେ ଗଠନମୂଳକ ଆଲୋଚନା ହୋଇଥିଲା। କର୍ତ୍ତାରପୁର ସାହିବ କରିଡର ତୁରନ୍ତ କାର୍ଯ୍ୟକ୍ଷମ ଲାଗି ଏକାଠି କାମ କରିବାକୁ ଉଭୟ ରାଜି ହୋଇଥିଲେ।




ଲୋକ ସଭା ନିର୍ବାଚନ ପୂର୍ବରୁ ରାଜନେତାଙ୍କ ଫଟୋ ଥିବା ଟି-ଶାର୍ଟ ବିକୁଛନ୍ତି କୋଲକାତାର ଜଣେ ବିକ୍ରେତା।

## ■ ରାଫାଲ ଦସ୍ତାବିଜକୁ ବାଦ୍ ଦେବା ଲାଗି କେନ୍ଦ୍ରର ଆବେଦନ

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୪।୩(ପି.ଟି.)**

ରାଫାଲ ଯୁଦ୍ଧବିମାନ କିଣା ମାମଲାରେ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ସମୀକ୍ଷା ପାଇଁ ହୋଇଥିବା ରିଭ୍ୟୁ ପିଟିଶନରେ ଆବେଦନକାରୀ ଗୋପନୀୟ ଦସ୍ତାବିଜ ସଂଯୋଗ କରିଥିବାରୁ ଏହାକୁ ବାଦ୍ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବେଦନ ହୋଇଥିଲା। ଗୋପନୀୟତାର ଉଲ୍ଲଂଘନ ହୋଇଛି କି ନାହିଁ ଏହା ଅଦାଲତ ପ୍ରଥମେ ଅନୁଧ୍ୟାନ କରିବେ। ପରେ ରାଫାଲ ରାଜିନାମା ତଥ୍ୟକୁ ଯିବେ ବୋଲି କୋର୍ଟ କହିବା ସହ ରାୟ ସଂରକ୍ଷିତ ରଖିଛନ୍ତି। ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ଦସ୍ତାବିଜର ଗୋପନୀୟତା ଧାରଣା ବଦଳିଗଲାଣି ବୋଲି ସର୍ବୋଚ୍ଚ ଅଦାଲତ ସୂଚାଇଥିଲେ।

ଆବେଦନକାରୀ ସରକାରଙ୍କ ବିନା ଅନୁମତିରେ ରାଫାଲ ଯୁଦ୍ଧବିମାନ ଚୁକ୍ତିନାମାର ଗୋପନୀୟ ଦସ୍ତାବିଜକୁ ବେଆଇନ ଭାବେ ହାସଲ କରିବା ସହ ଏହାକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ତେଣୁ ସେମାନଙ୍କ ପିଟିଶନକୁ ଖାରଜ କରାଯାଉ ବୋଲି ଆର୍ଟର୍ନି ଜେନେରାଲ



କେ.କେ. ବେଣୁଗୋପାଳ ଖଣ୍ଡପୀଠକୁ କହିଥିଲେ। ବେଣୁଗୋପାଳ ତାଙ୍କ ଯୁକ୍ତି ଉପସ୍ଥାପନ କରିସାରିବା ପରେ ଜଷ୍ଟିସ୍ କେ.ଏମ୍. ଜୋସେଫ୍ କହିଥିଲେ, ସରକାରୀ ଗୋପନୀୟତା ଆଇନ ଉପରେ ସୂଚନା ଅଧିକାର ଆଇନ ପ୍ରସ୍ତାବ ବିସ୍ତାର କରିଛି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ବେଣୁଗୋପାଳ କହିଥିଲେ, ପ୍ରତିରକ୍ଷା ମନ୍ତ୍ରଣାଳୟର ଦସ୍ତାବିଜ ଅଦାଲତରେ ଦାଖଲ କରିବା ଅଧିକାର ସରକାରୀ ଗୋପନୀୟତା ଆଇନ ଦେଇନାହିଁ। ଉକ୍ତ ଦସ୍ତାବିଜ ଉପରେ କେବଳ ସରକାରଙ୍କର ବିଶେଷାଧିକାର ରହିଛି। ଆବେଦନକାରୀ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଗୋପନୀୟ ଦସ୍ତାବିଜର ଫଟୋ କପି କୋର୍ଟରେ ଉପସ୍ଥାପନ କରିଛନ୍ତି।

# ଆଝାରଙ୍କୁ ମାଗିଲେ ସୁଷମା ସ୍ୱରାଜ

**ନୂଆଦିଲ୍ଲୀ,୧୪।୩**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶାନ୍ତି ଚାହୁଁଥିଲେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ମାସୁଦ ଆଝାରଙ୍କୁ ଭାରତକୁ ହସ୍ତାନ୍ତର କରନ୍ତୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଆହ୍ୱାନ ଦେଇଛନ୍ତି। ଏଠାରେ ଏକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସୁଷମା କହିଥିଲେ, ଯଦି ଇମ୍ରାନ ଜଣେ ବଡ଼ ରାଷ୍ଟ୍ରନେତା ଏବଂ ଭାରତ ସହ ସୁସମ୍ପର୍କ ଚାହୁଁଥାନ୍ତି ତେବେ ଆଝାରଙ୍କୁ ହସ୍ତାନ୍ତର କରି ସେ ନିଜ ମହାନତାର ପ୍ରମାଣ ଦିଅନ୍ତୁ।

ପୁଲ୍‌ୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନା ବାଲାକୋଟରେ କେବଳ ଜେଇଏମ୍ ଶିବିରକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। ପରଦିନ ଜେଇଏମ୍ ତରଫରୁ ପାକିସ୍ତାନ ବାୟୁସେନା ଭାରତୀୟ ସାମରିକ ଘାଟିକୁ ଆକ୍ରମଣ କରିଥିଲା କ'ଣ ପାଇଁ ବୋଲି ସୁଷମା ପ୍ରଶ୍ନ କରିଛନ୍ତି। ପଡୋଶୀ

**ଜେଇଏମ୍ ମୁଖ୍ୟଙ୍କୁ ହସ୍ତାନ୍ତର କରି ରାଷ୍ଟ୍ରନୀତିଜ୍ଞର ପ୍ରମାଣ ଦିଅନ୍ତୁ ଇମ୍ରାନ**



ଦେଶ କେବଳ ଆତଙ୍କବାଦୀଙ୍କୁ ନିଜ ମାଟିରେ ଆଶ୍ରୟ ଦେଇନାହିଁ, ସେମାନଙ୍କୁ ପାଣ୍ଠି ଯୋଗାଉଛି ଏବଂ ଭାରତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସେମାନଙ୍କ ତରଫରୁ ପାକିସ୍ତାନ ସେନା ପ୍ରତିଜବାବ ଦେଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଯେପର୍ଯ୍ୟନ୍ତ ଇସ୍‌ଲାମାବାଦ ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଛି, ସେ ପର୍ଯ୍ୟନ୍ତ ଆଲୋଚନା ସମ୍ଭବ ନୁହେଁ ବୋଲି ସୁଷମା ସ୍ପଷ୍ଟ କରିଦେଇଛନ୍ତି। ଆତଙ୍କବାଦ ଓ ଆଲୋଚନା ଏକାଠି ସମ୍ଭବ ନୁହେଁ ବୋଲି ସେ ଜଣାଇଦେଇଛନ୍ତି।

ଜେଇଏମ୍ ମୁଖ୍ୟ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଭାରତର ଉଦ୍ୟମକୁ ପାକିସ୍ତାନର ବନ୍ଧୁ ଚାଇନା ଚତୁର୍ଥ ଥର ପାଇଁ ଅଟକାଇଛି। ଏହା ଦୁଃଖଦାୟକ ବୋଲି ଭାରତ କହିଛି। ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଭାରତର ଉଦ୍ୟମକୁ ୧୦ଟି ରାଷ୍ଟ୍ର ସମର୍ଥନ କରିଥିଲେ। ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଆତ୍ମଘାତୀ ଆକ୍ରମଣ ପାଇଁ ଜେଇଏମ୍ ନିଜକୁ ଦାୟୀ କରିବା ପରେ ଆଝାରଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଫ୍ରାନ୍ସ, ବ୍ରିଟେନ ଓ ଆମେରିକା ୟୁଏନ୍‌ଏସ୍‌ସିରେ ଆବେଦନ କରିଥିଲେ।

# ଏନ୍‌ସି ନେତାଙ୍କୁ ଆତଙ୍କବାଦୀଙ୍କ ଗୁଳି

**ଶ୍ରୀନଗର,୧୪।୩(ପି.ଟି.)**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ଆଜିୱାରାରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ମହମ୍ମଦ ଇସ୍‌ମାଇଲ୍ ୱାନିଙ୍କୁ ଗୁରୁବାର ଆତଙ୍କବାଦୀମାନେ ଗୁଳିମାଡ଼ କରିଛନ୍ତି। ଆକ୍ରମଣରେ ଗୁରୁତର ଇସ୍‌ମାଇଲ୍‌ଙ୍କୁ ଶ୍ରୀନଗରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନ୍‌ସି ଉପାଧକ୍ଷ ଓମାର ଅବ୍‌ଦୁଲ୍ଲା ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ଆକ୍ରମଣ ପରେ ଅନନ୍ତନାଗ ରାସ୍ତା ଜନଶୂନ୍ୟ ହୋଇଯାଇଛି।



## ୫୦% ଭୋଟ ଯାଞ୍ଚ ଲାଗି ଆବେଦନ

# ସୁପ୍ରିମକୋର୍ଟ ଗଲେ ୨୧ ଦଳ

**ନୂଆଦିଲ୍ଲୀ,୧୪।୩**-ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ପୂର୍ବରୁ ୫୦ ପ୍ରତିଶତ ଭୋଟର ପେପର ଟ୍ରେଲ୍ ଯାଞ୍ଚ ଲାଗି ୨୧ ବିରୋଧୀ ଦଳ ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରିବେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ସମେତ ଏନ୍‌ସିପି ଅଧକ୍ଷ ଶରଦ ପାୱାର, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ ଫାରୁକ ଅବଦୁଲା, ଏଲ୍‌ଜେଡିର ଶରଦ ଯାଦବ, ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ, ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବ ପ୍ରମୁଖ ଆବେଦନ କରିଛନ୍ତି।

## ଫୁର୍‌ସତ

# ବଢ଼ିବ ଉତ୍ତରମେରୁ ତାପମାତ୍ରା

**ନାଇରୋବି:** ୨୦୧୫ ପ୍ୟାରିସ ଜଳବାୟୁ ପରିବର୍ତ୍ତନ ରାଜିନାମା ସତ୍ତ୍ୱେ ୨୦୫୦ ସୁଦ୍ଧା ଉତ୍ତରମେରୁ ଅଞ୍ଚଳର ତାପାମାତ୍ରା ୩ରୁ ୫ ଡିଗ୍ରୀକୁ ଏବଂ ୨୦୮୦ ସୁଦ୍ଧା ଏହା ୫ରୁ ୯ଡିଗ୍ରୀକୁ ବୃଦ୍ଧିପାଇବ। ଏହାଦ୍ୱାରା ବିଶ୍ୱବ୍ୟାପୀ ସମୁଦ୍ରର ଜଳପତନ ବୃଦ୍ଧିପାଇବା ସହିତ ଉପକୂଳ ଅଞ୍ଚଳ ଜଳମଗ୍ନ ହୋଇ ଧ୍ୱଂସାତ୍ମକ ପରିସ୍ଥିତି ସୃଷ୍ଟିହେବ ବୋଲି ଜାତିସଂଘ ପରିବେଶ ବିଭାଗ ପକ୍ଷରୁ ଗୁରୁବାର ସତର୍କ କରିଦିଆଯାଇଛି। ମେରୁ ଅଞ୍ଚଳରେ ଦ୍ରୁତବେଗରେ ବରଫ ତରଳିବା ଦ୍ୱାରା ୨୦୧୫ ପ୍ୟାରିସ ରାଜିନାମା ପ୍ରୟାସ ବାଧାପ୍ରାପ୍ତ ହେବ। ଏହାଦ୍ୱାରା ବିଶ୍ୱ ତାପନ ସୀମା ୨ଡିଗ୍ରୀ ସେଲ୍‌ସିୟସ୍



ମଧ୍ୟରେ ରଖାଯିବାକୁ ଯେଉଁ ପ୍ରୟାସ କରାଯାଉଥିଲା ତାହା ଫଳପ୍ରଦ ହେବନାହିଁ ବୋଲି 'ଗ୍ଲୋବାଲ୍ ଲିଙ୍କେଜେସ୍-ଏ ଗ୍ରାଫିକ୍ ଲୁକ୍ ଆଟ୍ ଦି ଚେଞ୍ଜିଙ୍ଗ୍ ଆର୍କଟିକ୍' ଶୀର୍ଷକ ରିପୋର୍ଟରେ ଚେତାବନୀ ଦିଆଯାଇଛି।

ତାପମାତ୍ରା ବୃଦ୍ଧି ପାଇବା ଫଳରେ ୨୦୫୦ ସୁଦ୍ଧା ୪୦ଲକ୍ଷ ଲୋକ ବାସହରା ହେବେ ଏବଂ ଏବଂ ଉତ୍ତରମେରୁ ଅଞ୍ଚଳର ୭୦% ଭିତ୍ତିଭୂମି ନଷ୍ଟ ହୋଇଯିବ।

# ନୋବେଲ ଶାନ୍ତି ପାଇବେ ସ୍ୱିଡେନ୍ ସମାଜସେବୀ

**କୋପେନ୍‌ହାଗେନ୍:** ଚଳିତବର୍ଷ ନୋବେଲ ଶାନ୍ତି ପାଇଁ ସ୍ୱିଡେନ୍‌ର ୧୬ବର୍ଷ ବୟସ୍କା ସମାଜସେବୀ ଗ୍ରେଟା ଥୁନ୍‌ବର୍ଗ ମନୋନୀତ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନ ବିରୋଧରେ ତାଙ୍କର ଶାଣିତ ସ୍ୱର ପାଇଁ ସେ ନୋବେଲ ଶାନ୍ତି ପାଇବା ସମ୍ଭାବନା ଅଛି। ନରୱେର ଡେପୁଟି ଆଣ୍ଡ୍ରେ ଓଭଷ୍ଟିଗାର୍ଡଙ୍କ କହିବାନୁଯାୟୀ, ସେ ଏବଂ ସୋସିଆଲିଷ୍ଟ ଲେଫ୍ଟ ପାର୍ଟିର ଅନ୍ୟ ଦୁଇ ପାର୍ଲାମେଣ୍ଟାରିଆନ୍ ଥୁନ୍‌ବର୍ଗଙ୍କୁ ମନୋନୀତ କରିଛନ୍ତି। କାରଣ ବିଶ୍ୱରେ ଯୁଦ୍ଧ ଓ ବିବାଦ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ଏଥିପାଇଁ ସେ ଯେଉଁ ଗଣ ଆନ୍ଦୋଳନ ଆରମ୍ଭ କରିଛନ୍ତି ଏହା ଶାନ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ। ଗତବର୍ଷ ଥୁନ୍‌ବର୍ଗ ପ୍ରତି ଶୁକ୍ରବାର ସ୍କୁଲ ଯିବା ବନ୍ଦ କରି ସ୍ୱିଡେନ୍ ସଂସଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଜଳବାୟୁ ପରିବର୍ତ୍ତନ ବିରୋଧରେ ଫଳପ୍ରଦ ପ୍ରତିକାର ପାଇଁ ସେ ଦାବି କରିଥିଲେ। ପୋଲାଣ୍ଡ ଓ ଡାଭୋସ



ଫୋରମ୍‌ରେ ହୋଇଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଓଜସ୍ୱିନୀ ଭାଷଣ ଦେବା ପରେ ତମାମ୍ ବିଶ୍ୱର ତରୁଣପିଢ଼ିଙ୍କ ପାଇଁ ସେ ପାଲଟିଯାଇଥିଲେ ଉଦାହରଣ। ସେହିଦିନଠାରୁ ସେ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି।

ପାକିସ୍ତାନୀ ସାମାଜିକ କର୍ମୀ ମଲାଲା ୟୁସଫ୍‌ଜାଇ ୨୦୧୪ରେ ମାତ୍ର ୧୭ବର୍ଷ ବୟସରେ ସର୍ବକନିଷ୍ଠ ନୋବେଲ ଶାନ୍ତି ବିଜୟିନୀ ହେବାର ଗୌରବ ଅର୍ଜନ କରିଥିଲେ। ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ୩୦୪ ପ୍ରାର୍ଥୀ ରହିଛନ୍ତି। ତନ୍ମଧ୍ୟରେ ୨୧୯ ବ୍ୟକ୍ତିବିଶେଷ ରହିଥିବା ବେଳେ ୮୫ଟି ସଂଗଠନ ରହିଥିବା ନରୱେ ନୋବେଲ କମିଟି ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ନୋବେଲ୍ ପୁରସ୍କାର ପ୍ରତିଷ୍ଠାତା ଆଲ୍‌ଫ୍ରେଡ ନୋବେଲଙ୍କ ମୃତ୍ୟୁବାର୍ଷିକୀ ଡିସେମ୍ବର ୧୦ରେ ନୋବେଲ ପୁରସ୍କାର ପ୍ରଦାନ କରାଯାଏ। ୨୦୧୮ ନୋବେଲ ଶାନ୍ତି ପୁରସ୍କାର କଙ୍ଗୋ ସମାଜସେବୀ ଡେନିସ୍ ମୁକ୍ୱେଜ୍ ଏବଂ ଇରାକ୍‌ର ନାଦିଆ ମୁରାଦଙ୍କୁ ପ୍ରଦାନ କରାଯାଇଥିଲା। ଯୌନହିଂସାକୁ ଯୁଦ୍ଧ ଓ ସଶସ୍ତ୍ର ବିପ୍ଳବର ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିବାରୁ ଏହାର ବିଲୋପ ପାଇଁ ସେମାନେ ସଂଗ୍ରାମ ଜାରି ରଖିଥିଲେ ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଛି।

## [ଇତିହାସର ଆଇନାରେ]

### ମାର୍ଚ୍ଚ ୧୫ର ପ୍ରମୁଖ ଘଟଣା

୧୯୯୦ ମାର୍ଚ୍ଚ ୧୫ରେ ସୋଭିଏଟ୍ ସଂଘର ପ୍ରଥମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ମିଖାଇଲ୍ ଗୋର୍ବାଚୋଭ୍। ୧୯୩୧ ମାର୍ଚ୍ଚ ୨ରେ ଜନ୍ମଗ୍ରହଣ କରିଥିବା ଗୋର୍ବାଚୋଭ୍ ସୋଭିଏଟ୍ ସଂଘର ଅଷ୍ଟମ ତଥା ଶେଷନେତା ଭାବରେ ବିବେଚିତ। ସେ ୧୯୮୫ରୁ ୧୯୯୧ ମଧ୍ୟରେ ଗଭର୍ଣ୍ଣିଂ କମ୍ୟୁନିଷ୍ଟ ପାର୍ଟିର ଜେନେରାଲ ସେକ୍ରେଟାରି ଏବଂ ୧୯୯୦ରୁ ୧୯୯୧ରେ ସୋଭିଏଟ୍ ସଂଘର ରାଷ୍ଟ୍ରପତି ଥିଲେ।

୨୦୧୧ ମାର୍ଚ୍ଚ ୧୫ରେ ସିରିଆରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ସିରିଆ ରାଷ୍ଟ୍ରପତି ବାଶର ଅଲ୍-ଆସଦଙ୍କ ବହିଷ୍କାର ଦାବିରେ ଦେଶର ଜନସାଧାରଣଙ୍କ ଦ୍ୱାରା ଏକ ସଶସ୍ତ୍ର ବିପ୍ଳବ ଆରମ୍ଭ ହୋଇଥିଲା। ସିରିଆ ସରକାରଙ୍କୁ କେତେକ ବିଦେଶୀ ମିତ୍ରରାଷ୍ଟ୍ର ସମର୍ଥନ କରିଥିବା ବେଳେ ଆଉ କେତେକ ବିଦେଶୀ ରାଷ୍ଟ୍ର ଉଭୟ ସିରିଆ ସରକାର ଏବଂ ଦେଶର ଜନସାଧାରଣଙ୍କୁ ସଶସ୍ତ୍ର ସଂଗ୍ରାମରୁ ବିରତ ରହିବା ପାଇଁ ପରାମର୍ଶ ଦେଇଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୩.୭ |
| ଚାନ୍ଦବାଲି | ୩୪.୨ | ୨୫.୮ |
| କଟକ | ୩୫.୦ | ୨୩.୮ |
| ପାରାଦ୍ୱୀପ | ୩୧.୧ | ୨୫.୫ |
| ଭୁବନେଶ୍ୱର | ୩୬.୭ | ୨୫.୨ |
| ଗୋପାଳପୁର | ୩୪.୩ | ୨୩.୮ |
| ପୁରୀ | ୩୧.୦ | ୨୫.୬ |
| ଅନୁଗୋଳ | ୩୭.୧ | ୨୦.୦ |
| ବାରିପଦା | ୩୪.୬ | ୨୫.୨ |
| ଝାରସୁଗୁଡ଼ା | ୩୬.୬ | ୨୩.୦ |
| କେନ୍ଦୁଝର | ୩୩.୦ | ୨୧.୩ |
| ସମ୍ବଲପୁର | ୩୭.୨ | ୨୩.୪ |
| ସୁନ୍ଦରଗଡ଼ | ୩୪.୦ | ୧୬.୫ |
| ହୀରାକୁଦ | ୩୫.୭ | ୨୪.୩ |
| ତାଳଚେର | ୩୯.୪ | ୨୧.୫ |
| ଭବାନୀପାଟଣା | ୩୮.୦ | ୨୩.୫ |
| ବଲାଙ୍ଗୀର | ୩୮.୦ | ୨୨.୦ |
| କୋରାପୁଟ | ୩୫.୬ | ୧୭.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୧.୫ |
| ମାଲକାନଗିରି | ୩୮.୫ | ୧୮.୫ |
| ସୋନପୁର | ୩୮.୦ | ୧୮.୨ |
| ଦାରିଙ୍ଗିବାଡ଼ି | ୩୩.୦ | ୧୮.୫ |

ଡିଗ୍ରୀ ସେଲ୍‌ସିୟସ୍

# ନିର୍ବାଚନ ମଇଦାନକୁ ଓହ୍ଲାଇବେ ଅକ୍ଷୟ



ନୂଆଦିଲ୍ଲୀ,୧୪।୩: 'ଚାନ୍ଦନୀ ଚୌକ ଟୁ ଚାଇନା' ଭ୍ରମଣ କରିସାରିଥିବା ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ଏବେ ସଂସଦ ଭ୍ରମଣ କରିପାରନ୍ତି। ଏବେ ଚର୍ଚ୍ଚା ହେଉଛି କି ଦିଲ୍ଲୀର ଚାନ୍ଦୀନ ଚୌକ ଲୋକ ସଭା ଆସନ ପାଇଁ ନିର୍ବାଚନ ଲଢି ପାରନ୍ତି ଅକ୍ଷୟ। ତେବେ ସେ ଭାଜପା ପକ୍ଷରୁ ନିର୍ବାଚନ ଲଢିବେ ବୋଲି ଆଲୋଚନା ହେଉଛି। ଅବଶ୍ୟ ପୂର୍ବରୁ କେତେଥର ଅକ୍ଷୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ କରି ସାରିଛନ୍ତି। ଯଦିଓ ସେ ଟିକେଟ ପାଇଁ ମୋଦିଙ୍କୁ ସାକ୍ଷାତ କରି ନାହାଁନ୍ତି ତଥାପି ତାଙ୍କ ସାକ୍ଷାତ୍‌କାରକୁ ଦେଖି ଅନୁମାନ କରାଯାଉଛି କି ଏହାପରେ ହୁଏତ ଭାଜପା ତାଙ୍କୁ ଟିକେଟ ଦେଇପାରେ। ସ୍ୱଚ୍ଛ ଭାରତ ଅଭିଯାନ ସହ ଯୋଡି ହୋଇ ରହିଥିବା ଅକ୍ଷୟ କିଛିଦିନ ତଳେ ଶୌଚାଳୟ ସମ୍ପର୍କିତ ଏକ ଫିଲ୍ମ କରି ଦେଶ ବିଦେଶରେ ଖୁବ୍ ନାଁ କମେଇଥିଲେ। ଏହାପରେ ଅକ୍ଷୟ ଭାରତୀୟ ସେନାସହ ପ୍ରାୟ ଜଡିତ ଥାଇ ଆସିଛନ୍ତି ଚର୍ଚ୍ଚାକୁ। ଶହୀଦ ଯବାନଙ୍କ ପରିବାରକୁ ସିଧାସଳଖ ସହାୟତା ହେଉ ଅବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର 'ଭାରତ କେ ବୀର' ଆପ୍‌ରେ ଅକ୍ଷୟଙ୍କର ଯୋଗଦାନ ବେଶ୍ ଅଧିକ। ଏ ସମସ୍ତ କାର୍ଯ୍ୟ ପାଇଁ ଦେଶବାସୀଙ୍କ ହୃଦୟରେ ଅକ୍ଷୟ ତିଆରି କରିଛନ୍ତି ଏକ ସ୍ୱତନ୍ତ୍ର ସ୍ଥାନ।

DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୧୯ | Sambalpur, Friday, March 15 / 2019 | ପୃଷ୍ଠା-୧



## ଦୀପା ଫାଇନାଲରେ

ଭାରତର ଦୀପା କର୍ମକାର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍ ଭଲ୍ଟ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

**୧୨ ୦୫**

## 'ୱମେନ୍ ଇନ୍ ଦି ୱାର୍ଲ୍ଡ ସମିଟି'ରେ ବକ୍ତୃତା ଦେବେ ପ୍ରିୟଙ୍କା

'ୱମେନ୍ ଇନ୍ ଦି ୱାର୍ଲ୍ଡ ସମିଟି-୨୦୧୯'ରେ ବକ୍ତୃତା ଦେବାପାଇଁ ଭାରତୀୟ ଫିଲ୍ମ ତାରକା ପ୍ରିୟଙ୍କା ଚୋପ୍ରା ମନୋନୀତ ହୋଇଛନ୍ତି।



## ଆଜି ବରଗଡ଼ ଆସୁଛନ୍ତି ରାହୁଲ

ବରଗଡ଼ ଅଫିସ୍,୧୪।୩

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ବରଗଡ଼ ଜିଲା ଗସ୍ତରେ ଆସିବେ। ସେ ଅପରାହ୍ନ ପ୍ରାୟ ୧ଟାରେ ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆରେ ଆୟୋଜିତ ସଭାରେ ଜନସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦଳୀୟ ନେତୃବୃନ୍ଦ ସଫଳ କରିବାରେ ଲାଗି ପଡ଼ିଥିବାବେଳେ ପୋଲିସ ପ୍ରଶାସନ ମଧ୍ୟ ରାହୁଲଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି । ରାହୁଲ ଗାନ୍ଧୀଙ୍କ ସୁରକ୍ଷା ପାଇଁ ୨ଦିନ ତଳେ ଏସ୍‌ପିଜି ଟିମ୍ ପହଞ୍ଚି ସାରିଛି। ଡିଆଇଜି ସତ୍ୟବ୍ରତ ଭୋଇ ମଧ୍ୟ ବୁଧବାର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବା ସହିତ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ ସଭାସ୍ଥଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି । ସୁରକ୍ଷା ବ୍ୟବସ୍ଥା ପାଇଁ ୧୮ ଡିଏସପି, ୧୮ଇନ୍ସପେକ୍ଟର ସମେତ ୩୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ସହିତ ପାର୍କିଂ ପାଇଁ ୩ଟି ସ୍ଥାନ ନିରୂପଣ କରାଯାଇଥିବା ଏସ୍‌ପି ଭାମୁ କହିଛନ୍ତି । ସୂଚନା ଅନୁଯାୟୀ, ରାହୁଲ ପୃଷ୍ଠା-୧୩

## ବିଜେଡିରୁ ବଳଭଦ୍ରଙ୍କ ଇସ୍ତଫା

**ଭୁବନେଶ୍ୱର,୧୪।୩(ବ୍ୟୁରୋ):** ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇନାହିଁ। ଏବେ ବି ଆଶାୟୀଙ୍କ ଭିଡ ନବୀନ ନିବାସରେ ଲାଗିରହୁଛି। ହେଲେ ଏହା ମଧରେ ଶାସକ ବିଜେଡି ଏମ୍‌ପି ବଳଭଦ୍ର ମାଝି ଗୁରୁବାର ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି। ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶଙ୍କୁ ବଳଭଦ୍ର ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସେ ବ୍ୟକ୍ତିଗତଭାବେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଚାହିଁଥିଲେ, ପୃଷ୍ଠା-୨



## ପଦ୍ମ ଧରିଲେ ଦାମ

**ଭୁବନେଶ୍ୱର,୧୪।୩ (ବ୍ୟୁରୋ):** ରାଜନୀତିରେ ସବୁ ସମ୍ଭବ, ଏକଥା ପ୍ରମାଣ କରିବାର ଆବଶ୍ୟକତା ନାହିଁ। ନିର୍ବାଚନୀ ତାରିଖ ଘୋଷଣା ହେବାର ଦିନ କେଇଟା ମଧରେ ଏସବୁ ଆପେଆପେ ପ୍ରମାଣିତ ହୋଇଯାଉଛି। ସବୁଠାରୁ ବଡ କଥା ହେଉଛି, ବିଜେଡିରୁ କିଛିଦିନ ତଳେ ବହିଷ୍କୃତ ହୋଇଥିବା ବରିଷ୍ଠ ନେତା ଦାମୋଦର ରାଉତ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ବିଜେଡିରୁ ବହିଷ୍କୃତ ହେବାପରେ ଭାଜପା ପୃଷ୍ଠା-୨



AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguga Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 14.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 82 | 135 | 145 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers

# ମୁମ୍ବାଇରେ ଫୁଟ୍ ଓଭରବ୍ରିଜ ଭୁଶୁଡ଼ି ୫ ମୃତ, ୩୦ ଆହତ



ମୁମ୍ବାଇ,୧୪।୩

ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ରେଲଷ୍ଟେଶନ ନିକଟରେ ଥିବା ଏକ ଫୁଟ୍ ଓଭରବ୍ରିଜ ଗୁରୁବାର ସନ୍ଧ୍ୟାରେ ଭୁଶୁଡ଼ି ପଡ଼ିବାରୁ ୨ ମହିଳାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ମୃତ ମହିଳାଦ୍ୱୟ ହେଲେ ଅପୂର୍ବା ପ୍ରଭୁ(୩୫) ଓ ରଞ୍ଜନା ତାମ୍ବେ (୪୦)। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ସାମିଲ ହୋଇଛନ୍ତି। ଓଭରବ୍ରିଜରେ ପ୍ରବଳ ଗହଳି ଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ଆହତମାନଙ୍କୁ ଜିଟି ହସ୍ପିଟାଲ ଏବଂ ସେଣ୍ଟ ଜର୍ଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଓଭରବ୍ରିଜ ସିଏସଟି ପ୍ଲାଟଫର୍ମ ୧ର ଉତ୍ତର ପାର୍ଶ୍ୱ ଏବଂ ବି.ଟି. ଲେନ୍‌କୁ ସଂଯୋଗ କରୁଥିଲା। ଏହା ଭୁଶୁଡ଼ି ପଡିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ମୁମ୍ବାଇ ପୋଲିସ ଲୋକଙ୍କୁ ପରାମର୍ଶ ଦେଇଛି।

ଗତବର୍ଷ ଜୁଲାଇରେ ଅନ୍ଧେରିରେ ଏକ ଫୁଟ୍ ଓଭରବ୍ରିଜ ଭୁଶୁଡିଥିଲା। ୨୦୧୭ରେ ଏଲ୍‌ଫିନଷ୍ଟୋନ୍ ବ୍ରିଜ ଭୁଶୁଡିବା ଜନିତ ଦଳଚକଟାରେ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲା।

### ମୋଦିଙ୍କ ବହିର୍ବ୍ୟାପାର ନୀତି କୂଟନୈତିକ ବିପର୍ଯ୍ୟୟର ସମାହାର: କଂଗ୍ରେସ

# ଆଝାର ବିଫଳତାରୁ ବିବାଦ

**ଚାଇନାକୁ ନେଇ ବାକ୍‌ଯୁଦ୍ଧ**

- ଜିନ୍‌ପିଙ୍ଗ୍‌ଙ୍କୁ ଭୟ କରୁଛନ୍ତି ଦୁର୍ବଳ ମୋଦି: ରାହୁଲ
- ନେହେରୁଙ୍କ ଯୋଗୁ ୟୁଏନ୍‌ଏସ୍‌ସିରେ ଚାଇନା: ଭାଜପା

ନୂଆଦିଲ୍ଲୀ,୧୪।୩(ପି.ଟି.)

ଥରେ ନୁହେଁ କି ଦୁଇଥର ନୁହେଁ, ଚାରି ଚାରିଥର କଣ୍ଟା ସାଜିଲାଣି ଚାଇନା। ଜମ୍ମୁ-କଶ୍ମୀରରେ ଯେତେବେଳେ କୌଣସି ବଡ଼ଧରଣର ଆକ୍ରମଣ ହୋଇଛି, ସେଥିରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସମ୍ପୃକ୍ତି ପଦାକୁ ଆସିଛି। ଏହାକୁ ନେଇ ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ନେଇ କଠୋର ହୋଇଛି ଭାରତ। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ଭାରତ ଉଦ୍ୟମ ଚଳାଇଥିବାବେଳେ ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ନିଜ ଭିଟୋ କ୍ଷମତା ପ୍ରୟୋଗ କରି ତାକୁ ଭଣ୍ଡୁର କରିଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ନୀତି ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ। ଅନ୍ୟପକ୍ଷରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଯୋଗୁ ଚାଇନା ୟୁଏନ୍‌ଏସ୍‌ସିରେ ସ୍ଥାନ ପାଇଛି ବୋଲି କଂଗ୍ରେସକୁ ଜବାବ ଦେଇଛି ଭାଜପା।

ପୁଲଓ୍ୱାମା ଆକ୍ରମଣରେ ୪୯ ଯବାନ ଶହୀଦ ହେବା ପରେ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ଭାରତର ଅନୁରୋଧ କ୍ରମେ ୟୁଏନ୍‌ଏସ୍‌ସିର ୩ ସ୍ଥାୟୀ ସଦସ୍ୟ ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ଉଦ୍ୟମ କରିଥିଲେ। ଗତ ୨୭ ତାରିଖରେ ୧୨୬୭ ଅଲ୍ କାଏଦା କଟକଣା କମିଟିରେ ପିଟିଶନ ଦାଏର କରିଥିଲେ। ଆପତ୍ତି ଗ୍ରହଣ ପାଇଁ ୧୦ ଦିନିଆ ଅବଧି ଶେଷ ହେବାର ଠିକ୍ ପୂର୍ବରୁ ଅର୍ଥାତ୍ ବୁଧବାର ଭାରତୀୟ ସମୟ ରାତି ୧୨ଟା ୩୦ରେ ଚାଇନା ଆଝାରଙ୍କ ବିରୋଧରେ ପ୍ରମାଣ ମାଗି ଏହି ପ୍ରସ୍ତାବକୁ ଅଟକାଇ ଦେଇଥିଲା। ଏହାକୁ ନେଇ ଭାରତରେ ରାଜନୀତି ସରଗରମ ହୋଇଛି। ମୋଦିଙ୍କ ବହିର୍ବ୍ୟାପାର ନୀତି କୂଟନୈତିକ ବିପର୍ଯ୍ୟୟର ସମାହାର ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଆଝାରଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା ପ୍ରସ୍ତାବ କାଟ୍ ଖାଇବାରେ ଚାଇନାର ଭୂମିକା ନିନ୍ଦନୀୟ। ଆତଙ୍କବାଦ ନିରୋଧୀ ଲଢ଼େଇରେ ବିଶ୍ୱ ପାଇଁ ଏହା ହେଉଛି ଏକ ପୃଷ୍ଠା-୨




ଭୋପାଳରେ ସଂସ୍କୃତି ବଞ୍ଚାଅ ମଞ୍ଚ କର୍ମୀମାନେ ଗୁରୁବାର ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ବିରୋଧରେ ସ୍ଲୋଗାନ ଦେଇ ତାଙ୍କ ଫଟୋ ପୋଡୁଛନ୍ତି।

# ଦିନ ସାରା ଖରାରେ ସିଝିଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଖରାରେ ବସି ପାଠ ପଢୁଛନ୍ତି।

**ଜୁନାଗଡ,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ପଞ୍ଚାୟତ ସୋରିଷମାଲ ସ୍କୁଲ ଛାତ୍ରୀଛାତ୍ର ଗୁରୁବାର ଦିନ ତମାମ ଖରାରେ ବସି ପାଠ ପଢିଛନ୍ତି । ଏଭଳି ଘଟଣା ଜଣାପଡିବା ପରେ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ସ୍ଥାନୀୟ ଶିକ୍ଷାବିଭାଗ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ପରେ ବି ଶିକ୍ଷା ବିଭାଗର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ସ୍କୁଲ ପରିଚାଳନା କମିଟି, ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।

ଗତ ୮ ମାସ ହେବ ଉକ୍ତ ସ୍କୁଲ ଏକ ପ୍ରଧାନମନ୍ତ୍ରୀ ଆବାସ ଘରେ ଚାଲିଥିଲା। ଶେଷରେ ଘର ମାଲିକ ନିଜ ବ୍ୟକ୍ତିଗତ ସମସ୍ୟା ପାଇଁ ତାଙ୍କ ଘରେ ସ୍କୁଲ କରିବାକୁ ମନା କରିଦେଇଥିଲେ । ଫଳରେ

- ୮ ମାସ ଧରି ପ୍ରଧାନମନ୍ତ୍ରୀ ଆବାସରେ ଚାଲିଥିଲା ସ୍କୁଲ
- ଶେଷରେ ମନା କରିଦେଲେ ଘର ମାଲିକ
- ବିପଦ ସଙ୍କୁଳ ଅବସ୍ଥାରେ ସ୍କୁଲ କୋଠା
- ପଦକ୍ଷେପ ଗ୍ରହଣ କରୁନାହିଁ ଶିକ୍ଷା ବିଭାଗ

ପିଲାମାନେ ପାଠ ପଢିବାକୁ ସ୍ଥାନ ପାଇ ନ ଥିଲେ। ବାଧ ହୋଇ ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ପାଠ ପଢିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ସୋରିଷମାଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ୪୧ଜଣ ଛାତ୍ରୀଛାତ୍ର ଅଛନ୍ତି । ସେମାନଙ୍କ ପାଇଁ ୩ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି। ବିଦ୍ୟାଳୟର ପୃଷ୍ଠା-୨

# ଟିଟିଲାଗଡ଼ରେ ଶିଶୁ ବଳି ସନ୍ଦେହ

**ଟିଟିଲାଗଡ଼, ୧୪।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବହିଦାର ପଡାମୁଣ୍ଡ ପୋଲ କଡରେ ଗୁରୁବାର ଏକ ଶିଶୁର ମୃତଦେହ ପଡିଛି। ଶିଶୁଟି କାହାର ତାହା ଜଣାପଡ଼ି ନ ଥିଲେ ହେଁ ପାରିପାର୍ଶ୍ୱିକ ସ୍ଥିତିରୁ କେହି ବଳି ଦେଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ଦେଖଣାହାରୀଙ୍କ କହିବା ଅନୁଯାୟୀ, ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରେ ନରବଳି ବିଭିନ୍ନ ସମୟରେ ଚର୍ଚ୍ଚାର ବିଷୟ ରହିଆସିଛି। ଗତ ଦଶହରା ସମୟରେ ସିନ୍ଧେକେଲା ଗ୍ରାମର ଜଣେ ଶିଶୁକୁ ଉଦନ୍ତୀ ନଦୀ କଡରେ ବଳି ଦିଆଯାଇଥିବା ଘଟଣା ମନରୁ ନ ଲିଭୁଣୁ ଏଭଳି ଆଉ ଏକ ଘଟଣା ଚହଳ ପକାଇ ଦେଇଛି। ଶିଶୁର

- ପୋଲ କଡ଼ରେ ପଡ଼ିଛି ମୃତଦେହ
- ସାମାନ୍ୟ ଦୂରରେ ହୋଇଛି ହୋମ
- ରଖାଯାଇଛି ଚାଉଳ, ନଡ଼ିଆ ଆଦି ପୂଜା ସାମଗ୍ରୀ
- କଣ୍ଢେଇ ଉପରେ ରକ୍ତ ଢଳାଯାଇଥିବା ସନ୍ଦେହ



ଶିଶୁ ବଳିରେ ବ୍ୟବହୃତ ପୂଜା କର୍ମର ସାମଗ୍ରୀ।

ମୃତଦେହ ପଡ଼ିଥିବା ସ୍ଥାନଟି ଟିଟିଲାଗଡ଼ ରେଳ ଜଙ୍କସନରୁ କଣ୍ଟାବାଞ୍ଜି ଏବଂ ବଲାଙ୍ଗୀର ପଟକୁ ପୃଷ୍ଠା-୧୩

### ଏପ୍ରିଲ ୨୩: ୨୦ ଆସନରେ ଭୋଟ

# କେରଳରେ କଡ଼ା ମୁକାବିଲା

ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୧୪।୩

ସାଧାରଣ ନିର୍ବାଚନ ପାଇଁ ଗତ ୧୦ ତାରିଖରେ କାର୍ଯ୍ୟସୂଚୀ ଘୋଷଣା ପରେ ବାମପନ୍ଥୀଙ୍କ ଶେଷଗଡ଼ ଭାବେ ପରିଚିତ କେରଳରେ ରାଜନୈତିକ ଉଷ୍ମତା ବୃଦ୍ଧିପାଇବାରେ ଲାଗିଛି। ଏଥର ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ମଧ୍ୟରେ କଡ଼ା ମୁକାବିଲା ହେଉଛି। ଅନ୍ୟପକ୍ଷରେ ରାଜ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଯୋଗୁ ଭାଜପାର ସାଙ୍ଗଠନିକ ସ୍ଥିତି ସୁଦୃଢ଼ ହୋଇଥିବାରୁ ଗୈରିକ ଦଳ ମଧ୍ୟ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

ଦକ୍ଷିଣ ଭାରତର ଅନ୍ୟତମ ପ୍ରମୁଖ ରାଜ୍ୟ କେରଳରେ ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ଚାଲିଛି। ରାଜ୍ୟର ୨୦ ଲୋକ ସଭା ଆସନ ପାଇଁ ଏପ୍ରିଲ ୨୩ (ତୃତୀୟ ପର୍ଯ୍ୟାୟ)ରେ ଭୋଟଗ୍ରହଣ କରାଯିବ। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାକୁ ଦୃଷ୍ଟିରେ ରଖି ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ସମସ୍ତ ୨୦ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରି ଅନ୍ୟ ଦଳଗୁଡ଼ିକଠାରୁ ପ୍ରଚାରରେ ଆଗୁଆ ରହିଛି ବାମ ସାମ୍ମୁଖ୍ୟ। ସେମାନଙ୍କ ମଧ୍ୟରୁ ପୃଷ୍ଠା-୨

**ବାମପନ୍ଥୀଙ୍କ ଶେଷଗଡ଼ରେ ଅଙ୍କକଷା**

- ୨୦୦୪ର ସଫଳତା ଦୋହରାଇବାକୁ ଆଶାବାଦୀ ଏଲ୍‌ଡିଏଫ୍
- ସାବରିମାଲା, କେନ୍ଦ୍ର ଅବହେଳାକୁ ପ୍ରସଙ୍ଗ କରିବେ ବାମପନ୍ଥୀ
- ସରକାର ବିରୋଧୀ ହାଓ୍ୱାରୁ ଫାଇଦା ଆଶାରେ ୟୁଡିଏଫ୍
- ଆର୍‌ଏସ୍‌ଏସ୍ ଯୋଗୁ ଭାଜପା ନେଇପାରେ ନିର୍ଣ୍ଣାୟକ ଭୂମିକା



ପିନାରାୟୀ ବିଜୟନ୍




# 'ମୋଦି କେବଳ ଅମ୍ବାନୀ, ନୀରବଙ୍କ କଥା ଶୁଣୁଛନ୍ତି'

ଥ୍ରିଶୂର,୧୪।୩(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀ, ମତ୍ସ୍ୟଜୀବୀ ଓ ଛୋଟ ବ୍ୟବସାୟୀଙ୍କ ସ୍ୱରକୁ ଅଣଦେଖା କରୁଛନ୍ତି। ତାଙ୍କ ଏନ୍‌ଡିଏ ସରକାର କେବଳ ଶିଳ୍ପପତି ଅନିଲ ଅମ୍ବାନୀ ଓ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ କଥା ଶୁଣୁଛନ୍ତି ବୋଲି ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ କେରଳରେ ଦଳର ପ୍ରଚାର ଆରମ୍ଭ କରିଛନ୍ତି କଂଗ୍ରେସ ମୁଖ୍ୟ ରାହୁଲ। ଥ୍ରିଶୂର ନିକଟସ୍ଥ ଥ୍ରିପ୍ରାୟାରରେ ଅଲ୍ ଇଣ୍ଡିଆ ଫିଶରମ୍ୟାନ୍ କଂଗ୍ରେସ ପକ୍ଷରୁ ଆୟୋଜିତ ଜାତୀୟ ମତ୍ସ୍ୟଜୀବୀ ସଂସଦକୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ଭାରତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଲୋକଙ୍କ ସ୍ୱରକୁ ଶୁଣିବା। ହେଲେ ବର୍ତ୍ତମାନର ସରକାର କେବଳ ଅମ୍ବାନୀ ଓ ନୀରବଙ୍କ ଗୁହାରି ଶୁଣୁଛନ୍ତି। ସେମାନଙ୍କ ଯାହା ଦରକାର ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଜଣାଉଛନ୍ତି। ମୋଦି ତାକୁ ୧୦ ସେକେଣ୍ଡରେ ପୂରଣ କରୁଛନ୍ତି। ମାତ୍ର ସାଧାରଣ ଲୋକଙ୍କ କଥାକୁ ମୋଦି ଅଣଦେଖା କରୁଛନ୍ତି। ଅସାଧୁ ଲୋକେ ପ୍ରଧାନମନ୍ତ୍ରୀଙ୍କ ମାର୍କେଟିଂ କରୁଥିବାରୁ ଏଥର ନିର୍ବାଚନ କଂଗ୍ରେସ ବନାମ ମୋଦି ହେବ। କଂଗ୍ରେସ କେନ୍ଦ୍ରରେ ପୃଷ୍ଠା-୨



ରାହୁଲ ଗାନ୍ଧୀ

## ଉତ୍ତର, ଆଭ୍ୟନ୍ତରୀଣ ଓଡ଼ିଶାରେ ଘୂର୍ଣିଝଡ଼ ସମ୍ଭାବନା

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉତ୍ତର ଓଡିଶାର ଅଧିକାଂଶ ଜିଲା ସମେତ ଅନୁଗୋଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା ଏବଂ ଦକ୍ଷିଣ ଓଡିଶାରେ ଗୋଟିଏ ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

## ନିରାପତ୍ତା ଆଗ

**ଆଜିର ମନ୍ତବ୍ୟ**

"୨୬/୧୧ ମୁମ୍ବାଇ ଆକ୍ରମଣ ପରେ ଆତଙ୍କବାଦୀଙ୍କ ବିରୋଧରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା କଂଗ୍ରେସ।

– ନିର୍ମଳା ସୀଥାରାମନ୍, ପ୍ରତିରକ୍ଷାମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ପାୟଲ
ପରିବାରବର୍ଗ


ଶ୍ରଦ୍ଧାଞ୍ଜଳି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## Classified


real estate


to-let

**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ବିଆଯାଉଅଛି। Sasmita- 9853150290. D-65383

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Ab-haya-8144647993. D-65381

Gharabadi yellowzone plot near AIIMS Hospital, immediate possession. 9938670164, 6370907396. D-66027

2/3 BHK flat near Infocity, Chandrasekharpur, Contact: 9337737185, 9439197755. D-49288

Ready to move 3 BHK Flat near Budheswari Temple, Cuttack Road, Contact: 9439197755, 9337737185. D-49289

**Gharabari plot with 30' road & compoundwall at Brahmanajhariilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65857

ଘରବାରି ପ୍ଲଟ ବାଉଣ୍ଡାରିୱାଲ, ଇଲେକ୍ଟ୍ରିସିଟି ସୁବିଧାଥାଇ ବାଲିଆନ୍ତା, ପାହାଳ, ନଖରା, DPS, Dadhichi, କୋରଡ଼କଣ୍ଟା ଓ ଉଗ୍ରତାରାଠାରେ ବିକ୍ରିହେବ: 8249870448. D-65391

Small office space in Esplanade-1, Rasulgarh, Rent: Rs. 25,000/-, Contact: 9338556528, 9337737185. D-49290

**First floor 3bed, dining, drawing, kitchen, parkings, Rs. 15000/- for lease office, guest house near Cuttack road. 8847882402, 8763862809.** D-11653

### ପାଠକଙ୍କ ପାଇଁ ସୂଚନା:

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## କିଛି ତଥ୍ୟ

୨୦୧୭-୧୮ରେ ଭାରତ ୭୭.୨ ବିଲିଅନ ଡଲାରର ଇଞ୍ଜିନିୟରିଂ ଗୁଡ଼ସ ରପ୍ତାନି କରିଛି।

– ଇଇପିସି

## ଦିନ ସାରା ଖରାରେ...

ପୁରୁଣା କୋଠା ଦୀର୍ଘବର୍ଷ ହେବ ବିପଦ ସଙ୍କୁଳ ଅବସ୍ଥାରେ ରହିଥିଲା। ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବାରୁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ଏହାର ସମାଧାନ କରିବା ନୂଆଗଡ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରି ଜଣାଇଥିଲେ। ଏହାପରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବ ଆଶଙ୍କା କରି ସ୍କୁଲ ନିକଟରେ ଥିବା ଗ୍ରାମର ଜଣେ ବ୍ୟକ୍ତିଙ୍କ ପ୍ରଧାନମନ୍ତ୍ରୀ ଆବାସ ଘରେ କିଛି ଦିନ ସ୍କୁଲ ଚଳାଇବା ପାଇଁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ଘର ମାଲିକଙ୍କୁ ଅନୁରୋଧ କରିଥିଲେ। ଘର ମାଲିକଙ୍କ ସହମତି ପରେ ଗତ ୮ ମାସ ଧରି ସ୍କୁଲ ସେଠାରେ ଚାଲୁଥିଲା। ବ୍ୟକ୍ତିଗତ ସମସ୍ୟା ପାଇଁ ଘର ମାଲିକ ମନାକରିବାରୁ ଏହି ପରିସ୍ଥିତି ଉପୁଜିଥିଲା। ଅନ୍ୟପକ୍ଷରେ ଶନିବାରଠାରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ କେଉଁଠି ବସି ପରୀକ୍ଷା ଦେବେ ତାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଏବେ ଚିନ୍ତା ବଢ଼ିଛି। ସେହିପରି ବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ନୂତନ କୋଠା ଗତ ୩ ବର୍ଷ ହେବ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହି କାମରେ ବ୍ୟାପକ ହେରଫେର କରାଯାଇଥିବାରୁ କୋଠା ଶେଷ ହୋଇ ପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟ ପଦାକୁ ଆସନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ନେଇ ନୂଆଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ଶୁକ୍ରବାର ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ ଏ ବିଷୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କୁ ଖରାରେ ବସି ପାଠ ପଢ଼ାଇବା ବିଷୟରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମୋଦି... (ପ୍ରଥମ ପୃଷ୍ଠାରୁ..)

 କ୍ଷମତାସୀନ ହେଲେ ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ ଯୁବକଂଗ୍ରେସ କର୍ମୀ ଶୁହେବଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଗତବର୍ଷ ଫେବୃଆରୀରେ ଶୁହେବଙ୍କୁ ସିପିଆଇଏମ୍ କର୍ମୀମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## କେରଳରେ କଡ଼ା...

୧୪ ଜଣ ସିପିଆଇଏମ୍ ଟିକଟରେ ଲଢ଼ିବେ। ଅନ୍ୟ ୨ ଜଣ ଏଲ୍‌ଡିଏଫ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦେବେ ମଇଦାନକୁ ଓହ୍ଲାଇବେ। ଅବଶିଷ୍ଟ ୪ ଆସନ ସିପିଆଇକୁ ଛାଡ଼ି ଦିଆଯାଇଛି। ଅନୁରୂପ ଭାବେ ବାମ ସାଙ୍ଗଠନ୍ୟର ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିବାରେ ଲାଗିଛନ୍ତି। ତେଣେ ଭାଜପା ଏବଂ କଂଗ୍ରେସ ଏଯାଏ ସେମାନଙ୍କ ପ୍ରାର୍ଥୀ ଚୂଡ଼ାନ୍ତ କରିପାରି ନାହାନ୍ତି। ସିପିଆଇଏମ୍‌ର ସମ୍ପାଦକ କୋଡ଼ିୟେରି ବାଲାକ୍ରିଷ୍ଣନ୍ କହିଛନ୍ତି, ବିଜୟନ୍ ସରକାରଙ୍କ ଉତ୍ତମ ପ୍ରଦର୍ଶନ ଏବଂ କେବଳ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଉରଅଭେ ନୀତିକୁ ନେଇ ରାଜ୍ୟବାସୀ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ୨୦୦୪ ସାଧାରଣ ନିର୍ବାଚନ ଭଳି ଏଥର ମଧ୍ୟ ଭୋଟର ବାମ ଦଳଗୁଡ଼ିକୁ ୨୦ରୁ ୧୮ ଆସନରେ ବିଜୟୀ କରାଇବେ। ଏଲ୍‌ଡିଏଫ୍ ଆବାହକ ତଥା ପୂର୍ବତନ ଏମ୍‌ପି ଏ. ବିଜୟରାଘବନ୍ କହିଛନ୍ତି, ସାବରିମାଲା ମନ୍ଦିରରେ ସବୁ ବୟସର ମହିଳାଙ୍କ ପ୍ରବେଶ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବ। ଏହି ପ୍ରସଙ୍ଗରେ ଗତବର୍ଷ ସୁପ୍ରିମକୋର୍ଟଙ୍କ ରାୟକୁ ବିଜୟନ୍ ସରକାର ଯେପରି ଅନୁପାଳନ ଓ ପରିଚାଳନା କଲେ ତାହା ପ୍ରଚାରରେ ସ୍ଥାନ ପାଇବ। ଭାଜପା ରାଜ୍ୟ ସଭାପତି ପିଏସ୍ ଶ୍ରୀଧରନ୍ ପିଲ୍ଲାଇ କହିଛନ୍ତି, ଶବରୀମାଳି ଓ ଗଣତାନ୍ତ୍ରିକ ଉପାୟରେ ଦଳ ନିର୍ବାଚନ ଲଢ଼ି ସଫଳତା ହାସଲ କରିବ। ତେବେ ପ୍ରାର୍ଥୀ ଘୋଷଣା ନ କରିବାର କାରଣ ସମ୍ପର୍କରେ ସେ କିଛି ମତ ଦେଇନାହାନ୍ତି। କଂଗ୍ରେସ ମୁଖପାତ୍ର ବ୍ୟୋମ୍ଭ ଚୌକାଲା କହିଛନ୍ତି, ୟୁଡିଏଫ୍ ରାଜ୍ୟ କିମ୍ବା କେନ୍ଦ୍ରରେ କ୍ଷମତାରେ ନାହିଁ। ତେଣୁ ସରକାର ବିରୋଧୀ ହାୱାକୁ ନେଇ ଏହି ସାଙ୍ଗଠନ୍ୟ ନିର୍ବାଚନ ଲଢ଼ିବ। ଖୁବଶୀଘ୍ର ୟୁଡିଏଫ୍‌ର ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୦୧୪ ସାଧାରଣ ନିର୍ବାଚନରେ ସାରା ଦେଶରେ ସିପିଆଇଏମ୍ ୯ଟି ଆସନରେ ବିଜୟୀ ହୋଇଥିଲା, ଯଉଁରୁ କେବଳ ୫ଟି କେରଳର ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ତ୍ରିପୁରାରୁ ୨ଟି ଲେଖାଏଁ ଆସନରେ ସଫଳତା ମିଳିଥିଲା। ତେବେ ସିପିଆଇଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଖୋଟ୍ରଣ ଲୋକ ସଭାକୁ ୮ ଏମ୍‌ପିଙ୍କୁ ପଠାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଓ ଅନ୍ୟ ୨ ଜଣ ବାମଦଳ ସମର୍ଥିତ ସ୍ୱାଧୀନ। କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଗତଥର ରାଜ୍ୟରେ ୧୨ ଆସନ ଦଖଲ କରିଥିଲା। ସେହିପରି ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭାର ନିର୍ବାଚନ ୨୦୧୬ ମେ ୧୬ରେ ଅନୁଷ୍ଠିତ ହୋଇଥିଲା। ବିଧାନସଭାର ୯୧ ଆସନ ଏଲ୍‌ଡିଏଫ୍ ଦଖଲ କରି ସରକାର ଗଢ଼ିଥିବାବେଳେ ୟୁଡିଏଫ୍‌କୁ ୪୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଭାଜପା କେବଳ ଖାତା ଖୋଲିବାରେ ସକ୍ଷମ ହୋଇଥିଲା। ଅନ୍ୟ ଗୋଟିଏ ଆସନ ଖାଲି ପଡ଼ିଛି। ତେବେ ଭଗବାନଙ୍କ ନିଜ ଦେଶ ଭାବେ ପରିଚିତ ଏହି ରାଜ୍ୟରେ ବିଧାନସଭା ନିର୍ବାଚନ ଓ ଲୋକ ସଭା ନିର୍ବାଚନର ମତଦାନ ଭିନ୍ନ ପ୍ରକାର ହୋଇଥାଏ। ଲୋକ ସଭା ନିର୍ବାଚନର ଫଳ ମେ ୨୩ରେ ପ୍ରକାଶ ପାଇବାକୁ ଥିବାବେଳେ ଏହି ଜନ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ତାଙ୍କ ସରକାରଙ୍କ ତୃତୀୟ ବର୍ଷପୂର୍ତ୍ତି ପାଳନ କରିବେ। ଏଥିଲାଗି ସାଧାରଣ ନିର୍ବାଚନରେ ଏଲ୍‌ଡିଏଫ୍ ବିପୁଳ ସଫଳତା ଏହି ଉତ୍ସବର ଉଲ୍ଲାସକୁ ବହୁଗୁଣିତ କରିବ ବୋଲି ବିଜୟନ୍ ଆଶା ବାନ୍ଧିଛନ୍ତି। ନିର୍ବାଚନ ଫଳ ସିପିଆଇଏମ୍ ସଫଳତାରେ ଗଲେ ଦଳରେ ବିଜୟନ୍ ସବୁଠୁ ପ୍ରଭାବଶାଳୀ ନେତା ଭାବେ ପରିଗଣିତ ହେବେ। ଅନ୍ୟଥା ପଶ୍ଚିମବଙ୍ଗ ଓ ତ୍ରିପୁରାରେ ବାମଦୁର୍ଗ ଭୁଶୁଡ଼ିବା ଭଳି ସ୍ଥିତି କେରଳରେ ମଧ୍ୟ ଦେଖିବାକୁ ମିଳିବ।

## ପଦ୍ମ ଧରିଲେ...

ନେତାଙ୍କୁ ମଧ୍ୟ ଭୁଲିଭୁଲି ସମାଲୋଚନା କରୁଥିଲେ ମଧ୍ୟ ଶେଷରେ ବାମ ପଦ୍ମ ଧରିଛନ୍ତି। ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଗୁରୁବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାମଙ୍କୁ ଉତ୍ତରୀୟ ପିନ୍ଧାଇ ଥିବାବେଳେ ଦଳର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ତାଙ୍କୁ ଫୁଲତୋଡା ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଅନ୍ୟପଟେ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ ଏବଂ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ ମଧ୍ୟ ଏହି ଅବସରରେ ବାମଙ୍କୁ ସ୍ୱାଗତ ଜଣାଇଛନ୍ତି। ଦଳର ମିଶ୍ରଣ ପର୍ବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଉପସ୍ଥିତ ନ ଥିଲେ। ମିଶ୍ରଣ ପର୍ବ ପରେ ବାମ ଶାହଙ୍କ ବାସଭବନ ଯାଇ ସେଠାରେ ତାଙ୍କୁ ଭେଟିଛନ୍ତି। ଦଳରେ ସାମିଲ ହେବାପରେ ବାମ ଶାସକ ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦୀର୍ଘଦିନ ଧରି ମାନସିକ ଚର୍ଚ୍ଚା କରିବାପରେ ଭାଜପାରେ ଯୋଗଦେବାକୁ ଚିନ୍ତା କଲି। ୩୫ବର୍ଷ ହେଲା ବିଧାୟକ ଏବଂ ମନ୍ତ୍ରୀଭାବେ କାର୍ଯ୍ୟ କରିଛି। ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ୨୦ଟି ବିଭାଗରେ ମନ୍ତ୍ରୀ ରହିଛି। ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିକୁ ଆସିଥିଲି। ୨୦ବର୍ଷ ବିଜୁବାବୁଙ୍କ ସହଯୋଗୀ ଭାବେ କାମ କରିଥିଲି। ନବୀନ ପଟ୍ଟନାୟକଙ୍କ ପ୍ରକୃତି ବିଜୁବାବୁଙ୍କ ଠିକ୍ ବିପରୀତ। ନବୀନ ଓଡ଼ିଶା ଲୋକଙ୍କୁ ଭଲ ପାଉ ନାହାନ୍ତି। ୨୨ବର୍ଷ ପରେ ମଧ୍ୟ ସେ ଓଡିଆ କହିପାରୁ ନାହାନ୍ତି। ସେ ଦୁର୍ନୀତିକୁ ପ୍ରଶ୍ରୟ ଦେବା ସହ ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦିଅନ୍ତି। ଚାରା ଘୋଟାଲା ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲି। ସେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ମୋତେ କାଢ଼ିଦେଲେ। ତାଙ୍କୁ ହଇରାଣ କରାଯାଉଛି, ଫଳରେ ସେମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଓଡ଼ିଶାରେ ମହିଳା ସୁରକ୍ଷିତ ନୁହନ୍ତି। ଜଣେ ସ୍ତ୍ରୀଲୋକମାନ ମଣିଷ ଭାବେ କିଭଳି ଏସବୁକୁ ବରଦାସ୍ତ କରିଥାଆନ୍ତି ଗତ ୬ରୁ ୭ମାସ ହେବ ସାରା ରାଜ୍ୟରେ ବୁଲୁଛି। ଲୋକଙ୍କୁ ନବୀନଙ୍କ କଳା ଶାସନ ବିଷୟରେ ଅବଗତ କରାଉଛି। ଯୁଦି ଯଦି ଲୋକେ ନବୀନଙ୍କୁ ସମର୍ଥନ କରନ୍ତି ତେବେ ଓଡ଼ିଶା ବୁଡ଼ିଯିବ। ବିଜେଡ଼ିର ୩୭ଜଣ ନେତା ସିଁଥିଆ ନଜରରେ ରହିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛି। ରାଜ୍ୟରେ ଭାଜପା ସରକାର ଶାସନ କ୍ଷମତାକୁ ଆସିବା ଦରକାର। ଭାଜପାକୁ ଶାସନ କ୍ଷମତାରେ ବସାଇବା ପାଇଁ ସେ ଆପ୍ରାଣ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବିଜୁବାବୁଙ୍କ ଲକ୍ଷ୍ୟକୁ ପୂରଣ କରିବା ଏବଂ ଦୀର୍ଘବର୍ଷ ଧରି ତାଙ୍କ ନୀତି, ଆଦର୍ଶରେ ଚାଲୁଥିବା ନେତୃତ୍ୱ ନେତାଙ୍କ ମଧ୍ୟରୁ ସବୁଠୁ ବରିଷ୍ଠ ହେଉଛନ୍ତି ବାମ ରାଉତା ରାଜ୍ୟରେ ନାଳମଣି ରାଉତରାୟ, ବିଜୁ ପଟ୍ଟନାୟକ ଏବଂ ନବୀନ ପଟ୍ଟନାୟକଙ୍କ ସରକାରରେ ବାମବାବୁ ଏକ ଦଶନରୁ ଅଧିକ ବିଭାଗର ମନ୍ତ୍ରୀ ରହି ଆସିଛନ୍ତି। ରାଜ୍ୟର ଭାଷା, ଆଦିବାସୀ ଏବଂ ପଛୁଆବର୍ଗମାନଙ୍କ ପାଇଁ ସେ ଜଣେ ଦରଦୀ ନେତା ଥିଲେ। ଗତ କିଛିମାସ ଧରି ତାଙ୍କୁ ରାଜ୍ୟ ସରକାରଙ୍କ କେତେଗୁଡ଼ିଏ ଦୁର୍ନୀତି ସମ୍ପର୍କିତ ପ୍ରସଙ୍ଗ ଉଠାଇ ଦଳରୁ ଦୂରେଇ ଥିଲେ। ଦଳର ସର୍ବୋଚ୍ଚ ନେତାଙ୍କ ନେତୃତ୍ୱକୁ ସ୍ୱୀକାର କରି ଓଡ଼ିଶାରେ ଭାଜପାକୁ ମଜଭୁତ କରିବା ପାଇଁ ସେ ଆଗ୍ରହ ପ୍ରକାଶ କରିଛନ୍ତି। ତାଙ୍କୁ ଭାଜପାକୁ ସ୍ୱାଗତ କରୁଛୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଆଖାର ବିଫଳତାରୁ...

କଳାଦିବସ। ୫୬ ଇଞ୍ଚ ଛାତିର ଆଲିଙ୍ଗନ କୂଟନୀତି ଏବଂ ଚୀନୀ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କୁ ଗୁଜରାଟ ଡକାଇ ଦୋଳିରେ ଝୁଲାଇବା ମୋଦିଙ୍କ ବିଫଳତା ଏଥିଯୋଗୁ ଉଭୟ ଚୀନା ଓ ପାକିସ୍ତାନ ଭାରତକୁ ନାଲିଆଖି ଦେଖାଉଛନ୍ତି ବୋଲି ସୁର୍ଜେୱାଲା ଟୁଇଟ୍ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ଦୁର୍ବଳ ମୋଦି ଜିନ୍‌ପିଙ୍ଗଙ୍କୁ ଭୟ କରୁଛନ୍ତି। ଏଥିପାଇଁ ଆଖାରଙ୍କୁ ସୁରକ୍ଷା ଦେଉଥିବା ଚୀନା ବିରୋଧରେ ମୋଦି ପଦ୍ଧତିକୁ ମଧ୍ୟ କହୁନାହାନ୍ତି। ନିର୍ମମ ହତ୍ୟା ପାଇଁ ଦାୟୀ ଜଣେ ଆତଙ୍କବାଦୀଙ୍କୁ ଭାଜପା ପୁଣିଥରେ ଛାଡ଼ି ଦେଇଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୧୯୯୯ରେ କାନ୍ଦାହାର ବିମାନ ଅପହରଣ ବେଳେ ୧୭୬ ଯାତ୍ରୀଙ୍କ ମୁକ୍ତି ବଦଳରେ ଆଖାରଙ୍କ ସମେତ ୩ ଆତଙ୍କବାଦୀଙ୍କୁ ତତ୍କାଳୀନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଛାଡ଼ିଦେଇଥିଲା। ଅନ୍ୟପକ୍ଷରେ କଂଗ୍ରେସର ସମାଲୋଚନାକୁ ନେଇ ଜବାବ ରଖୁଛି ଭାଜପା। ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦେଉଥିବା ମନ୍ତବ୍ୟ ଉତ୍ତର ପାଳନ କରିବା ସହୁଛି। ୨୦୦୯ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ଆଖାର ପ୍ରସଙ୍ଗରେ ଚାଇନା ବାଧା ସାଜିଥିବାବେଳେ ରାହୁଲ କାହିଁକି ଚୁପ୍ ରହିଥିଲେ ବୋଲି ରବିଶଙ୍କର ପ୍ରଶ୍ନ କରିଛନ୍ତି। ସେହିପରି ଭାଜପା ପ୍ରଚାର କମିଟି ଅଧ୍ୟକ୍ଷ ଅରୁଣ ଜେଟ୍‌ଲୀ କହିଛନ୍ତି, ଚାଇନାକୁ ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟତା ଦେବାରେ ରାହୁଲଙ୍କ ଅଣଜେଲେଜବାଦୀ ନେହେରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଉଭୟ କଶ୍ମୀର ଓ ଚୀନା ପ୍ରସଙ୍ଗରେ ମୂଳ ଭୁଲ ଜଣେ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିଲା ବୋଲି ୧୯୫୫ ଅଗଷ୍ଟ ୨ରେ ମୁଖ୍ୟମନ୍ତ୍ରୀମାନଙ୍କୁ ନେହେରୁ ଲେଖିଥିବା ଏକ ପତ୍ରର ଅବତାରଣା କରି ଜେଟ୍‌ଲୀ କହିଛନ୍ତି।

## ବିଜେଡିରୁ ବଳଭଦ୍ରଙ୍କ...

କେବେ ତାହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସମସ୍ତ ହୋଇପାରି ନାହିଁ। ନିଜ ଇସ୍ତଫାପତ୍ରରେ ବଳଭଦ୍ର ଉଲ୍ଲେଖ କରିଛନ୍ତି ଯେ, ସମ୍ମାନନୀୟ ସଭାପତି ମହୋଦୟ, ଆପଣଙ୍କ ନିର୍ଦ୍ଦେଶ ଏବଂ ନବରଙ୍ଗପୁର ବିଧାୟକମାନଙ୍କ ପରାମର୍ଶ କ୍ରମେ ସରକାରୀ ଚାକିରି ୭ ବର୍ଷ ଥାଉ ଅବସର ଗ୍ରହଣ କରିଥିଲି। ଏହା ପରେ ବିଜେଡିର ପ୍ରାର୍ଥୀ ଭାବେ ନବରଙ୍ଗପୁର ଲୋକ ସଭା ଆସନରୁ ଲଢ଼ି ବିଜୟୀ ହୋଇଥିଲି। ନେତୃତ୍ୱ ଏବଂ ତାଙ୍କ ମଧ୍ୟରେ ଦୂରତା ବଢ଼ିଯାଇଛି। କିଛି ବ୍ୟକ୍ତିବିଶେଷ ନେତୃତ୍ୱକୁ ଭ୍ରାନ୍ତି କରିବା ସହ ତାଙ୍କ ସଫଳତା ସମ୍ପର୍କରେ ଜଣାଉ ନ ଥିବା ଭଳି ସାଂସଦଙ୍କ ଅଭିଯୋଗ କରିଛନ୍ତି ବଳଭଦ୍ର। ସେହିପରି ଦଳୀୟ କାର୍ଯ୍ୟକ୍ରମ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରୁ ତାଙ୍କୁ ଦୂରେଇ ରଖାଯାଉଛି। ଏମିତି କି ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ଶେଷ ମୁହୂର୍ତ୍ତରେ ଜଣାଯାଉଥିଲା। ଏହା ଦ୍ୱାରା ସେ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାଗ ନେବାରେ ବଞ୍ଚିତ ହୋଇଛନ୍ତି। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କ ସହିତ ଧୋକା ହୋଇଥିବା ବଳଭଦ୍ର ମତ ରଖିଛନ୍ତି। ଦଳ ଭିତରେ ଅଲୋଡା ହୋଇଯାଇ ଥିବାରୁ ସେ ଦଳରେ ରହିବାକୁ ଚାହୁଁ ନାହାନ୍ତି। ନବୀନ ପଟ୍ଟନାୟକଙ୍କ ପ୍ରତି ବ୍ୟକ୍ତିଗତ ଭାବେ କୌଣସି ଅସନ୍ତୋଷ ନ ଥିବା ବଳଭଦ୍ର ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ବଳଭଦ୍ର ମାଝି ବିଜେଡି ଛାଡ଼ିବା ପରେ କେଉଁ ଦଳକୁ ଯିବେ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ନବରଙ୍ଗପୁରରେ ପ୍ରଦୀପ ମାଝି କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ିବା ଏକପ୍ରକାର ନିଶ୍ଚିତ। ସେହିପରି ଗତଥର ଭାଜପାରୁ ପର୍ଶୁରାମ ମାଝି ସେହି ଆସନରୁ ଏମ୍‌ପି ପ୍ରାର୍ଥୀ ହୋଇଥିଲେ। ଭାଜପା ପକ୍ଷରୁ ବଳଭଦ୍ରଙ୍କୁ ଡାକରା ଆସୁଛି ନା ସେ ଅନ୍ୟ କେଉଁ ରାଜନୈତିକ ଶକ୍ତି ହାତ ଧରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର। ବିଜେଡିର ଶୀର୍ଷ ନେତୃତ୍ୱକୁ ମିଳିଥିବା ଖବର ଅନୁଯାୟୀ ମନ୍ତ୍ରୀ ରମେଶ ମାଝି ନବରଙ୍ଗପୁର ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇପାରନ୍ତି। ତେଣୁ ବଳଭଦ୍ରଙ୍କ ସମ୍ଭାବନାରେ ଅଣଦେଖା କରାଯାଉଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ସେହିପରି ରମେଶଙ୍କ ପ୍ରାର୍ଥିତ୍ୱକୁ ବଳଭଦ୍ର ସ୍ୱାଗତ କରିଛନ୍ତି। ନିଜ ଇସ୍ତଫାପତ୍ରରେ ବିଗତ ୫ ବର୍ଷରେ ନବରଙ୍ଗପୁରରେ ହୋଇଥିବା କେତେକ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି।


## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ



**ସ୍ୱର୍ଗତ କାଶୀନାଥ ରଥ**
(୧୯୩୦-୨୦୧୯)
ବୀରରାମଚନ୍ଦ୍ରପୁର, ପୁରୀ
ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୧୧୬୮୨

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ମନୋରମା ନାୟକ**
(ଶିକ୍ଷୟିତ୍ରୀ)
ଆବିର୍ଭାବ: ୧୧।୧୨।୧୯୬୬
ତିରୋଧାନ: ୨୭।୦୩।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ)
ଗେରୁଆଁ, ଡାକରେଇ
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ମା, ବାପା, ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୧୬୮୮

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସୁହାସିନୀ ତ୍ରିପାଠୀ**
ଆବିର୍ଭାବ: ୦୪।୦୪।୧୯୪୧
(ରାମ ନବମୀ)
ତିରୋଧାନ: ୨୫।୦୨।୧୯୮୮
(ଫଗୁ ନବମୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର, ଜ୍ୱାଇଁ, ନାତି, ନାତୁଣୀ, ବୋହୂ, ଝିଅ, ନାତି, ପୁତ୍ରୀ, ସାଇଭି ଏବଂ ନଉସ୍, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୪୦୮

### ସ୍ମୃତି ସ୍ତମ୍ଭ
### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଡା: ପ୍ରଭୁ କଲ୍ୟାଣ ତ୍ରିପାଠୀ**
ଆବିର୍ଭାବ: ୦୨।୧୨।୧୯୩୨
ତିରୋଧାନ: ୦୪।୩।୨୦୧୯
୨୧୨/A ଶହୀଦ ନଗର, ଭୁବନେଶ୍ୱର
ଆଜି ଦ୍ୱାଦଶାହରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସମସ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୧୬୮୪

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



**✓ ଗୋପୀନାଥ ନନ୍ଦ**
ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ
ଜନ୍ମସ୍ଥାନ : ଖଣ୍ଡସାହୀ, ବାଙ୍କୁଡା : ୮୩, ଭୁବନେଶ୍ୱରୀ କଲୋନୀ, ଭୁବନେଶ୍ୱର
ଜନ୍ମ - ୧୩.୧୨.୧୯୩୮
ସ୍ୱର୍ଗାରୋହଣ, -୨୪.୦୨.୨୦୧୮
ବିଗତ ବର୍ଷର ଠିକ୍ ପୂର୍ବରୁ ତୁମେ ଆମଠୁ ଅଲଗା ହୋଇଗଲ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ଭୁବନେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା, ତୁମ ତଥା ସମ୍ପର୍କରୁ ସ୍ମରଣରେ କରିବି।
ପୁତ୍ର - ବାମାଚରଣ, ପଦ୍ମନାଭ, ପୁତ୍ରବଧୂ-ମାମା ଓ ରିଙ୍କି, କନ୍ୟା - ଶାନ୍ତ ଶୁଭଶ୍ରୀ, ଜ୍ୱାଇଁ, ନାତି ନାତୁଣୀ ଏବଂ ପରିବାର ବର୍ଗ।
ଧ-୧୧୬୮୯

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** 
ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଥିଲେ ମଧ୍ୟ ଷଡ଼ାଷ୍ଟକ ଗୁରୁ ଅଭିଳଷିତ କାମରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟିକରିବେ। ଦୀର୍ଘ ଦିନର କ୍ରନିକ୍ ରୋଗପୀଡ଼ାଜନିତ ଅସୁସ୍ଥତା କ୍ରମଶଃ ଭଲ ଦିଗକୁ ଗତି କରିବ। ମାତ୍ର ଆର୍ଥିକ ଅଭିବୃଦ୍ଧି, ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ପରିବହନ, ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ସମାଧାନ କରିପାରିବେ।

**ବୃଷ** 
ଶନିକ୍ଷେତ୍ରସ୍ଥ ରାଶ୍ୟାଧିପ ଶୁକ୍ର ଷଡ଼ାଷ୍ଟକ ସ୍ଥିତିରେ ଚନ୍ଦ୍ରଙ୍କଠାରୁ ରହି ପୁରୁଣା ରୋଗ ପୀଡ଼ା ଓ ସମସ୍ୟା ଭିତରେ ହିଁ ଗତି କରାଇବେ। ଫଳତଃ କାର୍ଯ୍ୟହାନି ସାଙ୍ଗକୁ ସ୍ୱାସ୍ଥ୍ୟର ଅବନତି ପରିଲକ୍ଷିତ ହେବା କାରଣରୁ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। ଅର୍ଥ ସମ୍ପର୍କିତ ଅଭାବକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ।

**ମିଥୁନ** 
ଧନାଧିପ ଚନ୍ଦ୍ର ରାଶିରେ ରହି ପ୍ରତ୍ୟେକ ଦିଗରୁ ସଫଳତା ପ୍ରଦାନ କରିବେ। ନିଜର ଉଦାରତା ଓ ମିଷ୍ଟଭାଷୀ ଗୁଣରୁ କୌଣସି ସମୟ ଦୀର୍ଘସ୍ଥାୟୀ ହେବନାହିଁ। ହାତରୁ ଖର୍ଚ୍ଚ କରି ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** 
ଆକସ୍ମିକ ଭାବରେ ଦ୍ୱାଦଶ ଚନ୍ଦ୍ରଙ୍କ ପ୍ରଭାବରେ ଦୂରଯାତ୍ରା ଓ ବ୍ୟୟ ବହୁଳତା ଟେନ୍‌ସନ୍‌ର କାରଣ ହେବ। ତଥାପି ଅନ୍ୟାନ୍ୟ ଗ୍ରହ ସମ୍ପର୍କକୁ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇ ଖୁସି ହେବେ। ପ୍ରତିବନ୍ଧକ ମଧ୍ୟରେ ଅଟକି ରହିଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** 
ସମସ୍ୟା ରହିଥିଲେ ମଧ୍ୟ ଏକାଦଶସ୍ଥ ଚନ୍ଦ୍ର ଓ ରାଶ୍ୟାଧିପଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି କାମକୁ ଅଗ୍ରଗାମୀ କରାଇବ। ଅବଶ୍ୟ ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ଆବଶ୍ୟକତା ପରିପୂର୍ଣ୍ଣ କରି ନ ପାରନ୍ତି। ରାଜନୀତି ସ୍ତରରେ, ସଭାସମିତିରେ, ଯାତ୍ରା, ବାଣିଜ୍ୟରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କନ୍ୟା** 
ଭଲ ଓ ମନ୍ଦର ଛାଇ ଆଲୁଅ ଖେଳ ଭିତର ଦେଇ ଆଜିର ଦିନଟି ଅତିବାହିତ ହେବ। ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ କରିବାରେ ବିଳମ୍ବ ଘଟିପାରେ। କିନ୍ତୁ କମିଶନ କାରବାରରେ ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** 
କର୍ମାଧିପ ଭାଗ୍ୟସ୍ଥାନରେ ରହିଥିବାରୁ ଆଶା ପୂରଣ ଅବଶ୍ୟ ହେବ କିନ୍ତୁ ରାହୁଙ୍କ ପ୍ରଭାବରେ ସମସ୍ୟା ମଧ୍ୟରେ। ଶାରୀରିକ ଦୁର୍ବଳତାଜନିତ ଯାତ୍ରା କାଳରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିବ। ଉଦ୍ୟୋଗ ବାଣିଜ୍ୟରେ ସମସ୍ୟା ରହିବ ନାହିଁ। ପରିସ୍ଥିତିର ପ୍ରଭାବରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ।

**ବିଛା** 
ଅଷ୍ଟମ ଚନ୍ଦ୍ର ହେତୁ ପ୍ରତ୍ୟେକ କାମରେ କଷ୍ଟତା ଅଶାନ୍ତି ଓ ସମସ୍ୟାର ଝଲକ ଦେଖିବାକୁ ମିଳିପାରେ। ଫଳତଃ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅଫିସ କାମରେ ସହକର୍ମୀଙ୍କ ଆଚରଣ ଅଥବା ଘଟିଯାଉଥିବା ଘଟଣାବଳୀ ଅସ୍ୱାଭାବିକ ମନେ ହୋଇପାରେ। ଅପରାହ୍ନରେ ବନ୍ଧୁମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସୂଚନା ରହିଛି।

**ଧନୁ** 
ଦୈହିକ ଦୁର୍ବଳତା ବ୍ୟତୀତ ଅନ୍ୟ ପ୍ରତ୍ୟେକ ବିଷୟ ଭଲ ରହିବ। କିନ୍ତୁ ଶନିଙ୍କ ପ୍ରଭାବରୁ ସାଧାରଣ ବିଳମ୍ବ ଓ ସମସ୍ୟା ପ୍ରାଥମିକ ଅବସ୍ଥାରେ ଦେଖାଦେଇପାରେ। ସାମାଜିକ ଭାବେ କୌଣସି ଅଭାବ ନ ଥାଇ ମଧ୍ୟ ମନରେ ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ନିର୍ମାଣ, ବୃତ୍ତିଗତ, ମାଲିକାନକାମ, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସ୍ଥିତି ତୁଳା ନକ୍ଷତ୍ର ସକାଶେ ଭଲ ରହିବ ନାହିଁ।

**ମକର** 
କୌଣସି ଅଭାବ ନ ଥିଲେ ମଧ୍ୟ ନିଜର ମନ ଅନୁଯାୟୀ କେତେକ କାମରେ କେତୁଜନିତ ବାଧା ଉପୁଜିପାରେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଅବଶ୍ୟ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କିଛି ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଜମିଜମା ବିବାଦ, ପରିବହନ, ନିର୍ମାଣ, ରାଜନୀତିରେ ସୁଫଳ ପାଇବେ।

**କୁମ୍ଭ** 
ପ୍ରତିବନ୍ଧକ ସୃଷ୍ଟିକରୁଥିବା ବ୍ୟକ୍ତି ସମୟ ଚକ୍ରର ଘୂର୍ଣ୍ଣନ ମଧ୍ୟରେ ମିତ୍ରତାର ହାତ ବଢ଼ାଇବାର ଉପକ୍ରମ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡ଼ିପାରେ। ସମସ୍ୟା ସୁଧାରିବାକୁ ଯାଇ ପରିବାର ଭିତରେ ସମର୍ଥନ ହାସଲ କରିବାରେ ଅସୁବିଧା ରହିବନାହିଁ। ଶତଭିଷା ନକ୍ଷତ୍ର ଭ୍ରମଣ ହେତୁକ କ୍ଳାନ୍ତି ଦେଖାଦେଇପାରେ।

**ମୀନ** 
ଚନ୍ଦ୍ରଙ୍କ ଶୁଭସଂସ୍ଥାନ ଓ ସୁଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇ କାମ ହାସଲ କରିପାରିବେ। କିନ୍ତୁ ଏହା ସାଙ୍ଗକୁ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟିହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାର ସୂଚନା ରହିଛି। ଆର୍ଥିକ ସ୍ଥିତିରେ ସୁଧାର ଆସିବା ସହ ଜମିଜମା, ଯାନ୍ତ୍ରିକ ଜିନିଷ କାରବାର ବହୁତ ଭଲରେ ଚାଲିବ।

ଆଜି ମୀନ ସଂକ୍ରାନ୍ତି, ଫାଲ୍‌ଗୁନ ଶୁକ୍ଳ ନବମୀ ଶୁକ୍ରବାର, ମାର୍ଚ୍ଚ ୧୫ ତାରିଖ, ରାଶି ନକ୍ଷତ୍ର-ଆର୍ଦ୍ରା/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, ଦିବା ଘ୨ ।୩୪ମି. ମଧ୍ୟେ, ଘ୧୨ ।୧୯ମି. ଗତେ ଘ୨ ।୪୨ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ୪ ।୦୦ମି. ଗତେ ଘ୫ ।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦ ।୨୭ମି. ଗତେ, ଘ୧୧ ।୫୬ମି. ମଧ୍ୟେ ରାହୁ କାଳ।


ଟିକେଟ ପାଇବା ପାଇଁ ନବୀନ ନିବାସଠାରେ ଅପେକ୍ଷାକରିଥିବା ଆଶାୟୀ ମହିଳା ପ୍ରାର୍ଥୀ।


ଆଶାୟୀ ଏମ୍‌ପି ଓ ବିଧାୟକ ମାନେ।


କନ୍ଧମାଳ ଜିଲା ଟିକାବାଲିରୁ ଆସି ଟିକଟ ଅପେକ୍ଷାରେ ଥିବା ନେତ୍ରୀ ଓ ନେତା।

# ସବୁ ଦଳର ଚିନ୍ତା ବଢ଼ାଇଲେଣି ଯୁବ ଆଶାୟୀ

**ପୁରୀ ନିର୍ବାଚନମଣ୍ଡଳୀ**

**ପୁରୀ ଅଫିସ,୧୪।୩**

ସାଧାରଣ ନିର୍ବାଚନକୁ ନେଇ ଜୋର୍ ଧରିଲାଣି ପ୍ରସ୍ତୁତି। ସବୁ ଦଳରେ ଏବେ ଟିକେଟକୁ ନେଇ ଚାଲିଛି ଅଙ୍କକଷା। କିଏ ପାଇବ ଦଳୀୟ ଟିକେଟ, କିଏ ପଡିବେ ବାଦ୍ ରାଜନୀତିର ଏହି ଅଙ୍କ ସବୁ ଦଳର ମୁଖିଆଙ୍କୁ ଅଡୁଆରେ ପକାଇଛି। ସେମିତି ପ୍ରମୁଖ ନେତୃବୃନ୍ଦଙ୍କ ଦଳ ଡିଆଁ ବି ଆରମ୍ଭ ହୋଇଯାଇଛି। ହେଲେ ପୁରୀ ନିର୍ବାଚନ ମଣ୍ଡଳୀରେ ସବୁ ଦଳରେ ଚିନ୍ତା ବଢାଇଲେଣି କିଛି ଯୁବ ଆଶାୟୀ। ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପାରେ ଯୁବ ଆଶାୟୀ ବିଧାନସଭା ନିର୍ବାଚନ ଲଢିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ନିର୍ବାଚନ ଯେତେ ପାଖେଇ ଆସୁଛି ଏମାନେ ସେତେ ସକ୍ରିୟ ହେଉଥିବା ଚର୍ଚ୍ଚା ହେଉଛି। ତେବେ ଦଳ ଯଦି ଅଣଦେଖା କରେ ତେବେ ଏମାନଙ୍କ ମଧ୍ୟରୁ କେହି ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ କହିଲେଣି ଯାହାକି ଏବେ ପ୍ରତି ଦଳକୁ ଅଡୁଆରେ ପକାଇଥିବା ଚର୍ଚ୍ଚା ହେଉଛି। ଏହି ତାଲିକା ମଧରେ ବିଜେଡିର ଶୁଭାଶିଷ ଖୁଣ୍ଟିଆ, କଂଗ୍ରେସର ସ୍ୱାଧୀନ କୁମାର ପଣ୍ଡା ଏବଂ ଭାଜପାର ଶାଶ୍ୱତ ମହାପାତ୍ର, ଭବାନୀ ଦାସମହାପାତ୍ର ରହିଛନ୍ତି।

ବିଜେଡିରୁ ଏଥର ଟିକେଟ ପାଇବା ନେଇ ନିଶ୍ଚିତ ଅଛନ୍ତି ମହେଶ୍ୱର ମହାନ୍ତି। ଲଗାତର ୫ ଥର ବିଧାୟକ ଜିତିଆସିଥିବା ମହେଶ୍ୱରଙ୍କ ପାଇଁ ଏଥର କିନ୍ତୁ ସହଜ ନୁହେଁ ବୋଲି ଚର୍ଚ୍ଚା ହେଲାଣି। ଗୋଟିଏ ପଟେ ପରିବର୍ତ୍ତନର ହାୱା ଏବଂ ଅନ୍ୟପଟେ ଦଳୀୟ କନ୍ଦଳ ତାଙ୍କ ପାଇଁ ପ୍ରତିବନ୍ଧକ ସାଜିପାରେ ବୋଲି କୁହାଯାଉଛି। ସେହିପରି ପୁରୀ ଜିଲା ବିଜେଡିରେ ଫାଟ ମଧ ବଢିବାରେ ଲାଗିଛି। ଏଥର ମହେଶ୍ୱରଙ୍କ ଟିକେଟ ଉପରେ ବି ଆଖିପଡିଲାଣି। ଅନେକ ଦଳୀୟ କର୍ମୀ ଏବଂ ନେତୃବୃନ୍ଦ ନୂଆମୁହଁ ଖୋଜୁଥିବା ବେଳେ ଯୁବନେତା ଶୁଭାଶିଷ ଖୁଣ୍ଟିଆ ଆଗକୁ ବାହାରିଛନ୍ତି। ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ଜିଲା ବିଜେଡି ପୃଥକ୍ ଭାବେ ସିଂହଦ୍ୱାରରେ ଦୀପଦାନ କରିଥିଲା। ଏଥିରୁ ଦଳୀୟ କନ୍ଦଳ ପଦାରେ ପଡିଥିଲା। ଶୁଭାଶିଷ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯୁବ ଗୋଷ୍ଠୀକୁ ଆଗକୁ ବଢାଇବା ଲାଗି ଚାହୁଁଛନ୍ତି। ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ, ଜୀବନବିନ୍ଦୁର ଜିଲା ସଂଯୋଜକ ଏବଂ ଖଣ୍ଡପଡାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛି। ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚି ପାରିବ ସେ ନେଇ କାମ କରୁଛି। ତେଣୁ ଆଗମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆଶା ରଖିଛି।

ସେହିପରି କଂଗ୍ରେସରୁ ଯୁବ ଆଶାୟୀ ସ୍ୱାଧୀନ ପଣ୍ଡା ଉଭା ହୋଇଛନ୍ତି। କଂଗ୍ରେସର ଆଗଧାଡିର ନେତା ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ଅନୁଗତ ଭାବେ ଜଣାଶୁଣା ସ୍ୱାଧୀନ ବିଭିନ୍ନ ସମୟରେ ପୁରୀ ସହରର ବିକାଶ ପାଇଁ ସ୍ୱର ଉଠାଇଛନ୍ତି। ବିଗତ ଦିନରେ ବେଦାନ୍ତ ବିରୋଧୀ ସଂଘର୍ଷ ସମିତି, ଭୂ ସମ୍ପତ୍ତି ସୁରକ୍ଷା ପରିଷଦ, ମଧୁର ଜଳ, ଚିଟ୍‌ଫଣ୍ଡ, ଶ୍ରୀମନ୍ଦିର ପ୍ରସଙ୍ଗ, ସ୍ୱର୍ଗଦ୍ୱାର ଜମି ଦୁର୍ନୀତି ଭଳି ଏକାଧିକ ପ୍ରସଙ୍ଗରେ ସହରବାସୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ କରିଛନ୍ତି। ଯଦି ଦଳ ତାଙ୍କୁ ଅଣଦେଖା କରେ ତେବେ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି। ଏଥିପାଇଁ ସେ ପ୍ରସ୍ତୁତି ମଧ ଆରମ୍ଭ କରିଦେଇଥିବା ସୂଚନା ଦେଇଛନ୍ତି।

ଛାତ୍ର ଜୀବନରୁ ରାଜନୀତି ସହ ରହିଥିବା ଶାଶ୍ୱତ ବର୍ତ୍ତମାନ ଭାଜପା ଜିଲା ଯୁବ ମୋର୍ଚ୍ଚାର ଉପସଭାପତି ଅଛନ୍ତି। ପୂର୍ବରୁ ଭାଜପା ନଗର ଯୁବ ମୋର୍ଚ୍ଚା ସଭାପତି ମଧ ରହିଥିଲେ। ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ ଆଗାମୀ ନିର୍ବାଚନ ପାଇଁ ଆଶାୟୀ ଅଛନ୍ତି। ଦଳ ଯଦି ତାଙ୍କୁ ସୁଯୋଗ ଦିଏ ତେବେ ସେ ଅଧିକ ଖୁସି ହେବେ, ଯଦି ଅନ୍ୟ କାହାକୁ ପୁରୀରୁ ପ୍ରାର୍ଥୀ କରାଯାଏ ତେବେ ତାଙ୍କ ପ୍ରତି ସହଯୋଗ ରହିବ ବୋଲି କହିଛନ୍ତି ଶାଶ୍ୱତ। ସେହିପରି ଭବାନୀ କହିଛନ୍ତି, ମୁଁ ସମ୍ପୂର୍ଣ୍ଣ ଭାବେ ଆଶାୟୀ ରହିଛି। ଯଦି ବି ଦଳ ପ୍ରାର୍ଥୀ ହେବା ପାଇଁ ସୁଯୋଗ ନ ଦିଏ, ତେବେ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସ୍ୱାର୍ଥ ନିମନ୍ତେ ଦଳ ଯେଉଁ ଉପଦେଶ ଦେବ ତାହା ମାନିନେବି। ପ୍ରତ୍ୟେକ ଦଳରେ ଏବେ ନୂଆ ନୂଆ ଯୁବ ଆଶାୟୀ ବାହାରିବା ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ନୀରବ ଥିବା ଏହି ଯୁବ ଆଶାୟୀମାନେ ହଠାତ୍ ସକ୍ରିୟ ହେବା ପଛର କାରଣକୁ ନେଇ ପ୍ରତ୍ୟେକ ଦଳ ଭିତରେ ଚାଲିଛି ଆଲୋଚନା। କେହି କେହି ଏହା ଦଳୀୟ କନ୍ଦଳର ଫଳ ବୋଲି କହୁଥିବା ବେଳେ ଆଉ କେହି ଏହାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

**ସଂକ୍ଷେପରେ**

## କିନ୍ନରଙ୍କ ପାଇଁ ଉଦାହରଣ ସାଜିବେ କାଜଲ

### ଓଡ଼ିଶାରେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇବେ

ଭୁବନେଶ୍ୱର,୧୪।୩(ବ୍ୟୁରୋ): ଓଡ଼ିଶାରେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇବେ ଜଣେ କିନ୍ନର। ଯାଜପୁର ଜିଲାର କାଜଲ କିନ୍ନର ୨୦୧୯ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହେବେ। ପୂର୍ବରୁ ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ଲୋକପ୍ରିୟତା ହାସଲ କରିଥିବା କାଜଲ ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପକ୍ଷରୁ କୋରେଇ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବେ। କିନ୍ନର ସମ୍ପ୍ରଦାୟ ପାଇଁ ସେ ଉଦାହରଣ ସୃଷ୍ଟି କରିବା ସହ ସମାଜର ବିକାଶ ପ୍ରକ୍ରିୟାରେ ସହାଭାଗୀ ହେବେ ବୋଲି ଓଡ଼ିଶା କିନ୍ନର ମହାସଂଘ ସଭାପତି ମୀରା ପରିଡ଼ା କହିଛନ୍ତି। ସେହିଭଳି କିନ୍ନରମାନେ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେ ଦିଗରେ କାର୍ଯ୍ୟ କରିବେ ବୋଲି କାଜଲ କିନ୍ନର କହିଛନ୍ତି। ଏଥିପାଇଁ ଓଡ଼ିଶା କିନ୍ନର ମହାସଂଘ ତରଫରୁ ଗୁରୁବାର ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କିନ୍ନର ମହାସଂଘ ସଭାପତି ମୀରା ପରିଡ଼ାଙ୍କ ସହ ଉପସଭାପତି ସ୍ୱିଟି କିନ୍ନର, ସମ୍ପାଦକ ସାଧନା କିନ୍ନର, କାର୍ଯ୍ୟକାରୀ ସମ୍ପାଦକ ମେଘନା ସାହୁ, ମାଧୁରୀ କିନ୍ନର ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ରାଜନୈତିକ ଦଳର ଏହି ପଦକ୍ଷେପକୁ ଓଡ଼ିଶା କିନ୍ନର ମହାସଂଘ ସ୍ୱାଗତ କରିଥିବା ବେଳେ ଓଡ଼ିଶାର ସମସ୍ତ ରାଜନୈତିକ ଦଳ କିନ୍ନରମାନଙ୍କ ସପକ୍ଷରେ ଆସିବା ଦରକାର ବୋଲି ମୀରା କହିଥିଲେ।







## ଲୁଟି ନେଲେ ପାନ ମସଲା ବୋଝେଇ ଗାଡ଼ି

ଆସିକା,୧୪।୩ (ଡି.ଏନ୍.ଏ.)- ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳରେ ପୁଣି ଅପରାଧୀ ଗୋଷ୍ଠୀ ସକ୍ରିୟ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଚିନିଶିଳ୍ପ ନୂଆଗାଁଠାରେ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ପାନମସଲା ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ ଲୁଟି ନେଇଛନ୍ତି। ଡ୍ରାଇଭର ସଞ୍ଜୟ କୁମାର ମନ୍ତ୍ରୀ ଓ ଭ୍ୟାନରେ ବସିଥିବା ୨ ଜଣଙ୍କୁ ଦୁର୍ବୃତ୍ତ ବାଇକ୍‌ରେ ନେଇ ଅନ୍ୟତ୍ର ଛାଡି ଦେଇଥିଲେ। ଗୁରୁବାର ସକାଳେ ଏ ନେଇ ସଞ୍ଜୟ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ନଂ. ୮୧/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ପ୍ରକାଶ ଯେ, ଏକ ପିକ୍‌ଅପ ଭ୍ୟାନରେ ବ୍ରହ୍ମପୁର ବଡ ବଜାରରୁ ୯,୪୭,୯୯୪ ଟଙ୍କାର ପାନ ମସଲା ନୟାଗଡକୁ ଯାଉଥିଲା। ରାତି ପ୍ରାୟ ସାଢେ ୧ଟାରେ ନୂଆଗାଁ ମୁଖ୍ୟରାସ୍ତାରେ ୪ଟି ବାଇକରେ ଆସିଥିବା ୮ ଦୁର୍ବୃତ୍ତ ଉକ୍ତ ଭ୍ୟାନକୁ ଅଟକାଇଥିଲେ। ସେମାନେ ଡ୍ରାଇଭର ସଞ୍ଜୟଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ସହ ମାଡ଼ ମାରିଥିଲେ। ପରେ ମସଲା ବୋଝେଇ ଭ୍ୟାନକୁ ଦୁର୍ବୃତ୍ତ ଆସିକା ପଟକୁ ନେଇ ଯାଇଥିଲେ ।




## ୱାନ୍ ବାର୍ ୱାନ୍ ଭୋଟ: ସୋମବାର ଚୂଡ଼ାନ୍ତ ଶୁଣାଣି

**କଟକ ଅଫିସ, ୧୪।୩**

ୱାନ୍ ବାର୍ ୱାନ୍ ଭୋଟ ଉପରେ ହାଇକୋର୍ଟରେ ସୋମବାର ହେବ ଚୂଡ଼ାନ୍ତ ଶୁଣାଣି। ଗୁରୁବାର କଟକ ବାର୍ ଆସୋସିଏଶନ ପକ୍ଷରୁ ଆଡଭୋକେଟ ମିଳନ କାନୁନଗୋ ଓ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆଡଭୋକେଟ ଜଗନ୍ନାଥ ପଟ୍ଟନାୟକ ଯୁକ୍ତି ରଖିଥିଲେ। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କୁହାଯାଇଥିଲା ଯେ, କେତେଗୁଡ଼ିଏ ବାର୍ ଆସୋସିଏଶନ ନିର୍ବାଚନ ୨୦୧୮ ମେ' ୧୨ ତାରିଖ ପରେ ଅନୁଷ୍ଠିତ ହୋଇଯାଇଛି। ତେଣୁ କେତୋଟି ବାର୍ ଆସୋସିଏଶନର ନିର୍ବାଚନ ଶେଷ ହୋଇଛି ଆଉ କେତୋଟିର ନିର୍ବାଚନ ହୋଇନାହିଁ ତା'ର ବିସ୍ତୃତ ବିବରଣୀ ପରିଷଦ ପକ୍ଷରୁ ଶୁକ୍ରବାର ସତ୍ୟପାଠ ଆକାରରେ କୋର୍ଟରେ ଦାଖଲ କରାଯିବ। ଏହାପରେ ମାମଲାର ଚୂଡ଼ାନ୍ତ ଶୁଣାଣି ସୋମବାର କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ରାଜ୍ୟର ସମସ୍ତ ବାର୍‌ରେ ଏକକାଳୀନ ନିର୍ବାଚନ କରିବା ପାଇଁ ବ୍ୟବସ୍ଥା ହୋଇଥିଲା। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏ ନେଇ ରିଜୋଲ୍ୟୁଶନ ଆଗତ କରାଯାଇଥିଲା। ମାତ୍ର ଦୁଇ ପର୍ଯ୍ୟାୟରେ ଭୋଟ କରାଯିବାକୁ ପରବର୍ତ୍ତୀ ଅବସ୍ଥାରେ ନିଷ୍ପତ୍ତି ନିଆଯିବାରୁ ଏହାକୁ କଟକ ବାର୍ ଆସୋସିଏଶନ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ଆଇନଜୀବୀ ପରିଷଦ ଓ ଭାରତୀୟ ଆଇନଜୀବୀ ପରିଷଦକୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରିଥିଲେ।



ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ- ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ - ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ।
-ଶ୍ରୀଅରବିନ୍ଦ



# ନିରାପତ୍ତା ଆଗ

ଭାରତ ତା'ର ସମସ୍ତ ବୋଇଂ ୭୩୭ମାକ୍ସ୍‌୮ ବିମାନକୁ ଉଡ଼ାଣ ଅନୁପଯୋଗୀ ଘୋଷଣା କରିଦେଇଛି ଏବଂ ତାହା ତତ୍କାଳ କାର୍ଯ୍ୟକାରୀ ହୋଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମଙ୍ଗଳବାର ରାତିରେ ଆବଶ୍ୟକ ନବୀକରଣ ଓ ସୁରକ୍ଷା ବ୍ୟବସ୍ଥା କରାଯିବା ପର୍ଯ୍ୟନ୍ତ ସମସ୍ତ ବୋଇଂ ମାକ୍ସ୍‌୮ ବିମାନର ଉଡ଼ାଣ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ଶେଷରେ ଆମେରିକା ମଧ୍ୟ ଏହି ଜେଟ୍‌ବିମାନର ଉଡ଼ାଣକୁ ବନ୍ଦ ରଖିଥିବା ଗୁରୁବାର ଘୋଷଣା କରିଛି। ରାଜନୈତିକ ଓ ଅନ୍ତର୍ଜାତୀୟ ଚାପରେ ଟ୍ରମ୍ପ ପ୍ରଶାସନ ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏହା ପୂର୍ବରୁ ଫ୍ରାନ୍ସ, ବ୍ରିଟେନ୍, ଜର୍ମାନୀ, ମାଲେସିଆ, ଓମାନ ଓ ଅନ୍ୟ ପ୍ରାୟ ୧୦ଟି ଦେଶ ଏହି ବିମାନର ଚଳାଚଳକୁ ବାତିଲ କରିସାରିଛନ୍ତି। ପାଞ୍ଚମାସ ଭିତରେ ଏକ ବୋଇଙ୍ଗ୍ ୭୩୭ମାକ୍ସ୍‌୮ ବିମାନର ଦ୍ୱିତୀୟ ଥର ଦୁର୍ଘଟଣା ଘଟିବା ପରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ରବିବାର ଇଥିଓପିଆନ୍ ଏୟାରଲାଇନ୍ସର ଏକ ନୂତନ ୭୩୭ମାକ୍ସ୍‌୮ ବିମାନ ଆଦିସ୍ ଆବାବାରୁ ନାଇରୋବି ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ଏଥିରେ ସମସ୍ତ ୧୫୭ ଜଣ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ଗତ ଅକ୍ଟୋବର ମାସରେ ଇଣ୍ଡୋନେସିଆରେ ଏକ ଲାୟନ ଏୟାର୍‌ଜେଟ୍ (ସମାନ ଗଢ଼ଣର ବିମାନ) ଜାକର୍ତ୍ତାରୁ ଉଡ଼ାଣର ଅଳ୍ପ ସମୟ ଭିତରେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୧୮୯ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନଟି ମାତ୍ର ଚାରିମାସରୁ କମ୍ ଦିନର ପୁରୁଣା। ସେଥିପାଇଁ ଏହି ବିମାନରେ ଆବଶ୍ୟକ ନିରାପତ୍ତା ବ୍ୟବସ୍ଥା ନ ଥିବା ଓ ଗଢ଼ଣରେ ତ୍ରୁଟି ଥିବା ସନ୍ଦେହ କରି ଚାଇନା, ତୁର୍କୀ, ଇଣ୍ଡୋନେସିଆ, ବ୍ରାଜିଲ, ମେକ୍ସିକୋ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଦକ୍ଷିଣ କୋରିଆ ଓ ନର୍‌ୱେ ପ୍ରଭୃତି ରାଷ୍ଟ୍ର ବୋଇଂ ମାକ୍ସ୍‌୮ର ଉଡ଼ାଣକୁ ବନ୍ଦ କରିଛନ୍ତି। ମାଲେସିଆ ଆମେରିକା ଏରୋସ୍ପେସ୍ କମ୍ପାନୀରୁ ଏହି ବିମାନ କିଣିବା ପାଇଁ ବରାଦ ଦେଇଥିବା ବେଳେ ବୁଧବାର ତାହାକୁ ପ୍ରତ୍ୟାହାର କରିନେଇଛି। ବର୍ତ୍ତମାନ ସାରା ବିଶ୍ୱରେ ୩୫୦ଟି ମାକ୍ସ୍‌୮ ବିମାନ ପ୍ରଚଳିତ ଥିବା ବେଳେ ୫୦୦୦ରୁ ଊର୍ଦ୍ଧ୍ୱ ବିମାନ ପାଇଁ ବରାଦ ଦିଆଯାଇଥିଲା।

ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇବା ଯୋଗୁ ବୋଇଂର ଶେୟାର ହ୍ରାସ ପାଇଛି ଏବଂ ଏହାର ବଜାର ଦର ହ୍ରାସ ପାଇଛି। ଫଳରେ ଏହାର କୋଟି କୋଟି ଟଙ୍କା କ୍ଷତି ଘଟିଛି। ସ୍ପାଇସ୍‌ଜେଟ ହେଉଛି ଏକମାତ୍ର ଭାରତୀୟ ଏୟାର୍‌ଲାଇନ୍ ଯାହାର ୧୨ଟି ବୋଇଂ ୭୩୭ମାକ୍ସ୍‌୮ ବିମାନ ଅଛି। ଜେଟ୍ ଏୟାର୍‌ୱେଜ୍‌ର ମଧ୍ୟ ଏପରି ୫ଟି ବିମାନ ଅଛି। କିନ୍ତୁ ଏୟାର୍‌ଲାଇନର କ୍ଷତି ଯୋଗୁ ଏଗୁଡ଼ିକର ଉଡ଼ାଣ ବନ୍ଦ ରହିଥିଲା। ବେସାମରିକ ବିମାନ ଚଳାଚଳ ବିଭାଗ ବୋଇଂ ୭୩୭ମାକ୍ସ୍‌୮ର ଉଡ଼ାଣକୁ ନିଷିଦ୍ଧ କରିବା ପରେ ବୁଧବାର ସ୍ପାଇସ୍‌ଜେଟର ଶେୟାର ତଳକୁ ଖସିଯାଇଛି। ଉଭୟ ଏକ୍ସଚେଞ୍ଜରେ ସ୍ପାଇସ୍‌ଜେଟର ଅର୍ଥଲଗାଣର ପ୍ରମାଣପତ୍ର (ସ୍କ୍ରିପ୍) ଦିନକ ଭିତରେ ୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ଏହା କ୍ଷତିର ପରିମାଣ କୌଣସି ପ୍ରକାରେ ୨ ପ୍ରତିଶତରୁ କିଛି ଅଧିକ କମାଇ ବିଏସ୍‌ଇରେ ଶେୟାର ମୂଲ୍ୟ ଟ୭୭.୧୫ ରଖିବାରେ ସଫଳ ହୋଇଛି। ଗୁରୁବାର ସ୍ପାଇସ୍‌ଜେଟର ଅଂଶଧନ ୨.୫ ପ୍ରତିଶତ ଭରଣା ହୋଇପାରିଛି। ଇତିମଧ୍ୟରେ ମାକ୍ସ ବିମାନଗୁଡ଼ିକୁ ନିରାପଦ ବୋଲି ପ୍ରମାଣ କରିବାକୁ ବିଶ୍ୱର ବୃହତ୍ତମ ବିମାନ ନିର୍ମାତା ବୋଇଂ ଉପରେ ପ୍ରବଳ ଚାପ ପଡୁଛି। କମ୍ପାନୀ ତା'ର ୱେବ୍‌ସାଇଟ୍‌ରେ ବିମାନର ସୁରକ୍ଷା ମାନଦଣ୍ଡ ଉପରେ ଗୁରୁତ୍ୱ ଦେଉଛି ବୋଲି ପ୍ରକାଶ କରିଛି। କିନ୍ତୁ ନିରାପତ୍ତା ପ୍ରତି ଗୁରୁତ୍ୱ ଦେଉଛି ବୋଲି ନିଜେ ଖାଲି କଥାରେ କହିଦେଲେ ତାହା ଗ୍ରହଣୀୟ ହୋଇପାରିବ ନାହିଁ।

ଭାରତ ସମେତ ବିଭିନ୍ନ ଦେଶ ବୋଇଂ ୭୩୭ମାକ୍ସ ସିରିଜ୍ ବିମାନଗୁଡ଼ିକର ଉଡ଼ାଣକୁ ନିଷିଦ୍ଧ କରିବା ଦ୍ୱାରା ଅନ୍ତର୍ଜାତୀୟ ଗମନାଗମନ ଓ ପର୍ଯ୍ୟଟନ ବ୍ୟାହତ ହେବ, ଭାରତ ଯାହାର ଏକ ବଡ଼ ଲାଭାର୍ଥୀ ଥିଲା। ଏହାଦ୍ୱାରା ବିମାନ କମ୍ପାନୀଗୁଡ଼ିକର ବ୍ୟାପକ ଆର୍ଥିକ କ୍ଷତି ହେବା ସହ ବିଭିନ୍ନ ଦେଶର କର୍ପୋରେଟ୍ ଓ ପର୍ଯ୍ୟଟନ ସମ୍ଭାବନା ମଧ୍ୟ ପ୍ରଭାବିତ ହେବ। ଏହା ଅନ୍ୟ ବିମାନଗୁଡ଼ିକ ଉପରେ ସାମୟିକ ଚାପ ପକାଇବ। ତଥାପି ଯାତ୍ରୀ ନିରାପତ୍ତା ଦୃଷ୍ଟିରୁ ଏହା ଏକ ଯଥାର୍ଥ ନିଷ୍ପତ୍ତି। ଗତ ଛଅମାସ ଭିତରେ ଘଟିଥିବା ଦୁଇଟି ବୋଇଙ୍ଗ୍ ବିମାନ ଦୁର୍ଘଟଣାର କାରଣ ଅଦ୍ୟାବଧି ଜଣାପଡ଼ି ନ ଥିବା ବେଳେ କମ୍ପାନୀ ଏହାର ବିମାନ ଉପରେ ଜନସାଧାରଣଙ୍କର ରହିଆସିଥିବା ବିଶ୍ୱାସକୁ ପୁଣି ଫେରାଇ ଆଣିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ। ଇଥିଓପିଆନ ଏୟାର୍‌ଲାଇନ୍ସ ଗୁରୁବାର କହିଛି ଯେ, ଏହା ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ୍‌ବକ୍ସକୁ ବିଶ୍ଳେଷଣ ପାଇଁ ପ୍ୟାରିସ୍ ପଠାଇଛି। ଦୁର୍ଘଟଣାର କାରଣ ସମ୍ବନ୍ଧରେ ବ୍ଲାକ୍‌ବକ୍ସ କିଛି ସୂଚନା ଦେଇପାରେ। କିନ୍ତୁ ଦୁଇଟି ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ ବହୁସଂସ୍ଥୀୟ ତଦନ୍ତ ହେବା ଉଚିତ। ଯାତ୍ରୀମାନଙ୍କ ନିରାପତ୍ତା ମୁଖ୍ୟ ବୋଲି ବୋଇଂ କମ୍ପାନୀ ବିବୃତି ଦେଇଥିବା ବେଳେ ଆମେ ଆଶା କରୁଛୁ କମ୍ପାନୀ ସେ ଦିଗରେ କାର୍ଯ୍ୟ କରିବ। ବିମାନ ଶିଳ୍ପରେ ଯାତ୍ରୀମାନଙ୍କ ନିରାପତ୍ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ବି ନୁହେଁ। ଦୁର୍ଘଟଣା ଆଡ଼କୁ ଟାଣି ନେଉଥିବା ଯାନ୍ତ୍ରିକ ତ୍ରୁଟିର କାରଣ ଖୋଜିବା ପାଇଁ ଏହାର ବିମାନ ବିଜ୍ଞାନ, ଡିଜାଇନ, ସଫ୍ଟୱେର ପ୍ରଭୃତିର ତନଖି କରିବା କମ୍ପାନୀର ଦାୟିତ୍ୱ। ତା'ଛଡ଼ା ନିରାପତ୍ତା ଉପରେ ପ୍ରଭାବ ପକାଉଥିବା ଅନ୍ୟ ଜିନିଷ ମଧ୍ୟ ସମାନଭାବେ ଗୁରୁତ୍ୱପୂର୍ଣ୍ଣ। ସେଗୁଡ଼ିକ ମଧ୍ୟରେ ରହିଛି ବିମାନ ବନ୍ଦରର ଭିତ୍ତିଭୂମି, ପାଇଲଟ୍ ଓ ଏଟିସି (ଏୟାର ଟ୍ରାଫିକ୍ କଣ୍ଟ୍ରୋଲର)ମାନଙ୍କ ତାଲିମ, ସଫ୍ଟୱେର ସିଙ୍କ୍ରୋନାଇଜେଶନ ଏବଂ ସର୍ବୋପରି ପାଇଲଟ୍ ଓ ବିମାନ କର୍ମଚାରୀମାନଙ୍କ ପାଇଁ ଚାପମୁକ୍ତ ପରିବେଶ। ନିରାପତ୍ତା ଆଗ, ଆଉ ସବୁ ପଛ।

## ଆଜିର ଅର୍ଥନୀତି

# ସଡ଼କ ନିରାପତ୍ତା



ଶିବରାମ ଶତପଥୀ

ସଭ୍ୟତା ଓ ବିଜ୍ଞାନର ଅଗ୍ରଗତି ସହିତ ଦ୍ରୁତଗାମୀ ଯାନବାହନ ସଂଖ୍ୟା ବଢ଼ି ଚାଲେ। ସଡ଼କ ଦୁର୍ଘଟଣା ଯେ ଚାଳକର ଅସାବଧାନତାରୁ ଘଟେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଏଥିପାଇଁ ରାସ୍ତାଘାଟ ଓ ଯାନ୍ତ୍ରିକ ତ୍ରୁଟି ମଧ୍ୟ ସମପରିମାଣରେ ଦାୟୀ। ବେଗ ହିଁ ଉନ୍ନତିର ଲକ୍ଷଣ। ଅତଏବ ଯାନବାହନଗୁଡ଼ିକ ସଡ଼କରେ ଗଲାବେଳେ କ୍ଷିପ୍ରଗତି ଅବଲମ୍ବନ କରିବେ ଏଥିରେ ଦ୍ୱିରୁକ୍ତି ନାହିଁ। କିନ୍ତୁ ଗତି ସହିତ ଯାନ ଓ ରାସ୍ତା ଉନ୍ନତମାନର ହେବା ଆବଶ୍ୟକ। ଦୁର୍ଘଟଣା ଯୋଗୁ ପ୍ରତିଦିନ ମୂଲ୍ୟବାନ ଧନଜୀବନ ନଷ୍ଟ ହେବା ସହିତ ଅନେକେ ଚିରଦିନ ପାଇଁ ବିକଳାଙ୍ଗ ହୋଇ ଆଜୀବନ ଦୁଃଖ ଭୋଗ କରନ୍ତି।

ସଡ଼କ ଦୁର୍ଘଟଣାର ତ୍ରିବିଧ କାରଣ ହେଲା ରାସ୍ତାଦୋଷ, ଯାନର ଯାନ୍ତ୍ରିକ ତ୍ରୁଟି ଓ ଚାଳକର ଅସାବଧାନତା। ରାସ୍ତାଘାଟ ନିର୍ମାଣ ହେଲା ବେଳେ ସୁପର ଏଲିଭେଶନ ଠିକ୍ ଭାବେ ଦିଆ ନ ଯିବା, ନିର୍ମିତ ରାସ୍ତାର ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ତା'ର ଅବସ୍ଥା ଶୋଚନୀୟ ହେବା ତଥା ରାସ୍ତାର ଉଭୟ ପାର୍ଶ୍ୱରେ ଜଳ ଜମି ରହିବାରୁ ରାସ୍ତାର ମୂଳଦୁଆ (ସବ୍‌ଗ୍ରେଡ୍) ଦୁର୍ବଳ ହୋଇ ଖାଲଖମା ସୃଷ୍ଟି ହେବା ଆଦି ରାସ୍ତାଦୋଷର ଅନ୍ତର୍ଭୁକ୍ତ।

କୌଟିଲ୍ୟ ଅର୍ଥଶାସ୍ତ୍ରରେ ଲେଖିଛନ୍ତି, ରାସ୍ତାର ଉପରିଭାଗ କମଠ ପୃଷ୍ଠ ପରି ହେବା ଉଚିତ, ଯାହାଦ୍ୱାରା ବୃଷ୍ଟି ଜଳ ରାସ୍ତା ଉପରେ ଜମି ନ ରହି ପାର୍ଶ୍ୱକୁ ଗଡ଼ିଯିବ। ରାସ୍ତାର ଏକମାତ୍ର ଶତ୍ରୁ ହେଉଛି ଜଳ। ଜଳ ସବ୍‌ଗ୍ରେଡ୍‌କୁ ସ୍ରବିଲେ ତାକୁ ଦୁର୍ବଳ କରିଦିଏ। ପରିଣାମତଃ ତା'ର ଧାରଣ ଶକ୍ତି (ଲୋଡ ବିୟରିଂ କାପାସିଟି) ହ୍ରାସ ପାଏ ଓ ରାସ୍ତାରେ ଗଭୀର ଗର୍ତ୍ତ ସୃଷ୍ଟି ହୁଏ। ଏ ଗର୍ତ୍ତଗୁଡ଼ିକୁ ମରାମତି କରି ତୁରନ୍ତ ବନ୍ଦ କରା ନ ଗଲେ ତା'ଦେଇ ଜଳ ପଶି ସଡ଼କକୁ ଅଧିକ ଦୁର୍ବଳ କରିବାର ରାସ୍ତା ପ୍ରଶସ୍ତ କରେ। ସଡ଼କର ପାର୍ଶ୍ୱକୁ କେବଳ ଜଳ ବହିଯିବା ଯଥେଷ୍ଟ ନୁହେଁ। ଜଳ ନିମ୍ନକୁ ନ ବହି ପାର୍ଶ୍ୱରେ ଆବଦ୍ଧ ରହିଲେ ପରିସ୍ରବଣ ଯୋଗୁ ମୂଳଦୁଆକୁ ଦୁର୍ବଳ କରେ। ପୁନଶ୍ଚ ଦ୍ରୁତଗାମୀ ଗାଡ଼ି ବକ୍ର ପଥ ଦେଇ ଗତି କଲାବେଳେ ଯଦି ରାସ୍ତାରେ ଠିକ୍ ସୁପର ଏଲିଭେଶନ (ରାସ୍ତାର ବାହାର ଧାର ଭିତର ଧାରଠାରୁ ଉଚ୍ଚ ହେବା) ଦିଆଯାଇ ନ ଥାଏ ତେବେ ଗାଡ଼ି ଓଲଟି ଯିବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ଆମ ଦେଶରେ ଦୁର୍ଭାଗ୍ୟବଶତଃ ଇଞ୍ଜିନିୟର ଓ ଠିକାଦାରମାନେ ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ମିସ୍ତ୍ରି ହାତରେ ଛାଡ଼ି ଦିଅନ୍ତି, ଯେହେତୁ ଏଗୁଡ଼ିକ ସେମାନଙ୍କ ପାଇଁ ସାଧାରଣ କଥା।

ରାସ୍ତା ନିର୍ମାଣ ବେଳେ ମୂଳଦୁଆ ତଳର ମାଟି ଭିତରେ ଯଦି ପଥପାର୍ଶ୍ୱ ଗଛର ମୂଳ ଆଦି ରହିଯାଏ, ତେବେ ତାହା କାଳକ୍ରମେ ପଚିଶଢ଼ି ସେ ସ୍ଥାନରେ ଶୂନ୍ୟସ୍ଥାନ ସୃଷ୍ଟି କରେ। ତାହା ପୂର୍ଣ୍ଣ କରିବା ପାଇଁ ଉପରିସ୍ଥ ସଡ଼କ ସେ ସ୍ଥାନରେ ଦବିଯାଇ ରାସ୍ତାକୁ ବନ୍ଧୁର କରିଦିଏ। ଦ୍ୱିତୀୟତଃ ଭିତ୍ତିନିମ୍ନସ୍ଥ ମୃତ୍ତିକା ଯଦି କୃଷ୍ଣକାର୍ପାସ ବା ଚିକିଟା ମାଟି ଥାଏ, ତେବେ ଅନ୍ୟୂନ ଅଧାମିଟର ଗଭୀରର ମାଟି ଅପସାରଣ କରାଯାଇ ସେ ସ୍ଥାନରେ ବାଲି ବା କଙ୍କର ଭର୍ତ୍ତି କରାଯାଏ। ଏପରି ନ ହେଲେ ଗ୍ରୀଷ୍ମଋତୁରେ ଲାଜକୁଳି ଲତା ପରି ସେ ମାଟି ସଙ୍କୁଚିତ ହେବା ହେତୁ ସେ ସ୍ଥାନରେ ରାସ୍ତା ଧସିଯାଇ ପୃଷ୍ଠରେ ବନ୍ଧୁରତା ସୃଷ୍ଟି କରେ। ଏ ଲେଖକ ଦେଖିଛି ଆମେରିକାରେ ଯେଉଁ ସ୍ଥାନ ସାମୁଦ୍ରିକ ଚିକିଟା ମାଟି ବିଶିଷ୍ଟ ସେଠାରେ ଏ ପ୍ରକାର ବାଲି ଭର୍ତ୍ତି କରିବା ପ୍ରକ୍ରିୟା ବ୍ୟୟବହୁଳ ହୋଇଥିବାରୁ ଏହାକୁ ଉପେକ୍ଷା କରାଯାଇଥାଏ। ଫଳତଃ ଶୀତଋତୁରେ ସଡ଼କ ଉପରେ ଗଭୀର ଫାଟ ଦେଖାଯାଏ। ଅବଶ୍ୟ ସେଠାରେ ସଡ଼କ ତୁରନ୍ତ ରକ୍ଷଣାବେକ୍ଷଣ କରାଯାଉଥିବାରୁ ବିଟୁମେନ (ପିଚୁ) ଗ୍ରାଉଟିଙ୍ଗ ଦ୍ୱାରା ଫାଟଗୁଡ଼ିକ ତତକ୍ଷଣାତ୍ ବନ୍ଦ କରାଯାଏ।

ବସ୍ ଓ ଟ୍ରକ୍‌ଗୁଡ଼ିକର ଫିଟ୍‌ନେସ୍ ଯଦି ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉଥାନ୍ତା, ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ହେବା ବହୁ ପରିମାଣରେ କମିଯାଇପାରନ୍ତା। ଯେତେଦିନ ଯାଏ ଗାଡ଼ି ଚାଲିଛି ସେତେଦିନ ଯାଏ ସାଧାରଣ ଧୁଆପୋଛା ବ୍ୟତୀତ ଆଉ କିଛି ଯାଞ୍ଚ କରିବାର ଆବଶ୍ୟକତା ଉପଲବ୍ଧି କରାଯାଏ ନାହିଁ। ଗାଡ଼ିର ଚକ ପରିବର୍ତ୍ତନ (ରୋଟେଶନ), ଇଞ୍ଜିନ ଓ ବ୍ରେକ୍‌ର ଅବସ୍ଥା, ବ୍ୟାଟେରି କୁଲିଙ୍ଗ ସିଷ୍ଟମ୍, ଟାୟାର, ଟ୍ୟୁବ୍, ସସ୍‌ପେନ୍ସନ ଆଦି କମ୍ପାନୀର ସ୍ୱୀକୃତିପ୍ରାପ୍ତ ମେକାନିକ ଦ୍ୱାରା ଚେକ୍ କରାଇବା ବ୍ୟୟସାପେକ୍ଷ, ତେଣୁ କରାଯାଏ ନାହିଁ। ଫଳତଃ କେତେବେଳେ ଗାଡ଼ିର ବ୍ରେକ୍ ଫେଲ୍ ହେବ ବା ଗାଡ଼ିକୁ ଗୋଟେ ପାର୍ଶ୍ୱକୁ ଟାଣିନେବ କି ଚକ ଫାଟିଯିବ ତା'ର କିଛି ଠିକଣା ନ ଥାଏ। ଏଥିଯୋଗୁ ନିଜ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ସହିତ ଅନ୍ୟଗାଡ଼ି ଓ ପଥଚାରୀଙ୍କୁ ମଧ୍ୟ କ୍ଷତି ପହଞ୍ଚାଏ। ପନ୍ଦରବର୍ଷ ଚଳାଇବା ପରେ ଗାଡ଼ିକୁ ରାସ୍ତା ପାଇଁ ଅନୁପଯୁକ୍ତ ଦର୍ଶାଇ ରେଜିଷ୍ଟ୍ରେଶନ ରଦ୍ଦ କରିବା ଦ୍ୱାରା ମଧ୍ୟ ଦୁର୍ଘଟଣାକୁ ଏଡ଼ାଇ ହେବ। ଅଧିକନ୍ତୁ, ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଦୂଷିତ ବାଷ୍ପ ଗାଡ଼ିରୁ ନିର୍ଗତ ହେଲେ ପରିବେଶ ପ୍ରଦୂଷିତ ହେବା ସହିତ ଅନୁଗମନ କରୁଥିବା ଗାଡ଼ିର ଚାଳକ ଓ ଲୋକଙ୍କ ଦୃଷ୍ଟି ବ୍ୟାହତ ହୋଇ ଦୁର୍ଘଟଣା ଘଟାଇଥାଏ। ସଡ଼କ ପରିବହନ ଅଧିକାରୀଙ୍କ କାର୍ଯ୍ୟ କେବଳ ଦ୍ୱିଚକ୍ର ଯାନ ଆରୋହୀଙ୍କ ଶିରସ୍ତ୍ରାଣ ଓ ଗାଡ଼ି ଚାଳକଙ୍କ ସିଟ୍ ବେଲ୍ଟ ଚେକ୍‌ରେ ସୀମିତ ନୁହେଁ, ତା' ସହିତ ଉଲ୍ଲିଖିତ ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ଦେଲେ ଦୁର୍ଘଟଣା କମ୍ କରି ହୁଅନ୍ତା।

ଦୁର୍ଘଟଣାର ତୃତୀୟ ଏବଂ ମୁଖ୍ୟ କାରଣ ହେଉଛି ଚାଳକର ଅସାବଧାନତା। କଥାରେ ଅଛି ନାଚି ନ ଜାଣିଲେ ଅଗଣାର ଦୋଷ। ଏ ଦୃଷ୍ଟିରୁ ବିଚାର କଲେ, ରାସ୍ତାର ଅବସ୍ଥା ଶୋଚନୀୟ ଥିଲେ ମଧ୍ୟ ପ୍ରତ୍ୟେକ ଚାଳକ ଯଦି ଶୀଘ୍ର ଯିବାର ପ୍ରତିଦ୍ୱନ୍ଦ୍ୱିତା ନ କରି ସାବଧାନତା ଅବଲମ୍ବନ କରନ୍ତି ତେବେ ଦୁର୍ଘଟଣା ଅନେକ ପରିମାଣରେ ହ୍ରାସ ପାଇପାରନ୍ତା। ଗାଡ଼ିକୁ କ୍ଷିପ୍ର ଗତିରେ ଚଳାଇ ଗନ୍ତବ୍ୟ ସ୍ଥାନରେ ଶୀଘ୍ର ପହଞ୍ଚିବା ନିଶା, ଆବଶ୍ୟକ ବିଶ୍ରାମ ଅଭାବରୁ ଚାଳକ ସଳଖ ସଡ଼କରେ ଗାଡ଼ି ଚଳାଉ ଚଳାଉ ଢୁଳେଇ ପଡ଼ିବା, ଅନ୍ୟ ଅଗ୍ରଗାମୀ ଗାଡ଼ି ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା, ମଦ୍ୟପାନ କରି ଗାଡ଼ି ଚଳାଇବା ଆଦି ପରିହାର୍ଯ୍ୟ କାରଣରୁ ଭୟାବହ ଦୁର୍ଘଟଣାରେ ଧନଜୀବନ ନଷ୍ଟ ହେବାର ନଜୀର ଅଛି। ମାନସିକ ଉତ୍ତେଜନା ବା ଅବସାଦଗ୍ରସ୍ତ ଅବସ୍ଥାରେ ଅଥବା ଶାରୀରିକ ବା ମାନସିକ ଅସୁସ୍ଥତା ସମୟରେ ଗାଡ଼ି ଚଳାଇବା ଯୋଗୁ ମଧ୍ୟ ଦୁର୍ଘଟଣା ଘଟିଥାଏ। ଚାଳକର ଦୃଷ୍ଟିଶକ୍ତି ହ୍ରାସ ଯୋଗୁ ଅଥବା କୁହୁଡ଼ି ବା ଅନ୍ଧକାର ହେତୁ ସଡ଼କ ସମ୍ୟକ୍ ପରିଦୃଷ୍ଟ ନ ହେଲେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଧନଜୀବନର ପ୍ରଭୂତ କ୍ଷତି ଘଟିଥାଏ। ବେଳେ ବେଳେ ରାସ୍ତାରେ ଗୋରୁ, କୁକୁଡ଼ା, କୁକୁର ଆଦିଙ୍କ ଅବାଧ ବିଚରଣ ହେତୁ ଦୁର୍ଘଟଣା ଘଟିଥାଏ। ବାରଣ ଥିବା ସତ୍ତ୍ୱେ ଚାଳକ ମୋବାଇଲରେ କଥା ହେବା ହେତୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥାଏ।

ରାସ୍ତାକଡ଼ରେ ସ୍ଥାନେ ସ୍ଥାନେ ବେଗ ନିର୍ଦ୍ଧାରକ ଫଳକ ଥିଲେ ଚାଳକ ସତର୍କତା ଅବଲମ୍ବନ କରେ। ଯେଉଁ ଦେଶର ରାସ୍ତାଗୁଡ଼ିକରେ ମାଇଲ ସ୍ତମ୍ଭ ବି ଲଗାଯାଇ ନ ଥାଏ ସେଠାରେ ବେଗ ନିର୍ଦ୍ଧାରକ ଫଳକ ଆଶା କରିବା ଶଶା ଶିରରେ ଶୃଙ୍ଗ ଆଶା କରିବା ସଦୃଶ। ଆମେରିକାର କ୍ଷେତ୍ରଫଳ ଆମ ଦେଶର ପ୍ରାୟ ଚାରିଗୁଣ। ରାଜପଥରେ ଯିବାକୁ ହେଲେ ଗାଡ଼ିର ବେଗ ଘଣ୍ଟା ପ୍ରତି ଅନ୍ୟୂନ ଶହେ କିଲୋମିଟର ରଖିବାକୁ ହୁଏ। ଗାଡ଼ିଗୁଡ଼ିକ ଏତେ ଶୀଘ୍ରଗାମୀ ହେବା ସତ୍ତ୍ୱେ ରାସ୍ତାର ନିୟମ ମାନି ଚାଲୁଥିବାରୁ ଦୁର୍ଘଟଣା କ୍ୱଚିତ୍ ସଂଘଟିତ ହୁଏ। ଚାଳକ ରାସ୍ତାର ନିୟମ ମାନୁଛି ତ, ମଦ୍ୟପାନ କରି ଗାଡ଼ି ଚଳାଉ ନାହିଁ ତ, ନିର୍ଦ୍ଧାରିତ ବେଗ ଅତିକ୍ରମ କରୁନାହିଁ ତ, ଶିଶୁକୁ ପଛ ସିଟ୍‌ରେ ଠିକ୍ ଭାବେ ବାନ୍ଧି ବସାଯାଇଛି ତ, ଚାଳକ ଓ ସହଯାତ୍ରୀ ସିଟ୍ ବେଲ୍ଟ ବାନ୍ଧିଛନ୍ତି ତ- ଏସବୁ ଯାଞ୍ଚ କରିବା ପାଇଁ ପୋଲିସ କ୍ଷିପ୍ରଗାମୀ ଗାଡ଼ି ଧରି ସ୍ଥାନେ ସ୍ଥାନେ ଲୁଚି ରହିଥାନ୍ତି। ସେ ରାଷ୍ଟ୍ରପତିଙ୍କ ପୁଅ ବା ଝିଅ ହେଲେ ମଧ୍ୟ ନିୟମ ଉଲ୍ଲଂଘନ କଲେ ଚାଳକକୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଏ। ସେଠାରେ ପୋଲିସ ରାଜନେତାଙ୍କ ନିୟନ୍ତ୍ରଣ-ବହିର୍ଭୂତ। ଆମ ଦେଶରେ ସେପରି ବ୍ୟବସ୍ଥା ଥିଲେ ଓ ଚାଳକମାନେ ନିୟମ ମାନି ଚାଲୁଥିଲେ ସଡ଼କ ଦୁର୍ଘଟଣା ପ୍ରାୟ ଶତକଡ଼ା ନବେ କମିଯାଇଥାନ୍ତା।

ବି-୧୮, ପଦ୍ମପାଣି ବିହାର,ଶୈଳଶ୍ରୀ ବିହାର,
ଭୁବନେଶ୍ୱର, ମୋ-୯୪୩୭୦୧୭୨୦୨

# ନାଚି ନ ଜାଣି ଅଗଣା ଦୋଷ



ରଞ୍ଜନ ସାହୁ

ଦୋଷ ଦେବା ଲୋକଙ୍କର ଏକ ପ୍ରବୃତ୍ତି। ସମ୍ପ୍ରତି ଦେଖାଯାଏ ଯେ, ସରକାରଙ୍କ କାର୍ଯ୍ୟାବଳୀ ଉପରେ ଲୋକମାନେ ବହୁଳଭାବେ ଦୋଷାରୋପ କରିଚାଲିଛନ୍ତି। ସରକାରଙ୍କୁ ଦୋଷ ଦେଲେ ନିଜର ନାଗରିକୋଚିତ ଧର୍ମ ପାଳନ ହେଲା ବୋଲି ନିଶ୍ଚିନ୍ତରେ ନିଦ୍ରା ଯାଉଛନ୍ତି। ଯଦି ପୋଲଟିଏ ଭୁଶୁଡ଼ି ପଡ଼ିଲା, ସେଥିପାଇଁ ସରକାର ଦୋଷୀ ବୋଲି ଅନେକେ କହନ୍ତି। ତଦନୁରୂପ କୁହାଯାଏ: ଗୁଟ୍‌ଖା ଖାଇବା ବନ୍ଦ ହେଲାନାହିଁ- ସରକାରଙ୍କର ଦୋଷ। ପଲିଥିନ ବ୍ୟବହାରକୁ ପ୍ରତିରୋଧ କରିହେଲାନାହିଁ- ସରକାରଙ୍କର ଦୋଷ। ମନ୍ଦିରରେ ଫାଟ ଦିଶିଲା- ସରକାରଙ୍କର ଦୋଷ। ଜନହିତୈଷୀ ଯୋଜନାଗୁଡ଼ିକ ସଫଳ ହେଉନାହିଁ- ସରକାରଙ୍କର କୋହଳ ନୀତିର ଦୋଷ। ଅଫିସ୍‌ଗୁଡ଼ିକରେ ସୁଚାରୁରୂପେ କାର୍ଯ୍ୟ ଚାଲୁନାହିଁ, ଲାଞ୍ଚ ବିନା କାମ ହେଉନାହିଁ- ଦୋଷ ସରକାରଙ୍କର। ଡାକ୍ତରଖାନାରେ ରୋଗୀ ସେବା ଯଥୋଚିତ ହେଉନାହିଁ- ଦୋଷ ସବୁ ସରକାରଙ୍କର। ଶିକ୍ଷାୟତନଗୁଡ଼ିକରେ ପାଠପଢ଼ା ଆଦୌ ହେଉନାହିଁ- ଏଥିସକାଶେ ସରକାରଙ୍କର ନୀତି ଦୋଷଯୁକ୍ତ। ବାହାଘର ଭୋଜିରେ ଭେଜାଲ ଖାଦ୍ୟ ଖାଇ ଲୋକେ ମଲେ- ସରକାର ଦୋଷୀ। ରାସ୍ତାରେ ବେପରୁଆ ଗାଡ଼ି ଚଳାଇ ଅନେକେ ମୃତାହତ ହେଉଛନ୍ତି- ସରକାର ପୂରା ଦୋଷୀ। ବୃଦ୍ଧ ବରିଷ୍ଠ ନାଗରିକଙ୍କୁ ସନ୍ତାନମାନେ ଉପେକ୍ଷା କରୁଛନ୍ତି- ଦୋଷ ସରକାରଙ୍କର। ଚାଷୀମାନଙ୍କ ଉଦ୍ଦେଶ୍ୟରେ ଆସିଥିବା ଋଣ ଅଣଚାଷୀମାନେ ହଡ଼ପ କରିନେଉଛନ୍ତି- ସରକାରୀ ଶାସନରେ ଅବ୍ୟବସ୍ଥା। ରାସ୍ତାଘାଟ ନିୟମିତ ପରିଷ୍କାର ପରିଚ୍ଛନ୍ନ ହେଉନାହିଁ- ସରକାରଙ୍କର ଅବହେଳା। ରାତିରେ ମଶା ପ୍ରବଳ କାମୁଡ଼ୁଛନ୍ତି- ବୁଝୁନାହାନ୍ତି ସରକାର। ବାୟୁମଣ୍ଡଳ ପ୍ରଦୂଷିତ- ସରକାର ଉଦାସୀନ। ଏ ବର୍ଷ ଭଲ ମୌସୁମୀ ବର୍ଷା ହେଲା ନାହିଁ- ସରକାରଙ୍କର ଅପାରଗତା। ବର୍ଷା ଅଭାବରୁ ମରୁଡ଼ି ଦେଖାଦେଲା- ସରକାରଙ୍କର ଅପରିଣାମଦର୍ଶିତା। ନାରୀମାନଙ୍କୁ ଅଧିକ ଆଇନଗତ ସ୍ୱାଧୀନତା ଦେବା ହେତୁ ସେମାନେ ଉଚ୍ଛୃଙ୍ଖଳ ହେଉଛନ୍ତି- ସରକାରଙ୍କର ଅବିମୃଶ୍ୟକାରିତା। ପ୍ରେମୀଯୁଗଳଙ୍କ ପାଇଁ ସୁନ୍ଦର, ସୁରକ୍ଷିତ, ନିର୍ଜନ ପାର୍କଟିଏ ନ ଥିବାରୁ ଅସହିଷ୍ଣୁମାନେ ହୀନସ୍ତା କରୁଛନ୍ତି- ସରକାରଙ୍କର ନାହିଁ ସହଯୋଗିତା।

ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକୁ ଅନୁଧ୍ୟାନ କଲେ ଉପଲବ୍ଧି ହୁଏ ଯେ ସରକାରଙ୍କ ଛଡ଼ା ନାଗରିକମାନଙ୍କର ଦେଶ ପ୍ରତି ତାଙ୍କର କୌଣସି କର୍ତ୍ତବ୍ୟ ନାହିଁ। ସବୁ କର୍ତ୍ତବ୍ୟ ଶାସକର। ଆମେ ସତରେ ଭାବୁ ଯିଏ ସରକାର ଗଢ଼େ ସବୁ ଦୋଷ ତାହାର। ଏହା କିନ୍ତୁ ଏକ ଅମୂଳକ ଚିନ୍ତାଧାରା। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାର ବୋଇଲେ ପ୍ରତ୍ୟେକ ଜନତାଙ୍କୁ ବୁଝାଏ। ଏ କଥା କେବେ ବୁଝିବେ ସାଧାରଣ ପ୍ରଜା? ସରକାରର ସେମିତି କିଛି ଭିନ୍ନ ସଂଜ୍ଞା ବହନକାରୀ ଅର୍ଥ ନାହିଁ। ଦେଶ ପାଇଁ ସମସ୍ତେ ଦାୟିତ୍ୱବାନ୍ ହେବା ବିଧେୟ। ଏଠାରେ ସମସ୍ତେ ଉତ୍ତରଦାୟୀ। ସରକାରଙ୍କର ଯେତିକି କର୍ତ୍ତବ୍ୟ ପ୍ରଜାଙ୍କର ମଧ୍ୟ ସେତିକି ।

ଏ ସମ୍ପର୍କରେ ଉପଦେଶ ସମ୍ବଳିତ କଥନିକାଟିଏ ଆଲୋଚନା କଲେ ସ୍ପଷ୍ଟ ହେବ ପ୍ରସଙ୍ଗଟି। ଊଣାଧିକେ ଅନେକେ ଜାଣିଥିବେ ପୁରାକାଳରେ ଗୋଟିଏ ସମୃଦ୍ଧିଶାଳୀ ଭୂଭାଗ ଭାରତବର୍ଷରେ ସର୍ବବିଦିତ ଥିଲା। ସେଠାର ରାଜାଙ୍କର ପ୍ରଜାନୁରକ୍ତି ଯେତିକି ଥିଲା ପ୍ରଜାଙ୍କର ସେତିକି ରାଜଭକ୍ତି ଥିଲା। ସେଠାରେ ସମସ୍ତ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟ ନିର୍ବିରୋଧରେ, ନିରାଡ଼ମ୍ବର ଓ ନିଷ୍ଠାପର ଭାବେ ସମ୍ପାଦିତ ହେଉଥିଲା। ସାଧାରଣ ଜନତା ଏଥିପାଇଁ ଶ୍ରଦ୍ଧାଶୀଳଭାବେ ପ୍ରଗାଢ଼ ସହଯୋଗ କରୁଥିଲେ। ଏକଦା କେତେଜଣ ପରିବ୍ରାଜକ ସେ ଜନପଦରେ ଆସି ପହଞ୍ଚିଲେ। ଚତୁର୍ଦ୍ଦିଗ ପରିକ୍ରମା କରି ଶେଷରେ ସେମାନେ ଗୋଟିଏ ବୃକ୍ଷଚ୍ଛାୟା ତଳକୁ ଯାଇ ଥକ୍କା ମେଣ୍ଟାଇଲେ। ପୂର୍ବରୁ ସେଠାରେ ତିନିଚାରିଜଣ ଅଧିବାସୀ ଉପବିଷ୍ଟ ହୋଇ ଗପସପରେ ମଗ୍ନ ଥିଲେ। ଆଗନ୍ତୁକମାନେ ଗ୍ରାମବାସୀଙ୍କୁ ଉଦ୍ଦେଶ୍ୟ କରି କହିଲେ, ରାଜ୍ୟଟି ବେଶ୍ ଉନ୍ନତ, ପରିଷ୍କୃତ ଓ ସମ୍ଭ୍ରାନ୍ତ। ହେଲେ ଗୋଟିଏ ଜିନିଷ ଊଣା ଅଛି ଏଠି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ନିମିତ୍ତ ଏଠାରେ ଆବଶ୍ୟକ ଆଶ୍ରୟସ୍ଥଳୀଟିଏ ନାହିଁ। ଏଥିପାଇଁ ପ୍ରକୃତରେ ଶାସକ ସମ୍ପୂର୍ଣ୍ଣ ଦାୟୀ।

ହଠାତ୍ ଅଧିବାସୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବିନମ୍ର ଗଳାରେ କହିଲେ, ମହାଭାଗ! ଆପଣଙ୍କର ଅନୁମାନ ଭିତ୍ତିହୀନ। ରାଜାଙ୍କର ଏଥିରେ ଦୋଷ ନାହିଁ। କାରଣଟି ହେଲା- ଆମେ ସମସ୍ତେ ନାଗରିକ ପଣ କରିଛୁ; ବିଦେଶାଗତ ଅଭ୍ୟାଗତମାନେ ହେଲେ ଆମ ସମସ୍ତଙ୍କର ଅତିଥି। ସେମାନଙ୍କୁ ଉତ୍ତମ ପରିଚର୍ଯ୍ୟା କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଆପଣମାନେ କୃପାକରି ଆଜି ମୋ ଘରେ ଆଶ୍ରୟ ନିଅନ୍ତୁ। ମୁଁ ଯଥାସାଧ୍ୟ ଆତିଥେୟତା ପ୍ରଦାନ କରି ନିଜକୁ ଧନ୍ୟ ମନେକରିବି। ସତ କହିବାକୁ ଗଲେ, ଆମ୍ଭମାନଙ୍କର ଏହି ଭଦ୍ରଜନୋଚିତ ପ୍ରବୃତ୍ତି ଯୋଗୁ ଏଠାରେ ଆଶ୍ରୟ ପାଇଁ ଆଶ୍ରୟସ୍ଥଳଟିଏ ନିର୍ମାଣ କରିବାର ପ୍ରୟୋଜନୀୟତା ପଡ଼ିନାହିଁ। ନଚେତ୍ ଏହି ସାମାନ୍ୟ ଅତିଥି ନିବାସଟିଏ ପାଇଁ ଆମର ରାଜା କାର୍ପଣ୍ୟ କରି ନ ଥା'ନ୍ତେ।

ଲୋକଟିର ବିନୟୀ ଆମନ୍ତ୍ରଣ ଓ ସାଧୁବାକ୍ୟପୂର୍ଣ୍ଣ ନମ୍ରତାରେ ସମସ୍ତେ କୃତଜ୍ଞତା ପ୍ରକାଶ କଲେ। ପଥଚାରୀମାନେ ତାଙ୍କୁ ମହତ୍ତ୍ୱପୂର୍ଣ୍ଣ ଆଖିରେ ଚାହିଁଲେ ଘଡ଼ିଏ। ଏଭଳି ଅମାୟିକ, ଭଦ୍ର, ସରଳ ମଣିଷ ବର୍ତ୍ତମାନ ସମାଜରେ କାହାନ୍ତି? ସ୍ୱାର୍ଥାନ୍ଧ, ସୁବିଧାବାଦୀ, ଆତ୍ମକେନ୍ଦ୍ରିକଙ୍କ ସଂଖ୍ୟା ବର୍ତ୍ତମାନ ଅଗଣନ। ବିନା ପରିଶ୍ରମରେ, ବିନା ସାଧନାରେ, ବିନା ପ୍ରଚେଷ୍ଟାରେ ସବୁ କାର୍ଯ୍ୟ ସୁଚାରୁରୂପେ ହେଉ ବୋଲି ପ୍ରାୟ ଚାହୁଁଛନ୍ତି ସେମାନେ। ତାହା ସମ୍ପୂର୍ଣ୍ଣ ସମ୍ଭବପର ହେଉ ନ ଥିବାରୁ ଶାସକଙ୍କୁ ଦୋଷ ଦେବା ଭଳି ମାନସିକତା ଉଦୟ ହେଉଛି ସେମାନଙ୍କର। ଲାଗୁଛି ଯେମିତି, ନିଜେ ସରକାର ଗଢ଼ିଥିଲେ ନିର୍ଭୁଲ କାର୍ଯ୍ୟଗୁଡ଼ାଏ କରିପକାଇ ଥାଆନ୍ତେ ଓ ପାରଙ୍ଗମତା ଦର୍ଶାଇ ଗୁପ୍ତଯୁଗ ସମ ସୁବର୍ଣ୍ଣଯୁଗଟିଏ ପ୍ରତିଷ୍ଠା କରିପକାଇ ଥାଆନ୍ତେ!!

ଏଲ୍.ପି-୮୬, ଲକ୍ଷ୍ମୀସାଗର ବିଡିଏ କଲୋନୀ,
ଭୁବନେଶ୍ୱର, ମୋ-୯୮୬୧୦୬୦୮୦୩

## ଏଇ ଭାରତରେ

ଭିକ୍ଷାବୃତ୍ତି ବିରୋଧରେ ୧୭ହଜାର କିଲୋମିଟର ପଦଯାତ୍ରା କରିସାରିଲେଣି ଜଣେ ଯୁବକ। ଏହି ବ୍ୟକ୍ତି ହେଉଛନ୍ତି ଚେନ୍ନାଇର ବାସିନ୍ଦା। ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଭିକ୍ଷା ନ ଦେବା ଲାଗି ସେ ଲୋକମାନଙ୍କୁ ସଚେତନ କରାଉଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି ୨୯ବର୍ଷ ବୟସ୍କ ମେକାନିକାଲ ଇଞ୍ଜିନିୟର ଆଶିଷ ଶର୍ମା। ଇତିମଧ୍ୟରେ ସେ ୧୬ହଜାର ୫୦୩ କିଲୋମିଟର ପଥ ପାଦରେ ଚାଲିସାରିଲେଣି। ୨୦୧୭ ଅଗଷ୍ଟ ୨୨ରେ ସେ ଜମ୍ମୁରୁ ପଦଯାତ୍ରା ଆରମ୍ଭ କରିଥିଲେ। ଏହାମଧ୍ୟରେ ସେ ୨୯ ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳରେ ପଦଯାତ୍ରା କରିବା ସହିତ ୪,୯୦୦ ଗାଁରେ ଭିକ୍ଷାବୃତ୍ତି ବିରୋଧରେ ସଚେତନତା ବାର୍ତ୍ତା ପ୍ରଚାର କରିଛନ୍ତି। ସେ ଦୁଆଏଁ ନାମକ ଏକ ଆପ୍ ବିକଶିତ କରିଛନ୍ତି। ଏହି ଆପ୍ ସହାୟତାରେ ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତି ତଥା ଛୋଟପିଲାଙ୍କ ଥଇଥାନ ପାଇଁ ପୋଲିସ ତଥା ସରକାରୀ ପଦସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇ ପାରିବ। ଆଶିଷଙ୍କର ଏହି ନିଆରା ଅଭିଯାନ ଅନ୍ୟମାନଙ୍କ ପାଇଁ ଆଦର୍ଶ କହିଲେ କିଛି ଭୁଲ ହେବନାହିଁ।

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ମାର୍ଚ୍ଚ ୧୯୯୪**

- ପୁଞ୍ଜି ବିନିଯୋଗ କ୍ଷେତ୍ରରେ କ୍ଷତିପୂରଣ ଦେବା ପାଇଁ ଗ୍ୟାରେଣ୍ଟି ପ୍ରଦାନ କରିବା ତଥା ଯୁଦ୍ଧ, ଜରୁରିକାଳୀନ ପରିସ୍ଥିତି ଓ ସଂଘର୍ଷ ବେଳେ କ୍ଷତି ହୋଇଥିବା ପୁଞ୍ଜିଗୁଡ଼ିକୁ ପୁନଃ ଥଇଥାନ କରିବା ଉପରେ ଭାରତ ଓ ବ୍ରିଟେନ ମଧ୍ୟରେ ଏକ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷରିତ।
- ମହାରାଷ୍ଟ୍ରର ନାସିକଠାରୁ ୩୦ କି.ମି. ଦୂରବର୍ତ୍ତୀ କଦଭା ନଦୀ ପୋଲ ଉପରୁ ଏକ ଯାତ୍ରୀବାହୀ ବସ ନଦୀ ଗର୍ଭକୁ ଖସିପଡ଼ିବା ଫଳରେ ୬୪ ଯାତ୍ରୀଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | 3 | 4 | 1 | | C | | | | | | | | 2 |
| 4 | | C | A | | | | 1 | 8 | 3 | | 6 | | | 9 |
| | | | 8 | | | 3 | | E | | | | | | |
| 9 | 2 | | 7 | | | | A | | | D | 1 | | | |
| | 1 | | | 6 | 2 | | | | E | | | | | |
| | | | | | | 4 | B | 0 | | 8 | | | | |
| | | | 9 | | 0 | | C | | | | | D | | 1 |
| | | E | 2 | B | 8 | 1 | 7 | | | 9 | 0 | | | |
| A | | 2 | | | | | 8 | | | | | | | 0 |
| 3 | 8 | | 5 | | A | | | | | 6 | | | 7 | |
| | | 1 | | | 9 | | | C | | | | | | 4 |
| | 3 | | C | 7 | 6 | | | | | 2 | | | D | |
| | | 9 | | | | A | | | | | 5 | E | B | 3 |
| 2 | | | | | | 9 | 6 | | | | 7 | | 5 | |
| C | | | | A | 3 | | | B | | E | 9 | 0 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | B | 6 | 0 | C | 3 | 8 | 1 | 9 | D | A | 5 | E | 4 |
| 6 | 8 | 9 | D | 1 | 4 | 7 | 5 | 0 | 2 | E | C | B | A | 3 |
| 4 | 0 | C | 5 | 8 | E | 2 | A | D | 1 | 3 | B | 6 | 7 | 9 |
| 5 | A | 3 | 9 | B | 7 | E | C | 6 | 0 | 4 | 8 | D | 1 | 2 |
| E | 1 | D | 2 | 3 | A | 4 | B | 9 | 5 | 6 | 7 | 0 | C | 8 |
| 9 | 2 | 4 | 3 | C | 8 | B | 1 | E | 7 | 5 | 6 | A | 0 | D |
| 1 | C | A | E | 5 | B | 8 | D | 2 | 4 | 0 | 3 | 7 | 9 | 6 |
| 8 | 3 | 0 | 4 | D | 6 | A | 7 | 5 | B | C | 9 | 1 | 2 | E |
| B | E | 7 | 0 | A | 1 | 6 | 9 | 4 | 8 | 2 | D | 3 | 5 | C |
| D | 5 | 6 | 7 | 2 | 9 | 0 | 3 | C | A | 1 | E | 4 | 8 | B |
| 7 | D | 5 | C | 9 | 3 | 1 | 6 | B | E | 8 | 0 | 2 | 4 | A |
| A | 9 | E | 1 | 6 | 5 | D | 2 | 7 | C | B | 4 | 8 | 3 | 0 |
| C | 6 | 8 | A | 4 | 2 | 5 | 0 | 3 | D | 9 | 1 | E | B | 7 |
| 3 | 4 | 1 | B | 7 | 0 | C | E | 8 | 6 | A | 2 | 9 | D | 5 |
| 0 | B | 2 | 8 | E | D | 9 | 4 | A | 3 | 7 | 5 | C | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନିକ ସ୍ଥାଣୁତା

ମହାଶୟ,

ଗଣମାଧ୍ୟମରୁ ପ୍ରାପ୍ତ ସୂଚନା ଅନୁସାରେ, ଭାରତରେ ରେଳ ବିଭାଗ ସମେତ ବିଭିନ୍ନ ବିଭାଗରେ ପାଖାପାଖି ୭୦ ଲକ୍ଷ ମଞ୍ଜୁରିପ୍ରାପ୍ତ ପଦବୀ ଖାଲିପଡ଼ିଛି। ଦେଶରେ ନିଯୁକ୍ତି ସଙ୍କୋଚନ ଯୋଗୁ ବେକାରି ହାର ବୃଦ୍ଧି ପାଇ ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ ୬.୧ ପ୍ରତିଶତରେ ପହଞ୍ଚିଛି ୨୦୧୭-୧୮ ଆର୍ଥିକ ବର୍ଷରେ। ଏଭଳି ସ୍ଥିତିରେ ଏତେ ଅଧିକ ସଂଖ୍ୟକ ସରକାରୀ ପଦବୀ ଖାଲିପଡ଼ିବା କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସ୍ଥାଣୁତାର ପରିଚୟ ଦେଉଛି। ଅନୁରୂପ ଭାବରେ ଓଡ଼ିଶାରେ ପାଖାପାଖି ଦେଢ଼ଲକ୍ଷ ସରକାରୀ ପଦବୀ ଖାଲିପଡ଼ିଛି। ଆମ ରାଜ୍ୟରେ ଶିକ୍ଷକ, ଡାକ୍ତରଙ୍କ ସମେତ ବିଭିନ୍ନ ବିଭାଗରେ କର୍ମଚାରୀ ମରୁଡ଼ି ଯୋଗୁ ଜନସାଧାରଣ ସର୍ବନିମ୍ନ ସେବା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଏତେସଂଖ୍ୟକ ପଦବୀ ପୂରଣ ନ ହେବା ରାଜ୍ୟ ସରକାରଙ୍କ ପ୍ରଶାସନିକ ସ୍ଥାଣୁତାକୁ ପ୍ରମାଣିତ କରୁଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଟ୍ରାଇର ନୂଆ ନିୟମ ଓ ଉପଭୋକ୍ତା

ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ଉପଭୋକ୍ତାଙ୍କ ନିମନ୍ତେ ଯେତିକି ଦେଖିବ ସେତିକି ପଇଠ କରିବ ବ୍ୟବସ୍ଥା ସ୍ୱାଗତଯୋଗ୍ୟ। ମାତ୍ର ଗ୍ରାମୀଣ ଓ ସହରୀ ଦର୍ଶକ ସେମାନଙ୍କର ମତାମତ କେବଳ ଅପରେଟରଙ୍କୁ ଲେଖିକରି ଦେବା, ଡିସ୍‌ପ୍ଲେ ଅନୁସାରେ ଚାନେଲ ମୂଲ୍ୟ, ପ୍ୟାକେଜ୍ ପରି ମୂଲ୍ୟାୟନ କରିବା ସମ୍ଭବପର ହୋଇ ନ ପାରେ। ମତାମତ ନ ଦେଲେ ସ୍ୱତଃ ଚାନେଲଗୁଡ଼ିକ ଉପଭୋଗ କରୁଥିବା କାରଣରୁ ଅଧିକ ବିଲ୍ ପଡ଼ିପାରେ। ଆମର କହିବାର କଥା ହେଲା 'ଟ୍ରାଇ' ତରଫରୁ ଏଥିନିମନ୍ତେ ପୂରଣ କରିଦେବା ଲାଗି ଫର୍ମ କେବଳ ଅପରେଟରଙ୍କ ଜରିଆରେ ଦେଲେ କାର୍ଯ୍ୟ ସୁଗମ ହୁଅନ୍ତା। କେବଳ ଅପରେଟର ଘର ଘର ବୁଲି ଉପଭୋକ୍ତାଙ୍କ ପସନ୍ଦ ଅନୁସାରେ ତଥ୍ୟ ଲେଖି ଆଣି ବିଲ୍ ବ୍ୟବସ୍ଥା କରିବା ଦରକାର।

ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ୨ ବାଇକ୍ ଧକ୍କା: ଜଣେ ମୃତ

**ଧର୍ମଗଡ,୧୪।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ତିନିଛକ ନିକଟରେ ବୁଧବାର ରାତିରେ ଦୁଇ ବାଇକ୍ ମଧ୍ୟରେ ଧକ୍କାରେ ହେବାରୁ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଆହତଙ୍କୁ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତକ ହେଲେ ଆଦିତ୍ୟ ପାତ୍ର ଓ ତାଙ୍କ ଘର ଛତିଶଗଡ ଦେଭୋଗ ଥାନା ଅନ୍ତର୍ଗତ ଖୁଟଗାଁରେ। ଆହତ ହେଲେ ଗୋଲାମୁଣ୍ଡା ବ୍ଲକ ଦଶପୁର ଗ୍ରାମର ମୁନା ସରାପ । ବୁଧବାର ରାତିରେ ଆଦିତ୍ୟ ଧର୍ମଗଡରୁ ନିଜ ଗାଁ ଖୁଟଗାଁକୁ ଫେରୁଥିଲେ। ଏହି ସମୟରେ ସାମାନା ପଟୁ ଆସୁଥିବା ମୁନାଙ୍କ ବାଇକ୍ ସହ ତାଙ୍କ ବାଇକ୍‌ର ଧକ୍କା ହୋଇଥିଲା । ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡିଥିଲେ । ଘଟଣା ସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ମୁନା ଗୁରୁତର ହୋଇଥିଲେ ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପଙ୍କ ବିରୋଧରେ ଏତଲା

- ଭୋଟ ପାଇଁ ଲାଞ୍ଚ ଅଭିଯୋଗ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିରୋଧୀଙ୍କ ଦାବି
- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

**ଭୁବନେଶ୍ୱର (ବ୍ୟୁରୋ)/ ସାଲେପୁର(ଡି.ଏନ୍.ଏ.), ୧୪।୩**

ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ରାଜ୍ୟରେ ରାଜନୈତିକ ଉଷ୍ମତା ବଢିଯାଇଛି। ଆଚରଣବିଧି ଉଲ୍ଲଂଘନ ନେଇ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ମଧ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଓଡ଼ିଶାର ୧୪୭ ବିଧାନସଭା ଏବଂ ୨୧ ଲୋକସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। କିନ୍ତୁ ତାଙ୍କ ଦଳର ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କଟକ ଜିଲା ସାଲେପୁର ବ୍ଲକର ମାଳ ପଞ୍ଚାୟତରେ ଗତ ବୁଧବାର ଅନୁଷ୍ଠିତ ବିଜେଡି ସମ୍ମିଳନୀରେ ସାଲେପୁର ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ସେ ଏହି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀଭାବେ ବିଜେଡିରୁ ପ୍ରଶାନ୍ତ ବେହେରାଙ୍କ ନାମ ଘୋଷଣା କରିଛନ୍ତି। ଏଥିସହିତ ସାଲେପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ସର୍ବାଧିକ ଭୋଟରେ ଜିତାଉଥିବା ପଞ୍ଚାୟତକୁ ୩୫ ଲକ୍ଷ ଟଙ୍କା ଓ ସର୍ବାଧିକ ଭୋଟ ଦେଇ ଜିତାଉଥିବା ବୁଥ୍‌କୁ ୧୫ ଲକ୍ଷ ଟଙ୍କା ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଘୋଷଣା କରିଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ମନ୍ତ୍ରୀ ଜେନାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଭାଜପା ଅଭିଯୋଗ କରିଛି ଯେ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହେବା ପରେ ଶାସକ ଦଳର ମନ୍ତ୍ରୀ ଏଭଳି ଖୁଲମଖୁଲା ଲାଞ୍ଚ ଯାଚିବା ଧର୍ତ୍ତବ୍ୟ ଅପରାଧ। ଆଚରଣବିଧି ଉଲ୍ଲଂଘନ କରିଥିବାରୁ ପ୍ରତାପ ଜେନାଙ୍କୁ ଆଗାମୀ ୨୦୧୯ ନିର୍ବାଚନ ଲଢିବାକୁ ଅସିଦ୍ଧ ଘୋଷଣା କରାଯିବା ସହ ତାଙ୍କ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛି। ସମୀର କହିଛନ୍ତି ଯେ, ମନ୍ତ୍ରୀ ପଦରେ ଥାଇ ଆଦର୍ଶ ନିର୍ବାଚନ ଆଚରଣ ବିଧ ଆଇନର ଧାରା ୧୭୧ (ଖ) ଏବଂ ୧୭୧ (ଗ) ଅନୁଯାୟୀ ଏହା ଧର୍ତ୍ତବ୍ୟ ଅପରାଧ। ପ୍ରତିନିଧି ଦଳ ମୁକ୍ତ, ଅବାଧ ଏବଂ ନିପରେକ୍ଷ କରିବାକୁ ସିଇଓଙ୍କ ନିକଟରେ ଦାବି କରିଛନ୍ତି ।



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭାଜପା ନେତୃବୃନ୍ଦ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ଆଦର୍ଶ ଆଚରଣବିଧି ଉଲ୍ଲଂଘନକୁ ନେଇ କଂଗ୍ରେସ ମଧ୍ୟ ମନ୍ତ୍ରୀ ଜେନାଙ୍କ ବିରୋଧରେ ନିର୍ବାଚନ କମିଶନ ଦୃଢ ପଦକ୍ଷେପ ନେବାକୁ ଦାବି କରିଛି। କଂଗ୍ରେସର ଏକ ପ୍ରତିନିଧି ଦଳ ଶୁକ୍ରବାର ସିଇଓଙ୍କୁ ସାକ୍ଷାତ କରି ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିବ ବୋଲି ଜଣାପଡିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ବିଜେଡି ଓ ଭାଜପା ଟଙ୍କାରେ ନିର୍ବାଚନ ପ୍ରଚାର କରିବେ। ଆମେ ଭଲ ପ୍ରାର୍ଥୀ ଦେଇ ଜନତାଙ୍କ ଆଶୀର୍ବାଦରେ ନିର୍ବାଚନ ଲଢ଼ିବୁ। ବିଜେଡି ବରିଷ୍ଠ ନେତା ପୁଷ୍ପେନ୍ଦ୍ର ସିଂଦେଓ କହିଛନ୍ତି ଯେ ବିରୋଧୀଙ୍କ କାର୍ଯ୍ୟ ହେଲା ଅଭିଯୋଗ କରିବା। ନିର୍ବାଚନ ବେଳେ ଏମିତି ଅନେକ ଅଭିଯୋଗ ଆସିବ, ଯାହାକି ଭିତ୍ତିହୀନ।

ଅନ୍ୟ ପକ୍ଷରେ ନିର୍ବାଚନ କଟକଣା ଲାଗିବା ପରେ ଭୋଟରଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ପ୍ରଲୋଭିତ କରିବା ଘଟଣାକୁ ସ୍ଥାନୀୟ କଟକ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଗୁରୁବାର ମଧ୍ୟାହ୍ନରେ ସାଲେପୁର ଥାନାରେ ମନ୍ତ୍ରୀଙ୍କ ନାମରେ ଏତଲା ଦେଇଛନ୍ତି। ଏତଲାରେ ନିର୍ବାଚନ ଆଚରଣବିଧି ଆଇନ୍‌ର ୧୭୧(ବି), ୧୭୧(ସି) ଓ ୫୦୬କୁ ଉଲ୍ଲଘଂନ କରାଯାଇଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ଗିରଫ କରାଯିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମନ୍ତ୍ରୀ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସୂଚନାଯୋଗ୍ୟ, ମନ୍ତ୍ରୀଙ୍କ ଏହି ଘୋଷଣାର ଏକ ଅଡିଓ ଭାଇରାଲ ହୋଇଛି।

## ମହିଳା ବିଶ୍ୱ ସମିଟ୍‌ରେ ଯୋଗଦେବେ ପ୍ରିୟଙ୍କା

ଲସ୍ ଏଞ୍ଜେଲସ୍: 'ୱମେନ୍ ଇନ୍ ଦି ୱାର୍ଲଡ ସମିଟ୍-୨୦୧୯'ରେ ବିଶିଷ୍ଟ ମହିଳା ବକ୍ତା ତାଲିକାରେ ସ୍ଥାନ ପାଇଛନ୍ତି ଭାରତୀୟ ଫିଲ୍ମ ତାରକା ପ୍ରିୟଙ୍କା ଚୋପ୍ରା। ୩୬ବର୍ଷ ବୟସ୍କା ଅଭିନେତ୍ରୀ ଜଣେ ସମାଜସେବୀ ଓ ଉଦ୍ୟୋଗୀ ଭାବେ ତାଙ୍କ କ୍ୟାରିୟର ବିଷୟରେ ବର୍ଣ୍ଣନା କରିବେ। 'ୱମେନ୍ ଇନ୍ ଦି ୱାର୍ଲଡ'ର ପ୍ରତିଷ୍ଠାତା ଟିନା ବ୍ରାଉନ୍‌ଙ୍କ ଦ୍ୱାରା ଏପରି ଏକ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଥିବା ମହିଳାମାନେ ନିଜସ୍ୱ ଅନୁଭୂତି ବିଷୟ ବର୍ଣ୍ଣନା କରିବେ।

ଲିଙ୍କନ ସେଣ୍ଟରଠାରେ ଉକ୍ତ ଅନୁଷ୍ଠାନର ଦଶମ ବାର୍ଷିକ ଉତ୍ସବ ପାଳିତ ହେବାକୁ ଯାଉଛି। ଏପ୍ରିଲ ୧୦ରୁ ୧୨ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଉତ୍ସବରେ ଉଡାଖବରକୁ ବିରୋଧ କରିବା, '# ମିଟୁ' ଆନ୍ଦୋଳନକୁ ଆଗେଇ ନେବା ଏବଂ ସାମ୍ବାଦିକତାର ସୁରକ୍ଷା କରିବା ଭଳି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ। ୨୦୦୯ରେ ଆରମ୍ଭ ହୋଇଥିବା 'ୱମେନ୍ ଇନ୍ ଦି ୱାର୍ଲଡ ସମିଟ୍' ଅଭିଯାନରେ ସାମିଲ ଅଛନ୍ତି ଆମେରିକୀୟ କୂଟନୀତିଜ୍ଞ ତଥା ଲେଖିକା ହିଲାରି କ୍ଲିଣ୍ଟନ୍, ନାଇଜେରୀୟ ଔପନ୍ୟାସିକା ଚିମାମନ୍ଦା ଗୋଜି ଆଡିଚି ଏବଂ ପୂର୍ବତନ ପ୍ଲାନ୍‌ଡ ପ୍ୟାରେଣ୍ଟହୁଡ୍ ପ୍ରେସିଡେଣ୍ଟ ସିସାଇଲ୍ ରିଚାର୍ଡସ।



# ବିଜେଡିକୁ ପେଟ୍ରୋଲ ପମ୍ପ, ଗ୍ୟାସ୍ ଏଜେନ୍ସି ଚିନ୍ତା

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ପ୍ରତିନିଧି ଦଳ

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଆସନ୍ତା ସାଧାରଣ ନିର୍ବାଚନରେ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡିକରେ ଭାଜପା ଟଙ୍କା କାରବାର କରିବା ନେଇ ବିଜେଡି ଆଶଙ୍କା କରିଛି। ସେଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଜେଡି ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ହସ୍ତକ୍ଷେପ ଲୋଡିଛି। ବିଜେଡି ନେତା ଦେବାଶିଷ ସାମନ୍ତରାୟ, ପୁଷ୍ପେନ୍ଦ୍ର ସିଂଦେଓ, କଳିକେଶ ନାରାୟଣ ସିଂଦେଓ, ଉମାକାନ୍ତ ସାମନ୍ତରାୟ, ପ୍ରଣବ ବଳବନ୍ତ ରାୟ, ଏବଂ ସସ୍ମିତ ପାତ୍ର ପ୍ରମୁଖ ସିଇଓଙ୍କୁ ସାକ୍ଷାତ କରି ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡିକୁ ଭିଡିଓଗ୍ରାଫି କରିବାକୁ ଦାବି କରିଛନ୍ତି।

ପେଟ୍ରୋଲିୟମ କମ୍ପାନୀ, ପେଟ୍ରୋଲ ପମ୍ପ ମାଲିକ ଓ ଗ୍ୟାସ୍ ଏଜେନ୍ସିଗୁଡିକୁ ଦଳୀୟ କାର୍ଯ୍ୟକ୍ରମରେ ନିୟୋଜିତ କରିବାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତଙ୍କୁ ପଛରେ ପକାଇଛନ୍ତି। ଓଡିଶାରେ ଏଭଳି ଏକ ନୂଆ ପରମ୍ପରା ସୃଷ୍ଟି କରିଛନ୍ତି। ଗତ ବିଜେପୁର ନିର୍ବାଚନ ବେଳେ ପେଟ୍ରୋଲ ପମ୍ପ ମାଲିକ ମ୍ୟାନେଜରମାନଙ୍କ ଠାରୁ ପୁଳାପୁଳା ଟଙ୍କା ଜବତ କରାଯାଇଥିଲା। ଧର୍ମେନ୍ଦ୍ରଙ୍କ ନିର୍ଦ୍ଦେଶରେ ଭାଜପା ନିର୍ବାଚନ ଖର୍ଚ୍ଚ ତୁଲାଇବା ଲାଗି ଏହି ଟଙ୍କା ମହଜୁଦ ରଖିଥିବା ବିଜେଡି ଅଭିଯୋଗ କରିଛି। ଆସନ୍ତା ନିର୍ବାଚନରେ ତାହାକୁ ବ୍ୟାପକ କରିବାକୁ ଯାଉଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାର ଉଲ୍ଲଂଘନ ହେଉଥିବାରୁ ବିଜେଡି ଏହା ବିରୋଧରେ ସ୍ୱର ଉଠାଇ ଆସୁଛି। ବିଜେପୁର ଉପନିର୍ବାଚନ ବେଳେ ବିଜେଡି ନିର୍ବାଚନ କମିଶନଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ତେବେ ଏ ନେଇ କୌଣସି ପଦକ୍ଷେପ ନିଆଗଲା ନାହିଁ। ଚଳିତ ନିର୍ବାଚନରେ ଏହାର ପୁନରାବୃତ୍ତି ହେବାର ସମ୍ଭାବନା ରହିଛି। ରାଜ୍ୟବ୍ୟାପୀ ସବୁ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡ଼ିକରେ ଭିଡିଓ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ବିଜେଡି ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## କଂଗ୍ରେସରେ ଯଜ୍ଞେଶ୍ୱର

**ଭୁବନେଶ୍ୱର,୧୪।୩ (ବ୍ୟୁରୋ)**

ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଗୁରୁବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଯଜ୍ଞେଶ୍ୱର ବିଧିବଦ୍ଧ ଭାବେ ନିଜ ସମର୍ଥକମାନଙ୍କ ସହ ଦଳରେ ସାମିଲ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି)ସଭାପତି ନିରଞ୍ଜନ ପଟ୍ଟନାୟକ ଯଜ୍ଞେଶ୍ୱରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଯଜ୍ଞେଶ୍ୱର କହିଛନ୍ତି, ସାରାଭାରତ ବର୍ଷରେ କେବଳ କଂଗ୍ରେସ ହିଁ କେବଳ ଗଣତନ୍ତ୍ରକୁ ସୁରକ୍ଷା ଦେଇପାରିବ। ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ରାଜନୈତିକ ପରିବର୍ତ୍ତନ ସମ୍ଭବ ବୋଲି ଯଜ୍ଞେଶ୍ୱର କହିଛନ୍ତି। ଅନ୍ୟପଟେ ନିରଞ୍ଜନଙ୍କ ପୌରହିତ୍ୟରେ 'କଂଗ୍ରେସ' ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଭାରତବର୍ଷରେ ଏକମାତ୍ର ଦଳ କଂଗ୍ରେସ ଯିଏ ତଳେ ପଡିଥିବା ମଣିଷର କଥା ସବୁବେଳେ ଚିନ୍ତା କରିଆସିଛି। ଅନ୍ୟ ରାଜନୈତିକ ଦଳମାନେ କେବଳ ଭୋଟ ରାଜନୀତି କରୁଥିବା ବେଳେ କଂଗ୍ରେସ ଦଳ ଭାରତବାସୀଙ୍କ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇଛି। 'କଂଗ୍ରେସ' ପୁସ୍ତକଟି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କୁ ଉତ୍ସର୍ଗ କରାଯାଇଛି। ଅପରପକ୍ଷରେ ଜ୍ଞାନଦେବ ବେଉରାଙ୍କୁ ଆଜି ପିସିସି ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିବା ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।


**ପୂର୍ବ ତଟ ରେଳପଥ**

**ସିକିର ଏବଂ ଟିଟିଲାଗଡ଼ ଷ୍ଟେସନ ମଧ୍ୟରେ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ନିମ୍ନଲିଖିତ ପ୍ରହରୀ ଥିବା 'C' ଶ୍ରେଣୀ ଲେଭେଲ୍ କ୍ରସିଙ୍ଗ୍ ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ହୋଇସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ଏହି 'C' ଶ୍ରେଣୀ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ ।

ତେଣୁ ତା.22.03.2019 ରିଖ ଠାରୁ ନିମ୍ନ ବର୍ଣ୍ଣିତ ପ୍ରହରୀ ଥିବା ଲେଭେଲ କ୍ରସିଙ୍ଗ୍ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ବନ୍ଦ କରି ଦିଆଯାଉଛି ।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | LCର ରେଳ କି.ମି. |
|---|---|---|---|
| ଝାରସୁଗୁଡ଼ା-ଟିଟିଲାଗଡ଼ | ସିକିର-ଟିଟିଲାଗଡ଼ | JT-127 | 740/2-3 |

ସନ୍ଦର୍ଭ: କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ବଲାଙ୍ଗୀରଙ୍କ ପତ୍ର ସଂ.1507/G&M, ତା.30.06.2012ରିଖ ।

PR-544/J/18-19 — ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ)/ସମ୍ବଲପୁର



**ଶହୀଦ ନଗର ଶାଖା**
ପ୍ଲଟ୍ ନଂ.: ୧୦୪, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭

बैंक ऑफ़ बड़ौदा Bank of Baroda

**ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)**

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ସେମାନଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲକୁ** ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| କ୍ରଂ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ୧) | **ଋଣଗ୍ରହୀତା: ମେସର୍ସ ସାଇନାଥ ଫେବ୍ରିକେୟାର ପ୍ରା. ଲିଃ.,** ବାହାଦଲପୁର, ଖଣ୍ଡଗିରି, ଖୋର୍ଦ୍ଧା-୭୫୧୦୧୯, **ନିର୍ଦ୍ଦେଶକମାନେ: ୧) ବିପିନ ବିହାରୀ ମୁଖୀ, ୨) ବବିତା ମୁଖୀ, ୩) ସଙ୍ଗୀତା ମୁଖୀ, ୪) ନୃସିଂହ ନାରାୟଣ ଚୌଧୁରୀ,** ସମସ୍ତଙ୍କ ଠିକଣା ସା: ବାହାଦଲପୁର, ଖଣ୍ଡଗିରି, ଖୋର୍ଦ୍ଧା-୭୫୧୦୧୯, / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସଞ୍ଜିବନୀ ଚୌଧୁରୀ,** ପ୍ଲଟ୍ ନଂ.: ଏଚ୍‌ଡି-୭, ନୀଳାଦ୍ରି ନଗର, ଶିବ ମନ୍ଦିର ନିକଟ, ଜାଗମରା, ଭୁବନେଶ୍ୱର-୭୫୧୦୩୦ | **ଶ୍ରୀମତୀ ସଞ୍ଜିବନୀ ଚୌଧୁରୀ, ଶ୍ରୀ ନୃସିଂହ ନାରାୟଣ ଚୌଧୁରୀଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୮୨/୨୮୫୨, ଖାତା ନଂ.: ୯୧୨, ସବ୍ ପ୍ଲଟ୍ ନଂ.: ଏଚ୍‌ଡି-୭(ଅଂଶ) ଏବଂ ୮, କ୍ଷେତ୍ର: ୦.୦୬୯ଡିସିମିଲି, ବିଲ୍ଟ ଅପ୍ ଏରିଆ: ୧୪୦୦.୮୮ ବର୍ଗଫୁଟ, ମୌଜା: ଡୁମଡୁମା, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ଏଚ୍‌ଡି-୭ପି, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ଏଚ୍‌ଡି-୯, ପୂର୍ବ: ୨୦ଫୁଟ ଓସାରର କଙ୍କ୍ରିଟ୍ ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ଏଚ୍‌ଡି-୭ପି | ୦୨.୦୧.୨୦୧୯ / ୧୧.୦୩.୨୦୧୯ | ୦୨.୦୧.୨୦୧୯ ସୁଦ୍ଧା ଟ.୫୦,୯୧,୩୦୮/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୪.୦୩.୨୦୧୯
ସ୍ୱା-କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)
ଆଞ୍ଚଳିକ କାର୍ଯ୍ୟାଳୟ : ସମ୍ବଲପୁର, କଟକ ରୋଡ, ସା/ପୋ : ଧନୁପାଲି, ଜିଲ୍ଲା : ସମ୍ବଲପୁର, ଇ-ମେଲ୍ ଆଇଡି : ugbreg1sbp@gmail.com

**(ସ୍ଥାବର ସମ୍ପତ୍ତି ନିମନ୍ତେ) ଦଖଲ ନୋଟିସ୍ [ଦ୍ରଷ୍ଟବ୍ୟ ରୁଲ୍ - ୮ (୧)]**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, କଟକ ରୋଡ଼, ଧନୁପାଲି, ସମ୍ବଲପୁରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୦ର ନଂ. ୩) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପଇଠ କରିବାକୁ କୁହାଯାଇଥିଲା । ବର୍ତ୍ତମାନର ବକେୟା ରାଶି ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ ୨୦୦୨ ରୁଲ୍ ୮ ସହିତ କଥିତ ଆକ୍ଟର ଧାରା ୧୩(୪) ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ସୁଧ, ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| କ୍ର. ନଂ. | ଶାଖା / ଆକାଉଣ୍ଟ ନଂ. / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବର୍ତ୍ତମାନର ବକେୟା ଦେୟ | ଡିମାଣ୍ଡ ନୋଟିସ୍ /ଦଖଲ ନୋଟିସ୍ ତାରିଖ | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତି ଗୁଡ଼ିକର ବିବରଣୀ |
|---|---|---|---|---|
| ୧. | **ବାବୁବନ୍ଧ ଶାଖା/ ଆକାଉଣ୍ଟ ନଂ.: CC-12047001864/TL-12047055786** **ଋଣଗ୍ରହୀତା: ମେସର୍ସ କିଷ୍ଣା ଫେବ୍ରିକେସନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଉପେନ୍ଦ୍ର ଭୋଇ,** ପିତା :ସ୍ୱ ଯୁଧିଷ୍ଠିର ଭୋଇ / **ଜାମିନଦାରମାନେ : ୧) ଶ୍ରୀ ମହେନ୍ଦ୍ର ଭୋଇ, ୨) ଧୁବୁଣି ଭୋଇ,** (ସ୍ୱକ୍ଷୀରସାଗର ଭୋଇଙ୍କ ମାଁ), ସ୍ୱାମୀ: ସ୍ୱ ଯୁଧିଷ୍ଠିର ଭୋଇ, **୩) ଶ୍ରୀ ଦାମୋଦର ପ୍ରଧାନ,** ପିତା: ଧୋବା ପ୍ରଧାନ, **୪) ଶ୍ରୀ ଜଗଦୀଶ ଜାଲ୍,** ପିତା: ପର୍ଶୁରାମ ଜାଲ୍, **୫) ମନ୍ଦୋଦରୀ ଭୋଇ,** ସ୍ୱାମୀ: ସ୍ୱ ଅର୍ଜୁନ ଭୋଇ, **୬) ଦୟାନିଧି ଭୋଇ,** ପିତା: ସ୍ୱ ଅର୍ଜୁନ ଭୋଇ, **୭)ସନ୍ଧ୍ୟାସିନି ଜାଲ,** ସ୍ୱାମୀ: ଜଗଦିଶ ଜାଲ୍, ସମସ୍ତଙ୍କ ଠିକଣା ସା : ବାବୁବନ୍ଧ, ପୋ : କଳାମାଟି, ଜିଲ୍ଲା : ସମ୍ବଲପୁର-୭୬୮୦୨୫, ୮) ସୌଦାମିନୀ କଠାର, ସ୍ୱାମୀ: ସଦାନନ୍ଦ କଠାର, ସା: ତାଜଟିକର, ପୋ: ରେଙ୍ଗାଲିକ୍ୟାମ୍ପ, ଜିଲ୍ଲା: ବରଗଡ଼-୭୬୮୦୨୭ | ତା୧୮.୦୨.୨୦୧୯ରିଖ ସୁଦ୍ଧା ଟ.୫,୫୬,୦୦୪/- ପରିବର୍ତ୍ତୀ ସୁଧ + ଓ ଅନ୍ୟାନ୍ୟ ଦେୟ | ୨୦.୦୩.୨୦୧୮ / ୦୮.୦୩.୨୦୧୯ | **ସ୍ୱଯୁଧିଷ୍ଠିର ଭୋଇ ଏବଂ ସ୍ୱ ଅର୍ଜୁନ ଭୋଇ,** ଉଭୟଙ୍କ ପିତା: ସ୍ୱ ମୁକ୍ତା ଭୋଇଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ ଯାହାର ମୌଜା : କଳାମାଟି, ଥାନା : ବୁର୍ଲା, ଥାନା ନଂ.: ୧୧, ଜିଲ୍ଲା : ସମ୍ବଲପୁର, ଖାତା ନଂ.: ୩୫୫, ପ୍ଲଟନଂ.: ୪୩୩୫/୫୯୭୬, କ୍ଷେତ୍ର: ଏକର୦.୭୨ଡିସିମିଲ ଏବଂ ପ୍ଲଟ ନଂ.୩୮୫୫, କ୍ଷେତ୍ର: ଏକର ୦.୦୨ ଡିସିମିଲ୍ । |
| ୨. | **ବଣାଇଗଡ ଶାଖା/ ଆକାଉଣ୍ଟ ନଂ.: HBL- 84000336207** **ଋଣଗ୍ରହୀତା: ଶ୍ରୀ ଗୁପ୍ତେଶ୍ୱର ସୁତାର ,** ପିତା: ସ୍ୱ କୁମୁଦବନ୍ଧୁ ସୁତାର / **ଜାମିନଦାରମାନେ :୧) ଶ୍ରୀ ପରମେଶ୍ୱର ସୁତାର ,** ପିତା: ସ୍ୱ କୁମୁଦବନ୍ଧୁ ସୁତାର, **୨) ଶ୍ରୀ ଉମାକାନ୍ତ ସୁତାର,** ପିତା: ଶ୍ରୀ ପରଦେଶୀ ସୁତାର, ସମସ୍ତଙ୍କ ଠିକଣା ସା : କେନ୍ଦେଇକଳା, ଜିଲ୍ଲା : ସୁନ୍ଦରଗଡ଼ -୭୭୦୦୩୮ । | ତା୧୮.୦୨.୨୦୧୯ରିଖ ସୁଦ୍ଧା ଟ.୩,୯୭,୬୫୪/- ପରିବର୍ତ୍ତୀ ସୁଧ + ଓ ଅନ୍ୟାନ୍ୟ ଦେୟ | ୧୫.୦୪.୨୦୧୪ / ୧୧.୦୩.୨୦୧୯ | **ଶ୍ରୀ ଗୁପ୍ତେଶ୍ୱର ସୁତାର ,** ପିତା: ସ୍ୱ କୁମୁଦବନ୍ଧୁ ସୁତାରଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ ଯାହାର, ମୌଜା : ବଇଦପାଲି, ଥାନା/ତହସିଲ: ବଣାଇଗଡ଼, ଜିଲ୍ଲା : ସୁନ୍ଦରଗଡ, ଖାତା ନଂ.: ୨୯/୧୪, ପ୍ଲଟନଂ.: ୪୦୫/୪୨୮, କ୍ଷେତ୍ର: ଏକର୦.୦୫ଡିସିମିଲ୍ । |
| ୩. | **ଚାର୍‌ମାଲ୍ ଶାଖା/ ଆକାଉଣ୍ଟ ନଂ.: HBL- 12078005331/KCC-12078004008** **ଋଣଗ୍ରହୀତା: ଶ୍ରୀ ସୁଦାମ ଚରଣ ପ୍ରଧାନ ,** ପିତା: ଶ୍ରୀ କୁଳମଣୀ ପ୍ରଧାନ / **ଜାମିନଦାରମାନେ :୧) ଶ୍ରୀ ଲକ୍ଷ୍ମୀ ପ୍ରସାଦ ପ୍ରଧାନ ,** ପିତା: କୁଳମଣୀ ପ୍ରଧାନ,**୨) ଶ୍ରୀ କଷ୍ଟ ପ୍ରଧାନ,** ପିତା: ଶ୍ରୀ କୌଶିକ ପ୍ରଧାନ, ସମସ୍ତଙ୍କ ଠିକଣା ସା : ବ୍ରାହ୍ମଣପାଲି, ପୋ: ମୋଚିବାହାଲ, ଜିଲ୍ଲା: ସମ୍ବଲପୁର -୭୬୮୧୦୫ । | ତା୧୮.୦୨.୨୦୧୯ରିଖ ସୁଦ୍ଧା ଟ.୫,୪୫,୮୦୦/- ପରିବର୍ତ୍ତୀ ସୁଧ + ଓ ଅନ୍ୟାନ୍ୟ ଦେୟ | ୧୯.୦୩.୨୦୧୮ / ୧୧.୦୩.୨୦୧୯ | **ଶ୍ରୀ ସୁଦାମ ଚରଣ ପ୍ରଧାନ ,** ପିତା: ଶ୍ରୀ କୁଳମଣୀ ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ ଯାହାର, ମୌଜା : ବ୍ରାହ୍ମଣୀପାଲି, ଥାନା: ଚାର୍‌ମାଲ, ଥାନା ନଂ.-୨୧, ଜିଲ୍ଲା : ସମ୍ବଲପୁର ଖାତା ନଂ.: ୫୬/୨୪, ପ୍ଲଟନଂ.: ୬୨୫/୯୬୧, କ୍ଷେତ୍ର: ଏକର୦.୧୮ଡିସିମିଲ । |
| ୪. | **ଚିପିଲିମା ଶାଖା/ ଆକାଉଣ୍ଟ ନଂ.: HBL- 84004609218** **ଋଣଗ୍ରହୀତା: ଶ୍ରୀମତୀ ସୁଲୋଚନା ବିଭାର ,** ସ୍ୱାମୀ: ଶ୍ରୀ ଗଣେଷ ଚନ୍ଦ୍ର ବିଭାର / **ଜାମିନଦାରମାନେ :୧) ଶ୍ରୀ ଶଙ୍କର ପଣ୍ଡା ,** ପିତା: ବଂଶୀଧର ପଣ୍ଡା, **୨) ଶ୍ରୀ ମାନଭଞ୍ଜନ ବିଭାର,** ପିତା: ଶ୍ରୀ ଗଣେଷ ଚନ୍ଦ୍ର ବିଭାର, ସମସ୍ତଙ୍କ ଠିକଣା ସା : ମାରଙ୍ଗୋଲା, ପୋ: ଚିପିଲିମା, ଜିଲ୍ଲା: ସମ୍ବଲପୁର -୭୬୮୦୨୬ । | ତା୧୮.୦୨.୨୦୧୯ରିଖ ସୁଦ୍ଧା ଟ.୭,୬୦,୭୬୧/- ପରିବର୍ତ୍ତୀ ସୁଧ + ଓ ଅନ୍ୟାନ୍ୟ ଦେୟ | ୨୩.୦୪.୨୦୧୮ / ୮.୦୩.୨୦୧୯ | **ଶ୍ରୀମତୀ ସୁଲୋଚନା ବିଭାର ,** ସ୍ୱାମୀ: ଶ୍ରୀ ଗଣେଷ ଚନ୍ଦ୍ର ବିଭାରଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ ଯାହାର , ମୌଜା : ମାରଙ୍ଗୋଲା, ଥାନା: ବୁର୍ଲା, ଥାନା ନଂ.-୨୯, ଜିଲ୍ଲା : ସମ୍ବଲପୁରଖାତା ନଂ.: ୧୫୧/୩୩, ପ୍ଲଟନଂ.:୬୭୪,କ୍ଷେତ୍ର: ଏକର୦.୧୬ଡିସିମିଲ । |

ସ୍ଥାନ : ସମ୍ବଲପୁର
ତାରିଖ : ୧୪.୦୩.୨୦୧୯
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ



**ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ**

(୧୩ ମାର୍ଚ୍ଚ ୨୦୧୯ ରୁ ୧୯ ମାର୍ଚ୍ଚ ୨୦୧୯)



ସ୍ଥାନ- ଆଦିବାସୀ ପ୍ରଦର୍ଶନୀ ପଡିଆ, ୟୁନିଟ୍-୧, ଭୁବନେଶ୍ୱର

**ବିଶେଷ ଆକର୍ଷଣ**

- ସାଂସ୍କୃତିକ କାର୍ଯ୍ୟକ୍ରମ-
  ୧୫.୦୩.୨୦୧୯ : ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ ପାଢୀ
  ୧୬.୦୩.୨୦୧୯ : ସୌରଭ ନାୟକ, ପୁଷ୍ପା ଓ ଭଏସ୍ ଅଫ୍ ଓଡିଶା କଳାକାର
- ଖାଦ୍ୟପେୟ-
  ପାନ୍ଥନିବାସ ଓ ଅନ୍ୟମାନଙ୍କ ଦ୍ୱାରା ଆୟୋଜିତ ଫୁଡ୍ ଷ୍ଟଲ୍

ଆୟୋଜକ-
**ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର**
**(ହସ୍ତତନ୍ତ, ବସ୍ତ୍ର ଓ ହସ୍ତଶିଳ୍ପ ବିଭାଗ, ଓଡିଶା)**



**ଉତ୍କଳ ଗ୍ରାମୀଣ ବ୍ୟାଙ୍କ — ବନ୍ଧକ ସୁନା ନିଲାମ ବିଜ୍ଞପ୍ତି**
ଆଞ୍ଚଳିକ କାର୍ଯ୍ୟାଳୟ, ବାହାଦୁର ବଗିଚାପଡା, ଭବାନୀପାଟଣା, କଳାହାଣ୍ଡି, ମୋ- ୦୬୬୭୦- ୨୩୦୨୬୩

ଏହି ନୋଟିସ୍ ଦ୍ୱାରା ନିମ୍ନଲିଖିତ ସ୍ୱର୍ଣ୍ଣଋଣ ଗ୍ରହୀତା, ସେମାନଙ୍କର ଆଇନ ସମ୍ମତ ଉତ୍ତରାଧିକାରୀ, ସ୍ୱର୍ଣ୍ଣ ବ୍ୟବସାୟୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଋଣ ଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ଆସନ୍ତା **ତା୨୫.୩.୨୦୧୯ ରିଖ ସୋମବାର** ସୁଦ୍ଧା ସେମାନଙ୍କର ସମସ୍ତ ବକେୟା ଋଣ (ଋଣ ଖାତାରେ ପୈଠ ହେବା ପର୍ଯ୍ୟନ୍ତ ସମୂଳସୁଧ ଓ ଆନୁସଙ୍ଗିକ ଖର୍ଚ୍ଚ) ପରିଶୋଧ ନକରିନ୍ତି, ତାହା ହେଲେ **ଆସନ୍ତା ୨୬.୩.୨୦୧୯ ମଙ୍ଗଳବାର ଦିନ ୨ ଘଣ୍ଟା ସମୟଠାରୁ ନିମ୍ନୋକ୍ତ ଶାଖା ଗୁଡିକର ବ୍ୟାଙ୍କ** ଗୃହ ମଧ୍ୟରେ ସେମାନେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ପ୍ରକାଶ୍ୟ ନିଲାମ କରାଯିବ । ଋଣ ଗ୍ରହୀତାମାନଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ । ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଏଥିପାଇଁ ଟ. ୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର) ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ । ନିଲାମ ଡାକି କୌଣସି ବ୍ୟକ୍ତି ଯଦି ନିଲାମ ମୂଲ୍ୟ ବାବଦକୁ ସମସ୍ତ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଅକ୍ଷମ ହୁଅନ୍ତି, ତା ହେଲେ ତାଙ୍କର ଅମାନତ ସ୍ୱରୂପ ଜମା ରଖିଥିବା ଟଙ୍କା ବାଜ୍ୟାପ୍ତ କରାଯିବ । ନିଲାମ ଡାକିଥିବା ମୂଲ୍ୟ ଯଦି ଉପଯୁକ୍ତ ବିବେଚିତ ନହୁଏ, ତାହାହେଲେ କୌଣସି କାରଣ ନଦର୍ଶାଇ ସେହି ନିଲାମକୁ ନାକଚ କରିବାର କ୍ଷମତା ବ୍ୟାଙ୍କର ରହିଛି । ପ୍ରକାଶ ଥାଉକି, ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମ ତାରିଖକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ ।

| କ୍ର.ନଂ | ଋଣ ଗ୍ରହିତାଙ୍କ ନାମ | ସ୍ୱର୍ଣ୍ଣ ଋଣ ଖାତା ନଂ | ଋଣ ଗ୍ରହିତାଙ୍କ ଠିକଣା | ମୋଟ ସୁନାର ଓଜନ (ଗ୍ରାମରେ) Net Wt. (gm) |
|---|---|---|---|---|
| ଶାଖା- ରନମାଲ, ନିଲାମ ସ୍ଥାନ- କାଶିବାହାଲ | | | | |
| 1 | BALDEV NAIK | 84013107886 | S/O UGRE NAIK, RANMAL | 11.70 |
| 2 | SASHI KUMAR NAIK | 84020812505 | S/O ATRI NAIK, RANMAL | 7.75 |
| 3 | KUMAR RAM NAIK | 84022644373 | S/O BALDEV NAIK, RANMAL | 7.20 |
| 4 | BIJAY KUMAR MUND | 84004836445 | S/O RAGHUNATH, AREBEDA | 25.50 |
| ଶାଖା- ମ. ରାମପୁର, ନିଲାମ ସ୍ଥାନ- ମ. ରାମପୁର | | | | |
| 1 | PRASHANTH SAHU | 84007143617 | PANDKAMAL, M.RAMPUR | 10.92 |
| 2 | DEBASISH MOAHANTY | 84004363294 | M.RAMPUR | 51.45 |
| 3 | ACHUTANANDA MAHAKUDA | 84001416004 | M.RAMPUR | 52.20 |
| 4 | BIMBADHAR SAHU | 84007739889 | SAIDALANGA | 29.35 |
| ଶାଖା- ଦାଦପୁର , ନିଲାମ ସ୍ଥାନ- ଆଞ୍ଚଳିକ କାର୍ଯ୍ୟାଳୟ, ଭବାନୀପାଟଣା | | | | |
| 1 | ABHIRAM BISWAL | 84008364534 | SUHAGPUR | 9.55 |
| 2 | GANESH SUNA | 84008176652 | SUHAGPUR | 17.25 |
| ଶାଖା- ଲାଞ୍ଜିଗଡ ରୋଡ, ନିଲାମ ସ୍ଥାନ- ଲାଞ୍ଜିଗଡ ରୋଡ | | | | |
| 1 | CHAKRADHAR MAHAPATRA | 84009852780 | S/O NIRANJAN, LANJIGARH ROAD | 21.50 |
| 2 | DIGBIJAY DHAL | 84027420497 | S/o Lingaraj, Lanjigarh Road | 24.80 |
| 3 | KANOUJ KUMAR ROUT | 84010238776 | S/O PRAFULLA, LANJIGARH ROAD | 8.90 |
| 4 | PARAMANANDA PADHI | 84023634866 | S/o Harischandra, Lanjigarh Road | 14.80 |
| ଶାଖା- କାଶିବାହାଲ, ନିଲାମ ସ୍ଥାନ- କାଶିବାହାଲ | | | | |
| 1 | GANGADHAR NAG | 84009571232 | S/O ABHIMANYU, MAJUR SAHI | 12.00 |
| 2 | INDRAMANI CHANDI | 84007621970 | KASHIBAHAL | 18.00 |
| 3 | SURENDRA SABAR | 84011504841 | S/O BALABHADRA, TUNGAON | 20.00 |
| 4 | HEMAKANTA BANDICHHOD | 84012819895 | S/O MOTILAL, KASHIBAHAL | 17.00 |
| 5 | ARUN KUMAR SINGH | 84013079357 | S/O SIBA PRASAD, KASHIBAHAL | 4.00 |
| 6 | PUSTAM LAHAJAL | 84013308685 | KASHIBAHAL | 2.00 |
| 7 | AMIT KUMAR BEMAL | 84014952620 | S/O JANMEJAYA, GATBAND | 15.10 |
| 8 | AMIT KUMAR BEMAL | 84017010459 | S/O JANMEJAYA, GATBAND | 10.00 |
| ଶାଖା- ବଡକୁଟ୍ରୁ, ନିଲାମ ସ୍ଥାନ- କାଶିବାହାଲ | | | | |
| 1 | BAIKUNTHA CHHATRIA | 84005097387 | S/o Prahallad Barchhi, Badkutru | 6.50 |
| ଶାଖା- ପାଷ୍ଟିକୁଡି, ନିଲାମ ସ୍ଥାନ- ପାଷ୍ଟିକୁଡି | | | | |
| 1 | LALITA NAIK | 84001800488 | NASIGAON | 6.20 |
| ଶାଖା- ବୋରଦା, ନିଲାମ ସ୍ଥାନ- ଆଞ୍ଚଳିକ କାର୍ଯ୍ୟାଳୟ, ଭବାନୀପାଟଣା | | | | |
| 1 | RASIK PUTEL | 84008203032 | S/O PARAMANANDA, GOIKELA | 3.90 |
| 2 | MADHU HARIJAN | 84011330066 | S/O LABA, GURJUNG | 54.50 |
| 3 | NANDALAL HARIJAN | 84012371852 | S/O DUKHALU, AJARAI | 32.00 |

ତା. ୧୪.୩.୨୦୧୯ — (ଆଞ୍ଚଳିକ ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ, ଭବାନୀପାଟଣା)


See Career Appointment on every Wednesday & Saturday



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ ବେକନ



## ସଂକ୍ଷେପରେ

### ଭାଜପାର ବୈଠକ, ଯୋଗଦେଲେ ୬ ପଞ୍ଚାୟତର କର୍ମକର୍ତ୍ତା

**ଦେବଗଡ଼, ୧୪।୩ (ସ୍ୱ.ପ୍ର.)-** ଦେବଗଡ ଜିଲା ତିଲେଇବଣି ବ୍ଲକର ଲଇମୁରା ଅଞ୍ଚଳର ୬ ପଞ୍ଚାୟତର ଭାଜପା କର୍ମକର୍ତ୍ତାଙ୍କୁ ନେଇ ଆସନ୍ତା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ପରିପ୍ରେକ୍ଷୀରେ ସ୍ଥାନୀୟ ସ୍ୱରୁପା ଗ୍ରାମର ଆମ୍ବତୋଟାଠାରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ସଙ୍ଗଠନକୁ ମଜଭୁତ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ଉଦ୍‌ବୋଧନ ଦେଇଥିଲେ। ସେହିପରି ତିଲେଇବଣି ମଣ୍ଡଳ ବ୍ଲକ ସଭାପତି କିଶୋର ବେହେରା, ସମ୍ପାଦକ ଧରଣୀ ସାହୁ, ଅକାଲୁ ଧଳ, ନଗର ସଭାପତି ରମଣି ଦାଶ, ଉପ ସଭାପତି ବିରଞ୍ଚି ବେହେରା, ବରିଷ୍ଠ କାର୍ଯ୍ୟକର୍ତ୍ତା ପରମେଶ୍ୱର ସାହୁ, ସନ୍ତୋଷ ଭୂତିଆ, ନଗର ଓବିସି ସଭାପତି ଚନ୍ଦ୍ର ଶେଖର ମହାପାତ୍ରଙ୍କ ସମେତ ୬ ପଞ୍ଚାୟତର ଭାଜପା ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଭାଜପା କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

### ଅନନ୍ତ ବିଜେଡି ସାଧାରଣ ସମ୍ପାଦକ

**ଭୁବନେଶ୍ୱର, ୧୪।୩ (ବ୍ୟୁରୋ)-** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନନ୍ତ ନାରାୟଣ ଜେନାଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ତାଙ୍କୁ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଏବଂ କେନ୍ଦୁଝର ଜିଲା ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପାରାଦୀପ ପୌରପାଳିକାର ପୂର୍ବତନ ଅଧକ୍ଷ ଗୋବିନ୍ଦ ତରାଇଙ୍କ ନିଲମ୍ବନ ଆଦେଶକୁ ଦଳର ସଭାପତି ପ୍ରତ୍ୟାହାର କରିଛନ୍ତି। ଉପରୋକ୍ତ ଦୁଇଟି ଦଳୀୟ ନିଯୁକ୍ତି ନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଗୁରୁବାର ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

### ମହିଳାଙ୍କ ହତ୍ୟା ମାମଲାରେ ଟେର ପାଉନି ପୋଲିସ
### ୨ ଯୁବକଙ୍କୁ ଜେରା ପରେ ଛାଡ଼ିଦେଲା

**ବାମରା, ୧୪।୩ (ସ୍ୱ.ପ୍ର.)-** ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ପିଣ୍ଡାପଦରରେ ଜଣେ ମହିଳାଙ୍କୁ ହତ୍ୟା ଘଟଣାର ୨୦ ଦିନ ବିତି ଯାଇଛି। ପୋଲିସ କିନ୍ତୁ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସୁରାକ ପାଇ ପାରୁନି। ଏହି ଘଟଣାରେ ପିଣ୍ଡାପଥର ଓ ଘୋଘର ଗ୍ରାମର ୨ଜଣ ଯୁବକଙ୍କୁ ସନ୍ଦେହରେ ୧୦ଦିନ ଧରି ଜେରା କରିଥିଲେ ମଧ କୌଣସି ସୁଫଳ ମିଳିନି। ଶେଷରେ ଉଭୟଙ୍କୁ ପୋଲିସ ଛାଡି ଦେଇଛି। ଫେବୃୟାରୀ ୧୯ ତାରିଖ ପିଣ୍ଡାପଥର ଗ୍ରାମର ସଞ୍ଜୁ ବାଘ (୩୫) ନିଜ ଘରୁ ନିଖୋଜ ଥିଲେ। ୨୩ ତାରିଖ ତାଙ୍କ ମୃତଦେହ ଗାଁ ମୁଣ୍ଡ ବିଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରି ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏବେ କେବଳ ଅନ୍ଧାରରେ ବାଡି ବୁଲାଉଛି। ତେବେ ଥାନା ଅଧିକାରୀ ପ୍ରତାପ ରଣା କହିଛନ୍ତି ଯେ, ତଦନ୍ତ ଚାଲିଛି। ଶୀଘ୍ର ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯିବ।

### ଏବେଠୁ ଜଳସଙ୍କଟ

**ରିଷିଡା, ୧୪।୩ (ଡି.ଏନ.ଏ.)** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ୩୮ ଡିଗ୍ରୀ ତାପମାତ୍ରା ରହୁଛି। ଲୋକ ସଂଖ୍ୟା ତୁଳନାରେ ଆବଶ୍ୟକ ନଳକୂପ ନ ଥିବା ଏବଂ ନଳକୂପରୁ କମ ଜଳ ବାହାରୁଥିବାରୁ ଜଳ ସଙ୍କଟ ଦେଖାଦେଇଛି।

# ତେଜୁଛି ମଦ ବିରୋଧୀ ଆନ୍ଦୋଳନ

## ■ ନିଶାମୁକ୍ତ ଦେବଗଡ଼ ପାଇଁ ସଚେତନତା ଶୋଭାଯାତ୍ରା

**ଦେବଗଡ଼, ୧୪।୩ (ସ୍ୱ.ପ୍ର)**

ଦେବଗଡ ଜିଲା କୋଣ ଅନୁକୋଣରେ ଛତୁଫୁଟିଲା ପରି କୁଚିଆ ମଦ ଦୋକାନ ଖୋଲାଯାଇଛି। ଯଦ୍ୱାରା କି ମହିଳାମାନେ ନିଜ ସ୍ୱାମୀ, ପୁତ୍ର ଓ ଅନ୍ୟ ମାନଙ୍କ ଦ୍ୱାରା ନାନା ପ୍ରକାର ଶୋଷିତ ହେବାରେ ଲାଗିଛନ୍ତି। ନିଜ ଛୁଆପିଲାଙ୍କ ଭବିଷ୍ୟତ ଚିନ୍ତା ବ୍ୟତୀତ ନିଜ ଘରର ଚୁଲି ରକ୍ଷା କରିବା ଅକ୍ଷମ ମଣୁଛନ୍ତି। ରାସ୍ତାଘାଟରେ ମଦ୍ୟପଙ୍କ ସଂଖ୍ୟା ବଢିବାରେ ଲାଗିଛି। ଘରର ମୁରବି ଘରର ଚାଉଳ ବିକ୍ରୀକରି ମଦ ପିଇବାକୁ ପଛଉ ନାହାନ୍ତି। ଜିଲାର ଉନ୍ନତି ହେବା ପରିବର୍ତ୍ତେ ଅବନତି ଘଟୁଛି। ଲୋକମାନେ ମଦ ପିଇବା ଦ୍ୱାରା ସ୍ୱାସ୍ଥ୍ୟ ଖରାପ ହେବା ସହ ଅକାଳ ମୃତ୍ୟୁ ହେଉଛି। ଫଳରେ ମହିଳାଙ୍କ ସୁରକ୍ଷା ପାଇଁ ଅବକାରୀ ବିଭାଗ କେତେ ଯତ୍ନଶୀଳ ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ବାରମ୍ବାର ଆନ୍ଦୋଳନ କରାଯାଉଥିଲେ ମଧ କୌଣସି ଫଳପ୍ରଦ



ଦେବଗଡ ଜିଲାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଘୋଷଣା ଦାବିରେ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ହେଉନାହିଁ। ଏହି ପରିପ୍ରେକ୍ଷୀରେ ଗୁରୁବାର ଆୟୋଜକ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଦେବଗଡ ଜିଲା ଶାଖା ପକ୍ଷରୁ ଜିଲାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଘୋଷଣା ଦାବିରେ ଜିଲାର କୋଣଅନୁକୋଣରୁ ବହୁସଂଖ୍ୟକ ମହିଳା ସ୍ଥାନୀୟ ଗୋପାଳଜୀଉ ମନ୍ଦିରରେ ଏକାଠି ହୋଇଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ମଦ ହଟାଓ ଓଡ଼ିଶା ବଞ୍ଚାଅ, ଏଥର ନିର୍ବାଚନର ରଣଧ୍ୱନୀ ମଦମୁକ୍ତ ଓଡିଶା ଏବଂ ନିଶା ନିବାରଣ ଆଇନ ୧୯୫୬ ଲାଗୁ କରିବ ଯିଏ ଆମରି ଭୋଟ ପାଇବ ସିଏ ବିଭିନ୍ନ ନାରାବାଜୀ ଦେଇଥିଲେ। ସଚେତନତା ଶୋଭାଯାତ୍ରା ପରେ ପୁରୁଣାଗଡସ୍ଥିତ ଓଲଟ ବରଗଛ ଛକଠାରେ ଏକ ଜନ ସମାବେଶ କରିଥିଲେ। ଆଗାମୀ ଦିନରେ ଜିଲା ପ୍ରଶାସନ ମଦ ଭାଟି ବନ୍ଦ ପାଇଁ କୌଣସି ଠୋସ୍ ପଦକ୍ଷେପ ନ ନିଅନ୍ତି, ତା'ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ। ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି। ପିବିଆଇ ସଙ୍ଗଠନର ରାଷ୍ଟ୍ରୀୟ ଆନ୍ଦୋଳନ ସଚିବ କେଦାର ନାଥ, ରାଜ୍ୟ ଆନ୍ଦୋଳନ ସଚିବ ଆଦିତ୍ୟ ପ୍ରସାଦ, ସର୍ବେଶର ବାରିକ, ଜିଲା ଆବାହକ ଡୋଳାକର ଭୋଇ, ହୀରାଧର ସାହୁ, ବିଶ୍ୱନାଥ ସ୍ୱାଇଁ, ସୁବାଷ ଚନ୍ଦ୍ର ବେହେରା, ରାଜକିଶୋର ସାହୁ, ନିରାକାର ପ୍ରଧାନ, ନବୀନ ଶଗଡିଆ, ଜଗନ୍ନାଥ ପେଣ୍ଠେଇ, ଜ୍ଞାନେନ୍ଦ୍ର ସାମଲଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବିତଙ୍କୁ ନେଇ ବିଜେଡି ରଣନୀତି ଉପରେ ନଜର

**ଭୁବନେଶ୍ୱର, ୧୪।୩ (ବ୍ୟୁରୋ)**

ବରିଷ୍ଠ ନେତା ଦାମୋଦର ରାଉତ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ତାଙ୍କ ପୁତ୍ର ସମ୍ବିତ ରାଉତରାୟଙ୍କୁ ପାରାଦୀପ ବିଧାନସଭା ଟିକେଟ ଦେଇ ଦାମଙ୍କ ଭାଜପା ଯୋଗଦାନକୁ ରୋକିବାକୁ ଉଦ୍ୟମ କରାଯାଇଥିଲା। ହେଲେ ତାହା ଏବେ ଫସର ଫାଟିଛି। କିଛିଦିନ ତଳୁ ଦାମଙ୍କ ଭାଜପାରେ ଯୋଗଦାନ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏମିତି କି ପୁତ୍ର ସମ୍ବିତ ଏବଂ କନ୍ୟାଙ୍କୁ ରାଜନୈତିକ ଥଇଥାନ କରାଯିବାର ବାର୍ତ୍ତା ମଧ ପ୍ରଦାନ କରାଯାଇଥିଲା। ହେଲେ ଦାମ ନିଜର ନିଷ୍ପତ୍ତି ପରିବର୍ତ୍ତନ କରି ନ ଥିଲେ। ତେଣୁ ବର୍ତ୍ତମାନ ସମ୍ବିତଙ୍କୁ ବିଜେଡି ନେଇ କେଉଁ ରଣନୀତି ଆପଣାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ପୂର୍ବ ନିର୍ଦ୍ଧାରିତ ଯୋଜନାନୁଯାୟୀ ଦାମ ବୁଧବାର ସନ୍ଧ୍ୟାରେ ଭାଜପାରେ ମିଶିବାର କାର୍ଯ୍ୟକ୍ରମ ଥିଲା। ହେଲେ ସ୍ତ୍ରୀ ଅସୁସ୍ଥ ଥିବାରୁ ଶେଷ ମୁହୂର୍ତ୍ତରେ ତାଙ୍କ ଦିଲ୍ଲୀ ଗସ୍ତ ବାତିଲ କରାଯାଇଥିଲା। ଏହା ପରେ ଗୁରୁବାର ପୂର୍ବାହ୍ନରୁ ଦାମଙ୍କ ପୁତ୍ର ସମ୍ବିତଙ୍କୁ ନବୀନ ନିବାସରୁ ଡକରା ଆସିଥିଲା। ସମ୍ବିତ ସେଠାରେ ଦଳର ଶୀର୍ଷ ନେତୃତ୍ୱଙ୍କୁ ଭେଟିଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ସମ୍ବିତ କହିଛନ୍ତି ଯେ, ବାପା ରାଜନୀତିରେ ସାଲିସ କରିବେ ନାହିଁ। ସେ ବାପ ହିସାବରେ ଯାହା କହିଛନ୍ତି, ତାହା ଗଣମାଧମରେ ପ୍ରକାଶ କରିବାକୁ ମୁଁ ବାଧ୍ୟ ନୁହେଁ। ପାରାଦୀପରୁ ପ୍ରାର୍ଥୀ ହେବା ନେଇ କୌଣସି ସୂଚନା ମିଳିନାହିଁ। ବିଜେଡିରେ ଅଛି ଏବଂ କାର୍ଯ୍ୟ କରୁଛି। ବାପା ଜଣେ ରାଜନୈତିକ ବ୍ୟକ୍ତି, ତାଙ୍କର ନିଷ୍ପତ୍ତି ନେବାର ଅଧିକାର ରହିଛି। ସେ(ଦାମ ରାଉତ) କେଉଁଥିରେ ଯୋଗ ଦେଲେ ସେ ନେଇ ତାଙ୍କର କୌଣସି ପ୍ରତିକ୍ରିୟା ଦେବାର ନାହିଁ ବୋଲି ସମ୍ବିତ କହିଛନ୍ତି। ସମ୍ବିତଙ୍କ ଏପରି ପଦକ୍ଷେପ ଉପରେ ଦାମ ମଧ ପ୍ରତିକ୍ରିୟା ରଖିଛନ୍ତି। ଦାମ କହିଛନ୍ତି ଯେ, ପୁଅ ପ୍ରାପ୍ତବୟସ୍କ। ତା'ର ନିଷ୍ପତ୍ତି ନେବାର ଅଧିକାର ରହିଛି। ମୁଁ କାହା ସଙ୍ଗେ ସାଲିସ କରିବି ନାହିଁ। ମୋର ଏକମାତ୍ର ଲକ୍ଷ୍ୟ ବିଜେଡି ଏବଂ ନବୀନ ପଟ୍ଟନାୟକଙ୍କୁ କ୍ଷମତାଚ୍ୟୁତ କରିବା। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ବିରୋଧରେ ଲଢେଇ ଜାରି ରଖିବି।

## ନନ୍ଦନକାନନର ନୂଆ ନିର୍ଦ୍ଦେଶକ

**ବାରଙ୍ଗ, ୧୪।୩ (ଡି.ଏନ୍.ଏ.)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନୂଆ ନିର୍ଦ୍ଦେଶକ ଭାବେ ଶଶୀ ପଲ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ସେ ଅତିରିକ୍ତ ପ୍ରଧାନ ବନ ସଂରକ୍ଷକ(ବନ୍ୟପ୍ରାଣୀ) ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ନନ୍ଦନକାନନ ନିର୍ଦ୍ଦେଶକ ଥିବା ଡ. ହରିଶଙ୍କର ଉପାଧ୍ୟାୟଙ୍କୁ ଜଙ୍ଗଲ ବିଭାଗ ଅଧୀନ କେନ୍ଦୁଲିପିକୁ ବଦଳି କରାଯାଇଛି। ସେ ମଧ ନିର୍ଦ୍ଦେଶକ ସହ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ପ୍ରାୟ ୧୦ମାସର ଦାୟିତ୍ୱ ପରେ ତାଙ୍କର ବଦଳି ହୋଇଛି। କିନ୍ତୁ ତାଙ୍କ ପୂର୍ବରୁ ଥିବା ସୁଦର୍ଶନ ପଣ୍ଡା ପ୍ରାୟ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱତନ୍ତ୍ର ଭାବେ ନନ୍ଦନକାନନ ନିର୍ଦ୍ଦେଶକ ପଦବୀରେ ରହିଥିଲେ। ଏହାପରଠୁ ନନ୍ଦନକାନନ ନିର୍ଦ୍ଦେଶକ ଦାୟିତ୍ୱରେ ଆସୁଥିବା ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱରେ ରଖାଯାଉଛି। ବୁଧବାର ନୂଆ ନିର୍ଦ୍ଦେଶକ ପଲ୍ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଅପରାହ୍ନରେ ନନ୍ଦନକାନନ ଆସିଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଏସିଏଫ୍ ଅଞ୍ଜନ କୁମାର ମହାନ୍ତି, ଏସିଏଫ୍ ଅମୂଲ୍ୟ କୁମାର ପରିଡ଼ାଙ୍କ ସହ ରେଞ୍ଜରମାନେ ଉପସ୍ଥିତ ଥିଲେ।

# ବିଶ୍ୱ କିଡ୍‌ନୀ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସମ୍ବଲପୁର, ୧୪।୩ (ବ୍ୟୁରୋ)**

ବିଶ୍ୱ କିଡ୍‌ନୀ ଦିବସ ଗୁରୁବାର ରାତିରେ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ପାଳିତ ହୋଇ ଯାଇଛି । ଆୟୋଜକ ଉତ୍କଣ୍ଠା କାର୍ଯ୍ୟକାରୀ ସଭାପତି ସଞ୍ଜୀବ କୁମାର ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି ଓ ବୁର୍ଲା ଭିମ୍‌ସାର ନିର୍ଦ୍ଦେଶ ପ୍ରଫେସର ପ୍ରକାଶ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ



ଗୁରୁବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ।

ପାଇଁ ଲଳିତା ମିଶ୍ର ଓ ରାଜକିଶୋରୀ କିଣ୍ଡୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ମୁକେଶ କର ଓ ଡା. ପ୍ରଜିତ ଶାଶ୍ୱତ ହୋତା କିଡ୍‌ନୀ ରୋଗର ନିରାକରଣ ଉପରେ ଆଲୋଚନା କରିଥିଲେ । ସାଧାରଣ ସମ୍ପାଦକ ଡା. ସଞ୍ଜୀବ କୁମାର ମିଶ୍ର ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜଳନ୍ଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ବିକ୍ରମ କେଶରୀ ସାହୁ, ବୃନ୍ଦାବନ କାଣ୍ଡୋ, ବିହାରୀ କାଣ୍ଡୋ, ଲିଜା ସାହୁ, ରୀନା ଟେଟେ, ସୁମେଶ ନାଗ, ଡା. ରାଜେନ୍ଦ୍ର ପଣ୍ଡା, ମିଳନ ନାୟକ, ସରୋଜ ଧଳ, ଅରୁଣାକ୍ଷ ପ୍ରଧାନ, ଆଶିଷ ପତି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନାମ ପଞ୍ଜୀକରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ମରଣ, ପିତା ଡିଉଣ,**
**ନ ମିଳେ ରଣ;**
**ଆଗେ ଦୁଃଖ ପଛେ ସୁଖ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅକୁ ମାରି ବୋହୂକୁ ଶିଖାନ୍ତି ।**

ଝିଅକୁ ଦଣ୍ଡଦେବା ଛଳରେ ବୋହୂକୁ ଶିକ୍ଷାଦେବା। ଅନେକ କ୍ଷେତ୍ରରେ ବୋହୂର ଦୈନନ୍ଦିନ ଚଳଣିକୁ ଶାଶୁଘର ଲୋକେ ନାପସନ୍ଦ କରିଥାନ୍ତି। ତା'ର ହାବଭାବ ତଥା ଚାଲିଚଳଣକୁ ନେଇ ଦେଖେଇ ଶିଖେଇ ନାନାକଥା କହିଥାନ୍ତି। କାଳେ ମୁହଁ ଉପରେ କହିଦେଲେ କଥାଟା ଖରାପ ହୋଇଯିବ ସେଲାଗି କଥାକୁ ସିଧା ନ କହି ଅନ୍ୟ ନାଁରେ ବାଆଁରେଇ କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସେଲ୍‌ଫି କର୍ଣ୍ଣର



@ ରମେଶ



@ ସୁଶୀଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

!! ଋଣ ଋଣ ଋଣ !!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



ତୁମେ ନିଜେ ଯେଉଁଭଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

ରେଢ଼ାଖୋଲ,୧୪।୩(ଡି.ଏନ.ଏ.)
ରେଢ଼ାଖୋଲ-ତ୍ରିବଣପୁର ରାସ୍ତାର କୁଶାପାଲି ଗ୍ରାମ ନିକଟରେ ଗୁରୁବାର ସକାଳ ୧୦ଟା ବେଳେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ସୋନପୁର ଜିଲା ସୁବଳୟା ଥାନା ଖଣ୍ଡହତା ଗ୍ରାମର ଶ୍ରୀଧର ନାୟକ (୩୫) ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳକୁ ଯାଇ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି.। ସୂଚନାଯୋଗ୍ୟ, ଶ୍ରୀଧର ଏକ ବାଇକ୍ ଯୋଗେ ରେଢ଼ାଖୋଲକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

### ଦୋକାନ ଆଗରୁ ବ୍ୟବସାୟୀଙ୍କ ସ୍କୁଟି ଚୋରି ଅଭିଯୋଗ

ରେଢ଼ାଖୋଲ୧୪।୩(ଡି.ଏନ.ଏ.)
ରେଢ଼ାଖୋଲ ସହରର ଖନ୍ଦାଡ଼ିପ ସାହିର କିଶୋର ସ୍ୱାଇଁ ନାମକ ଜଣେ ବ୍ୟବସାୟୀଙ୍କ ଏକ ସ୍କୁଟି (ହୋଣ୍ଡା ଆଭିଏଟର) ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ କିଶୋର ପ୍ରତିଦିନ ପରି ଗୁରୁବାର ସକାଳୁ ତାଙ୍କ ସ୍କୁଟି (ନଂ. ଓଆର ୧୫ଇ ୨୯୬୬)ରେ ଦୋକାନକୁ ବାହାରିଥିଲେ। ଦୋକାନ ସମ୍ମୁଖରେ ଗାଡ଼ିକୁ ରଖି ଦୋକାନ ଖୋଲି ଥିଲେ। ହେଲେ ସ୍କୁଟିରୁ ଚାବି ଆଣିବାକୁ ଭୁଲି ଯାଇଥିଲେ। ମଧ୍ୟାହ୍ନରେ ଦୋକାନ ବନ୍ଦ କରି ଖାଇବାକୁ ବାହାରିବା ବେଳେ ସ୍କୁଟି ନ ଥିବା ଦେଖିଥିଲେ। ଏହାପରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ରେଢ଼ାଖୋଲ ସହରରେ ମୋଟର ସାଇକେଲ ଡିକିରୁ ଟଙ୍କା ଲୁଟ୍ ଓ ସ୍କୁଟି, ମୋଟରସାଇକେଲ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ପୋଲିସରେ ଏଭଳି ଅଭିଯୋଗ ମଧ ବାରମ୍ବାର ହେଉଛି। ହେଲେ ପୋଲିସ ଏ ପର୍ଯ୍ୟନ୍ତ ଜଣକୁ ବି ଧରିବାରେ ସକ୍ଷମ ହୋଇନାହିଁ।

### ହୋଟେଲରୁ ଶିଶୁ ଶ୍ରମିକ ଉଦ୍ଧାର

ସମ୍ବଲପୁର,୧୪।୩(ବ୍ୟୁରୋ)
ସମ୍ବଲପୁର ଧନୁପାଲି ଥାନା ପୋଲିସ ଦେବଗଡ ରାସ୍ତାରେ ଥିବା ସୁମନ ନାମକ ଏକ ହୋଟେଲରୁ ବୁଧବାର ଜଣେ ଶିଶୁ ଶ୍ରମିକ ଉଦ୍ଧାର କରିଛି। ଜିଲା ସହକାରୀ ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ନେତୃତ୍ୱରେ ଚାଇଲ୍ଡ ଲାଇନ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ହୋଟେଲ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି । ଜଣେ ନାବାଳକଙ୍କୁ କାହିଁକି ହୋଟେଲରେ କାମ କରାଯାଉଥିଲା ସେ ନେଇ ରିପୋର୍ଟ ଦେବାକୁ କୁହାଯାଇଛି । ଉଦ୍ଧାର ନାବାଳକଙ୍କୁ ପ୍ରଥମେ ସିଡବ୍ଲୁସିରେ ହାଜର କରାଯାଇ ପରେ ଛଚାନପାଲିସ୍ଥିତ ବାଳ ନିକେତନରେ ରଖାଯାଇଛି । ପରିବାର ବର୍ଗକୁ ଖବର ଦିଆଯାଇଛି । ସେମାନେ ଆସିଲେ ହସ୍ତାନ୍ତର କରାଯିବ । ହୋଟେଲ ମାଲିକ ସନ୍ତୋଷ ଜନକ ଉତ୍ତର ଦେଇ ନ ପାରିଲେ ଆଇନଗତ ପଦକ୍ଷେପ ନିଆଯିବ।

# କାଗଜପତ୍ର ଦେଖାଇ ନ ପାରି ପ୍ରଚାର ବେଳେ ହଟହଟା

- ନିର୍ବାଚନୀ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ
- ଗାଡି ନେଇ ଚମ୍ପଟ ମାରିଲେ ଡ୍ରାଇଭର
- ପୋଲିସ, ଅଧିକାରୀଙ୍କ ପ୍ରଶ୍ନରେ ନେତା ଝାଳନାଳ
- କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

ସମ୍ବଲପୁର,୧୪।୩ (ବ୍ୟୁରୋ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପରିସ୍ଥିତି ସରଗରମ ହୋଇ ପଡିଛି । ଦଳୀୟ ପ୍ରଚାରରେ ନେତାମାନେ ଦିନ ରାତି ଏକ କରି ଦେଉଛନ୍ତି । ହେଲେ ପ୍ରଚାର କରିବା ପାଇଁ ନିର୍ବାଚନରେ ଆଦର୍ଶ ଆଚରଣ ବିଧିକୁ ମଧ ଭୁଲି ଯାଇ ହଟହଟା ହେବାକୁ ପଡିଛି । ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୁମୁରା ବ୍ଲକରେ ଗୁରୁବାର ଭାଜପା ପକ୍ଷରୁ ପ୍ରଚାର ସମୟରେ ସହ ରିଟର୍ନିଂ ଅଫିସର ସୁକାନ୍ତ ନାୟକ, ସ୍ୱତନ୍ତ୍ର ସ୍କାଡ୍ ଅଧିକାରୀ ବ୍ୟୋମକେଶ ମିଶ୍ର, ଯୁଯୁମୁରା ପୋଲିସ ଅଧିକାରୀ ଡିଏସପି ସାର୍ଥକ ରାୟଙ୍କ ହାବୁଡରେ ପ୍ରଚାର ଗାଡି ପଡିଥିଲା । ଅଧିକାରୀମାନେ ନିର୍ବାଚନରେ ପ୍ରଚାର କରିବା ପାଇଁ ମିଳିଥିବା ଅନୁମତି ପତ୍ର ଦେଖାଇବାକୁ କହିଥିଲେ । ହେଲେ ଭାଜପା ନେତାମାନେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ପାରି ଝାଳନାଳ ହୋଇ ଯାଇଥିଲେ । ଏଭଳି ଯୁକ୍ତିତର୍କ ଚାଲୁଥିବା ସମୟରେ ଦଳୀୟ ପ୍ରଚାର ପାଇଁ ବ୍ୟବହାର ହେଉଥିବା ଗାଡି (ବୋଲେରୋ)କୁ ନେଇ ଡ୍ରାଇଭର ଚମ୍ପଟ ମାରିଥିଲେ। ପୋଲିସ କିଛି ଦୂର ଗୋଡାଇ ଧରି ନ ପାରିବାରୁ ଫେରି ଆସିଥିଲା । ଗାଡିକୁ ଧରିବା ଲାଗି ଡିଏସ୍‌ପି ରାୟ ଧମା ଥାନା, ଚାରମାଲ ଥାନା, ସଦର ଥାନାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କିଛି ସଫଳତା ମିଳିନି। ତେବେ ପ୍ରାୟ ୨୦ମିନିଟ ଧରି ଯୁକ୍ତିତର୍କ ହୋଇଥିଲା । ପ୍ରଚାର ଗାଡିକୁ ଥାନାରେ ହାଜର କଲାପରେ ଛଡା ଯିବ ବୋଲି କହି ନେତାମାନଙ୍କୁ ପୋଲିସ ଅଟକ ରଖିଥିଲା । ପରେ ସହ ରିଟର୍ନିଂ ଅଫିସର ନାୟକ ଯୁଯୁମୁରା ଥାନାରେ ଅଭିଯୋଗ କରି ରିଟର୍ନିଂ ଅଫିସର ରେଢ଼ାଖୋଲ ଉପଜିଲାପାଳଙ୍କୁ ଜଣାଇଥିଲେ । ପ୍ରଚାର ଗାଡିରେ ସାଉଣ୍ଡ ବଜାଇବା ରୁଟ୍ ଓ ପ୍ରଚାର କରିବା ପାଇଁ ଅନୁମତି କୌଣସି କାଗଜ ପତ୍ର ନ ଥିଲା । ଏହାସହ ବିନା ଅନୁମତିରେ ବିଭିନ୍ନ ଛକ ଗୁଡିକରେ ଅତ୍ୟଧିକ ସାଉଣ୍ଡ ଦେଇ ନେତାମାନେ ପ୍ରଚାର ପ୍ରସାର କରୁଥିଲେ ବୋଲି ଦର୍ଶାଯାଇଛି । ଏହି ସମସ୍ତ ଘଟଣାର ଭିଡିଓ ରେକର୍ଡ କରାଯାଇଛି । ନିର୍ବାଚନୀ ଖର୍ଚ୍ଚରେ ମଧ ଏହି ପ୍ରଚାର ପ୍ରସାରକୁ ଦର୍ଶାଯିବ ଓ ପରବର୍ତ୍ତୀ ପଦକ୍ଷେପ ରିଟର୍ନିଂ ଅଫିସର ନେବେ ବୋଲି ନାୟକ କହିଛନ୍ତି । ଏ ସମ୍ପର୍କରେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ କହିଛନ୍ତି ଯେ, ନିର୍ବାଚନ ଆଦର୍ଶ ନିର୍ବାଚନ ବିଧି ଉଲ୍ଲଂଘନ କରୁଥିବା ନେଇ ଅଧିକାରୀମାନେ ସେମାନଙ୍କୁ ଅଟକାଇଥିଲେ । ସେ ସମୟରେ ପାଖରେ କୌଣସି କାଗଜପତ୍ର ନ ଥିଲା । ସନ୍ଧ୍ୟାରେ କାଗଜ ପତ୍ର ଦାଖଲ କରାଯାଇଥିଲା।


ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୁମୁରା ବ୍ଲକରେ ଭାଜପା ପକ୍ଷରୁ ପ୍ରଚାର ବେଳେ ଅନୁମତି ନେଇ ନ ଥିବାରୁ ହଟହଟା ହେବା ପରେ ନେତା ଓ କର୍ମୀ ଝାଳନାଳ ହୋଇ ଠିଆ ହୋଇଛନ୍ତି।

### ଟାଙ୍ଗିଆ ଚୋଟରେ ପୁତୁରା ମୃତ୍ୟୁ ଘଟଣା

# ଜେଲ୍ ଗଲେ ଅଭିଯୁକ୍ତ କାକି, କାକା

ବାମରା, ୧୪।୩ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ କେସାଇବାହାଲ ପଞ୍ଚାୟତ ତଥା ମହୁଲପାଲି ଥାନା ଅନ୍ତର୍ଗତ ପାରିମୁଣ୍ଡା ନିକ୍ରିମାଲ ଭୂୟାଁପଡାରେ ଏକ ଦମ୍ପତି ତାଙ୍କ ପୁତୁରାଙ୍କୁ ହତ୍ୟା କରି ଶେଷରେ ଜେଲ ଯାଇଛନ୍ତି। ମଙ୍ଗଳବାର ରାତିରେ ପାଉଲୁସ ଖଡିଆ (୩୨)ଙ୍କୁ ତାଙ୍କ କାକା ପାତ୍ରିସ ଖଡିଆ ଓ କାକି ଉଲ୍ଲାସ ଖଡିଆ (୫୦) ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବୁଧବାର ଖଡିଆ ଦମ୍ପତିଙ୍କୁ ପୋଲିସ ଗିରଫ କରିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଗୁରୁବାର ଏହି ଦମ୍ପତିଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ମିଳି ନ ଥିଲା। ଏଣୁ ପୋଲିସ ଏ ଦୁହିଁଙ୍କୁ ଜେଲକୁ ପଠାଇ ଦେଇଛି।

ନିଃସନ୍ତାନ ଥିବା କାକା କାକିଙ୍କୁ ପାଉଲୁସ କମେଣ୍ଟ କରିଥିଲେ। ଏହାକୁ ନେଇ ତିନି ଜଣଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ସୀମା ଟପିଯାଇ କାକି ପାଉଲୁସଙ୍କ ଗୋଡକୁ ଧରିଥିଲେ। କାକା ଟାଙ୍ଗିଆରେ ହାଣି ଥିଲେ। ଫଳରେ ବେକ ଛିଣ୍ଡି ଯାଇ ରକ୍ତସ୍ରାବ ହେବାରୁ ଘଟଣା ସ୍ଥଳରେ ହିଁ ଭାଇଙ୍କ ମୃତ୍ୟୁ ଘଟିଥିଲା ବୋଲି ପାଉଲୁସଙ୍କ ଭଉଣୀ ଦ୍ରୌପଦୀ ଖଡିଆ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ।

# ରିଲେ ଅନଶନ ବନ୍ଦ ହେଲା

ସମ୍ବଲପୁର,୧୪।୩ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ସମ୍ବଲପୁର କଚେରି ଛକଠାରେ ଚାଲିଥିବା ଆମରଣ ଅନଶନ ଗୁରୁବାରଠାରୁ ସ୍ଥଗିତ ହୋଇଛି। ୧୧୫ତମ ଦିନରେ ଆମରଣ ଅନଶନରେ ସାମିଲ ହୋଇଥିବା ଶ୍ୟାମଳ କୁମାର ସାହା, ପ୍ରଦ୍ୟୁମ୍ନ ମୋହନ ଦାଶ, ଗୋପାଳ କୃଷ୍ଣ ପାଢ଼ୀ, ଶଶାଙ୍କ ଷଡଙ୍ଗୀଙ୍କୁ ଫଳ ରସ ଦେଇ ଅନଶନ ଭଙ୍ଗ କରାଯାଇଥିଲା । ଅପରପକ୍ଷେ କଚେରୀ ଛକଠାରେ ଜିଲା ଓକିଲ ସଂଘ କର୍ମକର୍ତ୍ତା ଓ ନାଗରିକ କ୍ରିୟାନୁଷ୍ଠାନ କମିଟି ସଭ୍ୟମାନେ ପିକେଟିଂ କରିଥିଲେ। ଫଳରେ ବିଚାରପତିମାନେ କାର୍ଯ୍ୟରେ ଯୋଗ ଦେଇ ନ ପାରି ଫେରି ଯାଇଥିଲେ ।

ସୂଚନାଯୋଗ୍ୟ, ବୁଧବାର ସମ୍ବଲପୁର ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ ବସିଥିଲା। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଆନ୍ଦୋଳନକୁ ସାମୟିକ ଭାବେ ୩ ମାସ ଲାଗି ସ୍ଥଗିତ ରଖା ଯାଇଛି। ମାର୍ଚ୍ଚ ୨୫ ତାରିଖଠାରୁ ସିଭିଲ କୋର୍ଟ ଓ ଅନ୍ୟାନ୍ୟ କୋର୍ଟ ଖୋଲାଯିବ। ଓକିଲମାନେ କେବଳ ଜରୁରୀ ମାମଲା ଉପରେ କାମ କରିବେ। ନୂତନ ସରକାର ଗଠନ ହେବା ପରେ ପଦକ୍ଷେପ ଗ୍ରହଣ ନ କଲେ ପୁଣି ପୂର୍ବଭଳି ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ହୋଇଛି।


ଗୁରୁବାର ସମ୍ବଲପୁର କଚେରି ଛକଠାରେ ଜିଲା ଓକିଲ ସଂଘ ଓ ନାଗରିକ କ୍ରିୟାନୁଷ୍ଠାନ କମିଟି ସଭ୍ୟମାନେ ବିଚାରପତିଙ୍କୁ କାର୍ଯ୍ୟରେ ଯୋଗ ନ ଦେବାକୁ ଅନୁରୋଧ କରୁଛନ୍ତି ।

# ଦ୍ୱିତୀୟ ରାଜ୍ୟ ପୋଲିସ ସୁଇମିଂ ଚାମ୍ପିୟନଶିପ୍

ସମ୍ବଲପୁର,୧୪।୩ (ବ୍ୟୁରୋ)

ଦ୍ୱିତୀୟ ରାଜ୍ୟ ପୋଲିସ ସୁଇମିଂ ଓ କ୍ରସକଣ୍ଟ୍ରି ଚାମ୍ପିୟନଶିପ୍-୨୦୧୯ ଗୁରୁବାର ସମ୍ବଲପୁର ଡା. ଝସକେତନ ସାହୁ ସୁଇମିଂ ପୁଲ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି । ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଏସ୍‌ପି ସଞ୍ଜୀବ ଅରୋରା ପ୍ରତିଯୋଗିତା ବିଷୟରେ ସୂଚନା ପ୍ରଦାନ କରିଥିଲେ । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୩ ଜଣ ସୁଇମିଂରେ ଓ ୧୦୭ ଜଣ କ୍ରସ୍‌କଣ୍ଟ୍ରି ଇଭେଣ୍ଟରେ ଭାଗ ନେଇଛନ୍ତି । ଉଦଘାଟନୀ ଦିବସରେ ୫୦ ମିଟର ବ୍ରେଷ୍ଟଷ୍ଟୋକ୍‌ରେ ସୁରେଶ ମିଞ୍ଜ ପ୍ରଥମ, କୁନା ବାଗ ଦ୍ୱିତୀୟ, ସୁଶାନ୍ତ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ୫୦ ମିଟର ବ୍ୟାକ ଷ୍ଟ୍ରୋକରେ ରୁଷଭ ସୁନା, ସୁଶୀଲ ଲାକ୍ରା, ଚିତ୍ତରଞ୍ଜନ ଜେନା, ୨୦୦ ମିଟର ଫ୍ରି ଷ୍ଟାଇଲରେ କିଶୋର ଲୁହା, ସୁଶୀଲ ଲାକ୍ରା, ମନୋଜ ବନଛୋର, ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ମିଞ୍ଜ, କୁନା ବାଗ, ମୋହନ ଭୋଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।


ଗୁରୁବାର ସମ୍ବଲପୁର ଡା. ଝସକେତନ ସାହୁ ସୁଇମିଂ ପୁଲ୍‌ରେ ପୁରସ୍କୃତ ପ୍ରତିଯୋଗୀମାନେ ।

### ଦୁର୍ଘଟଣାରେ ମା'ଙ୍କୁ ହରାଇଲେ ୮ ମାସର ଶିଶୁ କନ୍ୟା

ସମ୍ବଲପୁର,୧୪।୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଲଡୁଖାଇ ନିକଟରେ ଏକ ସଡକ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଅପରିଚିତ ମହିଳା ଭିମ୍ସାରରେ ଆଖି ବୁଜିଛନ୍ତି। ତାଙ୍କ ୮ ମାସର ଶିଶୁକନ୍ୟା ମା' ଛେଉଣ୍ଡ ହୋଇ ପଡିଛନ୍ତି। ପରିଚୟ ମିଳି ନ ଥିବାରୁ ପୋଲିସ ଚାଇଲ୍ଡଲାଇନକୁ ଶିଶୁକନ୍ୟାଙ୍କୁ ହସ୍ତାନ୍ତର କରିଛି । ଜିଲା ଶିଶୁ ସୁରକ୍ଷା ସମିତିରେ ହାଜର କରାଯାଇ ଶିଶୁକନ୍ୟାଙ୍କୁ ଛଚାନପାଲିସ୍ଥିତ ରୁକ୍ମିଣୀ ଲାଠ ବାଳ ନିକେତନରେ ରଖା ଯାଇଛି।

# ସୁପ୍ରିମକୋର୍ଟଙ୍କ ଆଦେଶ ପୁନଃବିଚାର କରାଯାଉ

ସମ୍ବଲପୁର, ୧୪।୩ (ବ୍ୟୁରୋ)

ସମ୍ବଲପୁର ଆରଡିସି ଅଫିସ ସମ୍ମୁଖରେ ଲୋକମୁକ୍ତି ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଆଦିବାସୀମାନେ ଜଙ୍ଗଲ ଜମି ଉଚ୍ଛେଦ ପାଇଁ ସୁପ୍ରିମ କୋର୍ଟ ଦେଇଥିବା ଆଦେଶକୁ ପୁନଃବିଚାର କରିବା ପାଇଁ ଦାବି କରିଛନ୍ତି । ସୁପ୍ରିମ କୋର୍ଟଙ୍କ ଆଦେଶ ପରେ ଓଡିଶାରେ ୧ଲକ୍ଷ ୪୫ ହଜାର ୫୬୭ ଆଦିବାସୀ ଓ ବନବାସୀ ପରିବାର ପ୍ରଭାବିତ ହୋଇଛନ୍ତି । ଆବାହନ କାଳରୁ ଆଦିବାସୀମାନେ ଜଙ୍ଗଲରେ ରହି ଆସୁଛନ୍ତି । ସେମାନଙ୍କୁ ଜମି ଦେବା ବଦଳରେ ଉଚ୍ଛେଦ କରାଯିବା ପାଇଁ ପ୍ରୟାସ କରାଯାଉଛି । ସରକାର ଜଙ୍ଗଲ ଜମି ଆଇନ ପ୍ରଣୟନ କରିଥିଲେ ମଧ କାର୍ଯ୍ୟକାରୀ କରାଯାଇ ନାହିଁ । ଫଳରେ ଗରିବ ଆଦିବାସୀମାନେ ଏବେ ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ସୁପ୍ରିମ କୋର୍ଟ ଦେଇଥିବା ରାୟ ଉପରେ ପୁନଃବିଚାର କରାଯାଉ । ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ପାଇଁ ଦାବିଗୁଡିକ ଜିଲାସ୍ତରୀୟ କମିଟି, ଉପଖଣ୍ଡୀୟସ୍ତରୀୟ କମିଟି ପାଖରେ ଖାରଜ ହୋଇ ପଡି ରହିଛି । ତେଣୁ ଆଇନ ଅନୁଯାୟୀ ଦାବିଦାରକୁ ସୂଚିତ କରାଯିବା ସହ ଗ୍ରାମସଭାରେ ପୁନଃବିଚାର କରାଯାଉ । ଉପଖଣ୍ଡିୟାୟସ୍ତରୀୟ କମିଟି ସ୍ତରରେ ପଡି ରହିଥିବା ଆବେଦନ ଜିଲାସ୍ତରୀୟ କମିଟିକୁ ପଠାଯାଉ । ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ୨୦୧୨ରୁ କାର୍ଯ୍ୟକାରୀ କରାଯାଉ ବୋଲି ଦାବି ରହିଛି । କେନ୍ଦ୍ରୀୟ ସଭାପତି କୃଷ୍ଣଚନ୍ଦ୍ର ମାଝି, ଉପଦେଷ୍ଟା ଅନନ୍ତ ପଣ୍ଡା, ସୁନିତା ହାରୋ, ବୈଜନ୍ତୀ ସେଠ, ଅଶୋକ ମାଝି, କୈଳାସ ପିଙ୍କ, ବିମଳା ଲାକ୍ରା, ସଞ୍ଜୟ ସାହୁ, ଭଜ ଗର୍ଡିଆ, କାଳିଆ ମୁଣ୍ଡା, ବିରଞ୍ଚ ନିଖଣ୍ଡିଆ, ଜନସନ ପୂର୍ତ୍ତି, ବିଜୁ ବାଗ, ମାଙ୍ଗରା ସାଙ୍ଗା, ପାତ୍ର ବାଗ ପ୍ରମୁଖ ରାଲିରେ ଉପସ୍ଥିତ ଥିଲେ ।


ଗୁରୁବାର ସମ୍ବଲପୁରରେ ଲୋକମୁକ୍ତି ସଂଗଠନର ରାଲି ବାହାରିଛି।

# ବିଜେଡିରେ ମିଶିଲେ ୩୨୦ଜଣ

ରେଙ୍ଗାଲି,୧୪।୩ (ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ମାରୱାଡି ହରିହର ଧର୍ମଶାଳାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଙ୍ଗାଲି ବ୍ଲକ ଜୋନ-୧ର ୮ଟି ପଞ୍ଚାୟତରୁ ଶତାଧିକ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ । ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁଙ୍କ ସଭାପତିତ୍ୱରେ ବିଜେଡିର ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସାଂସଦ ତଥା ପର୍ଯ୍ୟବେକ୍ଷକ ରବି ପାଣି ମୁଖ୍ୟଅତିଥି, ଝାରସୁଗୁଡା ବିଧାୟକ ନବକିଶୋର ଦାସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ଆଦର୍ଶ ତଥା ରାଜ୍ୟର ସର୍ବାଙ୍ଗିନ ଉନ୍ନତିରେ ଅନୁପ୍ରାଣିତ ହୋଇ ରେଙ୍ଗାଲି, ସାଲଡ, ଜଙ୍ଗଲା, ନିଶାନଭଙ୍ଗା, ଲପଙ୍ଗା, ଖଣ୍ଡା, ବୋମାଲୋଇ, ଘିଚାମୁରା ପଞ୍ଚାୟତର ୩୨୦ଜଣ ଭାଜପା କର୍ମୀ ଯୋଗ ଦେଇଥିଲେ । ରେଙ୍ଗାଲି ମଣ୍ଡଳର ଭାଜପା ପୂର୍ବତନ ସାଧାରଣ ସମ୍ପାଦକ ଯୁଧିଷ୍ଠିର ରୋହିଦାସ, ମଣ୍ଡଳ ଉପସଭାପତି ଲାଲପ୍ରଶାନ୍ତ ସିଂ, ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଦିନେଶ ଓରାମ, ପୂର୍ବ ଉପସଭାପତି ହମିତ ବୁଦ୍ଧିଆ, ପଞ୍ଚାୟତ ପ୍ରମୁଖ ସରୋଜ ଷଣ୍ଢ, ପୂର୍ବ ପଞ୍ଚାୟତ ପ୍ରମୁଖ ମହାବୀର ରୋହିଦାସ, ମହେନ୍ଦ୍ର ବାରିକ, ନେତ୍ରାନନ୍ଦ ରହଣା, ବୁତ ପ୍ରମୁଖ ଚନ୍ଦ୍ରକାନ୍ତ ଭୋଇ, ଚର୍ତୁଭୁଜ କୁମରା, ବଳରାମ ମେହେର, ଜଗଦୀଶ ପଧାନ ପ୍ରମୁଖଙ୍କ ନେତୃତ୍ୱରେ ୩୨୦ଜଣ ଭାଜପା କର୍ମୀ ଯୋଗ ଦେଇଥିଲେ। ବିଜେଡିର ଦେବେନ ପତି, ଶାନ୍ତାନୁ ହୋତା, ଶକ୍ତି ପଣ୍ଡା, ସୁଶାନ୍ତ ତନସନା, ରାଜୁ ମିଶ୍ର, ମୋତିଲାଲ ତନ୍ତି, କିରଣ ବେହେରା, ମହେନ୍ଦ୍ର ଓରାମ, ସତ୍ୟନାରାୟଣ ଅଗ୍ରୱାଲ, ଗାନ୍ଧୀ ବେହେରା, ପୂର୍ବତନ ଜିଲା ପରିଷଦ ଅଞ୍ଜଳି ପଧାନ, ଶଶିଭୂଷଣ ସାହୁ, କବିରାଜ ବଢ଼େଇ, ବୃନ୍ଦାବନ ସାହୁ ପ୍ରମୁଖଙ୍କ ସହ ଶତାଧିକ ବିଜେଡି କର୍ମୀ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ ।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଟ୍ରକ୍ ଚାପାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍,୧୪।୩**
ବରଗଡ଼ ସହରର ଭଟଲି ଛକ ନିକଟରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୯ଟାରେ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଚାଳକ ହେଲେ ଭଟଲି ଛକ ନିବାସୀ ଗୋପାଳ ଦାଶଙ୍କ ପୁଅ ଅଭିଷେକ ଦାଶ(୧୭) ବୋଲି ଜଣାପଡ଼ିଛି । ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି । ଅଭିଷେକ ଏକ ବାଇକ୍ (ନଂ.ଓଡ଼ି୧୭ଏଚ୍/୯୩୨୨) ଯୋଗେ ଘରକୁ ଫେରୁଥିବା ବେଳେ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା ।

### ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ

**ବରପାଲି, ୧୪।୩ (ଡି.ଏନ.ଏ):** ବରପାଲି ସହରର ଗଳିକନ୍ଦି ରାସ୍ତା ଉପରେ ଇଟା, ବାଲି, ଗେଟି ଆଦି ଘର ନିର୍ମାଣ ସାମଗ୍ରୀ ଗଦା ହୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଅନ୍ୟପଟେ ଦୋକାନୀ ରାସ୍ତା ଅବରୋଧ ସାଙ୍ଗକୁ ରାସ୍ତା ମଝିରେ ଉଠା ସାଇନବୋର୍ଡ ରଖୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି । ସେହିପରି ଡାକ୍ତରଖାନା ରାସ୍ତାରେ ଦୁଇ ଚକିଆ ଯାନ ରହୁଥିବାରୁ ଦୁର୍ଘଟଣା ଘଟୁଛି । ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

### ପାଇକମାଳ ନାଗରିକ କମିଟି ବୈଠକ

**ପାଇକମାଳ, ୧୪।୩(ଡି.ଏନ.ଏ):** ପାଇକମାଳ ଧର୍ମଶାଳା ପରିସରରେ ନାଗରିକ କମିଟିର ଏକ ବୈଠକ ସଭାପତି ମନୋଜ କୁମାର ତ୍ରିବେଦୀଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନାଗରିକ କମିଟି ସଭ୍ୟମାନଙ୍କ ଉପସ୍ଥିତିରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏଣୁ ନାଗରିକ କମିଟି ତରଫରୁ ଉକ୍ତ ସମସ୍ୟା ସମାଧାନ ନ କଲେ ମାର୍ଚ୍ଚ ମାସରେ ବିଦ୍ୟୁତ୍ ବିଲ ଆଦାୟକୁ ବିରୋଧ କରାଯାଇଛି ଓ ବିଦ୍ୟୁତ୍ ବିଲ୍ ପୈଠ ନ କରାଯିବା ପାଇଁ ନିଷ୍ପତି ନିଆଯାଇଛି ।



### ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସୋହେଲା,୧୪।୩(ଡି.ଏନ.ଏ):** ସୋହେଲା ବ୍ଲକ ଲୁହୁରାଚଟିଠାରେ ନବନିର୍ମିତ ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିଥିଲା । ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ସୁରେନ୍ଦ୍ର ଶତପଥୀ ପୂଜକ ଭାବେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଦାରା ମେହେର ଓ ତାଙ୍କ ସ୍ତ୍ରୀ କୁନ୍ତୀ ମେହେର ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗିରିଧାରୀ ମେହେରଙ୍କ ନେତୃତ୍ୱରେ ମୁନୁ ମେହେର, ଲୁରୁ ମେହେର, ଶ୍ରୀଧର ମେହେର, ଚଏତୁ ମେହେର, ମଙ୍ଗଳୁ ମେହେର, ଉଦେ ମେହେର ପ୍ରମୁଖ ସହଯୋଗ କରିଥିଲେ ।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଉଦ୍‌ଯାପିତ

**ଘଣ୍ଟାପଡା, ୧୪।୩ (ଡି.ଏନ.ଏ)**
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ସିଲେଟପଡା ଗ୍ରାମରେ ହରିଦ୍ୱାର ଶାନ୍ତିକୁଞ୍ଜଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ଚାଲିଥିବା ଗାୟତ୍ରୀ ପଞ୍ଚକୁଣ୍ଡୀୟ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ପୂର୍ଣ୍ଣାହୁତି ଦିବସରେ ଗାୟତ୍ରୀ ପରିବାର ତରଫରୁ ମନୋଜ ପ୍ରଧାନ ଓ ନଳିନୀ କଅଁରଙ୍କ ବିବାହ କରାଯାଇଥିଲା। ତିନି ଦିନ ଧରି ଚାଲିଥିବା ଗାୟତ୍ରୀ ଯଜ୍ଞର ପ୍ରଥମ ଦିବସରେ ଶ୍ରଦ୍ଧାଳୁ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ଦ୍ୱିତୀୟ ଦିବସରେ ଯଜ୍ଞର ଗର୍ଭଧାରଣ ସଂସ୍କାର, ମଣ୍ଡନ ସଂସ୍କାର ପରେ ଦୀପ ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ପ୍ରଜ୍ଞାପୁରାଣ ପ୍ରବଚନ ହୋଇଥିଲା । ଗୁରୁବାର ପୂର୍ଣ୍ଣାହୁତି ଦିବସରେ ବିବାହ ସଂସ୍କାର ଓ ୧୫ ପରିବାର ଦୀକ୍ଷା ସଂସ୍କାର ଦିଆଯାଇଥିଲା । ଉକ୍ତ ଯଜ୍ଞରେ ଧୋବା ପ୍ରଧାନ, ତୀର୍ଥବାସୀ ରଣା, ଗୁରୁ ରଣା, ଗୌତମ ରଣା, ଦିଲୀପ ସାହୁ ଓ କଣ୍ଟାମାଳ ଗାୟତ୍ରୀ ପରିବାର ସହଯୋଗ କରିଥିଲେ ।

### ରାଇସ ମିଲ୍ କରୁଛି ପ୍ରଦୂଷଣ

# ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ

**ବରଗଡ଼ ଅଫିସ୍,୧୪।୩**

ବରଗଡ଼ ଜିଲାରେ ଛତୁ ଫୁଟିବା ଭଳି ରାଇସ ମିଲ୍ ଗଢ଼ି ଉଠୁଛି । କେତେକ ରାଇସ ମିଲ ପ୍ରଦୂଷଣ ଆଇନ କାନୁନକୁ ମାନୁ ନ ଥିବା ଯୋଗୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରଦୂଷଣ ବଳୟରେ ରହୁଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ମଧ୍ୟ ସମ୍ପୃକ୍ତ ରାଇସ୍ ମିଲ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ । କେବଳ ନୋଟିସ ଜାରିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କାର୍ଯ୍ୟାନୁଷ୍ଠାନ ସୀମିତ ରହୁଥିବା ଦେଖିବାକୁ ମିଳୁଛି । ଗତ ଅଳ୍ପଦିନ ତଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଜିଲାର ଏକ ରାଇସ ମିଲକୁ ବନ୍ଦ ନୋଟିସ୍ ଜାରି କରିଥିଲା। ଅନୁରୂପ ଭାବେ ଜିଲାର ଜେ. ଶ୍ରୀଗିଡ଼ାସ୍ଥିତ ଆଉ ଏକ ରାଇସ ମିଲ ସୁବର୍ଣ୍ଣ ଫୁଡ୍ସ ପ୍ରଡ଼କ୍ଟସ୍‌କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ଘଟଣା ସାମ୍ନାକୁ ଆସିଛି ।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପତ୍ରସଂଖ୍ୟା- ୮୦୩ ତା- ୧୨/୩/୨୦୧୯ ଅନୁସାରେ, ଉପରୋକ୍ତ ରାଇସ ମିଲ୍ ଚଳାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦେଇଥିବା ଅନୁମତିର ଅବଧି ୨୦୨୦ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରହିଛି । ଅନୁମତି ପ୍ରଦାନ ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଯେଉଁ ସର୍ତ୍ତ ରଖିଥିଲା, ଉକ୍ତ ରାଇସ ମିଲ୍ କର୍ତ୍ତୃପକ୍ଷ ତାକୁ ଖିଲାପ କରିଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅଧିକାରୀ ଜାଣିବାକୁ ପାଇଥିଲେ। ଗତ ୧ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଆର୍.ଓ ଇଂ ଡି.କେ ଦାଶ ଏବଂ ଏଇଏସ ଡଃ ଏସ.ଏନ ପଣ୍ଡା ଉକ୍ତ ରାଇସ ମିଲ୍ ନିରୀକ୍ଷଣରେ ଯାଇଥିଲେ ଏବଂ ନିରୀକ୍ଷଣ ସମୟରେ ସେଠାରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା (ଇଟିପି) କାର୍ଯ୍ୟକ୍ଷମ ନ ଥିବା ଏବଂ ନିଷ୍କାସିତ ବର୍ଜ୍ୟବସ୍ତୁ ପାଖ ଜମିକୁ ଯାଉଥିବା ଦେଖିବାକୁ ମିଳିଥିଲା। ଫଳରେ ଏଭଳି ପ୍ରଦୂଷଣ ନିୟମର ଖିଲାପ ଯୋଗୁ ସମ୍ପୃକ୍ତ ରାଇସ ମିଲ୍‌କୁ କାହିଁକି ବନ୍ଦ ନୋଟିସ ଜାରି କରା ନ ଯିବ, ସେ ନେଇ ଚିଠି ଇସ୍ୟୁ ହେବାର ୧୫ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଧାରିତ ସମୟ ସୁଦ୍ଧା ସେ ନେଇ ସ୍ପଷ୍ଟୀକରଣ ନ ଦେଲେ, ଉକ୍ତ ମିଲ୍ ବିରୋଧରେ ବନ୍ଦ ନୋଟିସ ଜାରି କରାଯିବ ବୋଲି ମଧ୍ୟ ସୂଚାଇ ଦିଆଯାଇଛି । କାରଣ ଦର୍ଶାଅ ନୋଟିସର ନକଲ ବରଗଡ଼ ଜିଲାପାଳଙ୍କ ନିକଟକୁ ପଠାଯାଇଛି ।

## ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ସମ୍ବର୍ଦ୍ଧନା



ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି ।

**ସୋହେଲା,୧୪।୩(ଡି.ଏନ.ଏ)**

ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ ଅସୁସ୍ଥ ଥିବା ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ହେବା ପରେ ସେ ଗୁରୁବାର ବରଗଡ ଜିଲା ସୋହେଲାକୁ ଫେରିଛନ୍ତି। ଏହି ଅବସରରେ ଏନଏଚ୍-୬ର ଦଶମାଇଲ ଛକଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦଳୀୟ କର୍ମୀମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ଦୁର୍ଗାମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ସେଠାରେ ମନ୍ତ୍ରୀ ସିଂହ ମାଁଙ୍କୁ ଦର୍ଶନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ବିଜେଡି ଯୁବ ନେତା ସୁବ୍ରତ ସିଂହ, ଗଣତନ୍ତ୍ର ପଧାନ, କାର୍ତ୍ତିକ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରକାଶ ଥାଉକି, ମନ୍ତ୍ରୀ ସିଂହ କିଛିଦିନ ତଳେ ଆଜମା ଓ ଏସିଡିଟି ଯୋଗୁ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଗଲା ପରେ ବରଗଡ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା । ସେ ସୋହେଲା ଫେରୁଥିବା ବାଟରେ ନୟାଗଡଠାରେ ବୁଧବାର ରାତି ସାଢ଼େ ୯ଟାରେ ପୁଣି ଅସୁସ୍ଥ ହୋଇ ପଡିଥିଲେ । ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା । ଏବେ ସେ ସୁସ୍ଥ ଅଛନ୍ତି ।

### ଅତାବିରା ବିଜେଡିରେ ବଢ଼ୁଛି ବିଦ୍ରୋହ

# ସ୍ନେହାଙ୍ଗିନୀଙ୍କ ବିରୋଧରେ ବାହାରିଲେ କର୍ମୀ

**ବରଗଡ଼ ଅଫିସ୍,୧୪।୩**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ତାତି ସେଭଳି ବଢ଼ିବାରେ ଲାଗିଛି । ବରଗଡ଼ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀ ବିଜେଡ଼ିରେ ଦେଖାଯାଇଥିବା ବିଦ୍ରୋହ ଏବେ ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ଗୁରୁବାର ଏହି ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ଓ ଭେଡ଼େନ ବ୍ଲକ ସମେତ ଅତାବିରା ଏନଏସିର ଶତାଧିକ ଦଳୀୟ କର୍ମୀ ଓ ଯୁବକ ବାଇକ୍ ରାଲିରେ ବାହାରି ସ୍ଥାନୀୟ ବିଧାୟିକା ତଥା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିରୋଧରେ ନାରାବାଜି କରିଥିଲେ। ଅନ୍ୟପଟେ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ସପକ୍ଷରେ ସ୍ଲୋଗାନ ଦେଇ ଅତାବିରା ଓ ଭେଡ଼େନ ଅଞ୍ଚଳ ପରିକ୍ରମା କରିଥିଲେ । ଯୁବକମାନେ ଅତାବିରା ବ୍ଲକ ଗୋଡ଼ଭଗା ସମଲେଇ ମନ୍ଦିରରୁ ରେଙ୍ଗାଲିକ୍ୟାମ୍ପକୁ ଆସିଥିଲେ । ସେହିପରି ଭେଡ଼େନ ବ୍ଲକ ରେମଣ୍ଡା, ଥୁଆପାଲି ଅଞ୍ଚଳରୁ ମଧ୍ୟ ଯୁବକମାନେ ରେଙ୍ଗାଲିକ୍ୟାମ୍ପକୁ ଆସିଥିଲେ । ସେଠାରେ ଉଭୟ ବ୍ଲକର ଯୁବକ ତଥା ଦଳୀୟ କର୍ମୀମାନେ ଏକାଠି ହେବା ପରେ ଏକ ବାଇକ୍ ରାଲିରେ ଅତାବିରା ଦୁର୍ଗା ମନ୍ଦିର ସମ୍ମୁଖକୁ ଯାଇଥିଲେ । ସେଠାରେ ସ୍ନେହାଙ୍ଗିନୀଙ୍କ ବିରୋଧରେ କିଛି ସ୍ନେହାଙ୍ଗିନୀ ହଟାଅ, ଅତାବିରା ବଞ୍ଚାଅ ନାରାବାଜି କରିଥିଲେ । ବାଇକ୍ ରାଲିରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ କବିସୂର୍ଯ୍ୟ ପୁରୋହିତ, ପୂର୍ବତନ ଭେଡ଼େନ ବ୍ଲକ ଅଧ୍ୟକ୍ଷ କୃଷ୍ଣ କୁମାର ମହାନ୍ତି, ବଳରାମ ମିଶ୍ର, ସୁଶାନ୍ତ ପଣ୍ଡା, ସୁଧିର ସାହୁ, ମାନଭଞ୍ଜନ ମେଣ୍ଡଲି ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତେବେ ଏ ନେଇ ସ୍ନେହାଙ୍ଗିନୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲା । ମାତ୍ର ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ମତାମତ ମିଳି ପାରି ନ ଥିଲା । ଅନ୍ୟପଟେ ଅତାବିରା ବ୍ଲକ ବିଜେଡ଼ି ସଭାପତି ଲମ୍ବୋଦର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଗତ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ କିଛି ଅସନ୍ତୁଷ୍ଟ ଗୋଷ୍ଠୀ ସେଭଳି ଦଳ ବିରୋଧୀ କାମ କରିଥିଲେ। ମାତ୍ର ତାର କିଛି ଫରକ୍ ପଡ଼ି ନ ଥିଲା। ଏବେ ମଧ୍ୟ ସେହି ଗୋଷ୍ଠୀ ସେଭଳି ଦଳ ବିରୋଧୀ କାମରେ ବାହାରିଛନ୍ତି । ମାତ୍ର ତାହା ଦଳ ଉପରେ କିଛି ପ୍ରଭାବ ପକାଇ ପାରିବ ନାହିଁ । ମନ୍ତ୍ରୀ ଛୁରିଆ ଏହି ନିର୍ବାଚନ ମଣ୍ଡଳୀରୁ ପୁଣି ଟିକେଟ୍ ପାଇବେ ଏବଂ ନିର୍ବାଚିତ ହେବେ ବୋଲି ସେ କହିଥିଲେ । ଭେଡ଼େନ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କୁ ପଚାରିବାରୁ କହିଥିଲେ, ଯେଉଁମାନେ ବାଇକ୍ ରାଲିରେ ବାହାରିଥିଲେ, ସେମାନେ ବିଜେଡ଼ିର ପ୍ରାଥମିକ ସଦସ୍ୟ କିମ୍ବା କୌଣସି କାର୍ଯ୍ୟକର୍ତ୍ତା ନୁହନ୍ତି । ସେମାନେ ସବୁବେଳେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ମନ୍ତ୍ରୀ ଛୁରିଆଙ୍କ ବିକାଶଧାରା ପ୍ରତି ଈର୍ଷାନ୍ୱିତ ହୋଇ ବିରୋଧୀଙ୍କ କଥାରେ ପଡ଼ି ଷଡ଼ଜନ୍ତ୍ର ରଚନା କରୁଛନ୍ତି । ସେମାନେ ବହୁ ପୂର୍ବରୁ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ସାରିଛନ୍ତି । ସେମାନଙ୍କ ଏଭଳି କାର୍ଯ୍ୟ ସ୍ନେହାଙ୍ଗିନୀଙ୍କ ଲୋକପ୍ରିୟତାରେ କୌଣସି ପ୍ରଭାବ ପକାଇ ପାରିବ ନାହିଁ ।



ଅତାବିରାରେ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିରୋଧରେ ନାରାବାଜି କରାଯାଉଛି ।

## ଖବରଦାତାଙ୍କ ଆକ୍ରୋଶମୂଳକ ଗିରଫଦାରିକୁ ନିନ୍ଦା

**ବୌଦ୍ଧ, ୧୪।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ସାମ୍ବାଦିକ ସଂଘ ସଭାପତି ଆଦିତେଶ୍ୱର ମିଶ୍ର ଜମିଜମା ସମ୍ପର୍କିତ ତଥ୍ୟ ପାଇଁ ବୁଧବାର କଣ୍ଟାମାଳ ତହସିଲ ଅଫିସ୍‌କୁ ଯାଇଥିବାବେଳେ ସେଠାରେ ବିନା ଦୋଷରେ ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଇ ଜେଲ ପଠାଇଦିଆଯାଇଛି । ଏହି ଘଟଣା ପ୍ରଚାର ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଗୁରୁବାର ଜିଲା ସଂଘ କାର୍ଯ୍ୟାଳୟରେ ଉପସଭାପତି ରବିନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିନା ଦୋଷରେ ଖବରଦାତାଙ୍କୁ ଗିରଫ ଘଟଣାର ନିନ୍ଦା କରାଯିବା ସହିତ ମିଥ୍ୟା ଅଭିଯୋଗରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ଜିଲାପାଳ ବ୍ୟକ୍ତିଗତ ଭାବେ ତହସିଲଦାରଙ୍କ କାର୍ଯ୍ୟାଳୟର ସିସିଟିଭି ଫୁଟେଜ ଯାଞ୍ଚ କରିବା ପାଇଁ ଦାବି କରାଯାଇଥିଲା । ଏହାସହିତ ଉଭୟ ଥାନା ଅଧିକାରୀ ଓ ତହସିଲଦାରଙ୍କୁ ତୁରନ୍ତ ଜିଲାରୁ ଅନ୍ୟତ୍ର ବଦଳି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଉପଜିଲାପାଳଙ୍କ ଦ୍ୱାରା ଏହି ମାମଲାର ତଦନ୍ତ କରାଯିବାକୁ ଜିଲାପାଳ ସୀତାଂଶୁ କୁମାର ରାଉତ ସାମ୍ବାଦିକ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

## ରାମଚରିତ ମାନସ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ

**ଗାଇସିଲେଟ, ୧୪।୩ (ଡି.ଏନ.ଏ)**

**ଗାଇସିଲେଟ ବ୍ଲକ**

ଗାଇସିଲେଟ ବ୍ଲକ ଝାଙ୍କରପାଲି ଶ୍ରୀ ଲକ୍ଷ୍ମୀନାରାୟଣ ରାମ ଜାନକୀ ମଠ ମହନ୍ତ ସୁତୀକ୍ଷ୍ଣ ଦାସ ମହାରାଜ ଏବଂ ଗୋକୁଳାନନ୍ଦ ପଧାନଙ୍କ ଉଦ୍ୟମରେ ନବଦିନାତ୍ମକ ରାମଚରିତ ମାନସ ପାରାୟଣ ଓ ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଛି। ଏଥିରେ କିଶୋର ଚନ୍ଦ୍ର ପୁଟେଲ ଓ ତାଙ୍କ ସ୍ତ୍ରୀ ଯଶୋବନ୍ତୀ ପୁଟେଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ବିଶ୍ୱଶାନ୍ତି ମହାଯଜ୍ଞରେ ସୁନୀଲ ଅଗ୍ରୱାଲ ଓ ସ୍ତ୍ରୀ ଲକ୍ଷ୍ମୀ ଅଗ୍ରୱାଲ କର୍ତ୍ତା ଅଛନ୍ତି । ଏହି କାର୍ଯ୍ୟକ୍ରମରେ ଡମ୍ବରୁଗଡ ମହନ୍ତ ଗିରିବର ଦାସଜୀ ମହାରାଜ, ମହାମନ୍ତ୍ରଳେଶ୍ୱର ମହନ୍ତ ରାମସୁନ୍ଦରଜୀ ମହାରାଜ, ଯଜ୍ଞ ପରିଚାଳକ ମହନ୍ତ ଶ୍ରୀ ପରମାନନ୍ଦଜୀ ମହାରାଜ, ମହନ୍ତ ବଂଶୀଧରଜୀ ମହାରାଜ, ମହନ୍ତ କୌଶଳ କିଶୋର ଦାସଜୀ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ । ପରିଚାଳନା କମିଟିର ଲେକୃ ପୁଟେଲ, ଗୁରଦେବ ନାଏକ, ରବିଚନ୍ଦ୍ର ଭୋଇ ତଥା ଅଞ୍ଚଳବାସୀ ସହଯୋଗ କରୁଛନ୍ତି । ବେଲପଡା ରାମଜୀ ମଠ ମହନ୍ତ ଚିନ୍ମୟ ଦାସଜୀ ମହାରାଜ ସନ୍ଧ୍ୟାରେ ପ୍ରବଚନ ଦେଉଛନ୍ତି ।



ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।

### ଦ୍ୱାଦଶ ସ୍କନ୍ଦ ଭାଗବତ ପାରାୟଣ

**ଘଣ୍ଟାପଡା,୧୪।୩(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଛକ ଦୁର୍ଗାପୂଜା ମଣ୍ଡପରେ ଶ୍ରୀରାମ ଚରିତ ମାନସ ଭକ୍ତମାନଙ୍କ ପକ୍ଷରୁ ଦ୍ୱାଦଶ ସ୍କନ୍ଦ ଭାଗବତ ପାରାୟଣ ଗୁରୁବାର ଆରମ୍ଭ ହୋଇଛି । ଏହି ଅବସରରେ ସକାଳ ୮ଟାରେ ସମ୍ପାଦକ ଦାମୋଦର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମହିଳାମାନେ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ସନତ କୁମାର ମିଶ୍ର ଓ ରଘୁନାଥ ମହାପାତ୍ର ପୂଜା ଓ ଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ ମନ୍ଦିର ପୂଜକ ଆନନ୍ଦ ପାଢୀ ସହଯୋଗ କରିଥିଲେ। ସୁବର୍ଣ୍ଣପୁର ଜିଲା ଅଇଁଲାସାରୀ ଗ୍ରାମର ଶୁଭମ ପାଣିଗ୍ରାହୀ ବ୍ୟାସ ଭାବେ ଭାଗବତ ପାରାୟଣ ପାଠ କରିଥିଲେ। ସନ୍ଧ୍ୟାରେ ଭୁବନେଶ୍ୱରରୁ ଆସିଥିବା ଉମାକାନ୍ତ ମହାପାତ୍ର (ମାନସ କଳ୍ପତରୁ) ମୁଖ୍ୟ ପ୍ରବଚକ ଭାବେ ଦ୍ୱାଦଶ ସ୍କନ୍ଦ ଭାଗବତ କଥାମୃତ ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସଭାପତି ସନ୍ତୋଷ କୁମାର ବିଶି, ସମ୍ପାଦକ ଦାମୋଦର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରାଫିକ ସଂଯୋଜକ ସମ୍ବର୍ଦ୍ଧିତ

**ବରଗଡ଼ ଅଫିସ୍,୧୪।୩**
ବରଗଡ଼ ଜିଲା ସୋହେଲା ବ୍ଲକ ପଣ୍ଡକିପାଲି ମନ୍ଦିର ପ୍ରତିଷ୍ଠା ସମାରୋହ ଅବସରରେ ଜଳନ୍ଧର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ ଦରବାରରେ ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜଳନ୍ଧର ମହାରାଜ ଭୋସାଗରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଭୋସାଗର ତାଙ୍କ ଅଭିଭାଷଣରେ ଉପସ୍ଥିତ ଜନତାଙ୍କୁ ଟ୍ରାଫିକ ସଚେତନତାର ବାର୍ତ୍ତା ଦେଇଥିଲେ ।



ଜଳନ୍ଧର ମହାରାଜ ଟ୍ରାଫିକ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

### ମାଣ୍ଡିଆଡ଼ିପା ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପିତ

**ପାଇକମାଳ, ୧୪।୩(ଡି.ଏନ.ଏ)**

ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡିଆଡ଼ିପା ଗ୍ରାମରେ ଷଷ୍ଠ ବର୍ଷ ଧନୁଯାତ୍ରା ମହୋତ୍ସବ ପାଇଁ ଗୁରୁବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି । କମିଟିର ମୁଖ୍ୟ ଉପଦେଷ୍ଟା ତଥା ଗ୍ରାମର ଗୌନ୍ତିଆ ରାଜକିଶୋର ସାହୁ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ସାହୁ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ । ପୁରୋହିତ ଅମ୍ବିକାଶ ତ୍ରିପାଠୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଏ ନେଇ ଗୋପବନ୍ଧୁ ସାହୁଙ୍କୁ କଂସ, ଚନ୍ଦନ ଥପା ଓ ସଞ୍ଜୀବ ଚନ୍ଦନଙ୍କୁ କୃଷ୍ଣ ଓ ବଳରାମ ଏବଂ କୁବେର ଗିରି ସାହୁଙ୍କୁ ଅକ୍ରୂର ଭାବେ ବରଣ କରାଯାଇଥିଲା । ଆସନ୍ତା ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଏହି ଧନୁଯାତ୍ରା ମହୋତ୍ସବ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା । କମିଟି ସଭାପତି ଡୋଲାମଣି ମାହାରା, କାର୍ଯ୍ୟକାରୀ ସଭାପତି ମୋତିଲାଲ ସାହୁ, ସମ୍ପାଦକ କ୍ଷୀରସାଗର ବରିହା, ଭାଗବତ ପଟେଲ, ହରିଶଙ୍କର ସାହୁ, ଶୁଭ କନ୍ଦା, ଦୁର୍ଯ୍ୟୋଧନ ସାହୁ, ଜଗନ୍ନାଥ ଥପା ପ୍ରମୁଖ ସହଯୋଗ କରିଥିଲେ ।



ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

### ବର୍ଷାରେ ଘର ଭାଂଗବାର ୩ ବଛର ହେଲା

# କୃଷ୍ଣ ଲାଗି ସାତସପନ ହେଇଛେ ଆବାସ ଯୋଜନା

**ଅତାବିରା, ୧୪।୩ (ଡି.ଏନ.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ ଦୁଖିକୁ ଆବାସ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ଥାନୀୟ ପରଶାସନର ଭୁଲଭଟକା ଆର ତଦଁତ ଲାଗି ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଛନ୍। ଯେନ୍‌ମାନେ ଥିଲାବାଲା, ପକାଘର ଅଛେ ସେମାନକୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ମୋ କୁଡ଼ିଆ, ଇନ୍ଦିରା ଆବାସ ଘର ମିଲୁଛେ। ହେଲେ ବହୁତ ଜାଗାରେ ନିହାତି ଗରିବ୍ ଦୁଖିକୁ ଇ ସରକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଛନ୍। ଯେନ୍‌ଥିରଲାଗି ଉପେ ଶୂଇନ୍ ହେଇ ସେମାନେ ବଛର ବଛର ଧରି ଖୁଲା ଆକାଶ ତଲେ ଜୀବନ ବିତଉଛନ୍। ଏନ୍‌ତା ଗୁଟେ ଉଦାହରନ ଦେଖବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ ଉଦେପୁର ଗାଁର କୃଷ୍ଣ ବନଛୁରକଁର ପରିବାରରେ। କୃଷ୍ଣକଁର ପରିବାର କହେଲେ ମାଏକିନା ଭାର(୬୫), ପୁଓ ପଦ୍ମନ(୪୦), ବହ ପଦ୍ମିନୀ(୨୯), ନାତି ଅମନ(୧୦) ଆର ଅନୀଲ(୮)କେ ନେଇ ପରିବାର। ଜମି ବଏଲେ ୧ ଏକର ୩୦ ଡିସିମିଲ। ୩ ବଛର ହେଲା ବର୍ଷା ପାଏନ୍‌ରେ ଘର ଭାଂଗିଯାଇଛେ। ଘରେ ଅଭାବ ଅନାଟନ ଲାଗି ରହିଛେ, ଯେନ୍‌ଥିରଲାଗି କୃଷ୍ଣ ଘର ତିଆରି ନାଇଁପାରବାର। ଉପେ ଶୂଇନ୍ ହେଇ ସେ ଉଦେପୁରରେ ଗୁଟେ କୁଡିଆରେ ରହୁଛନ୍। ସେନ୍‌ତା ପରିବାରର ବାକି ଲୋକ୍ ଘର ଅଭାବୁ ମାନପୁର ଯାଇ ଉନିଆ ଲୁକ୍‌କର ଘରେ ଆଶ୍ରେ ନେଇଛନ୍। ପରିବାରକେ ମିଲୁଥିବାର ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ୩୦ କେ.ଜି. ଟଁକାକିଆ ଚାଉଲ, ଅଢ଼େ ଲିଟର କିରାସିନ ଆର କୃଷ୍ଣ ପାଉଥିବାର ବୁଢ଼ାବୁଢ଼ି ଭତା। ହେଲେ କୃଷ୍ଣ ସରକାରୀ ଯୋଜନାରେ ପକାଘର ଖଁଡ଼େ ପାଏବାର ଲାଗି ପଁଚେତ୍‌ନୁ ମୂଳ କରି ବ୍ଲକ ତକ୍ ଗୁହାରି କରି ଥକିଗଲେନ। ଶେଷେ ବରଗଡ଼ ଜିଲାପାଳକୁଁ ଯାଇ ଗୁହାରି କରମି ବଲି ତାହାକୁ ପଚରାଲାରୁ କହିଥିଲେ। ଇ ଗରିବ ପରିବାର ଉପରେ ଜିଲା ପରଶାସନ ଆର ଥାନୀୟ ପରଶାସନ ଦୁରୁଷ୍‌ଟି ଦେଇ ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଭେଡ଼େନ ବ୍ଲକ ବିଡିଓ ମୂରଲୀଧର ନାୟକକୁଁ ପଚରାଲାରୁ ଆବାସ ଘର ଯୁଗେଇ ଦେବାକେ ଜିଲାପାଳକୁଁ କହିଛେଁ। ଆବାସ ଘର ଆଏଲେ ନିହାତି ଭାବେ ହକ୍‌ଦାର ହିତାଧିକାରୀମାନକୁ ଦିଆଯିବା ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଦେଶଭଟିଲି ପଁଚେତ୍‌ର ନିର୍ବାହୀ ଅଧିକାରୀ ପ୍ରମୋଦ ଦାଶକୁଁ ପଚରାଲାରୁ ଯଦି ତାକର ନାଁ ତାଲିକାରେ ଥିବା ସେ ନିହାତି ପାଏବେ। ହେଲେ ସିରିଏଲ ହିସାବେ ଦିଆଯାଉଛେ ତାକର ନମ୍ବର ଆଏଲେ ଘର ଯୁଗେଇ ଦିଆଯିବା ବଲି ସେ କହିଥିଲେ।



କୃଷ୍ଣ ବନଛୁର।

# ବଢ଼ୁଛି ସସ୍‌ପେନ୍ସ

ଦୀନେଶ ଦାସ
ଓଡ଼ାପଡ଼ା, ୧୪।୩

ଢେଙ୍କାନାଳ ଜିଲାର ଅନ୍ୟତମ ପ୍ରମୁଖ ନିର୍ବାଚନମଣ୍ଡଳୀ ହେଉଛି ହିନ୍ଦୋଳ। ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଏହି ବିଧାନସଭା କ୍ଷେତ୍ରର ଆଶାୟୀମାନେ ଆରମ୍ଭ କରିଛନ୍ତି ଅଙ୍କକଷା। ସମସ୍ତଙ୍କ ଲାଗି ଏବେ ଟିକେଟ ହାତେଇବା ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଆଶାୟୀଙ୍କ ସଂଖ୍ୟା ଦଳୀୟ ମୁଖିଆଙ୍କ ମୁଣ୍ଡବ୍ୟଥା ବଢ଼ାଇଥିବାବେଳେ କିଏ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବ କିଏ ବାଦ୍ ପଡ଼ିବ ତାକୁ ନେଇ ସସ୍‌ପେନ୍ସ ବଢ଼ିବାରେ ଲାଗିଛି।

ବିଜୁ ଜନତା ଦଳ (ବିଜେଡି) ପ୍ରତିଷ୍ଠା ହେବା ଦିନଠାରୁ ଏହି ଆସନକୁ ଦଖଲରେ ରଖି ଆସିଛି। ଚଳିତ ନିର୍ବାଚନରେ ମଧ୍ୟ ଗଡ଼ରକ୍ଷା କରିବାକୁ ରଣକୌଶଳ ପ୍ରସ୍ତୁତ କରୁଛି ଦଳ। ହେଲେ ଗତ ନିର୍ବାଚନଠାରୁ ଏବେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ଟିକେଟ ଦୌଡ଼ରେ ଡଜନେରୁ ଊର୍ଦ୍ଧ୍ୱ ଆଶାୟୀ ଅଛନ୍ତି। ସୀମାରାଣୀ ଦ୍ୱିତୀୟ ଥର ଟିକେଟ ପାଇବାକୁ ଆଶା ରଖିଥିବାବେଳେ ଏହା ସେତେଟା ସହଜ ହେବନାହିଁ ବୋଲି ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଏ ନେଇ ବିଧାୟିକା କୁହନ୍ତି, ସବୁ ଦୃଷ୍ଟିକୋଣରୁ ନିର୍ବାଚନ ଲାଗି ସେ ପ୍ରସ୍ତୁତ ଅଛନ୍ତି। ବିଜେଡି ସଭାପତିଙ୍କ ନିଷ୍ପତ୍ତି ଏବଂ ନିର୍ଦ୍ଦେଶ ଅନୁଯାୟୀ ସେ କାର୍ଯ୍ୟ କରିବେ। ଟିକେଟକୁ ନେଇ ଦ୍ୱନ୍ଦ୍ୱ ଛିଣ୍ଡୁ ନ ଥିବାବେଳେ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରାଙ୍କ ନାମ ଚର୍ଚ୍ଚାର ପରିସରକୁ ଆସିଛି। ସେ ବିଜେଡି ଟିକେଟରୁ ପୁଣିଥରେ ଭାଗ୍ୟ ପରୀକ୍ଷା କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଅଞ୍ଜଳି ୨୦୦୦ରୁ କ୍ରମାଗତ ୩ଥର ବିଜେଡିରୁ ଲଢ଼ି ବିଜୟୀ ହେବା ସହ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୨ ମିଡ୍‌ନାଇଟ ଅପରେଶନରେ ସନ୍ଦେହ ବଳୟକୁ ଆସିଥିବା ଅଞ୍ଜଳିଙ୍କୁ ୨୦୧୪ରେ ବିଜେଡି ଟିକେଟ ମିଳି ନ ଥିଲା। ସେ ସ୍ୱାଧୀନ ଭାବେ ଲଢ଼ି ମାତ୍ର ୧୨, ୩୦୪ ଖଣ୍ଡ ଭୋଟ ପାଇ ୪ର୍ଥ ସ୍ଥାନରେ ରହିଥିଲେ। ଏହା ପରେ ସେ ପୁଣି ବିଜେଡିରୁ ଟିକେଟ ପାଇବାକୁ ଲବି ଆରମ୍ଭ କରିଛନ୍ତି। ଏଥିରେ ବିଫଳ ହେଲେ ସେ ଅନ୍ୟ କୌଣସି ଦଳରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତେବେ ଅନ୍ୟ ଦଳରୁ ଲଢ଼ିବାକୁ ସିଧାସଳଖ ମନା କରିଛନ୍ତି ଅଞ୍ଜଳି। ଅଞ୍ଜଳି କୁହନ୍ତି, ସେ ବିଜେଡି ଟିକେଟ ଲାଗି ଆବେଦନ କରିଛନ୍ତି। ଟିକେଟ ମିଳିଲେ ସେ ନିର୍ବାଚନ ଲଢ଼ିବେ, ଯଦି ନ ମିଳେ ତା' ହେଲେ ଅନ୍ୟ କୌଣସି ଦଳରୁ କିମ୍ବା ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ପୂର୍ବତନ ଜିଲା ପରିଷଦ ସଭାନେତ୍ରୀ ରେବତୀ ବେହେରା, ଆଇନଜୀବୀ କବିତାଞ୍ଜଳି ବେହେରା, ନମିତା ନାଏକ ମଧ୍ୟ ବିଜେଡି ଟିକେଟ ଲାଗି ଜୋରସୋର୍ ଲବିରେ ଅଛନ୍ତି। ୨୦୦୯ ବିଧାନସଭା ନିର୍ବାଚନରେ ରେବତୀ କଂଗ୍ରେସରୁ ପ୍ରାର୍ଥୀ ହୋଇ ୪୫,୨୫୨ ଭୋଟ ପାଇ ୨ୟ ସ୍ଥାନରେ ଏବଂ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ନମିତା ୩୦,୯୭୮ ଭୋଟ୍ ପାଇ ୩ୟ ସ୍ଥାନରେ ରହିଥିଲେ। ଉଭୟେ କଂଗ୍ରେସ ଦଳରୁ ଆସି ବିଜେଡିରେ ମିଶିଛନ୍ତି। କବିତାଞ୍ଜଳି ୨୦୦୪ରୁ ବିଜେଡିରେ ଅଛନ୍ତି। ନିଜ ନିଜର ସଙ୍ଗଠନକୁ ନେଇ ସମସ୍ତେ ବିଜେଡି ଟିକେଟ ପାଇବା ଲାଗି ଆଶାବାଦୀ। ସେହିପରି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ତ୍ରିନାଥ ନାୟକଙ୍କ ଝିଅ ତଥା ଅଞ୍ଜଳି ବେହେରାଙ୍କ ଭଉଣୀ ସସ୍ମିତା ନାୟକ, ପୂର୍ବତନ କଂଗ୍ରେସ ବିଧାୟକ ରବିନାରାୟଣ ନାଏକ, ଢେଙ୍କାନାଳର ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, କୈଳାସ ନାଏକ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇଛନ୍ତି।

ଭାଜପା ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ନାମ ସୁନିଶ୍ଚିତ ମନେକରାଯାଉଛି। ଏ ନେଇ ସେ କହୁନ୍ତି, ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟ, ଲୋକସମ୍ପର୍କ ଏବଂ ଲୋକ ସମସ୍ୟାକୁ ନେଇ ସେ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ଭୋଟରେ ବିଜେଡିଠାରୁ ଭାଜପା ୭୦୦୦ରୁ ଊର୍ଦ୍ଧ୍ୱ ଭୋଟ ପାଇଛି। ଟିକେଟ ପାଇବା ଲାଗି ସେ ଶତପ୍ରତିଶତ ଆଶାବାଦୀ ଅଛନ୍ତି। ଚଳିତ ବିଧାନସଭା ନିର୍ବାଚନରେ ହିନ୍ଦୋଳ ବିଧାନସଭା କ୍ଷେତ୍ରରୁ ଭାଜପା ବିଜୟୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।ସେହିପରି କଂଗ୍ରେସରୁ ପୂର୍ବତନ ଜିଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ବାମଦେବ ନାଏକ, ଦିବାକର ନାଏକ ଆଶାୟୀ ଅଛନ୍ତି। ଏ ନେଇ ମମତାଞ୍ଜଳି କୁହନ୍ତି, ଟିକେଟ ପାଇବା ଲାଗି ସେ ଆବେଦନ କରିଛନ୍ତି। ତାଙ୍କ ସହ ଆଉ ୨ଜଣ ମଧ୍ୟ ଆଶାୟୀ ଅଛନ୍ତି। ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ସୀମାରାଣୀ ନାୟକ | ୮୪,୩୫୧ |
| ଭାଜପା | ଲକ୍ଷ୍ମୀଧର ବେହେରା | ୩୩,୮୫୨ |
| କଂଗ୍ରେସ | ନମିତା ନାଏକ | ୩୦,୯୭୮ |
| ସ୍ୱାଧୀନ | ଅଞ୍ଜଳି ବେହେରା | ୧୨,୩୦୪ |

## ନିର୍ବାଚନମଣ୍ଡଳୀ ରୂପରେଖ

ହିନ୍ଦୋଳ ବ୍ଲକ ଅଧୀନ ୩୬ ଏବଂ ଓଡ଼ାପଡ଼ା ବ୍ଲକ୍‌ର ୨୮ ପଞ୍ଚାୟତକୁ ନେଇ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଗଠିତ। ଏହି ବିଧାନସଭା ଆସନ ଅନୁସୂଚିତ ଜାତିବର୍ଗ ଲାଗି ସଂରକ୍ଷିତ ରହିଛି।

## ଭୋଟର ସଂଖ୍ୟା

| | |
|---|---|
| ମୋଟ ଭୋଟର | ୨,୪୯,୬୪୧ |
| ପୁରୁଷ | ୧,୩୦,୬୯୪ |
| ମହିଳା | ୧,୧୮,୧୪୬ |
| ସର୍ଭିସ ଭୋଟର | ୭୭୯ |
| ଅନ୍ୟାନ୍ୟ | ୨୨ |


ସୀମାରାଣୀ ନାୟକ


ରେବତୀ ବେହେରା


ଅଞ୍ଜଳି ବେହେରା


ଲକ୍ଷ୍ମୀଧର ବେହେରା


ମମତାଞ୍ଜଳି ବେହେରା


ନମିତା ନାୟକ


କବିତାଞ୍ଜଳି ବେହେରା

# ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି ଆଶାୟୀ

ମହେନ୍ଦ୍ର କୁମାର ସାହୁ
କୁଆଁରମୁଣ୍ଡା, ୧୪।୩

ଭୌଗୋଳିକ ଦୃଷ୍ଟିକୋଣରୁ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ସୁନ୍ଦରଗଡ଼ ଜିଲାର ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟକୁ ଲାଗିଛି। ଏହି ନିର୍ବାଚନମଣ୍ଡଳୀ ବୀରମିତ୍ରପୁର ପୌରପାଳିକା ସମେତ କୁଆଁରମୁଣ୍ଡା, ନୂଆଗାଁ ଓ ବିଶ୍ରା ବ୍ଲକକୁ ନେଇ ଗଠିତ। ରାଉରକେଲା ଓ ରଘୁନାଥପାଲୀ ନିର୍ବାଚନମଣ୍ଡଳୀକୁ ଲାଗିଥିବାରୁ ଏହି ଆସନ ପାଇଁ ରାଉରକେଲା ନେତାଙ୍କ ହସ୍ତକ୍ଷେପ ରହିଛି। ଆଗାମୀ ନିର୍ବାଚନ ଲାଗି ସବୁଦଳରେ ଟିକେଟ ଆଶାୟୀଙ୍କ ଭିଡ ଲାଗିଛି। ସେଥିରୁ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି।

ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏବେ ବିଧାୟକ ଭାବେ ଜର୍ଜ ତିର୍କୀ ଅଛନ୍ତି। ୨୦୧୪ ନିର୍ବାଚନରେ ସେ ସମତାକ୍ରାନ୍ତି ଦଳରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଜର୍ଜ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଶଙ୍କର ଓରାମଙ୍କୁ ୧୧ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ୩ୟ ସ୍ଥାନରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଥିବାବେଳେ ୪ର୍ଥ ସ୍ଥାନରେ ଥିଲା ବିଜେଡି। ଜର୍ଜ ଏହି ନିର୍ବାଚନମଣ୍ଡଳୀରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ନିର୍ବାଚନମଣ୍ଡଳୀରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନାହିଁ ବୋଲି ବିରୋଧୀମାନେ କହୁଛନ୍ତି। ବିଏସ୍‌ଏଲ୍ କମ୍ପାନୀଠାରୁ ଆରମ୍ଭ କରି ଆଧୁନିକ ମେଟାଲିକ୍ସ ସମେତ କେତେକ କଳକାରଖାନା ବନ୍ଦ ହୋଇପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ବେକାରି ସମସ୍ୟା ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି । ଜର୍ଜ ଗତ କିଛିଦିନ ତଳେ କଂଗ୍ରେସରେ ଯୋଗ ଦେଇଥିବାରୁ ତାଙ୍କୁ ଦଳ ସୁନ୍ଦରଗଡ଼ ଲୋକ ସଭା ପାଇଁ ଟିକେଟ୍ ଦେବାକୁ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀରୁ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ କିଏ ହେବେ ତାହା ଜର୍ଜଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଥିବା କଂଗ୍ରେସ ନେତାମାନେ ମତ ଦେଇଛନ୍ତି। ଏଠାରେ ଗତ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ ରେମିଶ କେର୍କେଟାଙ୍କ ପୁଅ ରାଜେଶ କେର୍କେଟା ମଧ୍ୟ ଆଶାୟୀ ଅଛନ୍ତି। ରାଜେଶ କହନ୍ତି, ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ଦାବିନେଇ ସେ ଲଗାତାର ଆନ୍ଦୋଳନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କୁ ଦଳ ଟିକେଟ ଦେଲେ ସେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ଜର୍ଜଙ୍କ ଅନୁଗତ କୁଆଁରମୁଣ୍ଡା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ସୁଷମା ନାଏକ, ସୁଲେମାନ କାଉଡିଆ, ପଟେଲ ବାର୍ଲା ଓ ସୁଶୀଲ କିଣ୍ଡୋ ନିଜ ନିଜ ସ୍ତରରେ ଟିକେଟ ପାଇଁ ଲବି ଆରମ୍ଭ କରୁଛନ୍ତି।

ସେହିପରି ଭାଜପା ଟିକେଟ୍ ପାଇଁ ରଘୁନାଥପାଲୀ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଶଙ୍କର ଓରାମ ଆଶାୟୀ ଅଛନ୍ତି । ଏବେ ଠୁ ସେ ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଚାଲୁ ରଖିଛନ୍ତି। ଗତ ନିର୍ବାଚନରେ ୨ୟ ସ୍ଥାନରେ ଥିବାରୁ ତାଙ୍କୁ ଏଥର ପ୍ରାର୍ଥୀ କରାଗଲେ ଦଳ ବିଜୟ ଲାଭ କରିବ ବୋଲି ଶଙ୍କର କହିଛନ୍ତି। ଭାଜପା ଜିଲା ମହିଳା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟା ପ୍ରାର୍ଥୀ ଦୌଡରେ ଥିବା ଆଲୋଚନା ହେଉଛି।

ତେବେ ବିଜେଡି (ବିଜୁ ଜନତା ଦଳ) ସ୍ଥିତି ପୂର୍ବାପେକ୍ଷା ଭଲ ଅଛି ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ଜର୍ଜଙ୍କ ଗଡ଼ କୁହାଯାଉଥିବା କୁଆଁରମୁଣ୍ଡା ଓ ନୂଆଗାଁ ବ୍ଲକରେ ବିଜେଡି ପ୍ରାର୍ଥୀମାନେ ବିଜୟ ଲାଭ କରିଥିଲେ। ଉଭୟ ପଞ୍ଚାୟତ ସମିତି ଓ ବୀରମିତ୍ରପୁର ପୌରପାଳିକା ବିଜେଡି ଦଖଲରେ ଅଛି। ସବୁଦୃଷ୍ଟିରୁ ବିଧାୟକ ସିଟ୍ ହାତେଇବା ପାଇଁ ବିଜେଡିର ସ୍ଥିତି ପୂର୍ବାପେକ୍ଷା ଅଧିକ ସୁଦୃଢ ଅଛି ବୋଲି ସେମାନେ ସ୍ପଷ୍ଟ କରିଛନ୍ତି । ଏସବୁ ଦୃଷ୍ଟିରୁ ବିଜେଡି ପକ୍ଷରୁ ଅନେକ ନୂଆ ଚେହେରା ସାମ୍ନାକୁ ଆସିଛନ୍ତି। ବିଶେଷକରି କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର ଆଗରେ ଅଛନ୍ତି। ସେ ତୃଣମୂଳସ୍ତରରେ ସଭା, ସମିତି ଆୟୋଜନ କରୁଛନ୍ତି। ବୁଥସ୍ତରୀୟ କମିଟି ଗଠନ କରି ବିଜେଡି ପ୍ରତି ଲୋକଙ୍କ ସହାନୁଭୂତି ବୃଦ୍ଧି କରିଚାଲିଛନ୍ତି। ସେ କହନ୍ତି, ଚଳିତ ନିର୍ବାଚନରେ ବୀରମିତ୍ରପୁରରୁ ବିଜେଡିକୁ ଜିତାଇବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତିକୁ ଜୋରଦାର କରାଯିବ। ଦଳ ନିର୍ମଳ ଭାବମୂର୍ତ୍ତି ଥିବା ଉଚ୍ଚ ଶିକ୍ଷିତ ଯୁବକଙ୍କୁ ପ୍ରାର୍ଥୀ କରାଇଲେ ନିର୍ବାଚନ ଜିଣିବା କଷ୍ଟକର ହେବ ନାହିଁ। ସେହିପରି ଅନ୍ୟତମ ଆଶାୟୀ ଭାବେ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କାଙ୍କ ନାମ ଚର୍ଚ୍ଚା ହେଉଛି। ଏ ନେଇ ତାଙ୍କୁ ଯୋଗାଯୋଗ କରାଯିବାରୁ ସେ ଟିକେଟ୍ ଦୌଡରେ ନ ଥିବା କହିଛନ୍ତି। ମାତ୍ର ଦଳ ଯଦି ତାଙ୍କୁ ଚାହେଁ ତେବେ ସେ ପ୍ରାର୍ଥୀ ହେବେ ବୋଲି କହିଛନ୍ତି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିହାର ସୁରିନ, ନୂଆଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ମକଲୁ ଏକ୍କା ରହିଛନ୍ତି। ବହୁମୁଖୀ ସମବାୟ ସମିତିରେ ଚାକିରି କରୁଥିବା ଜନୈକ କର୍ମଚାରୀ ମଧ୍ୟ ବିଜେଡି ଟିକେଟ ଦୌଡରେ ଥିବା ପ୍ରଚାର ଚଳାଇଛନ୍ତି। ଜେଏମ୍‌ଏମ୍ ପକ୍ଷରୁ ସେବିଆନ ଆଇନ୍ଦ ମଧ୍ୟ ଏଥର ଦଳୀୟ ପ୍ରାର୍ଥୀ ହେବା ନେଇ ଆଲୋଚନା ଚାଲିଛି। କଂଗ୍ରେସ ଓ ଜେଏମ୍‌ଏମ୍ ମଧ୍ୟରେ ମେଣ୍ଟ ହୋଇଛି। ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଯେଉଁ ଦଳ ଭାଗରେ ପଡିବ ସେହି ଦଳର ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଆଲୋଚନା ହେଉଛି ।


ରାଜେନ୍ଦ୍ର କୁଜୁର


ରାଜେଶ କେର୍କେଟା


ଶଙ୍କର ଓରାମ




## ମୋଟ ଭୋଟର ସଂଖ୍ୟା

୨,୧୩,୦୮୭

ମହିଳା–୧,୦୩,୯୪୮

ପୁରୁଷ–୧,୦୯,୧୩୯

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ସମତାକ୍ରାନ୍ତି | ଜର୍ଜ ତିର୍କୀ | ୪୬,୧୧୪ |
| ଭାଜପା | ଶଙ୍କର ଓରାମ | ୩୪,୧୬୭ |
| ଜେଏମ୍‌ଏମ୍ | ସେବିଆନ ଆଇନ୍ଦ | ୨୭,୮୪୯ |
| ବିଜେଡି | ମାଗଦାଲି କୋନଗାଡି | ୨୫,୧୫୮ |
| କଂଗ୍ରେସ | ରାଜେଶ କେର୍କେଟା | ୧୩,୦୦୬ |

# ଗଡ଼ ବଞ୍ଚାଇବାକୁ ଉଦ୍ୟମ

ଅଜିତ୍ କୁମାର ବାରିକ
ବୌଦ୍ଧ,୧୪।୩(ସ୍ୱ.ପ୍ର.)

୨୦୦୯ ମସିହା ସୀମା ନିର୍ଦ୍ଧାରଣ ପରେ ବୌଦ୍ଧ ନିର୍ବାଚନମଣ୍ଡଳୀ ହରଭଙ୍ଗା ବ୍ଲକର ୨୨ ପଞ୍ଚାୟତ, ବୌଦ୍ଧ ବ୍ଲକର ୧୧ ପଞ୍ଚାୟତ ଓ ବୌଦ୍ଧ ଏନ୍‌ଏସିକୁ ଗଠିତ ହୋଇଛି । ବୌଦ୍ଧ ହେଉଛି ଏକ କୃଷିପ୍ରଧାନ ଜିଲା । ଏହି ନିର୍ବାଚନମଣ୍ଡଳୀରେ ଜଳସେଚନ, ଶିକ୍ଷା, ଗମନାଗମନ, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ଭଳି ପ୍ରମୁଖ ସମସ୍ୟା ରହିଛି । ବୌଦ୍ଧ ଦେଇ ମହାନଦୀ ବହିଯାଇଥିଲେ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇ ସାଜିଛି।

ବର୍ତ୍ତମାନର ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ ୨୦୦୪ରୁ ବିଜୟୀ ହୋଇଆସୁଛନ୍ତି । ତାଙ୍କୁ ଖଣି, ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଛି। ଦୁଇ ଦୁଇ ଥର ସେ ବାଚସ୍ପତି ପଦରେ ରହିଛନ୍ତି । ହେଲେ ବୌଦ୍ଧ ନିର୍ବାଚନମଣ୍ଡଳୀର ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ ବୋଲି ବିରୋଧୀମାନେ ଅଭିଯୋଗ କରିଛନ୍ତି। ଜିଲାର ବହୁ ପୁରାତନ ପଞ୍ଚାୟତ ମହାବିଦ୍ୟାଳୟ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇନାହିଁ । ଆଦିବାସୀ ଅଧ୍ୟୁଷିତ ହରଭଙ୍ଗା ବ୍ଲକରେ ଶିକ୍ଷାର ଉନ୍ନତି ହୋଇ ପାରିନାହିଁ । ଏଠାରେ ମହିଳା ମହାବିଦ୍ୟାଳୟ ନାହିଁ । ହରଭଙ୍ଗା ବ୍ଲକ ଅଞ୍ଚଳରେ ଭଲ ରାସ୍ତାଟିଏ ନାହିଁ । ଫଳରେ ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଠିକ୍ ଭାବେ ପହଞ୍ଚି ପାରିନାହିଁ । ଚାଷଜମିକୁ ମଧ୍ୟ ଜଳସେଚନ ସୁବିଧା ନ ଥିବା ବିରୋଧୀମାନେ ଅଭିଯୋଗ କରିଛନ୍ତି । ଏପରି ସ୍ଥିତିକୁ ନେଇ ଦଳୀୟ ନେତାଙ୍କ ମଧ୍ୟରେ ବି ଅସନ୍ତୋଷ ରହିଛି । ଏ ନେଇ ହରଭଙ୍ଗା ବ୍ଲକର କେତେଜଣ ଟାଣୁଆ ବିଜେଡି ନେତା ଗୁପ୍ତ ବୈଠକ କରି ବିଧାୟକଙ୍କ ବିରୋଧରେ ଅସନ୍ତୋଷ ଜାହିର କରିଛନ୍ତି ।

୨୦୧୪ ନିବାଚନ ପୂର୍ବରୁ କଂଗ୍ରେସର ଟାଣୁଆ ନେତା ନବକୁମାର ମିଶ୍ର ବିଜେଡିରେ ମିଶିବା ଯୋଗୁ ବିଧାୟକ ଅମାତଙ୍କୁ ନିର୍ବାଚନ ବୈତରଣୀ ପାରହେବାକୁ ସୁବିଧା ହୋଇଥିଲା । ନବକୁମାର ବିଜେଡିରେ ନିଜର ସ୍ଥିତି ନେଇ ସନ୍ଦିହାନ ହୋଇପଡିବାରୁ ସେ ପୁଣି କଂଗ୍ରେସକୁ ଫେରିଛନ୍ତି । ଏହାପରେ ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ସାହୁ ବିଜେଡି ଟିକେଟ ପାଇଁ ଆଶାବାଦୀ ଥିବାରୁ ସେ ଅମାତଙ୍କ ରାସ୍ତାରେ କଣ୍ଟା ସାଜିଛନ୍ତି । ତଥାପି ବିଧାୟକ ଅମାତ ଟିକେଟ ପାଇବେ ବୋଲି ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି । ଏ ନେଇ ବିଜୁ ଜନତା ଦଳ ଜୋନାଲ ସଭାପତି ଅଶୋକ କୁମାର ସାହୁ କୁହନ୍ତି, ବିଧାୟକ ଅମାତ ଜିଲା ପାଇଁ ବହୁ କାମ କରିଛନ୍ତି । ତେଣୁ ଦଳ ତାଙ୍କୁ ହିଁ ଟିକେଟ ଦେବ, ଏଥିରେ କିଛି ଦ୍ୱିମତ ନାହିଁ ।

ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ତା'ର ଶକ୍ତି ବୃଦ୍ଧି କରିଛି। ପ୍ରଥମ ଥର ପାଇଁ ୨ ଜିଲା ପରିଷଦ ଆସନ ହାତେଇବାରେ ଭାଜପା ସଫଳ ହୋଇଛି । କଂଗ୍ରେସର ଟାଣୁଆ ନେତା ସୁଶାନ୍ତ କୁମାର ପ୍ରଧାନ ୨୦୧୪ ନିର୍ବାଚନରେ ୪୩ ହଜାର ୪୭୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ଏବେ ସେ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଛନ୍ତି । ସେ ଟିକେଟ ପାଇଁ ଆଶାୟୀ ଅଛନ୍ତି । ଏଥିସହ ଜିଲା ସଭାପତି ସୌମିତ୍ରୀ ନାଏକ, ଚାଷୀ ନେତା ସୂର୍ଯ୍ୟନାରାୟଣ ମହାପାତ୍ର, ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତି, ଜିଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ, ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ଦାସ, ମହିଳା ସଭାନେତ୍ରୀ ନମିତାରାଣୀ ଦାସ, ସୁଧାଂଶୁ ଡାଙ୍ଗ, ସରୋଜ ପ୍ରଧାନ ଟିକେଟ ଦୌଡରେ ଅଛନ୍ତି । ଏ ନେଇ ଜିଲା ଭାଜପା ସଭାପତି ସୌମିତ୍ରୀ ନାଏକ କୁହନ୍ତି, ଏଥର ଦଳ ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ୍ ଦେବ । ଦଳ ଯାହାକୁ ପ୍ରାର୍ଥୀ କରିବ ତାଙ୍କ ପାଇଁ ସମସ୍ତେ କାମ କରିବେ ।

ସେହିପରି ବୌଦ୍ଧ ଜିଲାରେ କଂଗ୍ରେସର ସ୍ଥିତି ଦୁର୍ବଳ ଥିବାବେଳେ ଟାଣୁଆ ନେତା ନବକୁମାର ମିଶ୍ରଙ୍କ ଘରବାହୁଡା ଦଳ ପାଇଁ ଶୁଭଙ୍କର ହୋଇଛି । ୧୯୯୦ ମସିହାରୁ କଂଗ୍ରେସ ଏହି ଆସନରେ ପରାଜିତ ହୋଇଆସୁଛି । ଗୋଷ୍ଠୀ କନ୍ଦଳ ହିଁ ଦଳକୁ ଅଡୁଆରେ ପକାଇଛି । ଦଳ ଗତ ପଞ୍ଚାୟତ ନିର୍ବାଚନରେ କୌଣସି ଜିଲା ପରିଷଦ ଆସନ ହାତେଇପାରିନାହିଁ । ଏହା ପରେ ବି ଦଳ ଏଥର ଭଲ ପ୍ରଦର୍ଶନ କରିବ ବୋଲି ନେତା ଓ କର୍ମୀମାନେ ଆଶାବାଦୀ ଅଛନ୍ତି । ବରିଷ୍ଠ ନେତା ନବକୁମାର ମିଶ୍ର, ସୁଧୀର କର୍ଣ୍ଣ, ପୂର୍ବତନ ସଭାପତି ନାରାୟଣ ପରିଜା, ପିସିସି ସଦସ୍ୟ ରାୟ ସଞ୍ଜୀବ କୁମାର ଦେଓ, ଯାମିନୀ ମୁଖୀ, ମହିଳା ନେତ୍ରୀ ବିନ୍ଧ୍ୟାବିନୀ ସାହୁ, ଅଜିଜ ଖାଁ, ଚନ୍ଦ୍ରଶେଖର ପାଢୀ ଟିକେଟ ଦୌଡରେ ଅଛନ୍ତି । ଏ ନେଇ ଜିଲା କଂଗ୍ରେସ ସଭାପତି ସୁଧୀର କୁମାର ମହାକୁଡ କୁହନ୍ତି, ଦଳ ଏଥର ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ୍ ଦେବ । ଆମେ ଚାଷୀ ଓ ଶିକ୍ଷକ ସମସ୍ୟାକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବୁ। ଧାନର ସହାୟକ ମୂଲ୍ୟ ବୃଦ୍ଧି ଉପରେ ଦଳ ଗୁରୁତ୍ୱ ଆରୋପ କରିବ । ସିପିଆଇ ମଧ୍ୟ ନିଜର ସ୍ଥିତି ଜାହିର କରିଛି । ସିପିଆଇର ଯୁବନେତା ଅବକାଶ ସାହୁ ପଞ୍ଚାୟତ ନିର୍ବାଚନରେ ୯ନଂ. ଜିଲା ପରିଷଦ ଆସନରୁ ବିଜୟୀ ହୋଇଛନ୍ତି । ରାଜ୍ୟରେ କଂଗ୍ରେସ ଓ ସିପିଆଇ ମଧ୍ୟରେ ଆସନ ବୁଝାମଣା ହୋଇଥିବା ବେଳେ ବୌଦ୍ଧ ନିର୍ବାଚନମଣ୍ଡଳୀ କଂଗ୍ରେସ ନା ସିପିଆଇ ହାତକୁ ଯିବ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ତଥାପି ଯୁବନେତା ସାହୁ ଟିକେଟ୍ ପାଇବାକୁ ଆଶାବାଦୀ ଅଛନ୍ତି । ତାଙ୍କୁ ଟିକେଟ୍ ନ ମିଳିଲେ ମଧ୍ୟ ସେ ପ୍ରାର୍ଥୀ ହେବେ ବୋଲି କହିଛନ୍ତି। ଯଦି ମହିଳାମାନଙ୍କୁ ସୁଯୋଗ ଦେବା କଥା ବିଚାରକୁ ନିଆଯାଏ ତେବେ କଂଗ୍ରେସରୁ ବିନ୍ଧ୍ୟାବିନୀ ସାହୁ ଓ ଭାଜପାରୁ ନମିତାରାଣୀ ଦାସ ଟିକେଟ ଦୌଡରେ ଅଛନ୍ତି । ହେଲେ ବିଜେଡିରୁ ସେପରି କୌଣସି ନେତ୍ରୀ ଆଗକୁ ଆସିନାହାନ୍ତି ।


ପ୍ରଦୀପ କୁମାର ଅମାତ


ନବ କୁମାର ମିଶ୍ର


ସୌମିତ୍ରୀ ନାୟକ


ସୁଶାନ୍ତ ପ୍ରଧାନ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରଦୀପ କୁମାର ଅମାତ | ୫୪,୬୧୮ |
| କଂଗ୍ରେସ | ସୁଶାନ୍ତ କୁମାର ପ୍ରଧାନ | ୪୩,୪୭୦ |
| ଭାଜପା | ସୂର୍ଯ୍ୟ ନାରାୟଣ ମହାପାତ୍ର | ୮,୫୯୭ |




## ୨୦୧୯ ଭୋଟର ସଂଖ୍ୟା

୧,୫୬,୦୩୩

ପୁରୁଷ – ୮୦,୧୫୦

ମହିଳା– ୭୫, ୮୭୮

ତୃତୀୟ ଲିଙ୍ଗ– ୫

# ଓଡ଼ିଶା ଚେସ୍‌ର ତରୁଣ ତାରକା (ଭାଗ-୨)

# ଯୁବ ପ୍ରତିଭା

ଓଡ଼ିଶା ଚେସ୍‌ର ତରୁଣ ତାରକା ଦ୍ୱିତୀୟ ଭାଗରେ ସ୍ଥାନ ପାଇଥିବା ଯୁବ ଟାଇଟଲଧାରୀଙ୍କ ମଧ୍ୟରେ ରହିଛନ୍ତି ସିଦ୍ଧାନ୍ତ ମହାପାତ୍ର, ରାକେଶ କୁମାର ଜେନା, ଉତ୍କଳ ରଞ୍ଜନ ସାହୁ, ସାଇନା ସାଲୋନିକା, ସୌମ୍ୟରଞ୍ଜନ ମିଶ୍ର, ସଂକଳ୍ପ ବଲିୟାର ସିଂ ଓ ରତ୍ନାମ୍ବରା ବିଧାର। ଏମାନେ ନିଜ ପ୍ରତିଭା ଦ୍ୱାରା ରାଜ୍ୟ ଚେସ୍‌କୁ ଋଦ୍ଧିମନ୍ତ କରିଛନ୍ତି...


ସିଦ୍ଧାନ୍ତ


ସାଇନା


ରାକେଶ


ଉତ୍କଳ


ସୌମ୍ୟରଞ୍ଜନ


ରତ୍ନାମ୍ବରା


ସଂକଳ୍ପ

## ସିଦ୍ଧହସ୍ତ ସିଦ୍ଧାନ୍ତ

ସୁଖ ସୁବିଧା, ପ୍ରାଚୁର୍ଯ୍ୟ ବୈଭବ କେବଳ ଯେ ପ୍ରତିଭା ଅନ୍ୱେଷଣରେ ସହାୟକ ହୋଇ ଥାଏ ତା ନୁହେଁ, ଏସବୁରୁ ବଞ୍ଚିତ ଥାଇ ମଧ୍ୟ ଜଣେ ନିଜର ନିଷ୍ଠା, ଅଧ୍ୟବସାୟ, ତ୍ୟାଗ ବଳରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇପାରେ। ତାଙ୍କର ଯାତ୍ରା ଥିଲା ବାସୁଦେବପୁରରୁ ଭିଏତ୍‌ନାମ। ତାଙ୍କର ସକାଳ ଆରମ୍ଭ ହୁଏ ଚେସ୍‌ରୁ, ସେ ହେଉଛନ୍ତି ରାଜ୍ୟ ଚେସ୍‌ର ମଉଡ଼ମଣି ଏବଂ ଅନେକ ଗ୍ରାଣ୍ଡମାଷ୍ଟରଙ୍କୁ ଧୂଳି ଚଟେଇବାରେ ସିଦ୍ଧହସ୍ତ ସିଦ୍ଧାନ୍ତ ମହାପାତ୍ର। ହର୍ଲିକ୍ସ ଚେସ୍ ବୋର୍ଡରୁ ଖେଳ ଆରମ୍ଭ କରିଥିବା ସିଦ୍ଧାନ୍ତ ଜାତୀୟ ୯ ବର୍ଷରୁ କମ୍ ପ୍ରତିଯୋଗିତାରେ ରୌପ୍ୟପଦକ ଜିତି ସଫଳତାର ପ୍ରଥମ ସ୍ୱାଦ ଚାଖିଥିଲେ। ସେତେବେଳେ କଟକସ୍ଥିତ ଏସ୍‌ଆର୍ ଚେସ୍ ସେଣ୍ଟର ହଷ୍ଟେଲରେ ରହି ଦିନକୁ ୧୨ରୁ ୧୪ ଘଣ୍ଟା ସେ ଚେସ୍ ପ୍ରତି ସମର୍ପିତ ଥିଲେ। ଜାତୀୟ ସ୍ତରରେ ଡ୍ର ମାଷ୍ଟର ଭାବେ ପରିଚିତ ସିଦ୍ଧାନ୍ତ ବିଭିନ୍ନ ଟପ୍‌ସିଡ୍ ଖେଳାଳିଙ୍କ ସହ ପଏଣ୍ଟ ଭାଗ କରିବାରେ ବେଶ୍ ଧୁରନ୍ଧର। ୨୦୦୮ ଭିଏତ୍‌ନାମରେ ବିଶ୍ୱଯୁବ ଚେସ୍‌ରେ ବ୍ରୋଞ୍ଜ, ତେହେରାନ୍‌ଠାରେ ଏସୀୟ ଯୁବ ଜୁନିୟର ଚେସ୍‌ରେ ବ୍ରୋଞ୍ଜ, ୨୦୧୦ ରାଜ୍ୟଗୋଷ୍ଠୀ ଚେସ୍‌ର ୧୨ ବର୍ଷରୁ କମ୍ ବିଭାଗରେ ସ୍ୱର୍ଣ୍ଣ ଏବଂ ୨୦୦୮ ଏସୀୟ ସ୍କୁଲ ଚେସ୍ ୧୩ ବର୍ଷରୁ କମ୍ ବିଭାଗରେ ବ୍ରୋଞ୍ଜ ତାଙ୍କ ସଫଳତାର ଏକ ଏକ ଇସ୍ତାହାର। ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପଦକ ହାସଲ କରି ଓଡ଼ିଶାର ଗ୍ରାମାଞ୍ଚଳରେ ଚେସ୍‌କୁ ଚମକାଇବାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ୨୦୧୭ ଜୁଲାଇରେ ସେ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ଲାଭ କରିଥିଲେ। ଜୁଲାଇ ୨୦୧୭ରେ ଶ୍ରେଷ୍ଠ ରେଟିଂ ୨୪୦୪ ରହିଥିଲା। ସିଦ୍ଧାନ୍ତ ନିଜ କ୍ୟାରିୟର ମଧ୍ୟରେ ଜିବ୍ରାଲ୍ଟର ଚେସ୍‌ରେ ପୂର୍ବତନ ବିଶ୍ୱ ଜୁନିୟର ଚାମ୍ପିୟନ ଟାରି ଆର୍ଯ୍ୟନ (୨୬୨୬)ଙ୍କୁ ହରାଇଥିବାବେଳେ ସର୍ବିୟା ଜିଏମ ଇଣ୍ଡଜିକ୍ (୨୬୩୦), ପୂର୍ବତନ ବିଶ୍ୱମହିଳା ଜୁନିୟର ଚାମ୍ପିୟନ ତଥା ରୁଷିଆ ଜିଏମ ଆଲେକଜାଣ୍ଡ୍ରା ଗୋର୍ୟାଚକିନା (୨୮୧୮)ଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ଏହା ବ୍ୟତୀତ ସେ ନରୱେ ଆଇଏମ୍ ହାଲ୍‌ଡୋରସେନ ବେଞ୍ଜାମିନ୍‌ଙ୍କୁ ମଧ୍ୟ ପରାସ୍ତ କରିଥିଲେ।

## ପୋଷ୍ଟର ବୟ ରାକେଶ

ରାକେଶଙ୍କ ଆବିର୍ଭାବ ରାଜ୍ୟ ଚେସ୍ ଜଗତରେ ଚେସ୍ ସିଲଟରେ ଖେଳ ଆରମ୍ଭ କରୁଥିବା କୁନି କୁନି ପିଲାଙ୍କ ଭିତରେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲା। ଓଡ଼ିଶା ଚେସ୍‌ର ଏହି ଚର୍ଚ୍ଚିତ ଖେଳାଳିଙ୍କୁ ଅନୁସରଣକରି ଅନେକ ଅଭିଭାବକ ସେମାନଙ୍କର ପିଲାମାନଙ୍କୁ ଚେସ୍ ଚାଟଶାଳୀରେ କ୍ୟାରିୟର କରିବାକୁ ଆଗେଇ ଆସିଥିଲେ। ୨୦୦୮ରୁ ଚେସ୍‌କୁ ନିଜର ଜୀବିକା ଓ ଜୀବନ ଭାବେ ଗ୍ରହଣ କରିଥିବା ରାକେଶଙ୍କ ସଫଳତାର ଫର୍ଦ୍ଦ ବେଶ୍ ଲମ୍ବା। ୨୦୧୨ରେ ଟାଟାରେ ଅନୁଷ୍ଠିତ ୧୧ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ଚାମ୍ପିୟନ ହୋଇ ସେ ନିଜ ଦକ୍ଷତାର ସର୍ବଶ୍ରେଷ୍ଠ ପ୍ରମାଣ ଦେଇଥିଲେ। ୯ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ରୌପ୍ୟ ପଦକ, ୨୦୧୨ରେ ଶ୍ରୀଲଙ୍କାଠାରେ ୧୦ ବର୍ଷରୁ କମ୍ ଏସୀୟ ଯୁବଚେସ୍‌ରେ ରୌପ୍ୟ, ୧୨ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍‌ରେ ରୌପ୍ୟ ତଥା ସମସ୍ତ ସିନିୟର ଖେଳାଳିଙ୍କ ଉପସ୍ଥିତ ସତ୍ତ୍ୱେ ସେହି ବର୍ଷ ଟାଟା ଅନ୍ତର୍ଜାତୀୟ ରେଟିଂ ଚେସ୍‌ରେ ଚାମ୍ପିୟନ ହେବା ରାକେଶଙ୍କ କ୍ୟାରିୟରକୁ ବହୁ ଉଚ୍ଚକୁ ନେଇଥିଲା। ୨୦୧୨ରେ ଏସୀୟ ଯୁବ ଚେସ୍‌ରେ ଏକାଥରକେ ୫ ପଦକ ପାଇବା (୧୨ ବର୍ଷରୁ କମ୍‌ର ମୁଖ୍ୟ ବିଭାଗରେ ରୌପ୍ୟ, ଦଳଗତ ସ୍ୱର୍ଣ୍ଣ, ରାପିଡ୍‌ରେ ବ୍ୟକ୍ତିଗତ ବ୍ରୋଞ୍ଜ ଓ ଦଳଗତ ସ୍ୱର୍ଣ୍ଣ ଏବଂ ବ୍ଲିଜ୍‌ରେ ଦଳଗତ ସ୍ୱର୍ଣ୍ଣ) ରାକେଶଙ୍କୁ ଚେସ୍‌ର ସବୁ ଫର୍ମାଟରେ ଜଣେ ପରିପକ୍ୱ ଖେଳାଳିର ମର୍ଯ୍ୟାଦା ଦେଇଥିଲା। ଓଡ଼ିଶା ଚେସ୍‌ର ପୋଷ୍ଟର ବୟ କୁହାଯାଉଥିବା ରାକେଶଙ୍କୁ ବର୍ତ୍ତମାନ ଚେସ୍ ପଣ୍ଡିତ ଓ ସିନିୟର ଖେଳାଳିମାନେ ଆଗାମୀ ଦିନର ଓଡ଼ିଶାର ଚେସ୍ ଗ୍ରାଣ୍ଡମାଷ୍ଟର ଭାବରେ ବିବେଚନା କରୁଛନ୍ତି। ଦୀର୍ଘ ପାଞ୍ଚବର୍ଷ ହେବ ପ୍ରତ୍ୟେକ ଦିନ ସାତରୁ ଆଠଘଣ୍ଟା ଚେସ୍‌କୁ ଭରପୂର ଉପଭୋଗ କରୁଥିବା ଏହି ଦକ୍ଷ ଖେଳାଳି ଏତେ କମ୍ ବୟସରେ ଦକ୍ଷତା ଓ ସୃଜନଶୀଳତାର ଯେଉଁ ପ୍ରତିଭା ପ୍ରଦର୍ଶନ କରିଛନ୍ତି ତାହା କେବଳ ଯେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି ତା' ନୁହେଁ ବରଂ ତରୁଣ ଖେଳାଳିମାନଙ୍କ ପାଇଁ ଆଦର୍ଶ ଉଦାହରଣ ସାଜିଛନ୍ତି। ୭ଟି ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲକରି ଶେଷରେ ଅନ୍ତର୍ଜାତୀୟ ମାଷ୍ଟର ତାଲିକାରେ ନିଜକୁ ସାମିଲ କରିଛନ୍ତି। ୨୦୧୯ ଫେବୃୟାରୀରେ ତାଙ୍କର ସର୍ବୋଚ୍ଚ ରେଟିଂ ଥିଲା ୨୪୩୫। ରାକେଶ ୨୦୧୮ରେ ଜାତୀୟ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିଲେ। ୨୦୧୮ ଡିସେମ୍ବରରେ ଜାଦାର ଓପନରେ କ୍ରୋଏସିଆନ ଅଲିମ୍ପିଆଡ଼ ଟିମ୍‌ର ଅନ୍ୟତମ ସଦସ୍ୟ ମାର୍ଟିନୋଭିଚ୍ ସାସା (୨୫୫୪)ଙ୍କୁ ପରାସ୍ତ କରିଥିଲେ। ସେହିପରି ୨୦୧୯ ଫେବୃୟାରୀରେ ଏରୋଫ୍ଲଟ ଓପନ ଟାଇଟଲ ଜିତିଥିବା କୁଲାଓଟ୍ସ କାଇଡୋ (୨୫୫୫)ଙ୍କୁ ମଧ୍ୟ ସେ ୨୦୧୮-୧୯ ସ୍ୱିଡେନର ଷ୍ଟକ୍‌ହୋମଠାରେ ଅନୁଷ୍ଠିତ ରିଲଟନ ଚେସ୍‌ରେ ହରାଇଥିଲେ। ଜିଏମ ଦେବାଶିଷ ଦାସଙ୍କ ସହ ୩ ଥର ଖେଳି ମ୍ୟାଚକୁ ଡ୍ର ରଖିବାରେ ସଫଳ ହୋଇଥିଲେ।

## ଚତୁର ଉତ୍କଳ

ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଓ ଚତୁର ଖେଳାଳି ହେଲେ ରାଉରକେଲାର ଉତ୍କଳ ରଞ୍ଜନ ସାହୁ। ନୂଆ ଚେସ୍ ପିଢ଼ି ମଧ୍ୟରେ ୬ଷ୍ଠ ଖେଳାଳି ଭାବେ ୨୦୧୨ରେ ପ୍ରଥମ ଆଇଏମ୍ ନର୍ମ ହାସଲ କରିଥିବା ଉତ୍କଳ ୭ବର୍ଷ ପରେ ଓଡ଼ିଶାର ଶେଷ ଅନ୍ତର୍ଜାତୀୟ ମାଷ୍ଟର ହେବାକୁ ଯାଉଛନ୍ତି। ୨୦୧୬ରେ ଏସୀୟ ଯୁବଚେସ୍‌ରେ ରୌପ୍ୟ ଓ ୨୦୦୮ରେ ୧୩ ବର୍ଷରୁ କମ୍ ଚାମ୍ପିୟନ ହୋଇ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ୨୦୧୦ରେ ଚାଇନାରେ ଅନୁଷ୍ଠିତ ଏସୀୟ ୧୪ ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ, ଏସୀୟ ୧୬ ବର୍ଷରୁ କମ୍ ବର୍ଗରେ ବ୍ରୋଞ୍ଜ, ତୁର୍କୀରେ ବିଶ୍ୱ ଯୁବ ଚେସ୍ ଅଲିମ୍ପିଆଡ୍‌ରେ ଭାରତର ପ୍ରତିନିଧିତ୍ୱ କରି ରୌପ୍ୟପଦକ ଜିତିବା ପଶ୍ଚିମ ଓଡ଼ିଶାର ଚେସ୍ ଭଣ୍ଡାରକୁ ଯେତେ ସମୃଦ୍ଧ କରି ନ ଥିଲା ତା'ଠାରୁ ଅଧିକ ଗୌରବମୟ ହୋଇଥିଲା ରାଜ୍ୟ ଚେସ୍ ସଂଘ। ଉତ୍କଳ ୨୦୧୨ରେ କଲିକତାଠାରେ ଜିଏମ୍ ଟିଭିଆକୋଭ (୨୬୬୩), ୨୦୧୫ରେ ଜିଏମ ଷ୍ଟୁପାକ୍ କିରିଲ(୨୫୫୦), ୨୦୧୭ରେ ଜିଏମ ଦେବାଶିଷ ଦାସ ଏବଂ ୨୦୧୮ରେ ଜିଏମ୍ ସ୍ୱପ୍ନିଲ ଧୋପ୍‌ଡ଼େ(୨୫୩୧)ଙ୍କୁ ହରାଇ ବଡ଼ ସଫଳତା ପାଇଥିଲେ।

## ପ୍ରଥମ ଫିଡେ ମାଷ୍ଟର

ସୌମ୍ୟରଞ୍ଜନ ମିଶ୍ର ଓଡ଼ିଶାର ପ୍ରଥମ ଫିଡେ ମାଷ୍ଟର। ୨୦୧୦ରେ ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ସୌମ୍ୟ ୨୦୦୮ରେ ବାଂଲାଦେଶର ଢାକାଠାରେ ଅନୁଷ୍ଠିତ ବାଂଲାଦେଶ ପ୍ରଥମ ଡିଭିଜନ ଲିଗ୍ ଚେସ୍‌ରେ ନାରାୟଣଗଞ୍ଜ ଦଳକୁ ଶ୍ରେଷ୍ଠ ପ୍ରଦର୍ଶନ ସହ ଚାମ୍ପିୟନ କରିଥିଲେ। ଜାତୀୟ ସ୍ତରରେ କେରଳରେ ଅନୁଷ୍ଠିତ ସର୍ବଭାରତୀୟ ରେଟିଂ ଚେସ୍‌ରେ ଚାମ୍ପିୟନ ହୋଇ ନିଜ ଦକ୍ଷତା ଦେଖାଇଥିବା ସୌମ୍ୟ ବର୍ତ୍ତମାନ ଓଡ଼ିଶା ଡାକ ବିଭାଗରେ କାର୍ଯ୍ୟରତ। ଶ୍ରୀଲଙ୍କାରେ ୨୦୦୪ରେ ଅନୁଷ୍ଠିତ ଏଥୁଗଲାପୁର ଅନ୍ତର୍ଜାତୀୟ ରେଟିଂ ଚେସ୍ ଯୁଗ୍ମ ରନର୍ସଅପ୍ ହୋଇଥିଲେ। ୩ ଥର ରାଜ୍ୟ ସିନିୟର ଓ ୧୧ଥର ବିଭିନ୍ନ ବୟସ ବର୍ଗରେ ରାଜ୍ୟ ଚେସ୍ ଚାମ୍ପିୟନ ହୋଇଥିବା ଏହି ତାରକା ଖେଳାଳି ୫ ଥର ସର୍ବଭାରତୀୟ ରେଟିଂ ଚେସ୍ ଚାମ୍ପିୟନ ହେବା ସହ ୨ ଥରେ ରାଜ୍ୟଗୋଷ୍ଠୀ ଚେସ୍ ଓ ଥରେ ଏସୀୟ ଯୁବ ଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିଛନ୍ତି। ରାଜ୍ୟସ୍ତରରେ ୫୪ଥର ଚାମ୍ପିୟନ ହେବା ମଧ୍ୟ ତାଙ୍କ ପାଇଁ ଏକ ବିରଳ ରେକର୍ଡ। ଓଡ଼ିଶାର ଏକମାତ୍ର ଖେଳାଳିଭାବେ ସେ ରେଲୱେ, ପୋଷ୍ଟାଲ, ସିଭିଲ ସର୍ଭିସ ଚେସ୍ ଚାମ୍ପିୟନ ହେବାର ରେକର୍ଡ ବହନ କରୁଛନ୍ତି।

## ପ୍ରତିଭାବାନ୍ ସଂକଳ୍ପ

ଓଡ଼ିଶା ଚେସ୍‌ରେ ତାଙ୍କ ବିକଳ୍ପ ଖୋଜାଯିବା ପ୍ରାୟ ଅସମ୍ଭବ। ବହୁବାର (୨୦୦୭, ୨୦୧୧, ୨୦୧୩) ରାଜ୍ୟ ଚାମ୍ପିୟନ ସଂକଳ୍ପ ବଲିୟାର ସିଂ ୨୦୧୧ରେ ଫିଲିପାଇନ୍ସଠାରେ ଅନୁଷ୍ଠିତ ଏସୀୟ ଯୁବଚେସ୍‌ରେ ସ୍ୱର୍ଣ୍ଣ ଜିଣି ଓଡ଼ିଶା ଚେସ୍‌ର ଟେକ ରଖିଥିଲେ। ନାଗପୁରଠାରେ ଅନୁଷ୍ଠିତ ଜାତୀୟ ୭ ବର୍ଷରୁ କମ୍ ଶିଶୁ ଚେସ୍‌ରେ ବ୍ରୋଞ୍ଜ ପଦକ ହାସଲକରି ନିଜର ଚେସ୍ ଯାତ୍ରା ଆରମ୍ଭ କରିଥିବା ଏହି ପ୍ରତିଭାବାନ୍ ଖେଳାଳି ୨୦୧୨ରେ ରାଜ୍ୟର ୨ୟ ଖେଳାଳି ଭାବେ ସମ୍ମାନଜନକ ଫିଡେ ମାଷ୍ଟର ଟାଇଟଲ ଲାଭ କରିଥିଲେ। ବର୍ତ୍ତମାନ ଆଇଆଇଟି ଖଡ଼ଗପୁରରେ ଅଧ୍ୟୟନ କରୁଛନ୍ତି।

## ସଫଳତା ପଥେ ରତ୍ନାମ୍ବରା

ଯାତ୍ରା ତାଙ୍କର ପଳାଶୁଣୀରୁ ଫିଲିପାଇନ୍ସ। ଭୁବନେଶ୍ୱରର ପଳାଶୁଣୀରେ ରହୁଥିବା ରତ୍ନାମ୍ବରା ୨୦୧୧ରେ ଫିଲିପାଇନ୍ସଠାରେ ଅନୁଷ୍ଠିତ ଏସୀୟ ଯୁବ ଚେସ୍‌ରେ ୧୦ ବର୍ଷରୁ କମ୍ ବାଳିକା ବିଭାଗରେ ସ୍ୱର୍ଣ୍ଣପଦକ ଜିଣି ଅନ୍ତର୍ଜାତୀୟ ସ୍ତରରେ ପାଦ ଥାପିଥିଲେ। ସମ୍ମାନଜନକ ମହିଳା 'ଫିଡେ ମାଷ୍ଟର ଟାଇଟଲ ହାସଲ କରିବାରେ ସେ ଥିଲେ ରାଜ୍ୟର ପ୍ରଥମ ମହିଳା ଖେଳାଳି। ୨୦୧୨ ମସିହାରେ ଏସୀୟ ସ୍କୁଲ ଚେସ୍‌ରେ ରୌପ୍ୟ ପଦକ ଓ ଜାତୀୟ ସ୍କୁଲ ଚେସ୍‌ରେ ରୌପ୍ୟ ପଦକ ଜିଣି ଓଡ଼ିଶା ଚେସ୍‌ର ଜଣେ ତରୁଣ ମହିଳା ଖେଳାଳି ଭାବେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ଜାତୀୟ ୧୯ବର୍ଷରୁ କମ୍ ବାଳିକାରେ ରୌପ୍ୟ (୨୦୧୬) ଓ ଜାତୀୟ ସ୍କୁଲ ଚେସ୍‌ରେ ସ୍ୱର୍ଣ୍ଣପଦକ (୨୦୧୮) ତଥା ବିଶ୍ୱ ଯୁବଚେସ୍‌ରେ ଭାଗନେଇ ସଫଳତା ପାଉଥିବା ରତ୍ନାମ୍ବରା ବର୍ତ୍ତମାନ ଡିପିଏସ୍ କଳିଙ୍ଗାରେ ଅଧ୍ୟୟନରତ।

('ଓଡ଼ିଶା ଚେସ୍‌ର ତରୁଣ ତାରକା' ଭାଗ-୩ରେ ସ୍ମାରକୀ ମହାନ୍ତି, ଅପରାଜିତା ଗୋଚ୍ଛିକାର, ଅନ୍ୱେଷା ମିଶ୍ର, ଆଦ୍ୟାଶା ମହାପାତ୍ର, ରୁଦ୍ରାକ୍ଷ ପରିଡ଼ା ପ୍ରଭୃତି ଖେଳାଳିଙ୍କ ସମ୍ପର୍କରେ ଉଲ୍ଲେଖ ରହିବ)।

-ସତ୍ୟରଞ୍ଜନ ପଟ୍ଟନାୟକ

## ସୁଲକ୍ଷଣା ସାଇନା

**କେନ୍ଦୁଝର** ସୁଲଣ ଗ୍ରାମର ସୁଲକ୍ଷଣା ଝିଅ ସାଇନା। ସେଦିନ ଥିଲା ସୋମବାର ଡିସେମ୍ବର ୩୦ ତାରିଖ ୨୦୧୩ ମସିହା। ସକାଳୁ ସକାଳୁ କଅଁଳ ଖରାରେ ଭିଡ଼ ଜମିଯାଇଥିଲା ବିଜୁ ପଟ୍ଟନାୟକ ବିମାନବନ୍ଦରରେ। ଅତି ସୁସଜ୍ଜିତ ଖୋଲା ଜିପ୍, ଚେସ୍ ଖେଳାଳି, ଗଣମାଧ୍ୟମ ପ୍ରତିନିଧି, ଅଭିଭାବକ, କୋଚ, ଚେସ୍ ପ୍ରଶାସକ, ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ପରିବାରବର୍ଗ ସମସ୍ତେ ଅପେକ୍ଷା କରିଥିଲେ ଜଣେ ଚର୍ଚ୍ଚିତ ବିଶ୍ୱ ଚେସ୍ ଚାମ୍ପିୟନଙ୍କୁ ସ୍ୱାଗତ କରିବାପାଇଁ। ସେତେବେଳକୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭ ଅଭିନନ୍ଦନ ମିଳିସାରିଥିଲା। ସେଠାରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ଚୁଡ଼ା ପାଉଡର ଝିଅ ସାଇନା ସାଲୋନିକା। ସଫଳତା ଥିଲା ୟୁଏଇଠାରେ ୧୦ ବର୍ଷରୁ କମ୍ ବିଶ୍ୱ ଯୁବ ଚେସ୍‌ରେ ବିରଳ ବିଶ୍ୱ ଚେସ୍ ଚାମ୍ପିୟନ ହେବା। ଏହାଦ୍ୱାରା ସେ ଯେ କେବଳ ରାଜ୍ୟକୁ ଗର୍ବିତ କରିଥିଲେ ତା' ନୁହେଁ, ବରଂ ଓଡ଼ିଶାର ଚେସ୍ ମାନଚିତ୍ରକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ସହ ଭାରତର ଗୌରବ ମଧ୍ୟ ବଢ଼ାଇଥିଲେ। ଜନ୍ମ ୫ ଅଗଷ୍ଟ,୨୦୦୩, ବୟସ ୧୬। ଏତେ କୋମଳ ବୟସରେ କିନ୍ତୁ ସାଇନା ସାଉଁଟି ଆଣିଛନ୍ତି ଅନେକ ସଫଳତା। ତାଙ୍କପାଇଁ ନିଜର ପରିବାର, ଶୁଭେଚ୍ଛୁ ଓ ରାଜ୍ୟବାସୀ ଗୌରବାନ୍ୱିତ। ନିଜ ଲକ୍ଷ୍ୟପଥରେ ନିର୍ବିକାର ଭାବରେ ଆଗେଇ ଚାଲିଥିବା ଏହି ପ୍ରତିଭାମୟୀ ବାଳିକା ପୋତି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ସଫଳତାର ମାଇଲଖୁଣ୍ଟ। ୨୦୧୦ରେ ରାଜ୍ୟ ୭ ବର୍ଷରୁ କମ୍ ବାଳିକା ବିଭାଗରେ ଚାମ୍ପିୟନ ହୋଇ ନିଜର ଶୁଭ ଇନିଂସ ଆରମ୍ଭ କରିଥିଲେ ସାଇନା। ମାତ୍ର ୭ ବର୍ଷ ୧୦ ମାସରେ ରାଜ୍ୟର ସର୍ବକନିଷ୍ଠା ମହିଳା ଅନ୍ତର୍ଜାତୀୟ ଏଲୋ ରେଟେଡ୍ ଖେଳାଳି ହେବା, ପ୍ରଥମ ମହିଳା କାଣ୍ଡିଡେଟ୍ ମାଷ୍ଟର ହେବା, ଏସୀୟ ସ୍କୁଲ ଚେସ୍ ଟାଇଟଲ ହାସଲ କରିବା, ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନ ହେବା ପ୍ରଭୃତି ତାଙ୍କୁ ରାଜ୍ୟର ସର୍ବକନିଷ୍ଠା ଚେସ୍ ଖେଳାଳି ଭାବେ ଅନେକ ରେକର୍ଡର ଅଧିକାରିଣୀ କରିଥିଲା। ବିଶ୍ୱ ଯୁବ ଚେସ୍‌ର ୮ ବର୍ଷରୁ କମ୍‌ରେ ବ୍ରୋଞ୍ଜ, ଏସିଆନ ସ୍କୁଲ ବ୍ଲିଜ୍‌ରେ ସ୍ୱର୍ଣ୍ଣ ପ୍ରଭୃତି ତାଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିଛି। ତାଙ୍କର ଏହି ସଫଳତା ପାଇଁ କିଟ୍ ଅନ୍ତର୍ଜାତୀୟ ସ୍କୁଲରେ ମାଗଣାରେ ପଢ଼ିବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପୁରସ୍କାର ଓ ସମ୍ମାନ ହାସଲ କରିବା ସାଇନା ଏବଂ ତାଙ୍କ ପରିବାରଙ୍କୁ ଯେତିକି ଗର୍ବିତ ନ କରିଛି ଓଡ଼ିଶା ଚେସ୍‌ର ଆଗାମୀ ପିଢ଼ିର ନୂଆ କୁନି କୁନି ଖେଳାଳଙ୍କୁ ଆଶାରେ ଆଲୋକ ଯୋଗାଇଛି। ୧୫ବର୍ଷରୁ କମ୍ ବାଳିକାରେ ବ୍ରୋଞ୍ଜ, ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣ ଏବଂ ୧୩ ବର୍ଷରୁ କମ୍ ବିଭାଗରେ ରୌପ୍ୟପଦକ ଜିତି ସେ ସଫଳତାର ଫର୍ଦ୍ଦ ପରେ ଫର୍ଦ୍ଦ ଲେଉଟାଇ ଚାଲିଛନ୍ତି। ଓଡ଼ିଶା ଚେସ୍‌ର ଭବିଷ୍ୟତ କୁହାଯାଉଥିବା ସୁନା ଝିଅ ସାଇନା ନିଜର ଅନନ୍ୟ ପ୍ରତିଭା ପାଇଁ ୨୦୧୪ ନଭେମ୍ବର ୧୪ରେ ଶିଶୁଦିବସ ଅବସରରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ 'ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପାଇଥିଲେ। ଏଥିପାଇଁ ବ୍ୟକ୍ତିଗତଭାବେ ସାଇନା ବେଶ୍ ଚର୍ଚ୍ଚାରେ ରହିଥିବାବେଳେ ରାଜ୍ୟ ଚେସ୍ ମହଲ ମଧ୍ୟ ଏହି ସୁନା ଝିଅଙ୍କ ପାଇଁ ଗର୍ବିତ ହୋଇଥିଲା।




# ଆସୁଛି ଆଇପିଏଲ୍

ଆସୁଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୨ତମ ସଂସ୍କରଣ। ବିଶ୍ୱର ସବୁଠାରୁ ଲୋକପ୍ରିୟ ଏହି ଟି୨୦ ଲିଗ୍ ପାଇଁ ସ୍ୱାଭାବିକ ଭାବେ କ୍ରିକେଟପ୍ରେମୀ ମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧିପାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମାନସ ପ୍ରସୂତ କ୍ରିକେଟର ଏହି ସଂକ୍ଷିପ୍ତ ଫର୍ମାଟ ୨୦୦୭-୦୮ ସିଜନରୁ ଆରମ୍ଭ ହୋଇଥିଲା। ଏହାର ସଫଳତାକୁ ଦେଖି ଅନ୍ୟ ଦେଶଗୁଡ଼ିକ ଯଦିଓ ଏପରି ଟି୨୦ ଲିଗ୍ ଆରମ୍ଭ କରିଛନ୍ତି ତେବେ ଆଇପିଏଲ୍ ତୁଳନାରେ ସଫଳତା ପାଇନାହାନ୍ତି। ଅନୁଶାସନ, ଗ୍ଲାମର, ଅର୍ଥ, ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ, ଫ୍ରାଞ୍ଚାଇଜ ଏବଂ ବିଜ୍ଞାପନ କମ୍ପାନୀଗୁଡ଼ିକର ସହଯୋଗ ମାଧ୍ୟମରେ ସଫଳତାର ପାହାଚ ଚଢ଼ି ଏହା ବିଶ୍ୱର ୧ନଂ ଲିଗ୍ ପରିଣତ ହୋଇଛି। ଏହାର ଚମକ ଆଗରେ ବାଂଲାଦେଶ ପ୍ରିମିୟର ଲିଗ୍, ପାକିସ୍ତାନ ସୁପର ଲିଗ୍, ଶ୍ରୀଲଙ୍କାନ୍ ପ୍ରିମିୟର ଲିଗ୍ ଏବଂ କାରବିୟାନ୍ ପ୍ରିମିୟର ଲିଗ୍ ଗୁଡ଼ିକ ଫିକା ପଡ଼ିଛି। ଖେଳାଳି ନିଲାମ ପ୍ରକ୍ରିୟାରେ ଅନିୟମିତତା, ଅନ୍ତର୍ଜାତୀୟ କ୍ରିକେଟ୍ କାର୍ଯ୍ୟସୂଚୀ ପ୍ରଭାବିତ ହେବା, ଅତ୍ୟଧିକ ଗ୍ଲାମର, ୮-୧୦ଟି ଟିମ୍ ମଧ୍ୟରେ ଲିଗ୍‌କୁ ସୀମିତ ରଖିବା, ନୂତନ ଫ୍ରାଞ୍ଚାଇଜମାନଙ୍କୁ ସୁଯୋଗ ନ ଦେବା ଏବଂ ମ୍ୟାଚ ଫିକ୍ସିଂ କଳଙ୍କ ପରି ଅନେକ ସମସ୍ୟା ଥିଲେ ମଧ୍ୟ ବିସିସିଆଇର କଡ଼ା ଆଭିମୁଖ୍ୟ ଏହାକୁ ବେଶ୍ ସଫଳ କରିପାରିଛି। ଏପରି ଏକ ଲିଗ୍ ଆୟୋଜନ ଯୋଗୁ ଅନେକ ଯୁବଖେଳାଳି ସୃଷ୍ଟି ହେଉଥିବା ବେଳେ ୩ ଫର୍ମାଟ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ବେଶ୍ ସହଜ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଲିଗ୍ ବିଶ୍ୱର ସବୁ ଦେଶର ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସକ୍ଷମ ହୋଇଛି।

ଆଇପିଏଲ୍‌ର ୧୨ତମ ସଂସ୍କରଣକୁ ସଫଳତାର ସହିତ ଆୟୋଜନ କରିବାକୁ ବିସିସିଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଫ୍ରାଞ୍ଚାଇଜମାନଙ୍କ ଦ୍ୱାରା ଖେଳାଳି ବିଡ଼ିଂ ପ୍ରକ୍ରିୟା ଜୟପୁରଠାରେ ୧୮ଡିସେମ୍ବର ୨୦୧୮ରେ ସମାପ୍ତ ହୋଇଥିବା ବେଳେ ଆଗାମୀ ଲିଗ୍ ୮ ଦଳ ବିଶିଷ୍ଟ ହେବ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଲିଗ୍ ପ୍ରକୃତରେ ମାର୍ଚ୍ଚ ୨୯ରେ ଆରମ୍ଭହୋଇ ମେ' ୧୯ରେ ଶେଷ ହେବାର ଥିଲା। ମାତ୍ର ଦେଶରେ ଆଗାମୀ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବିଭିନ୍ନ ରାଜ୍ୟ ଆସୋସିଏଶନଗୁଡିକ ନିରାପତ୍ତା ଦୃଷ୍ଟିରୁ ଏହାର ସଫଳ ଆୟୋଜନ ପାଇଁ ଅକ୍ଷମତା ପ୍ରକାଶ କରିବା ଦ୍ୱାରା ବିସିସିଆଇ ଏବଂ ଟେକ୍ନିକାଲ କମିଟି ଏହାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛି। ଫଳରେ ପ୍ରଥମ ଦୁଇ ସପ୍ତାହ ମ୍ୟାଚ ପାଇଁ ବିସିସିଆଇ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ପ୍ରତିଯୋଗିତା ମାର୍ଚ୍ଚ ୨୩ରୁ ଆରମ୍ଭ ହେବ। ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ପରେ ପ୍ରକାଶିତ ହେବ। କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୨୩ରୁ ଏପ୍ରିଲ ୫ ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୫ଟି ଲେଖାଏ ଏବଂ ଅନ୍ୟ ୬ଟି ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ସେହି ଅନୁସାରେ ଦିଲ୍ଲୀ ଏବଂ ବାଙ୍ଗାଲୋର ଦଳ ୩ଟି ଲେଖାଏ ଏବଂ ଅନ୍ୟ ଦଳଗୁଡିକ ୨ଟି ଲେଖାଏ ମ୍ୟାଚ୍ ହୋମ୍ ଭେନ୍ୟୁରେ ଖେଳିବେ। ଆଗାମୀ ସଂସ୍କରଣରେ ଭାଗନେବାକୁ ଯାଉଥିବା ୮ଦଳ ହେଲେ ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ୍ ରାଇଡର୍ସ, ରାଜସ୍ଥାନ ରୟାଲ୍ସ, କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍।

୨୦୦୯ରେ ଦେଶରେ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଆଇପିଏଲ୍‌ର ୨ୟ ସଂସ୍କରଣ ନିରାପତ୍ତା ଏବଂ ସୁରକ୍ଷା ଦୃଷ୍ଟିରୁ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦୧୪ରେ କିଛି ମ୍ୟାଚ୍ ୟୁଏଇରେ ଖେଳାଯାଇଥିଲା। ମାତ୍ର ଏଥର ସେପରି କିଛି ସମ୍ଭାବନା ନାହିଁ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଫ୍ରାଞ୍ଚାଇଜମାନେ ସେମାନଙ୍କର ହୋମ୍ ଭେନ୍ୟୁ ଘୋଷଣାକରି ସାରିଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମ(ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଦର୍ଶକ ସଂଖ୍ୟା ୩୫୦୦୦), ଇଡେନ୍ ଗାର୍ଡେନ (କୋଲକାତା ନାଇଟ୍ ରାଇଡର୍ସ, ୬୮୦୦୦), ୱାଙ୍ଖେଡେ ଷ୍ଟାଡିୟମ (ମୁମ୍ବାଇ ଇଣ୍ଡିଆନ୍ସ, ୩୩୦୦୦), ଫିରୋଜ ଶାହ କୋଟ୍‌ଲା (ଦିଲ୍ଲୀ କ୍ୟାପିଟାଲ୍ସ, ୪୧୦୦୦), ରାଜୀବ ଗାନ୍ଧୀ ଇଣ୍ଟରନାଶନାଲ ଷ୍ଟାଡିୟମ (ସନ୍‌ରାଇଜର୍ସ ହାଇଦ୍ରାବାଦ, ୫୫୦୦୦), ସାୱାଇ ମାନସିଂ ଷ୍ଟାଡିୟମ (ରାଜସ୍ଥାନ ରୟାଲ୍ସ, ୨୫୦୦୦), କିଙ୍ଗ୍ସ ଏକାଦଶ ପଞ୍ଜାବ (ମୋହାଲି, ୨୬୦୦୦), ଚିଦାମ୍ବରମ ଷ୍ଟାଡିୟମ (ଚେନ୍ନାଇ ସୁପର କିଙ୍ଗ୍ସ. ୩୯୦୦୦)।

ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୩ଥର ୨୦୧୩, ୨୦୧୫ ଏବଂ ୨୦୧୭ ଚାମ୍ପିୟନ ହୋଇଥିବା ବେଳେ ସେମାନଙ୍କର ବିଜୟଧାରା ୫୭.୦୧ ପ୍ରତିଶତ ରହିଛି। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଯୁବରାଜ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ୍ ବୁମ୍‌ରା, କୃନାଲ ପାଣ୍ଡ୍ୟା, କେରନ୍ ପୋଲାର୍ଡ, ବେନ୍ କଟିଙ୍ଗ୍, ଜେପି ଡୁମିନି, ପ୍ୟାଟ କୁମିନ୍ସ, ମୁସ୍ତାଫିଜୁର ରହମନଙ୍କ ପରି ଖେଳାଳ ଏହି ଦଳରେ ରହିଛନ୍ତି। ସେହିପରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ୩ଥର ଚାମ୍ପିୟନ (୨୦୧୦, ୨୦୧୧, ୨୦୧୮) ଏବଂ ୪ଥର ରନର୍ସ ଅପ୍ ହୋଇଛି। ଏହାର ବିଜୟ ହାର ୬୧.୫୬। ଦଳରେ ଅଲରାଉଣ୍ଡର ଭରପୂର ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଫାପ୍ ଡୁପ୍ଲେସି, ସେନ୍ ୱାଟସନ୍, ମିଚେଲ ସାଣ୍ଟନର, ଡାରେନ ବ୍ରାଭୋ, ସାମ୍ ବିଲିଙ୍ଗସ୍, ଇମ୍ରାନ ତାହିର, ସୁରେଶ ରାଇନା, ମୁରଲୀ ବିଜୟ, କେଦାର ଯାଦବ, ଡେଭିଡ୍ ୱିଲିଙ୍କ ପରି ଖେଳାଳି ରହିଛନ୍ତି। ଚେନ୍ନାଇ ଦର୍ଶକମାନଙ୍କର ସବୁଠାରୁ ପ୍ରିୟ ଦଳ ଭାବେ ଚର୍ଚ୍ଚାରେ ରହିଛି। ମାର୍ଚ୍ଚ ୨୩ରେ ବାଙ୍ଗାଲୋରଠାରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ସେଥିପାଇଁ ଖର୍ଚ୍ଚ ହେବାକୁ ଥିବା ୫କୋଟି ଟଙ୍କାକୁ ପୁଲୱାମା ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିବା ଶହୀଦମାନଙ୍କୁ ଦେବାକୁ ଘୋଷଣା କରାଯାଇଛି।

ଇତିମଧ୍ୟରେ ବିସିସିଆଇ କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନାଙ୍କର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଭେନ୍ୟୁ ପାଇଁ ଚିନ୍ତାରେ ଥିବା ବିସିସିଆଇ ଯଦି କିଛି ମ୍ୟାଚ୍ ବାରବାଟୀରେ ଆୟୋଜନ କରିବାର ସୁଯୋଗ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)କୁ ଦିଏ ତେବେ ବହୁଦିନ ପରେ ଓଡ଼ିଆ ଦର୍ଶକ ଅତି ନିକଟରୁ ଆଇପିଏଲ୍ ମ୍ୟାଚ ଉପଭୋଗ କରିପାରିବେ।

-ନିର୍ମଳ କୁମାର ମିଶ୍ର

### ଫଳାଫଳ

| ସିଜନ | ଚାମ୍ପିୟନ | ରନର୍ସଅପ୍ |
|---|---|---|
| ୨୦୦୮ | ରାଜସ୍ଥାନ ରୟାଲ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୦୯ | ଡେକାନ ଚାର୍ଜର୍ସ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୦ | ଚେନ୍ନାଇ ସୁପରକିଙ୍ଗ୍ସ | ମୁମ୍ବାଇ ଇଣ୍ଡିଆନ୍ସ |
| ୨୦୧୧ | ଚେନ୍ନାଇ ସୁପରକିଙ୍ଗ୍ସ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୨ | ନାଇଟ ରାଇଡର୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୩ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୪ | ନାଇଟ ରାଇଡର୍ସ | କିଙ୍ଗ୍ସ ଇଲେଭେନ ପଞ୍ଜାବ |
| ୨୦୧୫ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୬ | ସନ୍‌ରାଇଜର୍ସ ହାଇଦ୍ରାବାଦ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୭ | ମୁମ୍ବାଇ ଇଣ୍ଡିଆନ୍ସ | ରାଇଜିଂ ପୁଣେ ସୁପରଜ୍ୟାଣ୍ଟ୍ସ |
| ୨୦୧୮ | ଚେନ୍ନାଇ ସୁପରକିଙ୍ଗ୍ସ | ସନ୍‌ରାଇଜର୍ସ ହାଇଦ୍ରାବାଦ |

Season-12 vivo IPL 2019

## ଏକାଗ୍ରତା

ଥ୍ରି ଫିଫ୍ଟି ଏଇଟ୍ ସ୍କୋର ଚେଜ୍ କରି
କରିଥିଲା ଭୟଭୀତ
ଘରୋଇ ମାଟିରେ ୱାନ୍‌ଡେ ସିରିଜରେ
କଙ୍ଗାରୁ ମାରିଲା ନାତ
ଦିଲ୍ଲୀରେ ବି କଲା ହତ
ଟିମ୍ ଇଣ୍ଡିଆର ରଥୀ ମହାରଥୀ
ଟେକି ଦେଲେ ଅବା ହାତ।
ବ୍ୟାଟିଂ, ବୋଲିଂ, ଫିଲ୍ଡିଂରେ ଫେଲ୍
ଟିମ୍ ପାରିଲାନି ଖେଳି
କଙ୍ଗାରୁ ବାଣରେ ବିରାଟ ବାହିନୀ
ଗୋଟି ଗୋଟି ଗଲେ ଟଳି
ହ୍ୟାଣ୍ଡ୍ସକମ୍ବ, ଆଷ୍ଟର୍ନ ପାଳି
ଏକାଗ୍ରତା ଥିଲେ ଆମ ଭଳି ହୁଏ
ସେହି ଲୋକ ବାହୁବଳୀ।
ସୁଇସ୍ ଟେନିସ ଖେଳାଳି ରୋଜର
ଫେଡରର ମନ ଖୁସି



ଦୁବାଇରେ ଶହେତମ ଟାଇଟଲ
ସିଟ୍‌ସିପାସ ଗଲା ଫସି
ଏକାଗ୍ରତା ଥିଲେ ଦିଶି
ବିଜୟ ସହଜ ହୁଅଇ ବୟସ
ହଉ ଷାଠିଏ କି ଅଶୀ।

-ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 69.34 (20) | 37,754.89 (2.72) | 11,343.25 (1.55) | 33,370.00 (`15) | 39,300.00 (`410) |

କର୍ମଚାରୀଙ୍କ ଫେବୃୟାରୀ ମାସ ବେତନ ଶୁକ୍ରବାର ସୁଦ୍ଧା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି ।
– ଅନୁପମ ଶ୍ରୀବାସ୍ତବ, ଅଧ୍ୟକ୍ଷ, ବିଏସ୍ଏନ୍ଏଲ୍



ଚଳିତ ବର୍ଷ ଦେଶର ରପ୍ତାନି ୩୩୦ ବିଲିୟନ ଡଲାର ଟପିବା ନେଇ ଆଶାବାଦୀ ।
– ଅନୁପ ୱାଧୱାନ, ବାଣିଜ୍ୟ ସଚିବ



## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ୨.୯୩%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୪-୩:** ଫେବୃୟାରୀରେ ଖୁଚୁରା ପରେ ପାଇକାରୀ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି। ଏହା ଗତବର୍ଷର ରେକର୍ଡ ଭାଙ୍ଗିଛି। ଖାଦ୍ୟପଦାର୍ଥ, ପନିପରିବା ତଥା ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବା କାରଣରୁ ପାଇକାରୀ ମୁଦ୍ରାସ୍ଫୀତି ୨.୯୩%କୁ ବଢ଼ିଥିବା କୁହାଯାଉଛି। ଗୁରୁବାର ଜାରି ତଥ୍ୟ ଅନୁଯାୟୀ, ଜାନୁୟାରୀରେ ପାଇକାରୀ ମୁଦ୍ରାସ୍ଫୀତି ୨.୭୬% ରହିଥିଲା। ଗତବର୍ଷ ଏହି ସମୟରେ ଏହା ୨.୭୪% ଥିଲା। ଏଥିପୂର୍ବରୁ ଉପଭୋକ୍ତା ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ମଧ ଖାଦ୍ୟପଦାର୍ଥ ମୂଲ୍ୟବୃଦ୍ଧି କାରଣରୁ ଫେବୃୟାରୀରେ ୪ ମାସର ସର୍ବୋଚ୍ଚ ସ୍ତର ୨.୫୭%ରେ ପହଞ୍ଚିଯାଇଛି। ତଥ୍ୟ ଅନୁଯାୟୀ, ପ୍ରାଥମିକ ସାମଗ୍ରୀର ମୁଦ୍ରାସ୍ଫୀତି ହାର ଜାନୁୟାରୀରେ ୩.୫୪% ତୁଳନାରେ ଫେବୃୟାରୀରେ ବୃଦ୍ଧି ପାଇ ୪.୮୪%ରେ ପହଞ୍ଚିଛି। ଆଳୁ, ପିଆଜ, ଫଳ, କ୍ଷୀର ଭଳି ରୋଷେଇରେ ଆବଶ୍ୟକ ସାମଗ୍ରୀକୁ ପ୍ରାଥମିକ ସାମଗ୍ରୀ ଭାବେ ଗଣନା କରାଯାଏ। ଏହି ଅବଧିରେ ଇନ୍ଧନ ଏବଂ ବିଜୁଳିର ମୁଦ୍ରାସ୍ଫୀତି ୨.୨୩% ବଢ଼ିଛି। ଜାନୁୟାରୀରେ ଏହା ୧.୮୫% ଥିଲା।

### ୬୦% ହ୍ରାସ ପାଇଛି ଇରାନରୁ ଭାରତକୁ ତେଲ ଆମଦାନୀ




**ନୂଆଦିଲ୍ଲୀ,୧୪-୩:** ଆମେରିକା ସହ ହୋଇଥିବା କଟକଣା ହ୍ରାସ ଡିଲ୍ ଅନୁଯାୟୀ ଇରାନରୁ ଭାରତର ତୈଳ ଆମଦାନୀ ବର୍ଷକୁ ବର୍ଷ ହିସାବରେ ୬୦% ହ୍ରାସ ପାଇ ଦୈନିକ ୨ ଲକ୍ଷ ୬୦ ହଜାର ବ୍ୟାରେଲରେ ପହଞ୍ଚିଛି। ସୂଚନାଥାଉ କି, ଇରାନର ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା ପରେ ଏହି ଗଲ୍ଫ ଦେଶ ବିରୋଧରେ କଟକଣା ଲାଗୁ କରାଯାଇଥିଲା। ତେବେ ଭାରତ ସମେତ ୮ ରାଷ୍ଟ୍ରକୁ ଡିଲ୍ ଅନୁଯାୟୀ ଆମେରିକା କଟକଣା ହ୍ରାସ କରିଥିଲା। ସେମାନଙ୍କୁ ୬ ମାସ ପାଇଁ ଇରାନରୁ ତେଲ କିଣିବାକୁ ଆମେରିକା ଅନୁମତି ଦେଇଥିଲା। ଭାରତ ମେ ପର୍ଯ୍ୟନ୍ତ ଇରାନରୁ ଦୈନିକ ୩ ଲକ୍ଷ ବ୍ୟାରେଲ ତେଲ କିଣିପାରିବ ବୋଲି ଆମେରିକା କହିଥିଲା। ତେବେ ଇରାନରୁ ଭାରତ ଧୀରେ ଧୀରେ ତେଲ କିଣିବା କମାଇବାରେ ଲାଗିଛି। ଜାନୁୟାରୀରେ ଏହା ଯେତିକି ତେଲ କିଣିଥିଲା ଫେବୃୟାରୀରେ ତା'ଠାରୁ ୪% କମ୍ ତେଲ କିଣିଛି।

### ବିରୋଧ ଯୋଗୁ ଓଏନ୍‌ଜିସିର ୯ ତୈଳ ଭଣ୍ଡାର ବିକ୍ରି ହେଲାନି



**ନୂଆଦିଲ୍ଲୀ,୧୪-୩:** ମୁମ୍ବାଇ ହାଇ ସମେତ ଓଏନ୍‌ଜିସିର ୯ ବୃହତ ତୈଳ ଭଣ୍ଡାରକୁ ଘରୋଇ କମ୍ପାନୀକୁ ବିକ୍ରି କରିଦେବା ଲାଗି କେନ୍ଦ୍ର ସରକାରଙ୍କ ଯୋଜନା ଅଧାରେ ରହିଗଲା। ସରକାରଙ୍କ ମଧ୍ୟରେ ବିରୋଧ ଯୋଗୁ ଏହା ସମ୍ଭବ ହୋଇପାରିଲା ନାହିଁ। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚସ୍ତରୀୟ କମିଟି ଓଏନ୍‌ଜିସିର ମୁମ୍ବାଇ ହାଇ, ବସାଇ ଇଷ୍ଟ,ଡି-୧,ହୀରା, ପାନ୍ନା, ଆସାମର ଗ୍ରେଟର ଜୋରାଜାନ ଓ ଗିଲେକି,ରାଜସ୍ଥାନର ବାଘେୱାଲା ଏବଂ ଗୁଜରାଟର କାଲୋଲ ସମେତ ୯ ତୈଳ ଓ ଗ୍ୟାସ୍ ଭଣ୍ଡାରକୁ ଘରୋଇ ଅଥବା ବିଦେଶୀ କମ୍ପାନୀଙ୍କ ହାତରେ ବିକ୍ରି କରିଦେବାକୁ ସୁପାରିସ କରିଥିଲେ। ଏହି ୯ ତୈଳ ଭଣ୍ଡାର ସମେତ ସମଗ୍ର ଉତ୍ପାଦନର ୫% ଅଂଶ ବୋଲାଉଥିବା ୧୪୯ କ୍ଷୁଦ୍ର ଭଣ୍ଡାରକୁ ମଧ ଘରୋଇ ହାତରେ ଟେକିଦେବାକୁ ସୁପାରିସ ହୋଇଥିଲା। ତେବେ ଓଏନ୍‌ଜିସି ଓ ସରକାରଙ୍କ ଏକ ଅଂଶବିଶେଷ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ।

■ ବୋଇଂ ୭୩୭ ମ୍ୟାକ୍ସର ଉଡ଼ାଣ କଟକଣା

# ବିମାନ ଭଡ଼ା ୧୦୦% ବୃଦ୍ଧି

■ ହୋଲି ଓ ଖରାଦିନ ଛୁଟି ଯୋଗୁ ବିମାନ ଟିକେଟ ଚାହିଦା ବୃଦ୍ଧି
■ ବିମାନ ଯାତ୍ରା ବାତିଲ ଯୋଗୁ ଟିକେଟ ଚାହିଦା ବଢ଼ୁଛି

**ନୂଆଦିଲ୍ଲୀ,୧୪-୩**

କେନ୍ଦ୍ର ସରକାର ବୋଇଂ ୭୩୭ ମ୍ୟାକ୍ସ ବିମାନ ଉଡ଼ାଣ ଉପରେ କଟକଣା ଜାରି କରାଯିବା ସହିତ ଅନ୍ୟ କେତେକ କାରଣରୁ ବିମାନ ଭଡ଼ା ହୁହୁ ହୋଇ ବଢ଼ିବାରେ ଲାଗିଛି। କିଛି ରୁଟ୍‌ରେ ବିମାନ ଯାତ୍ରୀ ଭଡ଼ା ପ୍ରାୟ ୧୦୦% ବୃଦ୍ଧି ପାଇଥିବା ଦେଖାଯାଇଛି।

ଇଣ୍ଡିଗୋ ସହ ପ୍ରତିଷ୍ଠାତା ଏବଂ ସିଇଓ ଆଲୋକ ବାଜପେୟୀ କହିଛନ୍ତି ଯେ, ବିଭିନ୍ନ କାରଣରୁ ବହୁଳ ସଂଖ୍ୟାରେ ବିମାନ ଛିଡ଼ା ହେବାରୁ ଆସନ ସଂଖ୍ୟା କମିଛି। ଫଳରେ ଯାତ୍ରୀ ଭଡ଼ା ଅଚାନକ ବଢ଼ିବାରେ ଲାଗିଛି। ବୁଧବାର ଦିଲ୍ଲୀ-ମୁମ୍ବାଇ, ମୁମ୍ବାଇ-ଚେନ୍ନାଇ, ମୁମ୍ବାଇ-କୋଲକାତା ଏବଂ ମୁମ୍ବାଇ-ବେଙ୍ଗାଲୁରୁର ବିମାନ ଭଡ଼ା ଗତ ବର୍ଷ ତୁଳନାରେ ଦୁଇଗୁଣା ହୋଇଛି। ସେ କହିଛନ୍ତି ଯେ, ମୁମ୍ବାଇ-ଚେନ୍ନାଇର ସ୍ପଟ୍ ଭଡ଼ା ୨୬,୦୭୩ ଟଙ୍କାରେ ପହଞ୍ଚିଯାଇଛି, ଯାହାକି ଗତବର୍ଷର ଏହି ସମୟରେ ମାତ୍ର ୫,୩୬୯ ଟଙ୍କା ଥିଲା। ହୋଲି ପର୍ବ ନିକଟତର ହେଉଥିବା ବେଳେ ସ୍କୁଲଗୁଡ଼ିକରେ ଖରାଦିନ ଛୁଟି ଯୋଗୁ ଯାତ୍ରୀ ମାନେ ବର୍ତ୍ତମାନ ମହଙ୍ଗା ଟିକେଟ କିଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ଯାତ୍ରା ଡଟ୍ କମ୍ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ନେବା କ୍ଷେତ୍ରରେ ବୁଧବାର ଭଡ଼ା ଦୁଇଗୁଣାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଉକ୍ତ ରୁଟ୍‌ରେ ଗୁରୁବାର ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି। ତଥ୍ୟରୁ ଜଣାପଡିଛି ଯେ, ଗୁରୁବାର ମୁମ୍ବାଇ-ଚେନ୍ନାଇ ରୁଟ୍‌ରେ ଟିକେଟ ମୂଲ୍ୟ ବୃଦ୍ଧି ପାଇ ୨୦,୩୨୯ ଟଙ୍କା ହୋଇଛି। ଗତ ବର୍ଷ ଏହି ଦିନରେ ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ଦାମ୍ ମାତ୍ର ୫,୬୭୧ ଟଙ୍କା ଥିଲା। ସେହିପରି ମୁମ୍ବାଇ-ଦିଲ୍ଲୀ ରୁଟ୍‌ରେ ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ନେଲେ ୧୩,୪୯୫ ଟଙ୍କା ଦେବାକୁ ପଡିଛି, ଯାହା ଗତବର୍ଷର ଦରଠାରୁ ୧୩୭ ପ୍ରତିଶତ ଅଧିକ। ସୂଚନାଥାଉ କି, ଇଥିଓପିୟାନ ଏୟାରଲାଇନ୍ସରର ଏକ ୭୩୭ ମ୍ୟାକ୍ସ ୮ ବିମାନ



ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୧୫୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବୋଇଂ ୭୩୭ ମ୍ୟାକ୍ସ ୮ ବିମାନର ଉଡ଼ାଣ ଉପରେ କଟକଣା ଲାଗୁ କରିଥିଲେ। ସ୍ପାଇସଜେଟ୍ ନିକଟରେ ଏଭଳି ୧୨ ବିମାନ ରହିଥିବାରୁ ଏହା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କେବଳ ବୋଇଂ ବିମାନ ଯୋଗୁ ନୁହେଁ ଅନ୍ୟ କେତେକ କାରଣ ଯୋଗୁ ମଧ ବିମାନ ଭଡ଼ା ବଢ଼ିବାରେ ଲାଗିଛି। ବୁଧବାର ସ୍ପାଇସଜେଟ ୧୪ ବିମାନ ଉଡ଼ାଣକୁ ରଦ୍ଦ କରିଛି। ଗୁରୁବାର ସୁଦ୍ଧା ଏହା ୩୨ରେ ପହଞ୍ଚିଲାଣି।

ଅନ୍ୟପକ୍ଷରେ ବକେୟା ପ୍ରଦାନରେ ବିଳମ୍ବ ହେତୁ ଜେଟ୍ ଏୟାରୱେଜର ୩୨ ବିମାନ ଛିଡ଼ା ହେଲାଣି। ଏହାଛଡ଼ା ଯନ୍ତ୍ରାଂଶ ଏବଂ ପାଇଲଟ ସମେତ ଅନ୍ୟାନ୍ୟ କେତେକ କାରଣ ଯୋଗୁ ପ୍ରାୟ ୫୦ ବିମାନର ଉଡ଼ିବା ବନ୍ଦ ହୋଇଛି। ବିମାନ ଅଭାବ କାରଣରୁ ଯାତ୍ରା ଉପରେ ଘୋର ପ୍ରଭାବ ପଡୁଛି। ହୋଲି ପର୍ବ ଯୋଗୁ ଟ୍ରେନ ଓ ବସରେ ଭିଡକୁ ଲକ୍ଷ୍ୟ କରି ଲୋକେ ବିମାନ ଉପରେ ଅଧିକ ଭରସା କରୁଥିବା ବେଳେ ଭଡ଼ା ବୃଦ୍ଧି ସେମାନଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖାରୋଲା କହିଛନ୍ତି ଯେ, ବିକଟ ପରିସ୍ଥିତିର ଫାଇଦା ଉଠାଇ ବିମାନ କମ୍ପାନୀଗୁଡ଼ିକ ଯାତ୍ରୀଙ୍କୁ ନ ଲୁଟିବାକୁ ସେ ପରାମର୍ଶ ଦେଇଛନ୍ତି।

## ୪୨ ଲକ୍ଷ କୋଟିର ବିମାନ ବିକ୍ରି ଝୁଲିଲା

**ନୂଆଦିଲ୍ଲୀ,୧୪-୩**

ବୋଇଂ ୭୩୭ ମ୍ୟାକ୍ସ ବିମାନ କ୍ରମାଗତ ଦୁର୍ଘଟଣାର ଶିକାର ହେବା ପରେ ସାରା ବିଶ୍ୱରେ ଏହାକୁ ନେଇ ଭୟ ସୃଷ୍ଟି ହୋଇଛି। ଏହି ବିମାନ ଚଳାଚଳ ଉପରେ ଏବେ ସାରା ବିଶ୍ୱରେ କଟକଣା ଲାଗିଛି ଅଥବା ଲାଗୁଛି। ବୋଇଂ କମ୍ପାନୀର ଏହି ସ୍ୱତନ୍ତ୍ର ଧରଣର ବିମାନ କିଣିବା ଲାଗି ପୂର୍ବରୁ ଆଗ୍ରହ ଦେଖାଇଥିବା ଦେଶଗୁଡ଼ିକ ଏବେ ନିଜ ନିଷ୍ପତ୍ତିର ପୁନର୍ବିଚାର ଆରମ୍ଭ କରିଛନ୍ତି। ଫଳରେ କମ୍ପାନୀକୁ ମିଳିଥିବା ୪୨ ଲକ୍ଷ କୋଟି ଟଙ୍କାର ବିକ୍ରି ନିର୍ଦ୍ଦେଶ ଏବେ ଝୁଲିଗଲାଣି। କେହି ଏବେ ଏହି ବିମାନ କିଣିବାକୁ ଆଗଭର ହେଉ ନ ଥିବାରୁ ବୋଇଂର ଚିନ୍ତା ବଢ଼ିଯାଇଛି। ନିକଟରେ ଇଥିଓପିଆ ଏୟାରଲାଇନ୍ସର ବୋଇଂ ୭୩୭ ମ୍ୟାକ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ସମସ୍ତଙ୍କ ଚେତା ପଶିଛି। ଅକ୍ଟୋବର ପରେ ଏହା ଦ୍ୱିତୀୟ ବିମାନ ଦୁର୍ଘଟଣା। ବୋଇଂ ୭୩୭ ମ୍ୟାକ୍ସ ବିମାନ ଦୁର୍ଘଟଣା ପରେ ବିୟତଜେଟ ଏଭିଏଶନ ନିଜ ନିଷ୍ପତ୍ତିର ପୁନବିଚାର କରିବ ବୋଲି କହିଛି। ଗତ ମାସରେ ଏହା ୨୫ ବିଲିୟନ ଡଲାର ମୂଲ୍ୟର ବିମାନ କିଣିବ ବୋଲି ଘୋଷଣା କରିଥିଲା।



## ତନିଷ୍କ ପକ୍ଷରୁ ଗ୍ରାଣ୍ଡ ଅଫର

**ଭୁବନେଶ୍ୱର,୧୪-୩(ବ୍ୟୁରୋ)** ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ଏହାର ୨୧ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଗ୍ରାଣ୍ଡ ଅଫର ସମ୍ପର୍କରେ ଘୋଷଣା କରିଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ କମ୍ପାନୀର ଆର୍‌ବିଏମ୍ ଅନିର୍ବାଣ ବାନାର୍ଜୀ, ଏବିଏମ୍ ସୁମୀତ ଘୋଷ ଏବଂ ଶୋ'ରୁମର ସ୍ୱତ୍ୱାଧିକାରୀ ମାନିକ ହଂସଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି। ଏହି ଅଫର ଦ୍ୱାରା କମ୍ପାନୀ ସୁନା ଗହଣାର ଗଢା ମଜୁରି ଏବଂ ହୀରା ଗହଣାର ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ପୁରୁଣା ସୁନା ଗହଣାର ଏକ୍ସଚେଞ୍ଜ ଉପରେ ୧୦୦% ମୂଲ୍ୟ କିମ୍ବା ପ୍ରତି କ୍ରୟ ଉପରେ ମାଗଣା ଗୋଲ୍ଡ କଏନ ପାଇବାର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଉକ୍ତ ଅଫର ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ରହିବ। ତନିଷ୍କ ବର୍ତ୍ତମାନ ଗ୍ରାହକଙ୍କର ସବୁଠାରୁ ବିଶ୍ୱସନୀୟ ଜୁଏଲେରୀ ବ୍ରାଣ୍ଡ ଭାବେ ଉଭା ହୋଇଥିବା ଏହି ଅବସରରେ ଟାଇଟାନ କମ୍ପାନୀର ସହକାରୀ ଉପସଭାପତି ଦୀପିକା ସଭରୱାଲ ତେୱାରୀ କହିଛନ୍ତି। ଗହଣା ଡିଜାଇନରେ ଉନ୍ନତି ସହ ଗୁଣବତ୍ତା ପ୍ରଡକ୍ଟ ଏବଂ ଅଭିନବତା ଆଣିବା ଦିଗରେ ପ୍ରତିଶ୍ରୁତିବଦ୍ଧ । ଏଦିଗରେ ପଦକ୍ଷେପ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି।

### ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ଦିଗରେ ସେଲ୍‌ରେ ଯୋଗଦାନ

**ନୂଆଦିଲ୍ଲୀ,୧୪-୩**

ମହିଳାଙ୍କ ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ସଚେତନତା ଦିଗରେ ରାଷ୍ଟ୍ରାୟତ୍ତ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍) ନିଜର ଯୋଗଦାନ ରଖିଛି। ହରିୟାଣାର ନୁହ ଜିଲା ପ୍ରଶାସନ ସହ ମିଳିତ ହୋଇ କମ୍ପାନୀ ମାସିକ ଧର୍ମ ସ୍ୱଚ୍ଛତା ପ୍ରବନ୍ଧନ କାର୍ଯ୍ୟକ୍ରମରେ ନିଜର ସହଯୋଗ ରଖିଛି। ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ହୋଣ୍ଡା ଟୁହ୍ୱିଲର୍ସ ଆଣିଲା ୪ ନୂଆ ଭାରିଆଣ୍ଟ



**ଭୁବନେଶ୍ୱର, ୧୪-୩**

ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୨୦୧୯ ପାଇଁ ୪ ନୂଆ ଭାରିଆଣ୍ଟ ଉନ୍ମୋଚନ ହୋଇଛି। ଏହା ମଧ୍ୟରେ ୧୫୦ ସିସି ସିବି ୟୁନିକର୍ଣ୍ଣ, ସିବି ସାଇନ୍ (ଡ୍ରମ୍ ଭାରିଆଣ୍ଟ), ସିଡି ଡ୍ରିମ୍ ଡିଏକ୍ସ ଓ ନାଭି ସାମିଲ ରହିଛି। ୨୦୧୯ ସିବି ୟୁନିକର୍ଣ୍ଣ ମଡେଲରେ ଗ୍ରାହକ ଏବିଏସ୍, ଆରାମ, ଟ୍ୟୁବଲେସ୍ ଟାୟାର, ଷ୍ଟାଇଲିସ ମିଟର କନ୍‌ସୋଲ ଏବଂ ସିଲ୍ ଚେନ୍ ସୁବିଧା ପାଇପାରିବେ। ଏହି ମଡେଲର ଏକ୍ସଶୋ'ରୁମ୍ ଦିଲ୍ଲୀ ବଜାର ଦର ୭୮,୮୧୫ ଟଙ୍କା ରହିଛି। ସିବି ସାଇନ୍ ସିବିଏସ୍ ହେଉଛି ସ୍ମାର୍ଟ ଏବଂ ଷ୍ଟାଇଲିସ୍ ଫିଚର ସହ ଆସିଛି। ଏଥିରେ କମ୍ବି ବ୍ରେକ୍ ସହିତ ଇକ୍ୱିଲାଇଜର୍ ଭଳି ବୈଶିଷ୍ଟ୍ୟ ରହିଛି। ମଡେଲଟିର ଏକ୍ସଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୫୮,୩୩୮ ଟଙ୍କା ରହିଛି। ସେହିଭଳି ସିଡି୧୧୦ ଡ୍ରିମ୍ ଡିଏକ୍ସ ସିବିଏସ୍‌ରେ ମଧ କମ୍ବି ବ୍ରେକ୍ ସହିତ ଇକ୍ୱିଲାଇଜର୍ ରହିଛି। ଏଥିରେ ୫ ସ୍ପୋକ୍ ଆଲଏ ହ୍ୱିଲ, କ୍ରୋମ୍ ହ୍ୟାଣ୍ଡେଲ୍ ବାର୍ ଓ କ୍ୟାରିୟର, କାଉଲ ଓ ଟେଲ୍ କାଉଲ୍, କ୍ଲିୟର ୱିଙ୍କର ଓ ଗ୍ରାଫିକ୍ସ ରହିଛି। ଏହାର ବଜାର ଦର ୫୦,୦୨୮ ଟଙ୍କା ରହିଛି।ନୂଆ ନାଭିର ବଜାର ଦର ୪୭,୧୧୦ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଆଇଡିବିଆଇକୁ ଘରୋଇ ବ୍ୟାଙ୍କର ମାନ୍ୟତା

**ନୂଆଦିଲ୍ଲୀ,୧୪-୩**

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି) ଦ୍ୱାରା ଅଧିକାଂଶ ଅଂଶଧନ କିଣାଯିବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆଇଡିବିଆଇ ବ୍ୟାଙ୍କକୁ ଏକ ଘରୋଇ ବ୍ୟାଙ୍କ ଭାବେ ମାନ୍ୟତା ଦେଇଛି। ଚଳିତ ବର୍ଷ ଜାନୁୟାରୀ ସୁଦ୍ଧା ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନକୁ ଏଲ୍ଆଇସି କିଣିସାରିଛି। ଆର୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଜାନୁୟାରୀ ୨୧ରୁ ଆଇଡିବିଆଇ ବ୍ୟାଙ୍କକୁ ଏକ ଘରୋଇ ତଥା ଋଣପ୍ରଦାନକାରୀ ବ୍ୟାଙ୍କ ଭାବେ ମନେ କରାଯିବ। ସୂଚନାଥାଉ କି, ଏହି ବ୍ୟାଙ୍କ ଗତ ବର୍ଷାଧିକ କାଳ ହେବ ଆର୍‌ବିଆଇର ପିସିଏ ଅଧୀନରେ ଥିଲା।

■ ଜେଟ୍ ଏୟାରୱେଜକୁ ଋଣ ପ୍ରଦାନ

## ନିଷ୍ପତ୍ତି ନେବେ ବ୍ୟାଙ୍କ ସମୂହ : ପିଏନ୍‌ବି

**ନୂଆଦିଲ୍ଲୀ,୧୪-୩:** ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ଜେଟ୍ ଏୟାରୱେଜକୁ ଜରୁରିକାଳୀନ ପାଣ୍ଠି ଯୋଗାଣ ନେଇ ବ୍ୟାଙ୍କ ସମୂହ ମିଶି ନିଷ୍ପତ୍ତି ନେବେ ବୋଲି ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଗୁରୁବାର ସ୍ପଷ୍ଟ କରିଛି। ଜେଟ୍‌କୁ ପିଏନ୍‌ବି ୨୦୫୦ କୋଟି ଟଙ୍କାର ଋଣ ଦେବ ବୋଲି ମିଡିଆରେ ଚର୍ଚ୍ଚା ହେଉଥିବା ବେଳେ ବ୍ୟାଙ୍କ ପକ୍ଷରୁ ଏତାଦୃଶ ମନ୍ତବ୍ୟ ଘରୋଇ ଏୟାରଲାଇନ ପାଇଁ ମୁଣ୍ଡବ୍ୟଥା ବଢ଼ାଇବା ନିଶ୍ଚିତ ହୋଇଯାଇଛି। ଇତିପୂର୍ବେ ଜେଟ୍ ପକ୍ଷରୁ ଷ୍ଟକ୍ ମାର୍କେଟକୁ ପତ୍ର ଲେଖି କୁହାଯାଇଥିଲା ଯେ, ଏହା ପିଏନ୍‌ବିଠାରୁ କୌଣସି ଋଣ ପାଇନାହିଁ। ପିଏନ୍‌ବି ଏମ୍‌ଡି ତଥା ସିଇଓ ସୁନୀଲ ମେହେଟ୍ଟା କହିଛନ୍ତି ଯେ, ତାଙ୍କ ବ୍ୟାଙ୍କ ଜେଟ୍‌କୁ ଋଣ ଦେବା ନେଇ ବିଚାର କରୁଛି।

## ୩୫୦୦ କୋଟି ପ୍ରଦାନ ନେଇ ଉପାୟ ଜଣାଇବାକୁ ସିଂହଭ୍ରାତାଙ୍କୁ ନିର୍ଦ୍ଦେଶ

**ରାନବାକ୍ସି-ଡାଏଚି ମାମଲା**

**ନୂଆଦିଲ୍ଲୀ,୧୪-୩**

ରାନବାକ୍ସି-ଡାଏଚି ମାମଲାରେ ସିଙ୍ଗାପୁର ଟ୍ରିବ୍ୟୁନାଲ ଦ୍ୱାରା ୩୫୦୦ କୋଟି ଟଙ୍କା ଦାଖଲ ଲାଗି ଦିଆଯାଇଥିବା ରାୟକୁ କିପରି କାର୍ଯ୍ୟକାରୀ କରିବେ ଜଣାଇବା ଲାଗି ସୁପ୍ରିମକୋର୍ଟ ଗୁରୁବାର ରାନବାକ୍ସିର ପୂର୍ବତନ ପ୍ରମୋଟର ସିଂହଭ୍ରାତା ମାଲବିନ୍ଦର ସିଂହ ଓ ଶିବିନ୍ଦର ସିଂହଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଂହଭ୍ରାତା ଏଥିପାଇଁ ନିଜର ଆଇନ ଓ ଆର୍ଥିକ ପରାମର୍ଶଦାତାଙ୍କ ସହ ଆଲୋଚନା କରିପାରିବେ। ଆଲୋଚନା ପରେ ସେମାନେ ରାୟ ପାଳନ ନେଇ ଉଚିତ୍ ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ଚିଫ ଜଷ୍ଟିସ ରଞ୍ଜନ ଗୋଗୋଇ, ଜଷ୍ଟିସ ଦୀପକ ଗୁପ୍ତା ଓ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହା କୌଣସି ବ୍ୟକ୍ତିବିଶେଷଙ୍କର ନୁହେଁ ବରଂ ଦେଶର ସମ୍ମାନର ପାଇଁ ଠିକ୍ ନୁହେଁ। ଆପଣ ଦୁଇ ଭାଇ ଫାର୍ମାକେୟାର ଉଦ୍ୟୋଗରେ ଅଗ୍ରଣୀ ଭାବେ ଖ୍ୟାତ। ସେମାନେ କୋର୍ଟକୁ



ହାଜର ହୁଅନ୍ତୁ ଏହା ଶୋଭା ପାଉ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଆସନ୍ତା ୨୮ ତାରିଖରେ କୋର୍ଟରେ ହାଜର ହୋଇ ସିଂହଭ୍ରାତା ନିଜର ଯୋଜନା ଉପସ୍ଥାପନ କରିବାକୁ ସର୍ବୋଚ୍ଚ ଅଦାଲତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶେଷଥର ପାଇଁ ସିଂହଭ୍ରାତା ଅଦାଲତକୁ ଆସିବେ ବୋଲି ଖଣ୍ଡପୀଠ ଆଶାପ୍ରକାଶ କରିଛନ୍ତି।


**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**CORRIGENDUM**

Ref: - NIT No.05/OMC/C/CT/2019.

No.: CAD-1787: The Tender Call Notice No.05/OMC/C/CT/2019 published dtd.09.03.2019, in the SL. No.07 of the tender notice the name of the work may be read as Construction of activity centre near D-Type Quarters of OMC Colony at JK Road in the dist. of Jajpur instead of Construction of activity centre near D-Quarry of OMC Colony at JK Road in the dist. of Jajpur. All other criteria will remain same.

Sd./- Sr.Manager (Civil)
Kaliapani
30005/11/0210/1819



GOVERNMENT OF ODISHA
**OFFICE OF THE EXECUTIVE ENGINEER MINOR IRRIGATION DIVISION, NAYAGARH**
Tel No. (06753)253277, e-Mail ID: eemidivisionnayagarh@gmail.com
No.621 Dated 12.03.2019

**1st Corrigendum to Bid Identification No- EEMIDN 11/ 2018-19**

No.: 1398-A: The Date of transparent Lottery of Bid Identification No. EEMIDN 11/ 2018-19 scheduled on 20.03.2019 at 3.00 P.M. is hereby postponed in connection with imposition of model code of conduct for ensuing General Election, 2019. The next date of transparent Lottery if required will be notified separately.
All other terms and conditions remain unchanged.

Sd./- Executive Engineer,
M.I.Division, Nayagarh
32260/11/0013/1819



नालको NALCO
National Aluminium Company Limited
(A Government of India Enterprise)
M & R Complex,
Damanjodi-763 008, Odisha, India
CIN : L27203OR1981GOI000920
A NAVRATNA COMPANY

**E-TENDER NOTICE**

Digitally signed online tenders through Central Public Procurement Portal are invited on two-part mode for the following works at NALCO, Damanjodi, Odisha.

1- Tender Ref No: T&C/AR/03/R-1863
Name of the job : Operation, Repair & Maintenance of RMP and Ash Pond Reclamation pumps at NALCO, Damanjodi.

2- Tender Ref No: T&C/AR/03/R-1864
Name of the job : Hiring of one mini truck for Mechanical department of Alumina Refinery, NALCO, Damanjodi.

3- Tender Ref No: T&C/AR/03/R-1866
Name of the job : Door to Door Garbage Collection & Disposal at designated place in township, CISF colony and Rehabilitation colonies at NALCO, Damanjodi.

4- Tender Ref No: T&C/AR/03/R-1867
Name of the job : Hiring of 02 numbers of 51 Seater Tata Star Bus of Latest Model. Ex Showroom Delivery For Transportation of School Children on Monthly Basis.
DGM (T&C)-AR

5- Tender Ref No: AR/AMMP/209/3000005609
Name of the job : Supply of BTPN Wagons at Alumina Refinery, NALCO, Damanjodi, Odisha.
DGM (Materials)-AR

For details visit www.eprocure.gov.in or www.nalcoindia.com.NB: Any updates/amendment/ extension of NIT will only be hosted in above websites.



କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସ
ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-15,
ଫୋନ୍ ନଂ. 0674-2360189/2360542, ଫାକ୍ସ : 0674-2360990
ଇ-ମେଲ : rmbbsr@cewacor.nic.in | ୱେବ୍‌ସାଇଟ : www.cewacor.nic.in

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା ସଂ. 04/18-19**

ନିମ୍ନୋକ୍ତ କାର୍ଯ୍ୟ ପାଇଁ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଠିକାଦାରଙ୍କ ଠାରୁ ଅନଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛି :

| କ୍ର. ସଂ. | କାର୍ଯ୍ୟର ନାମ | ଆକଳିତ ମୂଲ୍ୟ ଟଙ୍କାରେ | ଟେଣ୍ଡର ଅନ୍‌ଲାଇନ୍ ଦାଖଲ କରିବାର ଅନ୍ତିମ ତାରିଖ |
| --- | --- | --- | --- |
| 1 | କେନ୍ଦ୍ରୀୟ ପଣ୍ୟାଗାର-ଯାଜପୁର ରୋଡ୍ (ଓଡ଼ିଶା)ର ଉନ୍ନତିମୂଳକ କାର୍ଯ୍ୟ । | 41,95,586.75 | ତା. 15.04.2019 ରିଖ 15.00 ଘଟିକା ପର୍ଯ୍ୟନ୍ତ |

ବିସ୍ତୃତ ଟେଣ୍ଡରର ଚୁକ୍ତିର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନାର ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.tenderwizard.com/CWC କିମ୍ବା http://eprocure.gov.in/epublish/app ରେ ଦୃଶ୍ୟମାନ ଏବଂ ଡ୍ରାଉନ୍‌ଲୋଡ୍ କରାଯାଇପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ



अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in
AIIMS/BBSR/EE (ELEC)/NPS/044/SE/297/2019 Dated: 14th Mar 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Network Power Switch-II, 400Amp, 3-Phase for Implementation of Dual Source of Power Supply to MOTs at Hospital Complex, AIIMS, Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.edu.in.**

Sd/-
Superintending Engineer
AIIMS, Bhubaneswar



क्षेत्रीय केंद्र/ Regional Centre
भा.कृ.अनु.प. - केन्द्रीय कंद फसल अनुसंधान संस्थान
**ICAR – Central Tuber Crops Research Institute**
(भारतीय कृषि अनुसंधान परिषद// Indian Council of Agricultural Research)
दुमुदुमा हाउसिंग बोर्ड पी.ओ/Dumuduma Housing Board P.O.
भुवनेश्वर, ओडिशा/ BHUBANESWAR - 751 019, ODISHA
टेलीफोन/Telephone: +91-674-2470528 Fax: +91-674-2470528; ई मेल/E-Mail: rcctcri@yahoo.co.in

**TENDER NOTICE No. 01/2019**

**TENDER-CUM-AUCTION**

Sealed tenders are invited for disposal/sale of mango fruits of different varieties planted at Regional centre of ICAR-CTCRI, Bhubaneswar campus through tender-cum-auction **(open auction, if quoted price is less than reserve price)**. The tender paper may be obtained from this Office from 10.00 AM to 1.00 PM on working days w.e.f. 18.03.2019 to 29.03.2019 by depositing Rs. 500.00 in cash or can be downloaded from CTCRI website (www.ctcri.org). Website downloaded tender paper should have tender paper cost in form of DD (drawn in favour of Regional Centre of CTCRI, Bhubaneswar). The last date of submission of tender along with EMD by DD of Rs.15,000.00 (Rupees fifteen thousand only) (drawn in favour of ICAR-UNIT, CTCRI, Thiruvananthapuram) is upto 5 PM on 29.03.2019 and the tender will be opened on 30.03.2019 at 11.00 AM in this Office.

*Sd./- HEAD*



**ଦୁର୍ଗପତିଙ୍କ କାର୍ଯ୍ୟାଳୟ**
**ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ**

**ବିଜ୍ଞାପନ**

କନଷ୍ଟେବଳ: **୩୦୯ ବିଶ୍ୱକର୍ମା ପାଇକ**
ପିତା: ଶ୍ରୀ ଭାବକର ପାଇକ
ଗ୍ରାମ/ପୋଷ୍ଟ: ଓ.ଏମ୍.ପି. ଲାଇନ୍, କୋରାପୁଟ
ଥାନା: କୋରାପୁଟ
ଜିଲ୍ଲା: କୋରାପୁଟ
ପିନ୍: ୭୬୪୦୨୧

No.: 408-D: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ୦୭ ଦିନ ସାମୂହିକ ଛୁଟି ତା୨୨।୦୩।୨୦୧୮ରିଖ ଅପରାହ୍ନ ଠାରୁ ତା୨୯।୦୩।୨୦୧୮ରିଖ ଅପରାହ୍ନ ପର୍ଯ୍ୟନ୍ତ ଯାଇଥିଲେ। ଉକ୍ତ ଛୁଟିର ନିୟମ ଅନୁଯାୟୀ ଆପଣ ତା୩୦।୦୩।୨୦୧୮ରିଖ ପୂର୍ବାହ୍ନ ସୁଦ୍ଧା ସରକାରୀ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କାହାରିକୁ କିଛି ନ ଜଣାଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଯେ ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ଏଣୁ ଏତାଦୃଶ୍ୟ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୋଲିସ୍ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ। ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିନ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।

ଦୁର୍ଗପତି
(ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)
12029/11/0067/1819

ଭାରତୀୟ ସୀମିତ ଓଭର ଟିମ୍‌ରେ ଭେଟେରାନ ମହେନ୍ଦ୍ର ସିଂ ଧୋନୀଙ୍କ ଗୁରୁତ୍ୱକୁ ହେୟଜ୍ଞାନ ମନେ କରିବା ଉଚିତ ନୁହେଁ।

– ମାଇକେଲ କ୍ଲାର୍କ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ବିଶ୍ୱକପ୍ ଲାଗି ଫିଟ୍ ରଖିବା ପାଇଁ ଆଇପିଏଲ୍‌ରେ କାର୍ଯ୍ୟଭାରକୁ କିପରି ସମ୍ଭାଳିବେ ତାହା ଖେଳାଳିଙ୍କ ଉପରେ ନିର୍ଭର କରେ।

– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ୩୦ରୁ ସେଭେନ-ଏ ସାଇଡ୍ ଫୁଟବଲ

କଟକ ଅଫିସ,୧୪।୩- ଫୁଟବଲ କ୍ଲବ ଗ୍ୟାଲେକ୍ସି ପକ୍ଷରୁ ଆସନ୍ତା ୩୦ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଅଲ୍ ଓଡ଼ିଶା ସେଭେନ-ଏ ସାଇଡ ଫୁଟବଲ ଟୁର୍ନାମେଣ୍ଟ ଖେଳାଯିବ। ପ୍ୟାରିମୋହନ ସ୍କୁଲ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ କଟକ ଓ ଭୁବନେଶ୍ୱରର ୮ଟି ଦଳ ଅଂଶ ଗ୍ରହଣ କରିବେ ବୋଲି କ୍ଲବର ସମ୍ପାଦକ ସେଖ ହିମାୟତ ସୂଚନା ଦେଇଛନ୍ତି।

### ଭିଆର୍‌ଭି ସିଂଙ୍କ ଅବସର

ମୋହାଲି, ୧୪।୩- ବିକ୍ରମ ରାଜବୀର ସିଂ ତଥା କ୍ରିକେଟ ଜଗତରେ ଭିଆର୍‌ଭି ସିଂ ନାମରେ ପରିଚିତ ପୂର୍ବତନ ଭାରତୀୟ ଦ୍ରୁତ ବୋଲର ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ପଞ୍ଜାବର ଏହି ଉଦୀୟମାନ ଡାହାଣହାତୀ ବୋଲର ପିଠି ଯନ୍ତ୍ରଣାଜନିତ ସମସ୍ୟା ଲାଗି କ୍ରିକେଟରୁ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛନ୍ତି। ୩୪ ବର୍ଷୀୟ ଭିଆର୍‌ଭି ୨୦୦୬ରେ ଜାମସେଦପୁରଠାରେ ଇଂଲଣ୍ଡ ବିପକ୍ଷ ଦିନିକିଆ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହିବର୍ଷ ସେଣ୍ଟଜୋନ୍ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ପ୍ରଥମ ଟେଷ୍ଟ ଖେଳିବାର ସୌଭାଗ୍ୟ ପାଇଥିଲେ। ମୋଟ୍ ଉପରେ ଭାରତ ପକ୍ଷରୁ ସେ ୫ଟି ଟେଷ୍ଟ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। କିନ୍ତୁ ଏଥିରେ ତାଙ୍କ ପ୍ରଦର୍ଶନ ପ୍ରଭାବଶୂନ୍ୟ ରହିଥିଲା। ୫ଟି ଟେଷ୍ଟରୁ ସେ ୮ଟି ଉଇକେଟ୍ ନେଇଥିବାବେଳେ ଦିନିକିଆରେ ଉଇକେଟ୍ ଖାତା ଖୋଲିପାରି ନ ଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୯ ମ୍ୟାଚ୍‌ରୁ ୧୨୧ ଉଇକେଟ୍ ଅକ୍ତିଆର କରିଛନ୍ତି। ଅବସର ପରେ କୋଚିଂରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଥିବା ଭିଆର୍‌ଭି କହିଛନ୍ତି।

### କ୍ୱାର୍ଟରରେ ଲକ୍ଷ୍ୟ ସେନ

ନୂଆଦିଲ୍ଲୀ,୧୪।୩(ପିଟି)- ଏସିଆନ୍ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ସେନ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ କୋରିଆର ହା ୟଙ୍ଗ୍ ଉଙ୍ଗଙ୍କୁ ସହଜରେ ପରାସ୍ତ କରିଛନ୍ତି। ବିଶ୍ୱର ୧୦୪ତମ ର୍‍ୟାଙ୍କପ୍ରାପ୍ତ ଲକ୍ଷ୍ୟ ୨୧-୧୪, ୨୧-୧୫ ଗେମ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ବିଜୟ ଲାଗି ତାଙ୍କୁ ୪୬ ମିନିଟ୍ ସମୟ ଲାଗିଥିଲା।

# କମ୍ପାଉଣ୍ଡ ରାଉଣ୍ଡରେ ପଞ୍ଜାବକୁ ଡବଲ ସ୍ୱର୍ଣ୍ଣ

**ଜାତୀୟ ସିନିୟର ତୀରନ୍ଦାଜୀ**

କଟକ ଅଫିସ,୧୪।୩

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପର କମ୍ପାଉଣ୍ଡ ରାଉଣ୍ଡ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ପଞ୍ଜାବ ଦୁଇଟି ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ପୁରୁଷ ଦଳଗତ ଓ ମିକ୍ସଡ ଇଭେଣ୍ଟରେ ପଞ୍ଜାବ ଚାମ୍ପିୟନ ହୋଇଥିଲା। ଶନିବାରଠାରୁ ଚାମ୍ପିୟନଶିପର ଅନ୍ତିମ ତଥା ଇଣ୍ଡିଆନ ରାଉଣ୍ଡ ମୁକାବିଲା ଆରମ୍ଭ ହେବ।

ପୁରୁଷ ସିଙ୍ଗିଲ୍ସ ବିଭାଗରେ ଦିଲ୍ଲୀର ଅଭିଷେକ ବର୍ମା ସର୍ବାଧିକ ୭୦୬ ପଏଣ୍ଟ ସଂଗ୍ରହ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ପଞ୍ଜାବର ସଙ୍ଗମପ୍ରୀତ ସିଂ ବିସଲା ରୌପ୍ୟ ଓ ରଜତ ଚୌହ୍ୱାନ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ସିଙ୍ଗିଲ୍ସ ଅଲିମ୍ପିକ ରାଉଣ୍ଡରେ ରାଜସ୍ଥାନର ରଜତ ଚୌହ୍ୱାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଉତ୍ତରପ୍ରଦେଶର ଅର୍ଜୁନ କୁମାର ଓ ପ୍ରବୀଣ କୁମାର ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମହିଳା ସିଙ୍ଗିଲ୍ସରେ ପିଏସ୍‌ପିବିର ଜ୍ୟୋତି ସୁରେଖା ସ୍ୱର୍ଣ୍ଣ, ଏଆଇପିଏସ୍‌ସିବିର ମୋନାଲି ଚନ୍ଦ୍ରହର୍ଷ ଝାଡୋ ରୌପ୍ୟ ଓ ରାଜସ୍ଥାନର ପ୍ରିୟା ଗୁଜର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମହିଳା ସିଙ୍ଗିଲ୍ସ ଅଲିମ୍ପିକ ରାଉଣ୍ଡରେ ଆର୍‌ଏସ୍‌ପିବିର ତ୍ରିଷା ଦେବଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଝାଡ଼ଖଣ୍ଡର ମଧୁମିତା କୁମାରୀ ରୌପ୍ୟ ଓ ରାଜସ୍ଥାନର ସ୍ୱାତୀ ଦୁଦ୍‌ୱାଲ ବ୍ରୋଞ୍ଜ ପଦକ ଜିତିଥିଲେ। ପୁରୁଷ ଦଳଗତ ଇଭେଣ୍ଟରେ ସଙ୍ଗମପ୍ରୀତ ସିଂ ବିସଲା, ସୁଖମିନ୍ଦର ସିଂ, ସୁଖବୀର ଓ ଲଭଜୋତ ସିଂଙ୍କୁ ନେଇ ଗଠିତ ପଞ୍ଜାବ ଦଳ ୨୩୨ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲା। ଦିଲ୍ଲୀ ୨୩୦ ପଏଣ୍ଟ ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଏହି ଇଭେଣ୍ଟରେ ଟାଇବ୍ରେକର ପଦ୍ଧତିରେ ଏଆଇପିଏସ୍‌ସିବି ବିଜୟୀ ହୋଇ ବ୍ରୋଞ୍ଜ ପଦକ ଜିତିଛି। ମହିଳା ଦଳଗତ ଇଭେଣ୍ଟରେ ମଧ୍ୟପ୍ରଦେଶ ସ୍ୱର୍ଣ୍ଣ ପଦକ ଜିତିଥିଲା। ମଧ୍ୟପ୍ରଦେଶ ଦଳରେ ମୁସ୍କାନ କିରାର, ଅନୁରାଧା ଅହିରୱାର, ଶ୍ରିଷ୍ଟି ସିଂ ଓ ଲକ୍ଷିତା ଫିରକେ ରହିଥିଲେ। ଏହି ବିଭାଗରେ ରାଜସ୍ଥାନକୁ ରୌପ୍ୟ ଓ ଏଆଇପିଏସ୍‌ସିବିକୁ ବ୍ରୋଞ୍ଜ ପଦକ ମିଳିଛି। ମିକ୍ସଡ ଇଭେଣ୍ଟରେ ମଧ୍ୟ ପଞ୍ଜାବ ସ୍ୱର୍ଣ୍ଣ ପଦକ ହାତେଇଛି। ପ୍ରଭଜୋତ କୌର ଓ ସଙ୍ଗମପ୍ରୀତ ସିଂ ବିସଲା ପଞ୍ଜାବ ନିମନ୍ତେ ଏହି ପଦକ ବିଜୟୀ ହୋଇଥିଲେ। ଉକ୍ତ ଇଭେଣ୍ଟରେ ମଣିପୁର ରୌପ୍ୟ ଓ ଆର୍‌ଏସ୍‌ପିବି ବ୍ରୋଞ୍ଜ ପଦକ ଜିତିଛି।



ପୁରୁଷ କମ୍ପାଉଣ୍ଡ ରାଉଣ୍ଡ ଟିମ୍ ଇଭେଣ୍ଟର ପଦକ ବିତରଣ ଉତ୍ସବ।

## ପିତାଙ୍କ ଅସୁସ୍ଥତା ଲାଗି ସିରିଜରୁ ଓହରିଲେ ଅମ୍‌ଲା

ପୋର୍ଟ ଏଲିଜାବେଥ୍, ୧୪।୩

ଘରୋଇ ଦକ୍ଷିଣ ଆଫ୍ରିକା ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ହାସିମ ଅମ୍‌ଲା ଶ୍ରୀଲଙ୍କା ବିପକ୍ଷ ଚଳିତ ଦିନିକିଆ ସିରିଜର ବଳକା ମ୍ୟାଚ୍‌ରୁ ଓହରିଯାଇଛନ୍ତି। ପିତାଙ୍କ ଅସୁସ୍ଥତା ଲାଗି ଅମ୍‌ଲା ଏହିଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଚତୁର୍ଥ ଦିନିକିଆ ଅବସରରେ କ୍ରିକେଟ ଦକ୍ଷିଣ ଆଫ୍ରିକା ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ପୂର୍ବରୁ ଅମ୍‌ଲାଙ୍କୁ ଶ୍ରୀଲଙ୍କା ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ୩ ମ୍ୟାଚ୍ ଲାଗି ବିଶ୍ରାମ ଦିଆଯାଇଥିଲା। ତାଙ୍କ ସ୍ଥାନରେ ରିଜା ହେଣ୍ଡ୍ରିକ୍ସଙ୍କୁ ଦଳରେ ସାମିଲ କରାଯାଇଥିଲା। ଅନ୍ତିମ ୨ ମ୍ୟାଚ୍ ପାଇଁ ଅମ୍‌ଲା ଦଳରେ ଯୋଗଦେବାର ଥିଲା। କିନ୍ତୁ ପିତାଙ୍କ ଅସୁସ୍ଥତା ଲାଗି ସେ ଏହି ୨ ମ୍ୟାଚ୍ ନ ଖେଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଟିମ୍ ମ୍ୟାନେଜର ମହମ୍ମଦ ମୋସାଜେ କହିଛନ୍ତି। ଚଳିତ ଶ୍ରୀଲଙ୍କା ବିପକ୍ଷ ସିରିଜରେ ଦକ୍ଷିଣ ଆଫ୍ରିକା ପ୍ରଥମ ୪ଟି ମ୍ୟାଚ୍ ଜିତି ୪-୦ରେ ଆଗୁଆ କବ୍‌ଜା କରିନେଇଛି। ଅନ୍ତିମ ତଥା ୫ମ ମ୍ୟାଚ୍ ଆସନ୍ତା ୧୬ରେ ଅନୁଷ୍ଠିତ ହେବ।

# ଫାଇନାଲ ରାଉଣ୍ଡରେ ଦୀପା

ବାକୁ (ଆଜରବୈଜାନ), ୧୪।୩ (ପି.ଟି.)

ଭାରତର ଦୀପା କର୍ମକାର ଏଠାରେ ଚାଲିଥିବା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍‌ର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ତୃତୀୟ ସ୍ଥାନ ଅଧିକାର ସହ ଭଲ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ତାଙ୍କ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ୨୫ ବର୍ଷୀୟା ଦୀପା ପ୍ରତିଯୋଗିତାରେ ପ୍ରଥମଥର କଷ୍ଟସାଧ୍ୟ ହ୍ୟାଣ୍ଡସ୍ପ୍ରିଙ୍ଗ ୫୪୦ ଭଲ୍ଟ ପ୍ରଦର୍ଶନ କରିଥିଲେ। ସେ ୧୪.୨୯୯ ଆଭରେଜରେ ତାଙ୍କ ଦୁଇ କ୍ୱାଲିଫାଇଙ୍ଗ ରାଉଣ୍ଡରେ ୧୪.୪୬୬ ଓ ୧୪.୧୩୩ ପଏଣ୍ଟ ସ୍କୋର କରିଥିଲେ। ଆମେରିକାର ଜେଡ୍ କ୍ୟାରେ ୧୪.୭୦ ଆଭରେଜ ସ୍କୋର ସହ କ୍ୱାଲିଫାଇଙ୍ଗ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମେକ୍ସିକୋର ଆଲେକ୍ସା ମୋରେନୋ ୧୪.୫୩୩ ପଏଣ୍ଟ ସହ ଦ୍ୱିତୀୟ ହୋଇଥିଲେ। ଯୋଗ୍ୟତାପର୍ଯ୍ୟାୟ ରାଉଣ୍ଡର ଶ୍ରେଷ୍ଠ ୮ ପ୍ରତିଯୋଗୀ ଫାଇନାଲରେ ଅଂଶଗ୍ରହଣ କରିବେ। ଭଲ୍ଟ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଦୀପା ଆହୁରି ମଧ୍ୟ ଶୁକ୍ରବାର ବାଲାନ୍ସ ବିମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଭାରତୀୟ ଜିମ୍ନାଷ୍ଟିକ୍ସ ଫେଡେରେଶନ ସଭାପତି ରିୟାଜ ଭଟି ଦୀପାଙ୍କ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଛନ୍ତି। ଶନିବାର ଫାଇନାଲରେ ଦୀପା ପୋଡିୟମ ଫିନିଶ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଭାରତୀୟ ଜିମ୍ନାଷ୍ଟ ଗତ ବର୍ଷ ନଭେମ୍ବରରେ ଜର୍ମାନୀର କୋଟ୍‌ବସ୍‌ଠାରେ ଅନୁଷ୍ଠିତ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍ ଭଲ୍ଟ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତି ପାଇବା ପରେ ଦୀପାଙ୍କର ଏହା ଥିଲା ପ୍ରଥମ ପ୍ରତିଯୋଗିତା। ଏହି ସମସ୍ୟା ପାଇଁ ସେ ଜାକର୍ତ୍ତା ଏସିଆନ ଗେମ୍ସ ଭଲ୍ଟ ଫାଇନାଲ ମିସ୍ କରିଥିଲେ।

# ବୃହତ୍ ବିଜୟ ସହ ଫାଇନାଲରେ ପାରାମାଉଣ୍ଟ

ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)

ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ପାରାମାଉଣ୍ଟ କ୍ଲବ ବୃହତ ବିଜୟ ସହ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ୮ ଉଇକେଟରେ କଟକର ୟୁନିୟନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ୟୁନିୟନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୨୪.୧ ଓଭରରେ ମାତ୍ର ୫୪ ରନ କରି ଅଲଆଉଟ ହୋଇଥିଲା। ଦଳର ମାତ୍ର ୨ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରି ଥିଲେ। ପ୍ରତିପକ୍ଷ ଦଳର ୨ ଅଫ୍‌ସ୍ପିନର ସ୍ୱୟଂ ସାର୍ଥକ ରାଉତରାୟ ଓ ପ୍ରତ୍ୟୁଷ ପ୍ରକାଶ ସାହୁ ଯଥାକ୍ରମେ ୪ ଓ ୩ଟି ଉଇକେଟ ନେଇ ୟୁନିୟନ ଦଳର ବିପର୍ଯ୍ୟୟ ଘଟାଇଥିଲେ। ୫୫ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୧୩.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚ ବିଜୟୀ ବୋଲିଂ ପାଇଁ ସ୍ୱୟଂ ସାର୍ଥକ ରାଉତରାୟଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସତ୍ୟଜିତ ରାୟ ଚୌଧୁରୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି କେ.ଭି. ଭାସ୍କର ଶ୍ରେଷ୍ଠ ଫିଲ୍ଡରଭାବେ ଏମ. ଜ୍ଞାନେନ୍ଦ୍ରଙ୍କୁ ପୁରସ୍କୃତ କରିଥିଲେ। ନିର୍ମଳ ମିଶ୍ର ଓ ଅସିତ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ରଶ୍ମିରଞ୍ଜନ ମଲ୍ଲ। ଶୁକ୍ରବାର ରାମେଶ୍ୱର ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।




ସ୍ୱୟଂ ସାର୍ଥକ ରାଉତରାୟଙ୍କୁ ଅତିଥି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ସେମିଫାଇନାଲରେ ସାଇ ହଷ୍ଟେଲ



ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ ଅବସରରେ ସାଇ ହଷ୍ଟେଲ ଓ ଆଇଜିଏଚ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)

କଟକ ସାଇ ହଷ୍ଟେଲ ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ସାଇ ୧-୦ ଗୋଲରେ ଆଇଜିଏଚ୍ ରାଉରକେଲାକୁ ପରାସ୍ତ କରିଛି। ସାଇ ହଷ୍ଟେଲ ଫରୱାର୍ଡ ସାକିବ ସେହଜାଦ ୧୧ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ଗୋଲ ପରିଶୋଧ ପାଇଁ ରାଉରକେଲା ଦଳ ସୁବର୍ଣ୍ଣ ସୁଯୋଗ ପାଇଥିଲା। ମାତ୍ର ଦଳ ପକ୍ଷରୁ ସ୍କୋର ହୋଇଥିବା ପେନାଲ୍ଟି କିକ୍‌କୁ ସାଇ ହଷ୍ଟେଲ ଗୋଲକିପର ଆଲୋକ ଏକ୍କା ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ତେଣୁ ଆଲୋକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅକ୍ଷୟ କୁମାର ଦାସ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମାର୍ଦ୍ଧପରେ ଟାଟା ଫୁଟବଲ ଏକାଡେମୀର ବରିଷ୍ଠ ପ୍ରଶିକ୍ଷକ ଇନ୍ଦ୍ରନିଲ ଚକ୍ରବର୍ତ୍ତୀ, ଅମିୟକାନ୍ତ ମିଶ୍ର, ଗିରିଜା ଶଙ୍କର ଦାସ ଦୁଇ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ସୁଦୀପ ଦାସ, ଚନ୍ଦ୍ରକାନ୍ତ ବାରିକ, ରାଜେନ୍ଦ୍ର ବାରିକ ଓ ପ୍ରଦୀପ ନାୟକ। ଶୁକ୍ରବାର ଜାମସେଦପୁରର ଟାଟା ଫୁଟବଲ ଏକାଡେମୀ ଓ କେରଙ୍ଗର ଅହମ୍ମଦିଆ କ୍ଲବ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ଜଣାଇଛନ୍ତି।

## ଇଣ୍ଡିଆନ ୱେଲ୍ସ କ୍ୱାର୍ଟରରେ ଫେଡରର, ନାଡାଲ

ଇଣ୍ଡିଆନ ୱେଲ୍ସ (ୟୁଏସ୍), ୧୪।୩(ଏଏଫ୍‌ପି)

ପ୍ରାକ୍ତନ ଚାମ୍ପିୟନ ରୋଜର ଫେଡରର ଓ ରାଫାଲ ନାଡାଲ ଏଠାରେ ଚାଲିଥିବା ଏଟିପି ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୨ ନମ୍ବର ଖେଳାଳି ନାଡାଲ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡର ଏକ ମୁକାବିଲାରେ ୬-୩, ୬-୪ ସିଧାସଳଖ ସେଟ୍‌ରେ ସର୍ବିୟାର ଫିଲିପ୍ କର୍ଜିନୋଭିକଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ନାଡାଲଙ୍କୁ ଏକ ଘଣ୍ଟା ୨୬ ମିନିଟ୍ ସମୟ ଲାଗିଥିଲା। ଅପରପକ୍ଷରେ ଏଠାରେ ରେକର୍ଡ ୬ଷ୍ଠ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିବା ଫେଡରର ୬-୧, ୬-୪ ସେଟ୍‌ରେ ବ୍ରିଟେନର କାଏଲ୍ ଏଡ୍‌ମଣ୍ଡଙ୍କୁ ହରାଇ ଦେଇଛନ୍ତି। ନିକଟରେ କ୍ୟାରିୟରର ୧୦୦ତମ ଟାଇଟଲ ଜିତିଥିବା ଫେଡେରର କ୍ୱାର୍ଟରଫାଇନାଲରେ ହବର୍ଟ ହରକେଜଙ୍କୁ ଭେଟିବେ। ପୂର୍ବରୁ ବିଶ୍ୱର ଏକ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ୩ୟ ରାଉଣ୍ଡରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଥିଲେ।

# ରାଜ୍ୟ ପୋଲିସ ସନ୍ତରଣ, କ୍ରସ୍‌କଣ୍ଟ୍ରି: ସୁରେଶଙ୍କୁ ୨ ସ୍ୱର୍ଣ୍ଣ

କଟକ ଅଫିସ,୧୪।୩

ସମ୍ବଲପୁରର ଡ. ଝସକେତନ ସାହୁ ସୁଇମିଂ ପୁଲରେ ଗୁରୁବାର ଠାରୁ ୨ୟ ରାଜ୍ୟ ପୋଲିସ ସନ୍ତରଣ ଓ କ୍ରସକଣ୍ଟ୍ରି ଚାମ୍ପିୟନଶିପ ଆରମ୍ଭ ହୋଇଛି। ୨୨ଟି ୟୁନିଟରୁ ୧୭୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୬୩ଜଣ ସନ୍ତରଣ ଓ ୧୦୭ଜଣ କ୍ରସକଣ୍ଟ୍ରି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ୪ଟି ବିଭାଗର ପ୍ରତିଯୋଗିତା ଶେଷ ହୋଇଥିଲା। ଏଥିରେ ଭଞ୍ଜନଗର ୮ମ ସ୍ୱତନ୍ତ୍ର ଆଇଆର ବାଟାଲିୟନର ସୁରେଶ ମିଞ୍ଜ ୨ଟି ବିଭାଗରେ ପ୍ରଥମ ସ୍ଥାନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୫୦ମିଟର ଓ ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ଏହି ସଫଳତା ପାଇଥିଲେ। ୫୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଭୁବନେଶ୍ୱର ଓଆଇଏସ୍‌ଏଫର କୁନା ବାଗ ଦ୍ୱିତୀୟ ଓ ବୌଦ୍ଧ ୫ମ ଆଇଆର ବାଟାଲିୟନର ସୁଶାନ୍ତ ବେହେରା ତୃତୀୟ ସ୍ଥାନରେ ରହିଛନ୍ତି। ୫୦ମିଟର ବ୍ୟାକଷ୍ଟ୍ରୋକରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ସମ୍ବଲପୁର ଜିଲା ପୋଲିସର ବୃଷଭ ସୁନା। ଏହି ପ୍ରତିଯୋଗିତାରେ କମିଶନରେଟ ପୋଲିସ(ଆର୍ମଡ-ବି)ର ସୁଶୀଲ ଲାକ୍ରା ଦ୍ୱିତୀୟ ଓ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନର ଚିତ୍ତରଞ୍ଜନ ଜେନା ତୃତୀୟ ସ୍ଥାନ ହାସଲ କରିଛନ୍ତି। ୨୦୦ ମିଟର ଫ୍ରି ଷ୍ଟାଇଲରେ ସମ୍ବଲପୁର ଜିଲା ପୋଲିସର କିଶୋର ଲୁହା ପ୍ରଥମ, କମିଶନରେଟ ପୋଲିସ(ଆର୍ମଡ-ବି)ର ସୁଶୀଲ ଲାକ୍ରା ଦ୍ୱିତୀୟ, ସମ୍ବଲପୁର ଜିଲା ପୋଲିସର ମନୋଜ ବାଖ୍ଲୋର ତୃତୀୟ, ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ପ୍ରଥମ, ଭୁବନେଶ୍ୱର ଓଆଇଏସ୍‌ଏଫର କୁନା ବାଗ ଦ୍ୱିତୀୟ ଓ କମିଶନରେଟ ପୋଲିସ(ଆର୍ମଡ-ବି)ର ମୋହନ ଭୋଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ, ସଞ୍ଜୀବ ଆରୋରା ଅତିଥି ଭାବେ ଯୋଗ ଦେଇଥିଲେ।

# ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା

ନୂଆଦିଲ୍ଲୀ, ୧୪।୩(ପି.ଟି.)

ପ୍ରାକ୍ତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଗୁରୁବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ନୂଆ ଦାୟିତ୍ୱ ସହ ଗାଙ୍ଗୁଲି ଦିଲ୍ଲୀର ମୁଖ୍ୟ କୋଚ୍ ରିକି ପଣ୍ଟିଂଙ୍କ ସହିତ ଏକାଠି କାମ କରିବେ। ‘ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ କାମ କରିବାର ସୁଯୋଗ ପାଇଥିବାରୁ ବହୁତ ଖୁସି ଅଛି। ପୂର୍ବରୁ ଜିନ୍ଦଲ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ବିଷୟରେ ଜାଣିଥିଲି। କିନ୍ତୁ ବର୍ତ୍ତମାନ ସେମାନଙ୍କ ସ୍ପୋର୍ଟ୍ସ ବିଭାଗରେ ସାମିଲ ହେବାରେ ସୁଯୋଗ ପାଇଛି। ଦିଲ୍ଲୀର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ମିଶି ଏକାଠି କାମ କରିବାକୁ ବ୍ୟଗ୍ର ରହିଛି’ ବୋଲି ଗାଙ୍ଗୁଲି ପ୍ରକାଶ କରିଛନ୍ତି। ‘ସୌରଭଙ୍କ ପରି ଜଣେ ଅଭିଜ୍ଞ ଖେଳାଳି ଦଳରେ ସାମିଲ ହୋଇଥିବାରୁ ଆମ ଟିମ୍ ନିଶ୍ଚିତ ଉପକୃତ ହେବ ବୋଲି ଦିଲ୍ଲୀ କ୍ୟାପିଟାଲ୍ସର ଅଧ୍ୟକ୍ଷ ପାର୍ଥ ଜିନ୍ଦଲ ଏହି ଅବସରରେ କହିଛନ୍ତି। ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ମାର୍ଚ୍ଚ ୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳି ଆଇପିଏଲ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ସେହିଭଳି ଦିଲ୍ଲୀ ଏହାର ପ୍ରଥମ ଘରୋଇ ମ୍ୟାଚ୍ ମାର୍ଚ୍ଚ ୨୬ରେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ ଖେଳିବ।

### ‘ସିଓଏଠାରୁ ପରାମର୍ଶ ନେଇଛି’

କୋଲକାତା, ୧୪।୩ (ପି.ଟି.)

ଆଇପିଏଲ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ଭୂମିକା ଗ୍ରହଣ କରିବା ଦ୍ୱାରା ସେ ସ୍ୱାର୍ଥ ଜନିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ପରିସରଭୁକ୍ତ ହେଉ ନାହାନ୍ତି ବୋଲି କହିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ତଥା ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସଭାପତି ସୌରଭ ଗାଙ୍ଗୁଲି। ସେ କହିଛନ୍ତି ମୁଁ ପୂର୍ବରୁ ଆଇପିଏଲ ଗଭର୍ଣ୍ଣିଂ କାଉନ୍‌ସିଲରୁ ଇସ୍ତଫା ଦେଇ ସାରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଶାସକ କମିଟି (ସିଓଏ)ର ପରାମର୍ଶ ମଧ୍ୟ ନେଇଛି। ତେଣୁ କୌଣସି ସ୍ୱାର୍ଥଜନିତ ଦ୍ୱନ୍ଦ୍ୱ ଉପୁଜି ନାହିଁ। ଗାଙ୍ଗୁଲି ପୁଣି କହିଛନ୍ତି ଯେ, ଜଣେ ପ୍ରଶାସକ ଭାବେ ୫ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିସାରିବା ପରେ ଏବେ ବୈଷୟିକ ଏବଂ ରଣକୌଶଳ ପ୍ରଭୃତି କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ମୁଁ ଆଗ୍ରହୀ।

# ନାଗପୁରକୁ ହରାଇଲା ୟୁନିୟନ ସ୍ପୋର୍ଟିଂ

ବନ୍ତ, ୧୪।୩ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନ ଜୀଉ ମିନିଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗୁରବାର ୨୬ତମ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ୪ ରନରେ ନାଗପୁର ଦଳକୁ ପରାସ୍ତ କରିଛି। ନାଗପୁର ଟିମ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୟୁନିୟନ ସ୍ପୋର୍ଟିଂ ସମସ୍ତ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ଲୀଳାଧର ପ୍ରଧାନ ୩୯ ଓ ସୌରଭ କାନୁଜିଆ ୩୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଯଦୁନ୍ଦ୍ରା ତାମ୍ବା ୩, କୁଶଲ ପିମ୍ପଲକର ୨ଟି ଉଇକେଟ ଅକ୍ତିଆର କରିଥିଲେ। ୧୫୬ ରନ୍‌ର ପିଛା କରି ନାଗପୁର ଟିମ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୫୧ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିକ୍ରମଜିତ ସିଂ ୫୩ ଓ ଆଗାମ କୋହଲି ୨୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଭିରେନ୍ଦ୍ର ପ୍ରତାପ ୩, ପ୍ରଶାନ୍ତ ରାଣା ୨ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ୟୁନିୟନ ସ୍ପୋର୍ଟିଂର ଭିରେନ୍ଦ୍ର ପ୍ରତାପଙ୍କୁ ପୁରସ୍କୃତ କରାଯାଇଥିଲା। ଓସିଏ ଅମ୍ପାୟର ଶାନ୍ତନୁ ରାଉତ ଓ ଲଲାଟ କେଶରୀ ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଅଜୟ ପଣ୍ଡା, ସୁରେଶ ସାଣ୍ଡିଲ, ନାରାୟଣ ସାହୁ, କହ୍ନେଇ ଲାଲ ଏବଂ ସ୍କୋରର ଭାବେ ଶମ୍ଭୁନାଥ ମହାନ୍ତି, ମାନସ ନାୟକ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ୧ମ ମ୍ୟାଚ୍ ପୁଲ-ବିର ଉତ୍ତରାଖଣ୍ଡ ବନାମ ଝାଡ଼ଖଣ୍ଡ ଏବଂ ୨ୟ ମ୍ୟାଚ୍ ପୁଲ-ଏର ନାଗପୁର ବନାମ ଦକ୍ଷିଣପୂର୍ବ ରେଲୱେ ଆଦ୍ରା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ ଓ ସମ୍ପାଦକ ଅସିତ୍ କୁମାର କର ସୂଚନା ଦେଇଛନ୍ତି।



ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ।

# ଆଜିଠାରୁ କଳିଙ୍ଗରେ ହିରୋ ସୁପର କପ୍ ଫୁଟ୍‌ବଲ

## ମିନର୍ଭାର ଆଭିମୁଖ୍ୟ ନେଇ ଏଆଇଏଫ୍‌ଏଫ୍‌ର ଅସନ୍ତୋଷ

ଭୁବନେଶ୍ୱର,୧୪।୩ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ହାଇପ୍ରୋଫାଇଲ ହିରୋ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ। ଶୁକ୍ରବାର ଓ ଶନିବାର ଦୁଇଟି ଲେଖାଏ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ପ୍ରଥମ ଦିବସର ପ୍ରଥମ ମ୍ୟାଚ୍‌ରେ ପୁଣେ ଏଫ୍‌ସି ସିଟି ଓ ମିନର୍ଭା ପଞ୍ଜାବ ଏଫ୍‌ସି କ୍ୱାଲିଫାୟର-୧ରେ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଦ୍ୱିତୀୟ କ୍ୱାଲିଫାୟରରେ କେରଳ ବ୍ଲାଷ୍ଟର ଏଫ୍‌ସି ଓ ଇଣ୍ଡିଆନ ଆରୋଜ ମୁହାଁମୁହିଁ ହେବେ। ଆଇ- ଲିଗ୍ ଓ ଇଣ୍ଡିଆନ ସୁପର ଲିଗ୍‌ରେ ସପ୍ତମରୁ ଦଶମସ୍ଥାନରେ ରହିଥିବା ଦଳଗୁଡିକ ମଧ୍ୟରେ କ୍ୱାଲିଫାୟର ଖେଳାଯିବ। ୨୯ ତାରିଖରୁ ନକ୍‌ଆଉଟ୍ ଫର୍ମାଟରେ ଫାଇନାଲ ରାଉଣ୍ଡ ଖେଳାଯିବ। ଆଇ- ଲିଗ୍ ଓ ଇଣ୍ଡିଆନ ସୁପର ଲିଗ୍‌ର ଶ୍ରେଷ୍ଠ ୬ଟି ଦଳ ଓ ୪ଟି କ୍ୱାଲିଫାୟର ମ୍ୟାଚ୍‌ଗୁଡିକର ବିଜୟ ଦଳଗୁଡିକ ଫାଇନାଲ ରାଉଣ୍ଡରେ ଅବତୀର୍ଣ୍ଣ ହେବେ।

ପ୍ରଥମ କ୍ୱାଲିଫାୟରରେ ମିନର୍ଭା ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଉ କେତେ ଘଣ୍ଟାପରେ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିଲେ ମଧ୍ୟ ମିନର୍ଭା ଖେଳିବା ନେଇ ସ୍ଥିତି ସ୍ପଷ୍ଟ ହୋଇ ନାହିଁ । ଏପରିକି ଗୁରୁବାର ଆୟୋଜିତ ହୋଇଥିବା ମ୍ୟାଚ୍ ପୂର୍ବର ଖବରଦାତା ସମ୍ମିଳନୀରେ ପୁଣେ ସିଟିର କୋଚ୍ ଓ ଖେଳାଳି ଉପସ୍ଥିତ ଥିଲେ ମଧ୍ୟ ମିନର୍ଭାର କୋଚ୍ ଓ କୌଣସି ଖେଳାଳି ଯୋଗ ଦେଇ ନ ଥିଲେ। ମିନର୍ଭାର ଏଭଳି ଆଚରଣକୁ ନେଇ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଅସନ୍ତୋଷ ଜାହିର କରିଛି। ମିନର୍ଭାର ଏଭଳି ଆଚରଣ ଏକ ଜବରଦସ୍ତ ଉପେକ୍ଷା ବୋଲି ଏଆଇଏଫ୍‌ଏଫ୍ ତରଫରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ କେରଳ ବ୍ଲାଷ୍ଟର୍ସ ଫରୱାର୍ଡ ମାଟେଜ ପପ୍‌ଲାଣ୍ଡିକ ଓ କୋଚ୍ ନେଲୋ ଭିଙ୍ଗାଡା, ଇଣ୍ଡିଆନ ଆରୋଜ କୋଚ୍ ଫ୍ଲୁଏଡ୍ ପିଣ୍ଟୋ ଓ ମିଡ୍ ଫିଲ୍ଡର ଅମରଜିତ୍ ସିଂ

### କାର୍ଯ୍ୟସୂଚୀ

**କ୍ୱାଲିଫାୟର**

- ମାର୍ଚ୍ଚ ୧୫: ପୁଣେ ସିଟି ବନାମ ମିନର୍ଭା ପଞ୍ଜାବ, ସମୟ: ଅପରାହ୍ନ ୫ଟା
- ମାର୍ଚ୍ଚ ୧୫: କେରଳ ବ୍ଲାଷ୍ଟର୍ସ ବନାମ ଇଣ୍ଡିଆନ ଆରୋଜ, ସମୟ: ରାତି ୮ଟା ୩୦
- ମାର୍ଚ୍ଚ ୧୬: ଦିଲ୍ଲୀ ଡାଇନାମସ ବନାମ ଗୋକୁଲମ କେରଳ, ସମୟ: ଅପରାହ୍ନ: ୫ଟା
- ମାର୍ଚ୍ଚ ୧୬: ଚେନ୍ନାଇନ୍ ଏଫସି ବନାମ ଆଇଜଲ ଏଫସି, ସମୟ: ରାତି ୮ଟା ୩୦

ମଙ୍ଗଳବାର ୮ଟି ଆଇ- ଲିଗ୍ କ୍ଲବ ଏହି ଟୁର୍ନାମେଣ୍ଟରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଫଳରେ ଟୁର୍ନାମେଣ୍ଟ ଆୟୋଜନ ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ଏଆଇଏଫ୍‌ଏଫ୍ ଆଇ- ଲିଗ୍ ଦଳଗୁଡିକୁ ଅବହେଳା କରୁଛି ଓ ବୈମାତୃକ ମନୋଭାବ ପୋଷଣ କରୁଛି ବୋଲି ଅଭିଯୋଗ ହୋଇଥିଲା। ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୁଣେ, କେରଳ ଓ ଆରୋଜର କୋଚ୍ ଓ ଖେଳାଳିମାନେ ଯୋଗ ଦେଇଥିଲେ ମଧ୍ୟ ମିନର୍ଭାର କୌଣସି ପ୍ରତିନିଧି ଏଥିରେ ଅଂଶଗ୍ରହଣ କରି ନ ଥିଲେ। ତେବେ ମିନର୍ଭାର ଖେଳାଳିମାନେ ଭୁବନେଶ୍ୱରରେ ଏବେ ଅଛନ୍ତି। ମିନର୍ଭାର ଖେଳାଳିମାନେ ବୁଧବାର ଅପରାହ୍ନ ଓ ଗୁରୁବାର ସକାଳେ ଅଭ୍ୟାସ କରି ନାହାନ୍ତି। ଯଦି ମିନର୍ଭା ଶୁକ୍ରବାର ଅନୁପସ୍ଥିତ ରହେ ତେବେ ଟୁର୍ନାମେଣ୍ଟ ନିୟମ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ଓ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କାରଯିବ। ପରେ ଏ ନେଇ ଉଚିତ୍ ନିଷ୍ପତ୍ତି ନିଆଯିବ ବୋଲି ଏଆଇଏଫ୍‌ଏଫ୍ ତରଫରୁ ସ୍ପଷ୍ଟ କରାଯାଇଛି। ସୁପର କପ୍ ଏକ ନକ୍‌ଆଉଟ୍ ଭିତ୍ତିକ ଟୁର୍ନାମେଣ୍ଟ ହୋଇଥିବାରୁ ଦଳଗୁଡିକ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

ମିନର୍ଭା ବିପକ୍ଷରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ପୁଣେ କୋଚ୍ ଫିଲିପ୍ ବ୍ରାଉନ ଓ ମିଡଫିଲ୍ଡର ଆଦିଲ ଖାନ୍ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦଳ ପେସାଦାର ଢଙ୍ଗରେ ଖେଳ ପ୍ରଦର୍ଶନ କରିବ। ଏହା ଏକ ନକ୍‌ଆଉଟ୍ ମ୍ୟାଚ୍ ହୋଇଥିବାରୁ ଆମକୁ ସମ୍ପୂର୍ଣ୍ଣ ଶକ୍ତି ସହ ପଡିଆକୁ ଓହ୍ଲାଇବାକୁ ହେବ ବୋଲି ବ୍ରାଉନ୍ କହିଛନ୍ତି। ଆମ ଦଳରେ ଏକାଧିକ ମ୍ୟାଚ୍ ୱିନର ଅଛନ୍ତି। ହାରିଲେ ଆମେ ଘରକୁ ଯିବୁ। ତେଣୁ ଆମକୁ ଦଳଗତ ପ୍ରଦର୍ଶନ କରିବାକୁ ହେବ। ମିନର୍ଭା ଦଳକୁ ଆମେ ଆଦୌ ହାଲ୍‌କା ଭାବେ ନେଉନାହୁଁ ଓ ଏହା ଏକ ସନ୍ତୁଳିତ ଦଳ। ତେଣୁ ଜିତିବା ପାଇଁ ହିଁ ଆମେ ପଡ଼ିଆକୁ ଓହ୍ଲାଇବୁ ବୋଲି ଆଦିଲ କହିଛନ୍ତି।

ଦ୍ୱିତୀୟ କ୍ୟାଲିଫାୟର ପାଇଁ କେରଳ ବ୍ଲାଷ୍ଟର୍ସ କୋଚ୍ ନେଲୋ ଭିଙ୍ଗଡ଼ା ଓ ଫରୱାର୍ଡ ମାଟେଜ ପପ୍‌ଲାଣ୍ଟିକ୍, ଇଣ୍ଡିଆନ ଆରୋଜ କୋଚ୍ ଫ୍ଲୁଏଡ ପିଣ୍ଟୋ ଓ ମିଡ ଫିଲ୍ଡର ଅମରଜିତ ସିଂ କିୟାମ ମ୍ୟାଚପୂର୍ବର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଆରୋଜ ଏକ ଯୁବ ଦଳ ହୋଇଥିବାରୁ ଆମେ ପୂରା ପ୍ରସ୍ତୁତି ସହ ପଡିଆକୁ ଓହ୍ଲାଇବୁ ବୋଲି କେରଳ କୋଚ୍ ଭିଙ୍ଗଡା କହିଛନ୍ତି। ଏହି ଅବସରରେ ସେ ଆରୋଜ ଦଳକୁ ପ୍ରଶଂସା କରିଥିଲେ। ଅନ୍ୟପଟେ ଫ୍ଲୁଏଡ ପିଣ୍ଟୋ ମଧ୍ୟ ଦଳର ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଥିବା କଥା କହିଛନ୍ତି। ଏହା ଏକ ନକ୍‌ଆଉଟ ମ୍ୟାଚ୍ ହୋଇଥିବାରୁ ଆମେ ପୂରା ସାମର୍ଥ୍ୟର ସହ ଖେଳିବୁ ଓ ଯୋଜନା ଅନୁଯାୟୀ ପ୍ରଦର୍ଶନ କରିବୁ। ଦଳରେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ସପକ୍ଷରେ ପିଣ୍ଟୋ ମତ ଦେଇଥିଲେ। ଦ୍ରୁତ ଫୁଟବଲ ପାଇଁ ଅବଶ୍ୟ ଦଳରେ ଯୁବ ଖେଳାଳି ରହିବା ଉଚିତ୍ ବୋଲି ପିଣ୍ଟୋ ମତ ଦେଇଥିଲେ।

### ବିନା ଟିକେଟ୍‌ରେ ଦର୍ଶକ ମ୍ୟାଚ୍ ଦେଖିପାରିବେ

ଫୁଟବଲ ପ୍ରେମୀ ତଥା ଦର୍ଶକମାନେ ବିନା ଟିକେଟରେ ମ୍ୟାଚ୍ ଦେଖିପାରିବେ। ଦର୍ଶକମାନେ ବି,ସି ଓ ଡି ବ୍ଲକ୍ ବାଟ ଦେଇ ଷ୍ଟାଡିୟମରେ ପ୍ରବେଶ କରିବେ। ୩ ନମ୍ବର ଗେଟ ଦେଇ ଦର୍ଶକ ଏଣ୍ଟ୍ରି କରିବେ। ତେବେ ଯାନ ସହ ଆସିଥିବା ଦର୍ଶକ ୮ବି ଗେଟ୍ ଦେଇ ଷ୍ଟାଡିୟମରେ ପ୍ରବେଶ କରିବେ। ସିପିଡିଓ ଗ୍ରାଉଣ୍ଡରେ ଦର୍ଶକମାନେ ଗାଡି ପାର୍କିଂ କରିପାରିବେ।

# ଇସ୍ତାହାର କମିଟି ଘୋଷଣା କଲା ବିଜେଡି

- ବେଦପ୍ରକାଶ ଅଧ୍ୟକ୍ଷ
- ପ୍ରସନ୍ନ, ପଦ୍ମନାଭ ପ୍ରମୁଖ ସହଅଧ୍ୟକ୍ଷ
- କମିଟିରେ ସବୁ ବର୍ଗର ପ୍ରତିନିଧିତ୍ୱ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ନିଜର ଇସ୍ତାହାର କମିଟି ଗଠନ କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦଳର ଇସ୍ତାହାର କମିଟି ଘୋଷଣା କରିଛନ୍ତି। ବରିଷ୍ଠ ନେତା ତଥା ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କୁ ଏହାର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। କମିଟିରେ ସବୁ ବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଏହି କମିଟିରେ ସହଅଧ୍ୟକ୍ଷ ଭାବେ ପ୍ରସନ୍ନ ଆଚାର୍ଯ୍ୟ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ମଙ୍ଗଳା କିଷାନ, ପଦ୍ମନାଭ ବେହେରା ଏବଂ କସ୍ତୁରୀ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। କମିଟିର ସଦସ୍ୟଭାବେ ଅନଙ୍ଗ ଉଦୟ ସିଂଦେଓ, ଭର୍ତ୍ତୃହରି ମହତାବ, ଡ. ଅଚ୍ୟୁତ ସାମନ୍ତ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ସୁଦାମ ମାର୍ଣ୍ଡି, ରମେଶ ଚନ୍ଦ୍ର ମାଝିଙ୍କୁ ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁବାସ ସିଂହ, ଡ. ମିନତି ବେହେରା, ଲୋପାମୁଦ୍ରା ବକ୍ସିପାତ୍ର, ନବ ଦାସ, ଡ. ଦିଲୀପ ତିର୍କୀ, ରବି ନାରାୟଣ ନନ୍ଦ, ଇଂ. ନଳିନୀକାନ୍ତ ପ୍ରଧାନ, ଆଇନଜୀବୀ ଅସୀମ ଅମିତାଭ ଦାସ, ମୁନ୍ନା ଖାଁ, ଅନନ୍ତ ନାରାୟଣ ଜେନା, ଡ. ସସ୍ମିତ ପାତ୍ର, ଶ୍ରୀମୟୀ ମିଶ୍ର, ତେଜେଶ୍ୱର ପରିଡା, ଚିନ୍ମୟ ସାହୁ, ଅମରେଶ ପତ୍ରୀ ଏବଂ ରାଣାପ୍ରତାପ ପାତ୍ରଙ୍କୁ ସାମିଲ କରାଯାଇଛି। ବଲାଙ୍ଗୀରରୁ ସୁଜାତା ମିଶ୍ର, ସୁନ୍ଦରଗଡ଼ର ସରସ୍ୱତୀ କିଷାନ, ମୟୂରଭଞ୍ଜ ବିଷ୍ଣୁପ୍ରିୟା ଦାସ, କଳାହାଣ୍ଡିର ପଙ୍କଜିନୀ ମଙ୍ଗରାଜ, କେନ୍ଦୁପତ୍ର ତୋଳାଳି ନେତ୍ରୀ ମାମିନା ନାୟକ, କୃଷକ ନେତା କିଶୋର ଦେବତା ମଧ୍ୟ ଇସ୍ତାହାର କମିଟିରେ ସ୍ଥାନ ପାଇଛନ୍ତି। ମାର୍ଚ୍ଚ ୫ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୩ ତମ ଜୟନ୍ତୀରୁ 'ଘରେ ଘରେ ଶଙ୍ଖ– ମତାମତ ଦିଅନ୍ତି ଆପଣ, ପାଳନ କରନ୍ତି ନବୀନ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ଜରିଆରେ ତୃଣମୂଳରୁ ଇସ୍ତାହାର ପ୍ରସ୍ତୁତି ନେଇ ମତାମତ ସଂଗ୍ରହ କରାଯାଇଥିଲା। ଏହାକୁ ଆଧାର କରି ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରାଯିବ ବୋଲି ଦଳର ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ଅନ୍ୟ ଦୁଇ ପ୍ରମୁଖ ଦଳ ଇସ୍ତାହାର କମିଟି ବହୁ ପୂର୍ବରୁ ଘୋଷଣା କରି କାର୍ଯ୍ୟ ଆରମ୍ଭ କରିସାରିଛନ୍ତି।

CLASSIFIED DISPLAY

ଆଁଚିଲି କିଲଏଡ଼ ମାଛଆଖିଆ
ଭାତୁଡ଼ି କିଲଏଡ଼ ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

LISAS'IAS
2, Budha Nagar, Bhubaneswar - 751 006, Ph.No. : 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS (PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
- IAS-4 , IPS - 6, IRS - 5, IRAS -1, INDIAN POSTAL SERVICE - 1, I.Fo.S - 1, I.E.S. - 1
- 750 IN OAS EXAMS. WITH 4 TOPPERS & 3 LADY TOPPERS
SPECIAL FEATURES
- Guidance by Experienced Faculties
- Exam. Oriented Study Materials
- Regular Unit Tests and VSTs with Doubt Clarification Sessions
- Library with A/C Reading Room Facility
- Weekly Current Affairs & Monthly Magazine (LISAS CAREER IN FOCUS)
26 Years of Excellence

SPOKEN ENGLISH
veta
Experts in spoken English
ଆସନ୍ତୁ ଭଲ ଇଂଲିସ୍ କହିବା

| | |
|---|---|
| Patia | 9337051526 |
| Khandagiri | 9338644666 |
| Saheed Nagar | 9338154139 |
| Buxi Bazar | 9778044550 |
| Balasore | 7735033550 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଢ୍ରାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ORANE INTERNATIONAL SCHOOL OF BEAUTY & WELLNESS
Celebrating Women's Month
ଓରେନ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲ, ଭୁବନେଶ୍ୱର
FREE DEMO CLASS
ORANEଦ୍ୱାରା ମହିଳାମାନେ ଦୁନିଆ ସହିତ ଯୋଡ଼ିବା ପାଇଁ ଏକ ପ୍ରୟାସ, ମହିଳା ଦିବସ ଉପଲକ୍ଷେ 40% ପର୍ଯ୍ୟନ୍ତ କୋର୍ସ ଫି ରିହାତି । SELECTED COURSE* ସହିତ ଏକ SMART PHONE* ଉପହାର।
(Worth Rs.19,990/-)*
*Terms & Conditions apply
ଆଡ଼ଭାନ୍ସ ଡିପ୍ଲୋମା
ହେୟାର । ବ୍ୟୁଟି । ମେକ୍‌ଅପ୍
Limited Seats
For Admission Call:
73288-24255, 73288-24260
Plot No.- 5, 3rd Floor, Santosh Plaza, Janpath, Satya Nagar, BBSR

ପ୍ରଥମ ପୃଷ୍ଠାରୁ......

### ଆଜି ବରଗଡ଼ ...

ନୂଆଦିଲ୍ଲୀରୁ ବାହାରି ମଧ୍ୟାହ୍ନ ପ୍ରାୟ ୧୨ଟାରେ ରାୟପୁରରେ ଏକ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ ସେ ହେଲିକପ୍ଟର ଯୋଗେ ଆସି ଅପରାହ୍ନ ପ୍ରାୟ ୧ଟା ସୁଦ୍ଧା ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ । ସେଠାରେ ନିର୍ମିତ ମଞ୍ଚରେ ସେ ଜନସାଧାରଣଙ୍କୁ ଉଦବୋଧନ ଦେଇସାରିବା ପରେ ଅପରାହ୍ନ ପ୍ରାୟ ୨ଟା ୧୫ମିନିଟ୍‌ରେ ରାୟପୁର ଅଭିମୁଖେ ଯିବା କାର୍ଯ୍ୟକ୍ରମ ରହିଛି । ରାହୁଲଙ୍କ ଗସ୍ତ ପୂର୍ବରୁ ଗୁରୁବାର ସୁଦ୍ଧା ଏଆଇସିସି ସମ୍ପାଦକ ଶେକ୍ ମସ୍ତାନ ଅଲ୍ଲୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ ପ୍ରମୁଖ ବରଗଡ଼ ପହଞ୍ଚି ସାରିଛନ୍ତି । ସ୍ଥାନୀୟ କଂଗ୍ରେସ କର୍ମୀମାନଙ୍କ ଦ୍ୱାରା ଏକ ବାଇକ୍ ରାଲି ସହର ପରିକ୍ରମା କରିଛି ।

### ଟିଟିଲାଗଡ଼ରେ ଶିଶୁ...

ଯାଇଥିବା ଦୁଇ ରେଳଧାରଣାର ମଝି ତଥା ଏକ ଅପନ୍ତରିଆ ସ୍ଥାନ। ସେଠାରୁ କିଛି ଦୂରରେ ପୂଜାର୍ଚ୍ଚନା କରାଯାଇଛି। ଉକ୍ତ ଅଞ୍ଚଳକୁ ଲୋକେ ପ୍ରାୟ ଯାଉ ନ ଥିବାରୁ କେଉଁ ଦିନ ଏହି ପୂଜାର୍ଚ୍ଚନା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସେଠାରେ ଥିବା ପୋଲ ତଳେ ଚାଉଳ, ଦର୍ପଣ, ସିନ୍ଦୂର, କଳସ, ନଡ଼ିଆ, ନୂଆ କପଡା, ଫୁଲ ଆଦି ଅନେକ ପୂଜା ସାମଗ୍ରୀ ପଡ଼ିଛି। ହୋମ କରାଯାଇଛି। ପୂଜା କରାଯାଇଥିବା ଏକ କଣ୍ଟେଇ ଉପରେ ରକ୍ତ ଢଳାଯାଇଥିବା ଅନୁମାନ କରାଯାଇଛି। ତେଣୁ ଶିଶୁଟିକୁ ବଳି ଦିଆଯାଇଥିବା ସନ୍ଦେହ ଦୃଢ଼ୀଭୂତ ହେଉଛି। ଘଟଣା ସମ୍ପର୍କରେ ବଲାଙ୍ଗୀର ଜିଆରପି ଥାନା ଅଧିକାରୀ ଦୁର୍ଗାଚରଣ ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଏ ସଂକ୍ରାନ୍ତରେ ସେ କିଛି ଜାଣି ନ ଥିବା କହିଛନ୍ତି। ତଥାପି ଘଟଣାର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ଉତ୍ତର, ଆଭ୍ୟନ୍ତରୀଣ...

କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଛତିଶଗଡ ଏବଂ ଓଡିଶା ଉପରେ ଏକ ଟ୍ରାପଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ଯାଏ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ ପଟେ ଝଡବର୍ଷା ସମ୍ଭାବନା ଥିବା ବେଳେ ଅନ୍ୟ ପକ୍ଷରେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାର କେତେକ ସ୍ଥାନରେ ତାତି ବୃଦ୍ଧି ପାଇଛି। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ତାଳଚେରରେ ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଥିବା ବେଳେ ଭବାନୀପାଟଣା ୩୮, ବଲାଙ୍ଗୀର ୩୮, ମାଲକାନଗିରି ୩୮.୫, ସୋନପୁର ୩୮, ଅନୁଗୋଳ ୩୭.୧, ଝାରସୁଗୁଡା ୩୬.୬ ଏବଂ ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୩୭.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

DSPL-439
ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା '୧୦୮' ଏବଂ '୧୦୨'ର ଉପଯୋଗ ସମ୍ପର୍କରେ ସୂଚନା
ଏହାର ସୁବିଧା :
- ୨୪ ଘଣ୍ଟିଆ ଦିନରାତି ଆମ୍ବୁଲାନ୍ସ ସେବା
- ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ (କଲ୍ ସେଣ୍ଟର)ରେ ୨୪ ଘଣ୍ଟିଆ ଫୋନ୍ କଲ୍ ଗ୍ରହଣ ସହ ଆମ୍ବୁଲାନ୍ସ ଯୋଗାଇ ଦେବାର ବ୍ୟବସ୍ଥା
- ଏହି ଆମ୍ବୁଲାନ୍ସରେ ରୋଗୀ ସହ ଜଣେ ବ୍ୟକ୍ତି ସହାୟକରୂପେ ଯାଇପାରିବେ
- ଏହି ସେବା ବିନା ମୂଲ୍ୟରେ ଉପଲବ୍ଧ
ଜରୁରୀକାଳୀନ ୧୦୮ ଆମ୍ବୁଲାନ୍ସ ସେବା
- ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଡାକ୍ତରଖାନାକୁ ନିଆଯାଇଥାଏ ।
- ଏହି ସେବା ନିମନ୍ତେ '୧୦୮' ନମ୍ବରକୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।
- ଏଥିରେ ଡାକ୍ତରଖାନା ପହଞ୍ଚିବା ପର୍ଯ୍ୟନ୍ତ ରୋଗୀକୁ ଆବଶ୍ୟକୀୟ ମୌଳିକ ଚିକିତ୍ସା ଯୋଗାଇଦେବାର ବ୍ୟବସ୍ଥା ରହିଛି ।
ରାଷ୍ଟ୍ରୀୟ ଆମ୍ବୁଲାନ୍ସ ସେବା (୧୦୨)
- ଡ଼ାକ୍ତରଖାନାରେ ପ୍ରସବ ପାଇଁ ସମସ୍ତ ଗର୍ଭବତୀ, ପ୍ରସୂତି ଓ ୧ ବର୍ଷ ପର୍ଯ୍ୟନ୍ତ ଅସୁସ୍ଥ ଶିଶୁମାନଙ୍କର ଜରୁରୀ ଚିକିତ୍ସା ନିମନ୍ତେ ଡ଼ାକ୍ତରଖାନାକୁ ନେବା ପାଇଁ ୧୦୨ ଆମ୍ବୁଲାନ୍ସ ସେବାର ପ୍ରଚଳନ କରାଯାଇଛି ।
- ଏହି ସୁବିଧା ପାଇବା ପାଇଁ ଦେୟମୁକ୍ତ ନମ୍ବର ୧୦୨କୁ ବିନା କୋଡ୍‌ରେ ଫୋନ୍ କରନ୍ତୁ ।
10003/13/0108/1819
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha http://www.health.odisha.gov.in/ @HFWOdisha

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୧୯ Sambalpur, Friday, March 15 / 2019

## ସଂକ୍ଷେପରେ

### ଜଳିଗଲା ବରଯାତ୍ରୀ ବସ୍

**କେନ୍ଦୁଝର/ଢେଙ୍କିକୋଟ, ୧୪।୩ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ଗ୍ରାମର ବେହେରାସାହିରେ ବୁଧବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବରଯାତ୍ରୀ ନେଇ ଆସିଥିବା ଏକ ବସ୍ ହଠାତ୍ ଜଳିଯିବାରୁ ସେଥିରେ ଶୋଇଥିବା ଜଣେ ବରଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଯାଏ ମୃତକଙ୍କ ପରିଚୟ ମିଳିପାରି ନାହିଁ। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ପୋଲିସ ଅନୁମାନ କରୁଛି। ହେଲେ ଏପର୍ଯ୍ୟନ୍ତ ପ୍ରକୃତ କାରଣ ଜଣାପଡିନାହିଁ। ବେହେରାସାହିର ଗଣନାଥ ବେହେରା ପୁଅ ଶ୍ରବଣ କୁମାରଙ୍କ ବିବାହ ଲାଗି ଏକ ବସ୍ (ନଂ. ଓଆର୦୯ ଏନ୍-୫୬୨୯) ଭଡ଼ାରେ ଆଣିଥିଲେ। ବରଯାତ୍ରୀମାନେ ଉକ୍ତ ବସ୍‌ରେ ସଦର ଥାନା କେନ୍ଦେଇପଶିସ୍ଥିତ କନ୍ୟାଘରକୁ ଯାଇଥିଲେ। ସେଠାରେ ବରଯାତ୍ରୀଙ୍କୁ ଧରି ବସ୍ ଫେରିବା ପରେ ବେହେରାସାହିରେ ରହିଥିଲା। ଭୋର୍‌ରୁ ବସ୍ ଯିବ ବୋଲି କହି ଡ୍ରାଇଭର ଦୋଳଗୋବିନ୍ଦ ଗିରି ନିଜ ଗ୍ରାମ ନୁଶୁରିପଶିକୁ ଚାଲିଯାଇଥିଲେ। ମାତ୍ର ବସ୍ ଭିତରେ କେହି ଜଣେ ଶୋଇପଡିଥିଲେ। ବିଳମ୍ବିତ ରାତିରେ ହଠାତ୍ ବସ୍‌ଟି ହୁ ହୁ ହୋଇ ଜଳିବାକୁ ଲାଗିଥିଲା।

# ଶିକ୍ଷକଙ୍କ ମାଡ଼ରେ ୮ମ ଶ୍ରେଣୀ ଛାତ୍ର ଗୁରୁତର

**ସୁନ୍ଦରଗଡ଼, ୧୪।୩ (ଡି.ଏନ୍.ଏ.)**

ସରକାର କୋମଳମତି ଛାତ୍ରୀଛାତ୍ରଙ୍କୁ ଦଣ୍ଡମୁକ୍ତ ଶିକ୍ଷା ପ୍ରଦାନ ଦିଗରେ ଗୁରୁତ୍ୱ ଦେଇଛନ୍ତି । ପ୍ରତି ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ହେଲେ ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସୁରୁଗୁଡ଼ାସ୍ଥିତ ଛଟେନପାଲି ସିପିଜିପି ଉଚ୍ଚ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଶିକ୍ଷକଙ୍କ ମାଡରେ ଗୁରୁତର ହୋଇଛନ୍ତି। ତାଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସଂପୃକ୍ତ ଛାତ୍ରଙ୍କ ନାମ ଆନିସ ପୃଷ୍ଟେଠ (୧୩)। ଆନିସଙ୍କ ପିଠି ଓ ଛାତିରେ ଆଘାତ ଲାଗି ଥିବାରୁ ସେ ଯନ୍ତ୍ରଣା ଅନୁଭବ କରୁଥିବା କହିଛନ୍ତି। ବର୍ତ୍ତମାନ ସେ ଶିଶୁବିଭାଗ ବେଡ ନଂ.୧୩୨ରେ ଚିକିତ୍ସିତ ହେଉଛନ୍ତି।

ଆନିସ ଓ ତାଙ୍କ ବାପା ପ୍ରମୋଦ ପୃଷ୍ଟେଠଙ୍କ ଅଭିଯୋଗ ଅନୁସାରେ ସଂପୃକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ ପାଠପଢା ସମୟରେ ଆନିସଙ୍କ ପିଠିକୁ


ଡାକ୍ତରଖାନାରେ ଆନିସ ପୃଷ୍ଟେଠ ଚିକିତ୍ସିତ ହେଉଛନ୍ତି।

ନିର୍ଘାତ ପିଟିଥିଲେ। ଫଳରେ ଗତ କିଛିଦିନ ହେବ ସେ ଅସୁସ୍ଥ ଅନୁଭବ କରିଥିଲେ। ବିଦ୍ୟାଳୟ ଛାତ୍ରାବାସରେ ରହି ଆନିସ ପାଠ ପଢୁଥିଲେ। ଗତ ୩ଦିନ ତଳେ ବିଦ୍ୟାଳୟ ତରଫରୁ ପୁଅର ଦେହ ଭଲ ନ ଥିବା କହି ତାଙ୍କ ବାପାଙ୍କୁ ଡକାଯାଇଥିଲା। ଆନିସଙ୍କ ବାପା ବ୍ୟସ୍ତତା ଯୋଗୁ ଜେଜେବାପାଙ୍କୁ ପଠାଇଲେ । ଜେଜେବାପା ବିଦ୍ୟାଳୟରେ ପହଞ୍ଚିବା ପରେ ଆନିସଙ୍କୁ ଡାକ୍ତରଖାନାକୁ ନେବା ପରେ ଛାତ୍ରାବାସରେ ଛାଡି ଦେବା ପାଇଁ କୁହାଯାଇଥିଲା। ପ୍ରଥମେ ଆନିସଙ୍କୁ ଲେଫ୍ରିପଡା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଖାନାକୁ ଦେଖାଇବା ପରେ ତାଙ୍କୁ ସୁନ୍ଦରଗଡ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଶିକ୍ଷକଙ୍କ ଭୟରେ ଛାତ୍ର

- ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି
- ଅଭିଯୋଗକୁ ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ଖଣ୍ଡନ

ଜଣକ ପ୍ରଥମେ ଡାକ୍ତରଙ୍କ ଆଗରେ ତାଙ୍କୁ ମାଡମରାଯାଇଥିବା ସମ୍ପର୍କରେ କିଛି କହି ନ ଥିଲେ। ସୁନ୍ଦରଗଡ଼ରେ ସେ ବାପା ଓ ଡାକ୍ତରଙ୍କ ଆଗରେ ସବୁକଥା କହିଥିଲେ। ତାଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷକ ପାଠପଢା ସମୟରେ ନିର୍ଘାତ ପିଟିଥିଲେ ବୋଲି କହିଥିଲେ। ଛାତ୍ରଙ୍କ ପରିବାର ପକ୍ଷରୁ ପ୍ରଥମେ ଲେଫ୍ରିପଡା ବ୍ଲକ ଶିକ୍ଷାଧିକାରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ପରେ ଜିଲା ଶିକ୍ଷା ଅଧିକାରୀ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଦାବି କରାଯାଇଛି।

ଏସମ୍ପର୍କରେ ବିଦ୍ୟାଳୟ ଛାତ୍ରାବାସ ଦାୟିତ୍ୱରେ ଥିବା ସଂସ୍କୃତ ଶିକ୍ଷକ ଦିଲୀପ ପଟେଲଙ୍କୁ ପଚାରିବାରେ ଛାତ୍ରଙ୍କୁ ମାଡ ମରାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଗତ ୧୧ ତାରିଖ ରାତିରେ ଆନିସ ଖାଇସାରିଲା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଛାତ୍ରାବାସ କର୍ତ୍ତୃପକ୍ଷ ରାତିରେ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ମଧ୍ୟ ପୀଡା ଉପଶମ ନ ହେବାରୁ ସକାଳେ ତାଙ୍କ ବାପାଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ତାଙ୍କ ବାପା ନିଜେ ନ ଆସି ସ୍ଥାନୀୟ ଜଣେ ଅଭିଭାବକଙ୍କୁ ବିଦ୍ୟାଳୟକୁ ପଠାଇଥିଲେ। ସ୍ଥାନୀୟ ଅଭିଭାବକ ବିଦ୍ୟାଳୟରେ ପହଞ୍ଚିବା ପରେ ତାଙ୍କ ହାତରେ ପିଲାଙ୍କୁ ଛାଡିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଏହାପରେ ଛାତ୍ରଙ୍କ ବାପା ତାଙ୍କ ଜେଜେବାପାଙ୍କୁ ପଠାଇଥିଲେ। ଛାତ୍ରଙ୍କ ଜେଜେବାପା ତାଙ୍କୁ ଲେଫ୍ରିପଡା ଡାକ୍ତରଖାନାରେ ଦେଖାଇ ସାରିଲା ପରେ ବିଦ୍ୟାଳୟରେ ଆଣି ଛାଡି ଚାଲି ଯାଇଥିଲେ। ଏହା ପରେ ଛାତ୍ରଙ୍କ ବାପା କୋଲାବିରାର ଜଣେ ସମ୍ପର୍କୀୟଙ୍କୁ ପଠାଇ ତାଙ୍କୁ ଡାକ୍ତରଖାନା ନେବାକୁ କହି ନେଇଯାଇଥିଲେ। ବିଦ୍ୟାଳୟର କୌଣସି ଶିକ୍ଷକ ଛାତ୍ରଙ୍କୁ ମାଡମାରିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

## ବିରୂପା ନଦୀରେ ବୁଡ଼ିଗଲେ ୨ ଛାତ୍ର

### ଜଣଙ୍କ ମୃତଦେହ ଉଦ୍ଧାର

**ଡେରାବିଶ, ୧୪।୩ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦେଇ ପ୍ରବାହିତ ବିରୂପା ନଦୀର ଛୋଟିଠାରେ ନିର୍ମାଣାଧୀନ ବିଜୁ ସେତୁ ନିକଟରେ ଗୁରୁବାର ପୂର୍ବାହ୍ନରେ ଗାଧୋଉଥିବା ବେଳେ ୨ ଛାତ୍ର ବୁଡ଼ିଯାଇଥିଲେ। ବହୁ ଖୋଜାଖୋଜି ପରେ ଅପରାହ୍ନରେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ରାତି ସାଢ଼େ ୭ଟା ସୁଦ୍ଧା ଅନ୍ୟଜଣଙ୍କର ପତ୍ତା ମିଳି ନ ଥିଲା। ମୃତକ ଜଣକ ହେଲେ ଛୋଟି ଗ୍ରାମର ପ୍ରକାଶ ଦାସଙ୍କ ପୁଅ ଆକାଶ (୧୮)। ପ୍ରକାଶ ଯେ, ଆକାଶ ଓ ତାଙ୍କ ସାଙ୍ଗ ସେହି ଗ୍ରାମର ସନ୍ତୋଷ ପ୍ରଧାନଙ୍କ ପୁଅ ଦିବ୍ୟଜ୍ୟୋତି (୧୬) ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିଲେ। ଉଭୟେ ପହଁରି ଘାଟ ପାରି ହୋଇ କିଛି ଦୂରକୁ ଚାଲି ଯିବା ପରେ ଗଭୀର ସ୍ରୋତ ଥିବାରୁ ସେମାନେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ଛୋଟି ଘାଟଠାରୁ ୫୦ମିଟର ଦୂରରୁ ଆକାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# ବ୍ରଜରାଜନଗର ଭାଜପାରେ ବିଦ୍ରୋହ

**ଝାରସୁଗୁଡ଼ା ଅଫିସ,୧୪।୩**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଭାଜପାରେ ପୁଣି ଦେଖାଦେଇଛି ବିଦ୍ରୋହ। ଏଥର ବିଦ୍ରୋହର ସ୍ୱର ଭୁବନେଶରରେ ପହଞ୍ଚିଛି। ଆଗାମୀ ନିର୍ବାଚନରେ ରାଧାରାଣୀ ପଣ୍ଡାଙ୍କୁ ବ୍ରଜରାଜନଗରରୁ ଦଳୀୟ ଟିକେଟ ନ ଦେବା ପାଇଁ ଏକ ଗୋଷ୍ଠୀ ଦାବି କରିଛି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ୫୦ରୁ ଅଧିକ କର୍ମକର୍ତ୍ତା ଭୁବନେଶ୍ୱରରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାସହ ରାଜ୍ୟ ସଭାପତିଙ୍କୁ ଭେଟି ବିଧାୟିକା ପଣ୍ଡା କିପରି ମନମୁଖୀ କାମକରୁଛନ୍ତି, ଦଳୀୟ କର୍ମକର୍ତ୍ତାଙ୍କ ସହ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ସେନେଇ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ଭାଜପା କର୍ମକର୍ତ୍ତାଙ୍କୁ ନେଇ ଏକ ଜରୁରୀ ବୈଠକ ହୋଇଥିଲା। ଏଥିରେ ୩ଟି ମୁଖ୍ୟ ପ୍ରସ୍ତାବ ପାରିତ ହୋଇଥିଲା। ବିଧାୟିକା ପଣ୍ଡା ଏକ ଗଣମାଧମରେ ସାକ୍ଷାତକାର ଦେଇ ବ୍ରଜରାଜନଗର ନିର୍ବାଚନମଣଳୀର ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧରେ ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିବାରୁ ଏହାକୁ ନିନ୍ଦା କରାଯାଇଥିଲା। ବିଧାୟିକା ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବାରୁ ଏନେଇ ରାଜ୍ୟ ନେତୃବୃନ୍ଦଙ୍କୁ ଅବଗତ କରାଇବାକୁ


ବିଧାୟିକା ରାଧାରାଣୀ ପଣ୍ଡାଙ୍କ ବିରୋଧରେ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟକୁ ଫେରାଦ ହେବାକୁ ଆସିଥିବା ଦଳୀୟ କର୍ମକର୍ତ୍ତା।

**ରାଧାଙ୍କ ବିରୋଧରେ ରାଜ୍ୟ ନେତୃତ୍ୱଙ୍କୁ ଜଣାଇଲେ କର୍ମୀ**

ନିଷ୍ପତ୍ତି ହୋଇଥିଲା। ଏହାସହ ଆଗାମୀ ନିର୍ବାଚନରେ ବିଧାୟିକା ପଣ୍ଡାଙ୍କୁ ନିର୍ବାଚନରେ ଦଳୀୟ ଟିକେଟ ନ ଦେବା ପାଇଁ ଦଳ ନିକଟରେ ଦାବି କରିବାକୁ ନିଷ୍ପତ୍ତି ହୋଇଥିଲା। ଯାହାର ପ୍ରତିଫଳନ ଗୁରୁବାର ରାଜଧାନୀରେ ଦେଖିବାକୁ ମିଳିଥିଲା। ଆଗାମୀ ବିଧାୟିକା ପଣ୍ଡାଙ୍କୁ ନିର୍ବାଚନରେ ଟିକେଟ୍ ପ୍ରଦାନ କରାଗଲେ କାର୍ଯ୍ୟକର୍ତ୍ତାମାନେ ବିକଳ୍ପ ପନ୍ଥା ଅନୁସରଣ କରିବେ ବୋଲି କହିଛନ୍ତି। ଜନାର୍ଦ୍ଦନ ପଣ୍ଡା, ବୁଲୁ ସେନାପତି, ମଙ୍ଗଳ ସାହୁ, ତପନ ସାଇଁ, ସୁବ୍ରତ ସିଂ, ଜିତେନ୍ଦ୍ର ପ୍ରଧାନ, କିଶୋର ମିଶ୍ର, ଅମରେନ୍ଦ୍ର ରାୟ, ଦ୍ୱିତୀୟା ଭୋଇ, ଉତ୍ତମ ନେଗି, ସଞ୍ଜୟ ସିଂ, ସମୀର ମିଶ୍ର ପ୍ରମୁଖ ରାଜ୍ୟ ସଭାପତିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏନେଇ ବିଧାୟିକା ପଣ୍ଡାଙ୍କୁ ପଚାରିବାରୁ ଉପରୋକ୍ତ ଘଟଣା ବିଷୟରେ ବାହାରୁ ଶୁଣିବାକୁ ପାଇଛି। କିନ୍ତୁ ଏହା ବିଶୃଙ୍ଖଳିତ ଆଚରଣ। ଭାଜପା ଏକ ଶୃଙ୍ଖଳିତ ଦଳ। କାହା ମନରେ ଦୁଃଖ କିମ୍ବା ଅଭିଯୋଗ ଥିଲେ ଦଳୀୟ ଫୋରମରେ ଉପସ୍ଥାପନ କରିବା କଥା। ଏଭଳି ସର୍ବସାଧାରଣରେ ଦଳୀୟ ପ୍ରସଙ୍ଗ ପ୍ରକାଶ କରିବା ଦଳ ପ୍ରତି ବିଶୃଙ୍ଖଳିତ ଆଚରଣ। ତେଣୁ ଏହି ବିଶୃଙ୍ଖଳା ବିଷୟରେ ଦଳ ବିଚାର କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସେହିପରି ସମାନ ବିଦ୍ରୋହ ବିଜେଡିରେ ମଧ ଦେଖାଦେଇଥିଲା। ବିଜେଡି କର୍ମୀମାନେ ଗତ କିଛିଦିନ ପୂର୍ବରୁ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ।

### ଗାଁକୁ ରାସ୍ତା ନାହିଁ, ଅଧାରେ ଅଟକିଲା ଆମ୍ବୁଲାନ୍ସ

# ଷ୍ଟ୍ରେଚରରେ ୩ କି.ମି. ବୁହା ହେଲେ ଗର୍ଭବତୀ

**ଖଡିଆଳ,୧୪।୩(ଡି.ଏନ.ଏ.)**

ଗାଁକୁ ରାସ୍ତା ନ ଥିବାରୁ ଗର୍ଭବତୀଙ୍କୁ ପ୍ରସବ ପାଇଁ ଦୀର୍ଘ ୩ କି.ମି. ଖଟିଆରେ ବୋହି ପାହାଡ ତଳକୁ ଆଣି ଡାକ୍ତରଖାନାକୁ ଜନନୀ ସୁରକ୍ଷା ଗାଡିରେ ନେବାର ୧ ବର୍ଷ ନ ପୂରୁଣୁ ନୂଆପଡା ଜିଲା ଖଡିଆଳ ବ୍ଲକ କିରକିଟା ପଞ୍ଚାୟତ କପରଗଡରେ ଆଉ ଏକ ଘଟଣା ସାମନାକୁ ଆସିଛି। ଗୁରୁବାର ସକାଳେ କପରଗଡ ଗାଁର ଜଣେ ପ୍ରସୂତିଙ୍କୁ ଷ୍ଟ୍ରେଚରରେ ୩ କି.ମି. ବୋହି ଅଣାଯିବା ପରେ ଡାକ୍ତରଖାନାକୁ ନିଆଯାଇଛି। ମିଳିଥିବା ସୂଚନା ଅନୁସାରେ କପରଗଡ ଗାଁର ପରମାନନ୍ଦ ମାଝିଙ୍କ ସ୍ତ୍ରୀ ଯୋଗିନୀ ମାଝିଙ୍କ ଗୁରୁବାର ସକାଳେ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଏଣୁ ଆମ୍ବୁଲାନ୍ସ ପାଇଁ ଖଡିଆଳ ସରକାରୀ ଡାକ୍ତରଖାନାକୁ ଫୋନ କରାଯାଇଥିଲା। କପରଗଡ ଗାଁ ବଣପାହାଡଘେରା ଅଞ୍ଚଳରେ ଥିବା ଯୋଗୁ ଆମ୍ବୁଲାନ୍ସ ଯାଇ ନ ପାରି ପାହାଡ ତଳେ ଅଟକି ରହିଥିଲା। ପରେ ଗାଁ ଲୋକେ ସ୍ଥାନୀୟ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏକ ଷ୍ଟ୍ରେଚରରେ ବୋହି ତାଙ୍କୁ ପାହାଡ ତଳକୁ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ଦୀର୍ଘ ୧୫ କି.ମି. ଦୂର ଖଡିଆଳକୁ ଅଣାଯାଇଥିଲା। ବର୍ତ୍ତମାନ


ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ନିଆଯାଉଛି।

ତାଙ୍କୁ ଖଡିଆଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଥିବା ଡାକ୍ତର ଦିନବନ୍ଧୁ ମହାନନ୍ଦ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଖଡିଆଳ ବ୍ଲକଠାରୁ ପ୍ରାୟ ୧୮ କି.ମି. ଦୂର ବଣପାହାଡ ମଧ୍ୟରେ କପରଗଡ ଗାଁ ଅବସ୍ଥିତ । ଏଠାରେ ଆଦିବାସୀ ସମ୍ପ୍ରଦାୟର ୮ରୁ ୧୦ ପରିବାର ବାସ କରୁଛନ୍ତି । ଜୀବନ ଜୀବିକା କହିଲେ ବଣପାହାଡରୁ ବନ୍ୟଜାତଦ୍ରବ୍ୟ ସଂଗ୍ରହ କରିବା ସହ ଜଙ୍ଗଲ ଜମିରେ ଚାଷବାସ କରି ସେମାନେ ପରିବାର ପ୍ରତିପୋଷଣ କରିଆସୁଛନ୍ତି । ଏହା ସତ୍ତ୍ୱେ ମଧ ବର୍ଷା ଅଭାବରୁ ମରୁଡିର ସମ୍ମୁଖୀନ ହୋଇ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥାନ୍ତି। ତେବେ କପରଗଡ ଲୋକଙ୍କ ମୁଖ୍ୟ ସମସ୍ୟା ହେଲା ଗମନାଗମନ ବ୍ୟବସ୍ଥା ନାହିଁ । ସ୍ୱାଧୀନତାର ୭୦ ବର୍ଷ ପରେ ମଧ ଗାଁକୁ ରାସ୍ତା ନାହିଁ । ଫଳରେ ଲୋକଙ୍କୁ ଯିବା ଆସିବାରେ ଅସୁବିଧା ହେଉଛି। ରାସ୍ତାଘାଟ ତିଆରି ପାଇଁ ପଞ୍ଚାୟତଠୁ ଆରମ୍ଭ କରି ବ୍ଲକ ଏପରି କି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କିନ୍ତୁ ଏଥିପ୍ରତି କୌଣସି ସୁଫଳ ମିଳୁ ନ ଥିବା କପରଗଡ ଗାଁ ଲୋକେ ଅଭିଯୋଗ କରିଛନ୍ତି ।

# ଗଛରେ ପିଟିହେଲା ପିକଅପ୍ ଭ୍ୟାନ୍, ୨ ମୃତ

**ବୌଦ୍ଧ,୧୪।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଲୋକାପଡାଠାରେ ବୁଧବାର ରାତିରେ ଏକ ଡିଜେ ବୋଝେଇ ପିକଅପ୍ ଭ୍ୟାନ୍ ଗଛରେ ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉପରକଟା ଗ୍ରାମର ସୁନୀଲ ମଲିକ (୧୭), କରଞ୍ଜକଟା ଗ୍ରାମର ଲିପୁନ ରାଜହଂସ (୧୫) । ଏହି ଦୁର୍ଘଟଣାରେ ଡିଜେ ମାଲିକଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବୁଧବାର କରଞ୍ଜକଟା ଗ୍ରାମର ଡିଜେ ଦଳ ଏକ ଭ୍ୟାନ୍ (ନଂ.ଓଡି୦୨ବି/୯୮୧୪)ରେ ଯୁବରାଜପୁର ଗ୍ରାମକୁ ବିବାହ ଶୋଭାଯାତ୍ରା ପାଇଁ ଯାଇଥିଲେ । ଶୋଭାଯାତ୍ରା ସାରି ସମସ୍ତେ ନିଜ ଗ୍ରାମକୁ ଫେରୁଥିବା ବେଳେ ରାତି ପ୍ରାୟ ୧ଟା ସମୟରେ ଚାରିଛକ-କୁଶଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ଲୋକାପଡାଠାରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଗାଡିରେ ବସିଥିବା ଡିଜେ ମାଲିକ ଅତିରାତ୍ର ପ୍ରଧାନ, ସୁନୀଲ ମଲିକ, ଲିପୁନ ରାଜହଂସ, ତରଣୀ ପ୍ରଧାନ, ମଜେସ ପ୍ରଧାନ ଓ ରାଜା ପ୍ରଧାନ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୁଣାକଟକ ଡାକ୍ତରଖାନାକୁ ପଠାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୌଦ୍ଧ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁନୀଲଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଆହତମାନଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ବୁର୍ଲା ଯିବା ବାଟରେ ଲିପୁନଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟମାନେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ପୁରୁଣାକଟକ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ. ୪୨/୧୯) ରୁଜୁ ହୋଇଛି ।


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ ।

### ପେଟବଥାରେ ସଁଥିଲି ହେଉଛନ୍ ଶୋଭାଗିନୀ

# ୮୦ ବଛରିଆ ବଡ଼ମା’ ପାଲଟିଛନ୍ ସାହାଭରସା

**ସୁଶାନ୍ତ ବାରିକ**
**ଲୋଇସିଂହା,୧୪।୩(ଡି.ଏନ.ଏ.):**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଁଚେତ ସଦର ଗାଁ ରାମଜୀପଡ଼ାର ଶୋଭାଗିନୀ ପୁଟେଲ(୪୨)। ସତେ ଯେନ୍ତା ଜୀବନ୍‌ଟା ତାକର ଅଭିଶାପ୍ ପାଲଟିଯାଇଛେ, ଖାଲି ଦୁଖ୍ ହିଁ ଦୁଖ୍। ମା’ବାପ୍‌କେ ହରେଇ ଅସାହା ଜୀବନ୍ ବିତଉଥିବାର ମଝଲି ବଏସିଆ ଇ ଅବିହାରି ମହିଲାକୁଁ ଏହେଦେ ପେଟ୍‌ବଥା ରୋଗ୍ ଦାଉ ସାଧୁଛେ। ତାକର ବଡ଼ଭାଇ ପରିବାର ସମେତ ସୁବର୍ଣ୍ଣପୁର ଜିଲାରେ ଥିବାର ଶଶୁର ଘରେ ରହୁଛନ୍। ଏକ୍‌ଲିଆ ଜୀବନ ବିତଉଥିବାର ଶୋଭାଗିନୀକଁର ଦିହିପା ଗଲା ୫ ବଛର ହେଲା ଠିକ୍ ନାଁଇଁନ। ପେଟ୍ ରୋଗ୍‌ରେ ସଁଥିଲି ହେଉଛନ୍। ଶୋଭାଗିନୀ ଚିକିତ୍ସା ଲାଗି ଛେଲମେଢ଼ି, ଘର ଡିହ ବିକି ଲାଖ୍ ଟଁକା ଖରଚକରି ସରବ୍‌ସୁଆଁତ ହେଇଗଲେନ। ହେଲେ ଡାକ୍ତରମାନେ ତାକର ରୋଗ୍ କାଣା ଯେ ଧରି ନାଇଁପାରବାର। ଇଆଡ଼େ ଉଷୋ ଖାଏବାର ଲାଗି ତାକରନେ ଟଁକା ନାଁଇଁନ। ଏନ୍‌ତାଥି ପେଟ ବେମାରୀ ଦିନୁଦିନ୍‌କେ ବଡ଼ତେଲ ଯାଉଛେ। ଏନ୍‌ତାଥି କେନ୍ଦ୍ର ଆର ରାଏଜ ସରକାରକଁର ସ୍ୱାସ୍ଥ୍ୟ


ବଡ଼ମା’ର ସଂଗେ ଶୋଭାଗିନୀ।

ଯୋଜନା ତାକର ଲାଗି ଅପହଁଚ୍ ହେଇ ରହିଛେ। ରାମଜୀପଡ଼ାର ଶୋଭାଗିନୀ ପୁଟେଲ। ମା’ ଶିବାନୀ, ବାପା ଗୋକୁଳ ବଛରକେତେ ତଳେ ଆରପାରକେ ଚାଲିଯାଇଛନ୍। ସେମାନେ ଦୁଇ ଭାଇବହେନ୍। ବିହାତୁରା ଉତାରୁ ବଡ଼ ଭାଇ ଶଶୁର ଘରେ ରହୁଛନ୍। ପୁରସାନି ସଁପତି ହେନ୍‌ତା କିଛି ନାଁଇଁନ। ବିଧବା ବଡ଼ମା’ ବିଳାସକଁର ସଂଗେ ମିଶି କିଛିଦିନ ରହିଥିଲେ। ପଡ଼ିଶାକଁର କହେବାର ହିସାବେ ଶୋଭାଗିନୀ କାମକରିଟା। ଜଂଗଲୁ କାଠ୍ ଆନି ବିକାଭଂଗା କରି ଭଲ ଦୁଇପଏସା ରୁଜ୍‌ଗାର କରୁଥିଲେ। ସେଥିରେ ବଡ଼ମା’କଁର ଦେଖଭାଲ ବି କରୁଥିଲେ। ପଛେ ଶୋଭାଗିନୀର ପେଟବଥା ବେମାରୀ ବାହାରଲାରୁ ସେ ଲୋଇସିଂହା, ବଲାଙ୍ଗୀର ଆର ବୁର୍ଲା ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଇଛନ୍।

**ଅଭିଶାପ୍ ପାଲଟିଛେ ଜୀବନ୍**

- ବଛର କେତେ ଆଗରୁ ମା’ବାପ ଆରପାରକେ ଚାଲିଯାଇଛନ୍
- ୫ ବଛର ହେଲା ପେଟବଥା ବେମାରୀ ସଂଗେ ଯୁଝୁଛନ୍
- ଚିକିତ୍ସା ଲାଗି ଅଢ଼େ ଲାଖ୍ ଖରଚ୍ କରି ସରବ୍‌ସୁଆଁତ ହେଇଛନ
- ଚିକିତ୍ସା ତେନକେ ଥାଉ, ଉଷୋ ଖାଏବାର ଲାଗି ଅଦ୍‌ଲେ ନାଁଇଁନ

ଡାକ୍ତର ଅନେକ ପରୀକ୍ଷା ନିରୀକ୍ଷା କରିଛନ୍, ହେଲେ ତାକର କାଣା ସମସିଆ ଅଛେ ଡାକ୍ତର ଧରି ନାଇଁପାରବାର। ଉଷୋ ଖାଏଲେ ପେଟବଥା ଆଏତେ ରହୁଛେ, ନାଇଁହେଲେ ପେଟବଥାରେ ସେ ଗରଗଡ଼ି ଯାଉଛନ୍। ଇଆଡ଼େ ନିସନ୍ତାନି ବିଧବା ବଡ଼ମା’ର ବଏସ୍ ୮୦ ଟପ୍‌ଲାନ। ଝିଁ’ର ଦିହିପା ଭଲ ଥିଲାବେଳେ ହସଖୁସିରେ ଚଲୁଥିଲୁଁ। ଏହେଦେ ସବୁ ଉଲଟପାଲଟ ହେଇଯାଇଛେ। ବୁଢ଼ିକାଳେ ଝିଁ’ ମୋତେ ସାହାରା ଦେବା ବଲି ଭାବିଥିଲି, ହେଲେ ଦଇବ ସବୁ ଉଲଟପାଲଟ କରି ଥୁଇଦେଲା ବଲି କହିଛନ୍ ବିଳାସ। ଝିଁ’ର ଚିକିତ୍ସା ବାବ୍‌ଦେ ପାଖାପାଖି ଅଢ଼େ ଲାଖ୍ ଟଁକା ଖରଚ୍ କରିସାରିଥିଲେ ବି ରୋଗ୍ ଭଲ ନାଇଁ ହେବାର। ଏହେଦେ ଟଁକା ପଏସା ଅଭାବୁ ଚିକିତ୍ସା ତେନ୍‌କେ ଥାଉ, ଉଷୋ ଘିନି ଖାଇ ନାଇଁପାରବାର। ପାଖାପାଖି ବଛରେ ହେଲା ଶୋଭାଗିନୀ ଉଷୋ ନାଇଁ ଖାଏବାର। ବଡ଼ଭାଗି ସମିଆ ସେ ପେଟବଥାର ଲାଗି ଖଟେ ପଡ଼ିରହୁଛନ୍। ଯେଭେ ଦିହିପା ଠିକ୍‌ଥିସି ଥିର ଟିକେ ଉଲ୍‌ହାସି, ନିହେଲେ ଖାଡ଼ା ଉପାସେ ରହେସୁଁ। କେଭେ କେନ୍‌ତା ପାଖିପଡ଼ିଶା କିଏ ଦେଲେ ଖାଏସୁଁ ବଲି କହିଛନ୍ ବିଳାସ। ପଡ଼ିଶା ଘରର କେତକୀ ମେହେର, କୁନି ମେହେର ଆର କମଳାକାନ୍ତ ପୁଟେଲ କହିଛନ୍ ଯେ, ଶୋଭାଗିନୀ ୫ ବଛର ହେଲା ବଡ଼ାଦୁଖେ ବଁଚୁଛେ। ପେଟବଥାରେ ସେ ଦିନ୍‌କେ ରାଏତ୍ ସଁଥିଲି ହେଉଛେ। ପଁଚେତ୍ କତୁରପକ୍ଷ ଇ ବାବ୍‌ଦେ ଜାନିଥିଲେ ବି କେହି ପଦକ୍ଷେପ ନାଇଁ ନେବାର। ଇ ଦୁଖିନୀ ଉପରେ ଜିଲା ପରଶାସନ ଆର ସୁଆସ୍‌ତିଅ ବିଭାଗ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାଗ୍ରସ୍ତ: ଆରୋହୀ ମୃତ, ୨ ଗୁରୁତର

ଟିକ୍ରାପଡା, ୧୪।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା-ଟିକ୍ରାପଡା ରାସ୍ତାର ପଟାମରା ଗ୍ରାମ ନିକଟ ଏକ ବୁଲାଣିରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ଜଣେ ଆରୋହୀଙ୍କର ମୃତ୍ୟୁ ଘଟିଛି। ଗାଡିରେ ଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କେନ୍ଦୁଉଡାର ଗ୍ରାମର ରେବସ ବାଗ(୨୧), ତାଙ୍କ ଭାଇ ନରେଶ ବାଗ(୨୦) ଓ ଜଡାମୁଣ୍ଡା ଗ୍ରାମର ଶିରୁ ବାଗ(୨୧) ସଇଁତଲାରୁ ଗାଁକୁ ବାଇକ ନଂ ଓଡି୦୩ସି୦୫୨୨ ଯୋଗେ ଫେରୁଥିଲେ। ପଟାମରା ନିକଟିରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ରେବସଙ୍କର ମୃତ୍ୟୁ ହୋଇଯାଇଥିଲା।

### ସାଧାରଣ ନିର୍ବାଚନକୁ ସ୍ୱତନ୍ତ୍ର କରିବା ପାଇଁ ପ୍ରସ୍ତୁତି

# ମହିଳା କର୍ମଚାରୀଙ୍କୁ ନେଇ ପିଙ୍କ୍ ବୁଥ୍

ସୋନପୁର,୧୪।୩(ନି.ପ୍ର)

ଭାରତର ନିର୍ବାଚନ କମିଶନ ଚଳିତ ନିର୍ବାଚନକୁ ଭିନ୍ନକ୍ଷମ, ଗର୍ଭବତୀ ମହିଳା, ବୃଦ୍ଧା ଓ ବୃଦ୍ଧଙ୍କ ସକାଶେ ସୁଗମ କରିବା ପାଇଁ ଘୋଷଣା କରିଛନ୍ତି। ଏଭଳି ମତଦାତାମାନଙ୍କୁ ପୋଲିଂ ଷ୍ଟେଶନରେ ପହଞ୍ଚାଇବା ନିମନ୍ତେ ନିର୍ବାଚନ କେନ୍ଦ୍ରରେ ଗାଡିର ବ୍ୟବସ୍ଥା ସହିତ ଭିନ୍ନକ୍ଷମ ମତଦାତାମାନଙ୍କ ସୁବିଧା ପାଇଁ ହୁଇଲ ଚେୟାରର ମଧ୍ୟ ବ୍ୟବସ୍ଥା କରାଯିବ। ସମସ୍ତ ପୋଲିଂ ବୁଥ୍‌ରେ ର୍ୟାମ୍ପ ନିର୍ମାଣ ହୋଇଛି। ଏହି ଆଭିମୁଖ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟର ପ୍ରଥମ ଜିଲାଭାବେ

**ଭିନ୍ନକ୍ଷମ କର୍ମଚାରୀଙ୍କୁ ନେଇ ୨ଟି ସ୍ୱତନ୍ତ୍ର ପୋଲିଂ ଷ୍ଟେଶନ**

ସୁବର୍ଣ୍ଣପୁର ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ନେଇ ଦୁଇଟି ସ୍ୱତନ୍ତ୍ର ପୋଲିଂ ଷ୍ଟେଶନ କରିବ। ଯେଉଁଥିରେ ପ୍ରିଜାଇଡିଂ ଅଫିସରଙ୍କଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀମାନେ ଭିନ୍ନକ୍ଷମ ହୋଇଥିବେ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହିପରି ବୀରମହାରାଜପୁର ଓ ସୋନପୁର ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏଁ ପୋଲିଂ ଷ୍ଟେଶନ ମହିଳା କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଏଥିରେ ପ୍ରିଜାଇଡିଂ ଅଫିସରଙ୍କଠାରୁ ଆରମ୍ଭ କରି ସିକ୍ୟୁରିଟି ଗାର୍ଡ ପର୍ଯ୍ୟନ୍ତ ମହିଳାମାନଙ୍କୁ ନିଯୁକ୍ତ କରାଯିବ। ଏହି ବୁଥ୍‌କୁ ଅଲ ୱିମେନ ପିଙ୍କ ବୁଥ୍ ନାମରେ ନାମିତ କରାଯାଇଛି। ସେହିପରି ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ଜିଲାର ଉଭୟ ନିର୍ବାଚନ ମଣ୍ଡଳୀ ପାଇଁ ଗଠନ ହୋଇଛି। ଏହି ଟିମ୍ ବେଆଇନ ମଦ କାରବାର, ମୁଦ୍ରା ଚାଲାଣ ଓ ଅସ୍ତ୍ରଶସ୍ତ୍ରର ଚୋରା କାରବାରକୁ ରୋକିବା ପାଇଁ ପଦକ୍ଷେପ ନେବ। ଅସାମାଜିକ ବ୍ୟକ୍ତିଙ୍କ ଉପରେ ସତର୍କ ନଜର ରଖିବା ସହିତ ରିପୋର୍ଟ ପ୍ରସ୍ତୁତ କରିବ। ଟିମ୍ ଦୈନିକ କାର୍ଯ୍ୟର ବିବରଣୀ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିବ। ଏହାର କପି ରିଟର୍ଣ୍ଣିଂ ଅଫିସର, ଜିଲା ନିର୍ବାଚନ ଅଧିକାରୀ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ପୋଲିସ ପର୍ଯ୍ୟବେକ୍ଷକଙ୍କୁ ଦିଆଯିବ ବୋଲି କୁହାଯାଇଛି। ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସହକାରୀ ଜିଲାପାଳ(ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନା ସମ୍ମୁଖ ରାସ୍ତା ଉପରେ ଡ୍ରେନ୍ ପାଣି ପ୍ରବାହିତ ହେଉଛି, ଏଥିପ୍ରତି ପ୍ରଶାସନର ଦୃଷ୍ଟିନାହିଁ।



ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

### ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

# ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସଫଳତା ଆଣିଦିଏ

ସୋନପୁର,୧୪।୩(ନି.ପ୍ର.)

ସୋନପୁର ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ରୟାଲ ପଡିଆଠାରେ ଆୟୋଜିତ ଏହି ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସଫଳତା ଆଣିଦିଏ। ତେଣୁ ଛାତ୍ରୀଛାତ୍ର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ପାଠ ପଢିବାକୁ କହିଥିଲେ। ସେହିପରି ଶିକ୍ଷାନୁଷ୍ଠାନଗୁଡିକ ପାଠପଢା ସହିତ ଛାତ୍ରୀଛାତ୍ରଙ୍କୁ ନୈତିକ ମୂଲ୍ୟବୋଧ ସମ୍ପର୍କରେ ଶିକ୍ଷା ଦେବାକୁ ମିଞ୍ଜ ପରାମର୍ଶ ଦେଇଥିଲେ। ସ୍କୁଲର ଅଧକ୍ଷ ବାବୁଲା ପଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାମୁଏଲ ପ୍ରସାଦ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଚିନ୍ମୟୀ ଶୁଭଲକ୍ଷ୍ମୀ ପଣ୍ଡା, ସ୍ନେହାସିନୀ ପାଣିଗ୍ରାହୀ, ଜୁବ୍‌ଲି ଦେବରାଜ ସିଂଘନିନା, ଅଶୋକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ପରିବର୍ତ୍ତନ ଆଣିବ ରାହୁଲଙ୍କ ବରଗଡ଼ ସମାବେଶ

ସୋନପୁର,୧୪।୩(ନି.ପ୍ର)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବରଗଡଠାରେ ଶୁକ୍ରବାର ଅନୁଷ୍ଠିତ ଦଳର ପରିବର୍ତ୍ତନ ସଂକଳ୍ପ ସମାବେଶରେ ଯୋଗଦେବେ। ଏଥିପାଇଁ ନିର୍ବାଚନ ପୂର୍ବରୁ ଦଳୀୟ ନେତୃବୃନ୍ଦ, କର୍ମୀ ଓ ସମର୍ଥକଙ୍କ ମହଲରେ ଉତ୍ସାହ ଦେଖାଦେଇଛି। ସମାବେଶକୁ ସଫଳ କରିବା ପାଇଁ ଦଳ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସୋନପୁରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇସିସି ସମ୍ପାଦକ ତଥା କଂଗ୍ରେସର ଓଡିଶା ସହ ପ୍ରଭାରୀ ସେଖ୍ ମାସ୍ତାନ ୱାଲି ଯୋଗଦେଇ ରାହୁଲଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଥିଲେ। ଓଡିଶାରେ ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଦୀର୍ଘ ୧୯ ବର୍ଷର ସ୍ଥିର ସରକାର ସତ୍ତ୍ୱେ ବିକାଶ କ୍ଷେତ୍ରରେ ରାଜ୍ୟ ପଛରେ ପଡିଛି। ଚାଷୀଙ୍କୁ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ମିଳୁନି। ଜମିକୁ ଜଳସେଚନର ସୁବିଧା ନାହିଁ। କଂଗ୍ରେସ କ୍ଷମତାକୁ ଆସିଲେ କୃଷି ଋଣ ସମ୍ପୂର୍ଣ୍ଣ ଛାଡ କରିବା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେବ। ରାହୁଲଙ୍କ ମୁହଁରୁ ଏହି କଥା ଶୁଣିବା ପାଇଁ ଚାଷୀ, ଶ୍ରମିକ ଓ ମହିଳା ଚାହିଁ ବସିଛନ୍ତି। କାରଣ କଂଗ୍ରେସ ନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦିଏ ତାହା କାଯର୍ୟକାରୀ କରେ। ନିକଟରେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କଂଗ୍ରେସ ସରକାର ଏହା କରି ଦେଖାଇଛନ୍ତି ବୋଲି ୱାଲି କହିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଜିଏସଟି, ବିମୁଦ୍ରୀକରଣ ଓ ରାଫେଲକୁ ନେଇ ସେ ସମାଲୋଚନା କରିଥିଲେ। ପ୍ରାକ୍ତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଏଥିରେ ଯୋଗଦେଇ କହିଥିଲେ ଯେ, ପରିବର୍ତ୍ତନ ସଂକଳ୍ପ ସମାବେଶ ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ଆଣିବ। ରାଜ୍ୟରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଇଛି। ଚାଷୀ ଦୁଃଖରେ ଅଛନ୍ତି। ଛତିଶଗଡରେ ଧାନ କୁଇଣ୍ଟାଲ ୨୬୫୦ଟଙ୍କା ଥିବା ବେଳେ ଓଡିଶାର ଚାଷୀ କୁଇଣ୍ଟାଲ ପ୍ରତି ୧୨୦୦ରୁ ୧୩୦୦ ଟଙ୍କା ପାଉଛି। ଓଡିଶାରେ ଅମଲାତନ୍ତ୍ରିକ ଶାସନ ଚାଲିଛି। ତେଣୁ ଆସନ୍ତା ନିର୍ବାଚନରେ ଲୋକେ କଂଗ୍ରେସକୁ ସମର୍ଥନ କରିବେ। ସୁବର୍ଣ୍ଣପୁର ଜିଲା ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ କହିଥିଲେ ଯେ, ରାହୁଲଙ୍କ ସମାବେଶ ପାଇଁ ସୁବର୍ଣ୍ଣପୁର ଜିଲାରୁ ୫ହଜାର ଲୋକ ଯିବେ। ରାହୁଲଙ୍କ ଗସ୍ତରୁ କଂଗ୍ରେସକୁ ଫାଇଦା ମିଳିବ। ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ପିସିସି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରେସର ନେତୃବୃନ୍ଦ ସମ୍ବୋଧିତ କରୁଛନ୍ତି।

### ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ ନୀତିକାନ୍ତି, ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ

ବୀରମହାରାଜପୁର, ୧୪।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ପ୍ରସିଦ୍ଧ ଦୋଳଯାତ୍ରା ପାଳନ ସଂକ୍ରାନ୍ତିୟ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପ୍ରଶାସନ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀଙ୍କ ଦ୍ୱାରା ସ୍ଥାନୀୟ ମୈତ୍ରୀସଦନ ପରିସରରେ ଆୟୋଜିତ ବୈଠକରେ ଉପଜିଲାପାଳ ସୁବ୍ରତ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଶାସନ ପକ୍ଷରୁ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ, ଏସଡିପିଓ ଧିରଜ ଚୌପଦାର ଓ ଥାନା ଆଇଆଇସି ପ୍ରଭା ଧନ ଉପସ୍ଥିତ ଥିଲେ। ହରିହର ଭେଟରେ ସାମିଲ ହୋଇଥିବା ଚମ୍ପେଶ୍ୱର ପୀଠ ସମେତ କମଳପୁର ଓ ଟିପିଲିସ୍ଥିତ ଶିବାଳୟ ତଥା ଚକାବର, ଷଣ୍ଢା, କୁମୁରସଂଘା ଓ ବାଗବର ଜଗନ୍ନାଥ ମନ୍ଦିର କମିଟିର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଆବାହମାନ କାଳରୁ ଏଠାରେ ଫି ବର୍ଷ ଫାଲଗୁନ ପୂର୍ଣ୍ଣିମା ଅବସରରେ ପାଳିତ ହୋଇ ଆସୁଥିବା ଏଠାକାର ଐତିହ୍ୟ ସମ୍ପନ୍ନ ମହୋତ୍ସବକୁ ଏଥର ଅଧିକ ଆକର୍ଷଣୀୟ କରାଯିବା ସହ ପାରମ୍ପରିକ ନୀତକାନ୍ତି ବିଶେଷତଃ ୨୧ ତାରିଖ ରାତିରେ ହେବାକୁ ଥିବା ହରିହରଭେଟ ଯେଭଳି ଶୃଙ୍ଖଳିତ ହେବ ସେଥିପାଇଁ ମନ୍ଦିର କମିଟିମାନଙ୍କୁ ଅନୁରୋଧ କରାଯାଇଥିଲା। ତତ୍ସହିତ ମେଳଣ ପଡିଆରେ ବାଣ ଫୁଟାଇବା ଉପରେ କଟକଣା କରାଯାଇଥିବା ବେଳେ ଆଇନଶୃଙ୍ଖଳା ବଜାୟ ରଖିବାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ମେଳଣ ପଡିଆରେ ଉଜ୍ଜଳ ଆଲୋକ ବ୍ୟବସ୍ଥା ସାଙ୍ଗକୁ ପରିମଳ ଉପରେ ବିଶେଷଧ୍ୟାନ ଦେଇ କାର୍ଯ୍ୟ କରିବାକୁ ହିଲୁଙ୍ଗ, ଉଫୁଲା, ଚମ୍ପାମାଳ ଓ ବାଗବର ପଞ୍ଚାୟତର ସରପଞ୍ଚ ମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବୈଠକରେ କିଶୋର ହୋତା, ଶଙ୍କର୍ଷଣ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ଭଗବାନ ମିଶ୍ର, ରଙ୍ଗକୃଷ୍ଣ ହୋତା, ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର ଓ ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା ପ୍ରମୁଖ ଯାତ୍ରାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଯୁଗଳ କିଶୋର ମିଶ୍ର ସଭା କାର୍ଯ୍ୟ ସଂଯୋଜନା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଫଗୁନପୁନି ଯାତ୍ରା ନାମରେ ପ୍ରସିଦ୍ଧି ଲାଭ କରିଥିବା ଏହି ତିନିଦିନିଆ ମେଳା ଆସନ୍ତା ୧୯ତାରିଖରୁ ଆରମ୍ଭ ହେବାକୁ ଯାଉଛି।



ଦୋଳଯାତ୍ରା ପାଳନ ସଂକ୍ରାନ୍ତୀୟ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ ବୃନ୍ଦ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଟିଟିଲାଗଡ଼, ୧୪।୩ (ଡି.ଏନ.ଏ)

ଟିଟିଲାଗଡ-ବଲାଙ୍ଗୀର ରେଳଧାରଣାରୁ ଗୁରୁବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ବଲାଙ୍ଗୀର ଜିଆରପି ଉଦ୍ଧାର କରିଛି। ମୃତଦେହ ନିକଟରୁ ମିଳିଥିବା ଏକ ଖାତାରୁ ମିଳିଥିବା ସୂଚନା ଅନୁଯାୟୀ ମୃତକ ହେଲେ ରାୟଗଡା ଅଞ୍ଚଳର ନିଶାନ୍ତ ପାତ୍ର ବୋଲି ଜଣାପଡିଛି। ସେ ଟିଟିଲାଗଡରେ ରହି ନିର୍ମାଣ କାର୍ଯ୍ୟ କରୁଥିଲେ। ଜିଆରପି ଏସ.ଆଇ ଜି.କେ. ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ଡାକ୍ତରଖାନା ପଠାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



## ଧରିତ୍ରୀ ଏଜେଣ୍ଟଙ୍କ ପିତୃ ବିୟୋଗ

ବୀରମହାରାଜପୁର, ୧୪।୩(ଡି.ଏନ୍.ଏ.)

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାର ଧରିତ୍ରୀ ଏଜେଣ୍ଟ ତରୁଣ କୁମାର ମେହେରଙ୍କ ବାପା ରସାନନ୍ଦ ମେହେର(୮୧)ଙ୍କ ଗୁରୁବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସେ ସମ୍ବଲପୁରୀ ବସ୍ତ୍ରର ଜଣେ ଧୁରୀଣ ବୁଣାକାର ଭାବେ ବେଶ୍ ଜଣାଶୁଣା ଥିଲେ। ତାସହିତ ସେ ପୁସ୍ତକ ବ୍ୟବସାୟରେ ନିଜକୁ ଜଡିତ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁଅ ତରୁଣ ଓ ଏକଲବ୍ୟ, ଏକମାତ୍ର ଝିଅ ଇନ୍ଦୁମତୀ ଉପସ୍ଥିତ ଥିଲେ। ମହାନଦୀ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ତରୁଣ ମୁଖାଗ୍ନି ଦେଇଥିଲେ। ଜଣେ ଧର୍ମପ୍ରାଣ ଏବଂ ମେଳାପି ବ୍ୟକ୍ତିଭାବେ ଜଣାଶୁଣା ରସାନନ୍ଦ ମେହେରଙ୍କ ପରଲୋକଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଠାରୁ ବେଶି କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ବାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact:
9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ବ୍ଲକ ପରିସରରୁ ହଟିଲା ସରକାରୀ ହୋର୍ଡିଂ

**ବଙ୍ଗୋମୁଣ୍ଡା, ୧୪।୩(ଡି.ଏନ୍.ଏ.):** ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ପରିସରରେ ଲାଗିଥିବା ରାଜ୍ୟ ସରକାରଙ୍କ କାଳିଆ ଯୋଜନା, ପିଠା କାର୍ଯ୍ୟକ୍ରମ, ଭତ୍ତା ଯୋଜନା ସହ ମହିଳା ସଶକ୍ତିକରଣ ଇତ୍ୟାଦିର ହୋର୍ଡିଂକୁ ହଟାଇ ଦେଇଛି ପ୍ରଶାସନ। ଏତଦ୍‌ବ୍ୟତୀତ ବିଭିନ୍ନ ପଞ୍ଚାୟତ ଅଫିସ ଓ ସର୍ବସାଧାରଣ ସ୍ଥାନରେ ଲାଗିଥିବା କେନ୍ଦ୍ର ସରକାରଙ୍କ ଅନେକ ଯୋଜନାରେ ପୋଷ୍ଟର, ହୋର୍ଡିଂକୁ ଖୋଲାଯାଇଛି। ଏପରିକି ସଦର ମହକୁମା ପାର୍ଶ୍ୱ ରାସ୍ତାର ପାଚେରିମାନଙ୍କରେ ଉଜ୍ଜ୍ୱଳା ଯୋଜନାର ପୋଷ୍ଟରଗୁଡିକ ମଧ୍ୟ ଅଦ୍ୟାବଧି ଲାଗିଥିବା ଦେଖାଦେଇଛି।

### ବାଲବେଙ୍ଗରେ ଅଷ୍ଟ ପ୍ରହର ନାମଯଜ୍ଞ

**ବଙ୍ଗୋମୁଣ୍ଡା, ୧୪।୩(ଡି.ଏନ୍.ଏ.) :** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅର୍ଶାଡୁଲା ପଞ୍ଚାୟତ ଅନ୍ତର୍ଗତ ବାଲବେଙ୍ଗ ଗାଁରେ ୧୧ତମ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗାଁର ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ନିକଟସ୍ଥ ଉନ୍ଦେର ନଦୀରୁ ଅଣାଯାଇ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ବଡ ଝାଙ୍କର ଓ ସେବତୀ ଝାଙ୍କର ଦାୟିତ୍ୱ ବହନ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ସମାପନରେ କମିଟି ସଦସ୍ୟ ସନ୍ତୋଷ ଜାନୀ, ମୁରଲୀଧର ବେହେରା, ସୀତାରାମ ନାଗ, କଲେବର ନାଗ, ବଡ ନାଗ, ତ୍ରିଲୋଚନ ବାଗ, ଦୁଷ୍ମନ୍ତ ନାଗ, ସତ୍ୟପ୍ରିୟ ବେହେରା ସହଯୋଗ କରିଥିଲେ।

### ଖପ୍ରାଖୋଲ: ଜଳ ଯୋଗାଣ ପ୍ରକଳ୍ପ ଅଚଳ

**ଖପ୍ରାଖୋଲ, ୧୪।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଖରାଦିନ ଆରମ୍ଭରୁ ଦେଖାଦେଲାଣି ପାନୀୟ ଜଳ ସମସ୍ୟା। ଚଳିତ ବର୍ଷ କମ୍ ବୃଷ୍ଟିପାତ ଯୋଗୁଁ ଅନେକ ପାରମ୍ପରିକ ଜଳଉତ୍ସ ପୋଖରୀ, ବନ୍ଧକଟା, ନାଳ ମାନ ଶୁଖି ଗଲାଣି। ଗାଁ ଗାଁରେ ନଳକୂଅରୁ କେଉଁଠି କମ୍ ପାଣି ବାହାରୁଛଇ ତ, ଆଉ କେଉଁଠି ଅଚଳ ଥିବା ଦେଖିବାକୁ ମିଳିଛି। ସେହିପରି ବ୍ଲକରେ ୧୩୩ଖଣ୍ଡ ରାଜସ୍ୱ ଗ୍ରାମ ଥିବାବେଳେ ସରକାରୀ ଅନୁସାରେ ୬୨ଟି ଗାଁରେ ଜଳ ଯୋଗଣ ପ୍ରକଳ୍ପ ନିର୍ମାଣ ଶେଷ ହୋଇଛି। ହେଲେ ବିଭିନ୍ନ କାରଣରୁ ୫ଟି ପ୍ରକଳ୍ପ ଅଚଳ ଥିବା ଜଳ ଯୋଗାଣ ବିଭାଗ କହୁଥିଲେ ବି ତାଠୁଁ ଅଧିକ ପ୍ରକଳ୍ପ ବର୍ଷବର୍ଷ ଧରି ଅଚଳ ହୋଇ ପଡି ରହିଛି। ବେଳହୁଁ ପ୍ରଶାସନ ପଦକ୍ଷେପ ନ ନେଲେ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେବ। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପଧାନଙ୍କୁ ପଚାରିବାରୁ ବ୍ଲକରେ ୬୨ରୁ ୫୫ଟି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି। ଯେଉଁଠି ସମସ୍ୟା ଅଛି ସ୍ଥାନୀୟ ପଞ୍ଚାୟତ ମାନଙ୍କୁ କହି ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ପାନୀୟ ଜଳ ସମସ୍ୟା ନେଇ ପ୍ରଶାସନ ସଚେତନ ଅଛି। ଏ ନେଇ ବ୍ଲକସ୍ତରୀୟ ବୈଠକ ମଧ୍ୟ ସରିଛି।

# ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ



ଗାଁର ମହିଳାମାନେ ନଳକୂପରେ ପାଣି ନେବାପାଇଁ ଏକତ୍ରିତ ହୋଇଛନ୍ତି।

**ଦେଓଗାଁ, ୧୪।୩(ଡି.ଏନ.ଏ.)**

- ଦେଓଗାଁ ବ୍ଲକ ଟେପ୍ରେନରେ ପାନୀୟ ଜଳ ସମସ୍ୟା
- ୩ବର୍ଷ ହେଲା ଜଳଯୋଗାଣ ପ୍ରକଳ୍ପ ଅଚଳ
- ୬ରୁ ୪ନଳକୂପରୁ ବାହାରୁଛି ଫ୍ଲୋରାଇଡ ପାଣି
- ନଳକୂପ ପାଖରେ ମହିଳାଙ୍କ ଭିଡ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ଟେପ୍ରେନରେ ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ୩ ୱାର୍ଡ ବିଶିଷ୍ଟ ୨ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗାଁରେ ଫ୍ଲୋରାଇଡ ପାଣି ବ୍ୟବହାର ଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଜଣା ପଡିବା ପରେ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଗଭୀର ନଳକୂପ ଖୋଳାଯାଇ ଗାଁକୁ ପାଇପ ଜଳ ଯୋଗାଣ ଆରମ୍ଭ କରାଯାଇଥିଲା। ହେଲେ ବିଭାଗୀୟ ଅପାରଗତା ଯୋଗୁଁ ଆଜକୁ ୩ ବର୍ଷହେଲା ଏହି ପ୍ରକଳ୍ପ ଅଚଳ ହୋଇପଡିଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ବିଭାଗ କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଗତବର୍ଷ ଗ୍ରୀଷ୍ମ ଆରମ୍ଭରୁ ଗ୍ରାମବାସୀ ଜିଲା ଜଳ ଓ ପରିମଳ ବିଭାଗ ଅଫିସ ଘେରାଉ କରିଥିଲେ। ସେ ସମୟରେ ପ୍ରକଳ୍ପକୁ ମରାମତି ନ କରି ବିଭାଗ ଯୁଦ୍ଧକାଳୀନଭିତ୍ତିରେ ୨ଟି ନୂତନ ନଳକୂପ ଖନନ କରିଥିଲା। ଯେଉଁଥିରୁ ଗୋଟିଏ ନଳକୂପରୁ ପାଣି ବାହାରି ନ ଥିଲା। ଫଳରେ ଗାଁ ଲୋକ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ଥିବା ପମ୍ପ ହାଉସ ପାଇପ ଭାଙ୍ଗି ସେଥିରେ ଏକ ନଳକୂପକୁ ଖଞ୍ଜି ପାଣି ବାହାର କରି ବ୍ୟବହାର କରିଥିଲେ। ବର୍ତ୍ତମାନ ଗାଁରେ ୬ଟି ନଳକୂପ ଥିବା ବେଳେ ୨ଟି ବ୍ୟବହାର ଯୋଗ୍ୟ ହୋଇଥିବା ବେଳେ ଅନ୍ୟାନ୍ୟ ଚାରିଟିରୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି। ଅନ୍ୟପଟେ ଗାଁରେ ଥିବା ଜିଆରୱାଇ ବନ୍ଧ ଓ ଧବଳେଶ୍ୱର କଟାରୁ ଗ୍ରୀଷ୍ମ ଆରମ୍ଭରୁ ପାଣି ଶୁଖିବାରେ ଲାଗିଥିବା ବେଳେ ଅପ୍ରେଲ ମାସରେ ଉଭୟ ପୋଖରୀରେ ପାଣି ନ ଥାଏ। ଫଳରେ ଗାଁ ଲୋକେ ସ୍ନାନଶୌଚ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ବୋଲି ଗାଁର ସବିତା ଷଡଙ୍ଗୀ, ଇନ୍ଦ୍ରା ଖମାରୀ, ଅମୂଲ୍ୟ ତରିଆ, ବିଲ ବାଗ, ମମତା ଷଡଙ୍ଗୀ, ସୁରଭି ଖମାରୀ, ମନକାନ୍ତି ଖମାରୀ, ମନ୍ଦାକିନୀ ମିଶ୍ର ପ୍ରମୁଖ ଶତାଧିକ ଅଭିଯୋଗ କରିଛନ୍ତି। ଏଣୁ ଚଳିତ ବର୍ଷ ଗାଁର ଏହି ମୌଳିକ ସମସ୍ୟାକୁ ଦୃଷ୍ଟିରେ ରଖି ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ(କ) ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ଟେପ୍ରେନ ପ୍ରକଳ୍ପର ଗଭୀର ନଳକୂପରୁ ଆଉ ପାଣି ବାହାରୁ ନାହିଁ। ନୂତନ ଗଭୀର ନଳକୂପ ଖନନ ଓ ପାଇପ ମରାମତି ପାଇଁ ଟେଣ୍ଡର ଆହ୍ୱାନ କରାସରିଛି। ଖୁବ୍‌ଶୀଘ୍ର ନୂତନ କାମ ହେବ ବୋଲି କହିଥିଲେ।

### ଗ୍ରାମବାସୀ ଯାହା କୁହନ୍ତି...



“ଜଳଯୋଗାଣ ପ୍ରକଳ୍ପ ଚାଲୁ ରହିଥିବା ବେଳେ ପାଣି ସମସ୍ୟା ଜଣାପଡୁ ନ ଥିଲା। କିନ୍ତୁ ପ୍ରକଳ୍ପ ଅଚଳ ହେବା ଦିନଠାରୁ ଲୋକଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି।

- ଐରାବତୀ ମିଶ୍ର



“ଖରାଦିନରେ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ପୋଖରୀ ପାଣି ଶୁଖିବାକୁ ବସିଲାଣି। ଏହି ପରିସ୍ଥିତିରେ ଜଳଯୋଗାଣ ପ୍ରକଳ୍ପ ଆଶାଭରସା ହେବା କଥା। ହେଲେ ତାହା ବି ହେଲାନାହିଁ।

-ଅହଲ୍ୟା ଚାନ୍ଦ



“ପଞ୍ଚାୟତ ପକ୍ଷରୁ ବନ୍ଧମାନଙ୍କର ମାଟି ଉନ୍ନତୀକରଣ କରାଯାଉଥିଲେ ମଧ ଜଳ ସମସ୍ୟାର ସମାଧାନ ହେଉ ନାହିଁ। ଗଭୀର ନଳକୂପ ଜଳ ଗ୍ରାମବାସୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରି ପାରନ୍ତା।

-ସତ୍ୟନାରାୟଣ ସିଂ



“ନିର୍ବାଚନ ପାଖେଇ ଆସିଲେ ନେତୃବୃନ୍ଦ ଗାଁକୁ ଆସି ସମସ୍ୟା ସମାଧାନ ପ୍ରତି ଆଶ୍ୱାସନା ଦେଇଥାନ୍ତି। ହେଲେ ଏଭଳି ସମସ୍ୟା ପ୍ରତି ବର୍ଷାଧିକ କାଳହେଲା କେହି କର୍ଣ୍ଣପାତ ନ କରିବା ପରିତାପର ବିଷୟ।

-ପ୍ରଦୀପ ଷଡଙ୍ଗୀ



“ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ ଦିଗରେ ସରକାର ଓ ପ୍ରଶାସନ ପ୍ରାଥମିକତା ଦେବା କଥା। ହେଲେ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ସତେ ଯେମିତି ପାଇପ ଜଳ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି।

-ଅଶ୍ୱିନୀ ପଧାନ

### ଢାବା ମାଲିକ, କର୍ମଚାରୀଙ୍କୁ ଆକ୍ରମଣ

**ସଇଁତଲା, ୧୪।୩ (ଡି.ଏନ.ଏ.)**

ସଇଁନ୍ତଲା ଥାନା ବେଲଗାଁ ତେଲନଦୀ ନିକଟରେ ଥିବା ଏକ ଢାବାରେ ବୁଧବାର ରାତିରେ ଖାଇବା ଦେବାକୁ ଡେରି ହେବାରୁ କିଛି ଯୁବକ ଢାବା ମାଲିକ ଏବଂ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଢାବା ମାଲିକ ଡୋଳାମଣୀ ଥପା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ବେଲଗାଁ ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସମ୍ପୃକ୍ତ ଯୁବକମାନେ ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଆହତ ଥପାଙ୍କୁ ବେଲଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଢାବା ମାଲିକ ଥପା ଗୁରୁବାର ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସଇଁତଲା ଥାନାରେ ଏକ ମାମଲା(ନଂ.୪୬/୧୯) ରୁଜୁ ହୋଇଛି। ଢାବାରେ ଲାଗିଥିବା ସିସି ଟିଭି ଫୁଟେଜକୁ ଆଧାର କରି ପୋଲିସ ଛାନଭିନ ଆରମ୍ଭ କରିଛି। ପ୍ରକାଶ ଯେ, ବଲାଙ୍ଗୀର ପଟରୁ ଆସୁଥିବା ଏକ ବସ୍ ଉକ୍ତ ଢ଼ାବା ପାଖରେ ଅଟକିଥିଲା। ବସରୁ ପ୍ରାୟ ୩୦ରୁ ୪୦ ଜଣ ଯୁବକ ଓହ୍ଲାଇ ଢାବାକୁ ଖାଇବାକୁ ଯାଇଥିଲେ। ଏହି ସମୟରେ ଢାବା ପାଖରେ ଅଟକି ଥିବା ୩ଟି ବସ୍‌ର ଯାତ୍ରୀ ଢ଼ାବାରେ ଖାଉଥିଲେ। ସିଟ୍ ଖାଲି ହେଲେ ଆପଣମାନେ ଖାଇବେ ବୋଲି କହିବା ପରେ ସେମାନେ ଢାବା ମାଲିକଙ୍କୁ ଗାଳିଗୁଲଜ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ଏହା ଦେଖି ଢ଼ାବାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀ ଘଟଣାସ୍ଥଳକୁ ଆସି ରୋକିବାକୁ ଚେଷ୍ଟା କହିଥିଲେ ମଧ ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ମରଣ, ପିତା ଡିଉଣ,<br>ନ ମିଳେ ରଣ;<br>ଆଗେ ଦୁଃଖ ପଛେ ସୁଖ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅକୁ ମାରି ବୋହୂକୁ ଶିଖାନ୍ତି।**

ଝିଅକୁ ଦଣ୍ଡଦେବା ଛଳରେ ବୋହୂକୁ ଶିକ୍ଷାଦେବା। ଅନେକ କ୍ଷେତ୍ରରେ ବୋହୂର ଦୈନନ୍ଦିନ ଚଳଣିକୁ ଶାଶୁଘର ଲୋକେ ନାପସନ୍ଦ କରିଥାନ୍ତି। ତା'ର ହାବଭାବ ତଥା ଚାଲିଚଳଣକୁ ନେଇ ଦେଖେଇ ଶିଖେଇ ନାନାକଥା କହିଥାନ୍ତି। କାଳେ ମୁହଁ ଉପରେ କହିଦେଲେ କଥାଟା ଖରାପ ହୋଇଯିବ ସେଲାଗି କଥାକୁ ସିଧା ନ କହି ଅନ୍ୟ ନାଁରେ ବାଆଁରେଇ କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ<br>-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଜିଲା ମୁଖ୍ୟ ଚିକିତ୍ସାଳୟ ହେଲା ମେଡିକାଲ କଲେଜ ହସପିଟାଲ

# ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ

**ବଲାଙ୍ଗୀର ଅଫିସ, ୧୪।୩**




- ପାଣି ନାହିଁ, ପ୍ରସୂତି ପାଉଛନ୍ତି ଯମ ଯନ୍ତ୍ରଣା
- ପାଇଖାନା ସଫେଇ ହେଉନାହିଁ
- ପିଇବା ପାଣିର ବ୍ୟବସ୍ଥା ନାହିଁ

ବଲାଙ୍ଗୀରରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ବଲାଙ୍ଗୀରବାସୀ ଓ ଆଖପାଖ ଜିଲାର ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ ବୋଲି ଆଶା କରିଥିଲେ। ୨୦୧୮ ଅଗଷ୍ଟ ୩୧ ତାରିଖ ଦିନ ବହୁପ୍ରତୀକ୍ଷିତ ଭୀମଭୋଇ ସରକାରୀ ମେଡିକାଲ କଲେଜ ଉଦ୍‌ଘାଟିତ ହେଲା। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ ହସ୍‌ପିଟାଲ ଭାବେ ଉନ୍ନୀତ କରାଯାଇ ସେହିଦିନରୁ ଏଠାରେ ରୋଗୀସେବା ଜାରି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂଆ କୋଠା ନିର୍ମାଣ କରାଯାଇଛି। ତେବେ ତରବରିଆ ଭାବେ ହସପିଟାଲ ଭିତରେ ବିଭିନ୍ନ କୋଠା ନିର୍ମାଣ ଓ ସେଠାରେ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ ନ ହେବାରୁ ଏବେ ରୋଗୀସେବା ପ୍ରହସନରେ ପରିଣତ ହୋଇଛି। ଘୋର ଅବ୍ୟବସ୍ଥା କାରଣରୁ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ହସପିଟାଲ ପରିସରରେ ସବୁଠୁ ବଡ ଅସୁବିଧା ଭାବେ ଉଭା ହୋଇଛି ପାଣି ସମସ୍ୟାକୁ ନେଇ। ହସପିଟାଲରେ ୧୨୫ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ହସପିଟାଲ(ଏମ୍‌ସିଏଚ୍) ରହିଛି। ଏହି ୭ ମହଲା ବିଶିଷ୍ଟ କୋଠାରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ନଥିବାରୁ ଏଠାରେ ବିଶେଷ କରି ପ୍ରସୂତୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଯୋଗାଣ ସୂଚାରୁରୂପେ ହେଉ ନ ଥିବାରୁ ଏହି କୋଠାରେ ଲାଟ୍ରିନ୍, ଟଏଲେଟ୍ ପ୍ରାୟତଃ ଅଚଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସପ୍ତାହରେ ମାତ୍ର ୨/୩ ଦିନ ପାଣି ଆସୁଥିବାବେଳେ ଅଧିକାଂଶ ସମୟ ଟ୍ୟାପ୍‌ରେ ପାଣି ଆସୁନାହିଁ। ପାଣି ନ ଥିବାରୁ ବିଶେଷକରି ପ୍ରସୂତୀ ମହିଳାମାନେ ରାତିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ନିଜେ ୪/୫ ମହଲା ତଳକୁ ଆସି ନଳକୂଅରୁ ପାଣି ସଂଗ୍ରହ କରି ଲାଟ୍ରିନ୍ ଯାଉଛନ୍ତି। ଏହା ସାଙ୍ଗକୁ ଅନେକ ଲାଟ୍ରିନ୍ ନିୟମିତ ସଫେଇ ହେଉ ନ ଥିବାରୁ ବ୍ୟବହାରଯୋଗ୍ୟ ହୋଇପାରୁନାହିଁ।

ଏହି ୱାର୍ଡ ଭଳି ସର୍ଜରୀ ୱାର୍ଡରେ ମଧ୍ୟ ପାଣି ଅଭାବରୁ ପାଇଖାନାଗୁଡିକର ଅବସ୍ଥା ସାଂଘାତିକ ହୋଇପଡିଛି। ଆବଶ୍ୟକ ପାଣି ନଥିବାରୁ ସଫେଇ କର୍ମଚାରୀମାନେ ମଧ୍ୟ ପାଇଖାନା ସଫେଇ କରିପାରୁ ନ ଥିବା କହିଛନ୍ତି। ସ୍ୱଚ୍ଛତା ଓ ରୋଗୀସେବା ଉପରେ ଗୁରୁତ୍ୱାରୋପ କରାଯାଉଥିବାବେଳେ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ତିଆରି କରାଯାଇଥିବା ମେଡିକାଲ କଲେଜ ହସ୍‌ପିଟାଲ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମଧ୍ୟ ସାଂଘାତିକ ହୋଇ ପଡିଲାଣି। ଏ ନେଇ ହସପିଟାଲ ମ୍ୟାନେଜର ସୁଦୀପ ଦତ୍ତଙ୍କୁ ପଚରାଯିବାରୁ ଦୁଇଦିନ ତଳେ ପୋଡି ଯାଇଥିବା ଏମ୍‌ସିଏଚ୍‌ର ପମ୍ପକୁ ସଜଡା ଯାଇଛି। ସର୍ଜରୀ ୱାର୍ଡର ସେପ୍‌ଟି ଟ୍ୟାଙ୍କ ବ୍ଲକ୍ ହୋଇଯାଇଥିବାରୁ ସେଠାରେ ପାଣି ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି ଓ ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଖବର ସଂଗ୍ରହ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ

**ବଲାଙ୍ଗୀର ଅଫିସ, ୧୪।୩**



ଗଣମାଧ୍ୟମ ପ୍ରତିନିଧିମାନେ ରାଲିରେ ଏସପି ଅଫିସକୁ ଯାଉଛନ୍ତି।

ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଓ ଜଣେ କ୍ୟାମେରାମ୍ୟାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଗୁରୁତର ଆହତ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସରକାରୀ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଚନ୍ଦ୍ରଭାନୁ ମୌଲାନା ଓ ଅନ୍ୟ ଏକ ଗଣମାଧ୍ୟମ କ୍ୟାମେରାମ୍ୟାନ୍ ଅମରଜିତ୍ ବେହେରା ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା ଗାଁକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ଖରାଦିନ ଆସିବା ପୂର୍ବରୁ କିଭଳି ପାଣି ସମସ୍ୟା ଦେଖାଦେଇଛି ସେ ନେଇ ଖବର ସଂଗ୍ରହ କରୁଥିଲେ। ଏହି ସମୟରେ ସେହି ଗାଁରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଏକ ପାଣି ଟ୍ୟାଙ୍କର ଲାଗିଥିଲା ଓ ପରିବାର ଲୋକେ ଘରକୁ ପାଣି ସଂଗ୍ରହ କରି ନେଉଥିଲେ। ଏହି ଦୃଶ୍ୟକୁ କ୍ୟାମେରାରେ କଏଦ୍ କଲାବେଳେ ସେଠାରେ ପାଣି ସଂଗ୍ରହ କରୁଥିବା ୪/୫ ଜଣ ଯୁବକ ଗଣମାଧ୍ୟମ ପ୍ରତିନିଧି ମୌଲାନାଙ୍କ ପାଖକୁ ଦୌଡି ଆସି କେଉଁ କାରଣରୁ ଫଟୋ ଉଠାଇଲ କହି ଅତର୍କିତ ଆକ୍ରମଣ କରିଥିଲେ। ଏଭଳି ଅପ୍ରତ୍ୟାଶିତ ଆକ୍ରମଣ ହେବା ଦେଖି ପାଖେରେ ଥିବା କ୍ୟାମେରାମ୍ୟାନ୍ ବେହେରା ଆକ୍ରମଣକାରୀଙ୍କୁ ବାରଣ କରିବାରୁ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ମୌଲାନାଙ୍କ ମୁଣ୍ଡରେ ଜୋରରେ ମାଡ ମାରିବା ଦ୍ୱାରା ସେ ଗୁରୁତର ହୋଇପଡିଥିଲେ। ଆକ୍ରମଣକାରୀଙ୍କ ମାଡରେ ଗୁରୁତର ଆହତ ମୌଲାନା ଓ ବେହେରାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଏ ନେଇ ଟାଉନ୍ ଥାନାରେ ଦୁଇଟି ପୃଥକ୍ ମାମଲା (ନଂ୧୧୮/ନଂ୧୧୯/୨୦୧୯) ରୁଜୁ କରାଯାଇଛି। ଏହି ମାମଲାରେ ପୋଲିସ ମନୋଜ ନାଏକ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଘଟଣା ସମ୍ପର୍କରେ ପଚରାଯିବାରୁ ଏସଡିପିଓ ଶ୍ରୀମନ୍ତ ବାରିକ ମାମଲା ରୁଜୁ ହୋଇ ଜଣେ ଗିରଫ ହୋଇଛନ୍ତି ଓ ଅନ୍ୟମାନଙ୍କୁ ଖୋଜା ଚାଲିଛି ବୋଲି କହିଛନ୍ତି। ଖବର ସଂଗ୍ରହ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ନେତୃତ୍ୱରେ ଗଣମାଧ୍ୟମ ପ୍ରତିନିଧିମାନେ ଏକ ଶୋଭାଯାତ୍ରାରେ ଏସପି ଅଫିସକୁ ଯାଇ ସମସ୍ତ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଏହି ଘଟଣା ପରେ ବିଜେଡି କାଉନସିଲର ଟାଉନ୍ ଥାନାକୁ ଆସିବା ପରେ ଅଭିଯୁକ୍ତ ଜଣକ ସମ୍ପୃକ୍ତ ଦଳର ବୋଲି ଚର୍ଚ୍ଚା ଜୋର ଧରିଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

### ପୋଲିସ ଚଢ଼ାଉ

# ବିପୁଳ ନିଶା ସାମଗ୍ରୀ ଜବତ, ୪ଗିରଫ

**ବିନିକା, ୧୪।୩(ଡି.ଏନ୍.ଏ.)**



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତ ଓ ଜବତ ସାମଗ୍ରୀକୁ ପୋଲିସ ପ୍ରଦର୍ଶନ କରୁଛି।

ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ବୁଧବାର ଅପରାହ୍ଣରେ ଚଢାଉ କରି ନିଶା କାରବାରରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧.୯୧କେଜି ଗଞ୍ଜେଇ,ଏସକଫ୍ କଫ ସିରପ୍ ୨୨ବୋତଲ, ନଗଦ ୫୧ହଜାର ୫୦ଟଙ୍କା,ଏକ ଫିଏଟ୍ ଏଭେଞ୍ଚୁର କାର(ନଂ-ଓଡି,୨୭-୭୨୮୮), ୫ଟି ମୋବାଇଲ, ୫କେଜି୧୭୭ଗ୍ରାମର ହଳଦୀ ରଙ୍ଗିଆ ରତ୍ନପଥର, ଏକ ଦେଶୀ ମାଉଜର ଏବଂ ୨ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଛି। ବିନିକା ଥାନା ଅଭ୍ୟର୍ଥନା ଗୃହଠାରେ ଗୁରୁବାର ଅପରାହ୍ଣରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସବିଶେଷ ସୂଚନା ଦେଇଛନ୍ତି ଜିଲା ଆରକ୍ଷୀ ଅଧୀକ୍ଷକ ଦେବୀପ୍ରସାଦ ଦାଶ। ଏସପିଙ୍କ ସୂଚନା ଅନୁସାରେ ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ମୁସଲିମ ପଡାର ଏସ.କେ. ଅବଦୁଲ୍ଲ, ବୌଦ୍ଧ ଖଲିଆ ବଗିଚାର ବାଦଲ ଜେନା ଓ ଛବି କର୍ଣ୍ଣ ଓ ଝାରସୁଗୁଡା ମଙ୍ଗଳବଜାରର ଇନାମ-ଉଲ୍-ହକ୍। ବିନିକା ଥାନାରେ ଏ ନେଇ ୨ଟି ପୃଥକ୍ ମାମଲା ରୁଜୁ କରାଯାଇଛି। ଏକଦେଶୀ ମାଉଜର ବନ୍ଧୁକ ସହିତ ୨ ଗୋଟି ଜୀବନ୍ତ ଗୁଳି ଛବି କର୍ଣ୍ଣଙ୍କ ପାଖରୁ ଜବତ କରାଯାଇଥିବାରୁ ତାଙ୍କ ନାଁରେ ଆର୍ମସ ଆକ୍ଟରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ବୁଧବାର ଅଭିଯୁକ୍ତମାନେ ଅବକାରୀ ଦ୍ରବ୍ୟ ସବୁ ନେଇ ବୌଦ୍ଧ ପଟରୁ ସମ୍ବଲପୁର ପଟକୁ ସୋନପୁର-ବିନିକା ଭାୟା ଦେଇ ଏକ କାର୍‌ରେ ନେଉଥିବା ବିନିକା ଥାନା ପୋଲିସଙ୍କୁ ଖବର ମିଳିଥିଲା। ଏସ୍.ଆଇ ସୂର୍ଯ୍ୟକାନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠନ କରାଯାଇଥିବା ସ୍କ୍ୱାଡ୍ ଅପରାହ୍ଣରେ ବିନିକା ଉର୍ଲେ ଛକ୍‌ଠାରେ ଅଟକାଇଥିଲେ। ତଲାସୀବେଳେ ଗାଡିରୁ ଉପରୋକ୍ତ ସାମଗ୍ରୀ ସବୁ ଜବତ କରାଯାଇଥିବାବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲାରେ ଗାଡି ମୋଟର ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିବା ସହିତ ପୋଲିସ୍ ଆପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଥିବା ଏସ୍‌ପି ଦାଶ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମିହିର ପଣ୍ଡା ଉପସ୍ଥିତ ଥିଲେ।

### ଅଭିଯୁକ୍ତଙ୍କଠାରୁ ମାଉଜର, ରତ୍ନପଥର, କାର ଜବତ

## ସଂକ୍ଷେପରେ

### ଟ୍ରକ୍ ଚାପାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍, ୧୪।୩**
ବରଗଡ଼ ସହରର ଭଟଲି ଛକ ନିକଟରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୯ଟାରେ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଚାଳକ ହେଲେ ଭଟଲି ଛକ ନିବାସୀ ଗୋପାଳ ଦାଶଙ୍କ ପୁଅ ଅଭିଷେକ ଦାଶ(୧୭) ବୋଲି ଜଣାପଡ଼ିଛି । ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି । ଅଭିଷେକ ଏକ ବାଇକ୍ (ନଂ.ଓଡ଼ି୧୭ଏଚ୍/୯୩୨୨) ଯୋଗେ ଘରକୁ ଫେରୁଥିବା ବେଳେ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା ।

### ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ

**ବରପାଲି, ୧୪।୩ (ଡି.ଏନ.ଏ):** ବରପାଲି ସହରର ଗଳିକନ୍ଦି ରାସ୍ତା ଉପରେ ଇଟା, ବାଲି, ଗେଟି ଆଦି ଘର ନିର୍ମାଣ ସାମଗ୍ରୀ ଗଦା ହୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଅନ୍ୟପଟେ ଦୋକାନୀ ରାସ୍ତା ଅବରୋଧ ସାଙ୍ଗକୁ ରାସ୍ତା ମଝିରେ ଉଠା ସାଇନବୋର୍ଡ ରଖୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି । ସେହିପରି ଡାକ୍ତରଖାନା ରାସ୍ତାରେ ଦୁଇ ଚକିଆ ଯାନ ରହୁଥିବାରୁ ଦୁର୍ଘଟଣା ଘଟୁଛି । ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

### ପାଇକମାଳ ନାଗରିକ କମିଟି ବୈଠକ

**ପାଇକମାଳ, ୧୪।୩(ଡି.ଏନ.ଏ):** ପାଇକମାଳ ଧର୍ମଶାଳା ପରିସରରେ ନାଗରିକ କମିଟିର ଏକ ବୈଠକ ସଭାପତି ମନୋଜ କୁମାର ତ୍ରିବେଦୀଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନାଗରିକ କମିଟି ସଭ୍ୟମାନଙ୍କ ଉପସ୍ଥିତିରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏଣୁ ନାଗରିକ କମିଟି ତରଫରୁ ଉକ୍ତ ସମସ୍ୟା ସମାଧାନ ନ କଲେ ମାର୍ଚ୍ଚ ମାସରେ ବିଦ୍ୟୁତ୍ ବିଲ ଆଦାୟକୁ ବିରୋଧ କରାଯାଇଛି ଓ ବିଦ୍ୟୁତ୍ ବିଲ୍ ପୈଠ ନ କରାଯିବା ପାଇଁ ନିଷ୍ପତି ନିଆଯାଇଛି ।



### ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସୋହେଲା, ୧୪।୩(ଡି.ଏନ.ଏ):** ସୋହେଲା ବ୍ଲକ ଲୁହୁରାଚଟିଠାରେ ନବନିର୍ମିତ ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିଥିଲା । ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ସୁରେନ୍ଦ୍ର ଶତପଥୀ ପୂଜକ ଭାବେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଦାରା ମେହେର ଓ ତାଙ୍କ ସ୍ତ୍ରୀ କୁନ୍ତୀ ମେହେର ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗିରିଧାରୀ ମେହେରଙ୍କ ନେତୃତ୍ୱରେ ମୁନୁ ମେହେର, ଲୁରୁ ମେହେର, ଶ୍ରୀଧର ମେହେର, ଚଏତୁ ମେହେର, ମଙ୍ଗଲୁ ମେହେର, ଉଦେ ମେହେର ପ୍ରମୁଖ ସହଯୋଗ କରିଥିଲେ ।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଉଦ୍‌ଯାପିତ

**ଘଣ୍ଟାପଡା, ୧୪।୩ (ଡି.ଏନ.ଏ)**
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ସିଲେଟପଡା ଗ୍ରାମରେ ହରିଦ୍ୱାର ଶାନ୍ତିକୁଞ୍ଜଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ଚାଲିଥିବା ଗାୟତ୍ରୀ ପଞ୍ଚକୁଣ୍ଡୀୟ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ପୂର୍ଣ୍ଣାହୁତି ଦିବସରେ ଗାୟତ୍ରୀ ପରିବାର ତରଫରୁ ମନୋଜ ପ୍ରଧାନ ଓ ନଳିନୀ କଅଁରଙ୍କ ବିବାହ କରାଯାଇଥିଲା। ତିନି ଦିନ ଧରି ଚାଲିଥିବା ଗାୟତ୍ରୀ ଯଜ୍ଞର ପ୍ରଥମ ଦିବସରେ ଶ୍ରଦ୍ଧାଳୁ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ଦ୍ୱିତୀୟ ଦିବସରେ ଯଜ୍ଞର ଗର୍ଭଧାରଣ ସଂସ୍କାର, ମଣ୍ଡନ ସଂସ୍କାର ପରେ ଦୀପ ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ପ୍ରଜ୍ଞାପୁରାଣ ପ୍ରବଚନ ହୋଇଥିଲା । ଗୁରୁବାର ପୂର୍ଣ୍ଣାହୁତି ଦିବସରେ ବିବାହ ସଂସ୍କାର ଓ ୧୫ ପରିବାର ଦୀକ୍ଷା ସଂସ୍କାର ଦିଆଯାଇଥିଲା । ଉକ୍ତ ଯଜ୍ଞରେ ଧୋବା ପ୍ରଧାନ, ତୀର୍ଥବାସୀ ରଣା, ଗୁରୁ ରଣା, ଗୌତମ ରଣା, ଦିଲୀପ ସାହୁ ଓ କଣ୍ଟାମାଳ ଗାୟତ୍ରୀ ପରିବାର ସହଯୋଗ କରିଥିଲେ ।

## ରାଇସ ମିଲ୍ କରୁଛି ପ୍ରଦୂଷଣ
# ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ

**ବରଗଡ଼ ଅଫିସ୍, ୧୪।୩**

ବରଗଡ଼ ଜିଲାରେ ଛତୁ ଫୁଟିବା ଭଳି ରାଇସ ମିଲ୍ ଗଢ଼ି ଉଠୁଛି । କେତେକ ରାଇସ ମିଲ ପ୍ରଦୂଷଣ ଆଇନ କାନୁନକୁ ମାନୁ ନ ଥିବା ଯୋଗୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରଦୂଷଣ ବଳୟରେ ରହୁଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ମଧ୍ୟ ସମ୍ପୃକ୍ତ ରାଇସ୍ ମିଲ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ । କେବଳ ନୋଟିସ ଜାରିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କାର୍ଯ୍ୟାନୁଷ୍ଠାନ ସୀମିତ ରହୁଥିବା ଦେଖିବାକୁ ମିଳୁଛି । ଗତ ଅଳ୍ପଦିନ ତଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଜିଲାର ଏକ ରାଇସ ମିଲକୁ ବନ୍ଦ ନୋଟିସ୍ ଜାରି କରିଥିଲା। ଅନୁରୂପ ଭାବେ ଜିଲାର ଜେ. ଶ୍ରୀଗିଡ଼ାସ୍ଥିତ ଆଉ ଏକ ରାଇସ ମିଲ ସୁବର୍ଣ୍ଣ ଫୁଡ୍ସ ପ୍ରଡ଼କ୍ଟସ୍‌କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ଘଟଣା ସାମ୍ନାକୁ ଆସିଛି ।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପତ୍ରସଂଖ୍ୟା– ୮୦୩ ତା– ୧୨/୩/୨୦୧୯ ଅନୁସାରେ, ଉପରୋକ୍ତ ରାଇସ ମିଲ୍ ଚଳାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦେଇଥିବା ଅନୁମତିର ଅବଧି ୨୦୨୦ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରହିଛି । ଅନୁମତି ପ୍ରଦାନ ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଯେଉଁ ସର୍ତ୍ତ ରଖିଥିଲା, ଉକ୍ତ ରାଇସ ମିଲ୍ କର୍ତ୍ତୃପକ୍ଷ ତାକୁ ଖିଲାପ କରିଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅଧିକାରୀ ଜାଣିବାକୁ ପାଇଥିଲେ। ଗତ ୧ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଆର୍‌ଓ ଇଂ ଡି.କେ ଦାଶ ଏବଂ ଏଇଏସ ଡଃ ଏସ.ଏନ ପଣ୍ଡା ଉକ୍ତ ରାଇସ ମିଲ୍ ନିରୀକ୍ଷଣରେ ଯାଇଥିଲେ ଏବଂ ନିରୀକ୍ଷଣ ସମୟରେ ସେଠାରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା (ଇଟିପି) କାର୍ଯ୍ୟକ୍ଷମ ନ ଥିବା ଏବଂ ନିଷ୍କାସିତ ବର୍ଜ୍ୟବସ୍ତୁ ପାଖ ଜମିକୁ ଯାଉଥିବା ଦେଖିବାକୁ ମିଳିଥିଲା। ଫଳରେ ଏଭଳି ପ୍ରଦୂଷଣ ନିୟମର ଖିଲାପ ଯୋଗୁ ସମ୍ପୃକ୍ତ ରାଇସ ମିଲ୍‌କୁ କାହିଁକି ବନ୍ଦ ନୋଟିସ ଜାରି କରା ନ ଯିବ, ସେ ନେଇ ଚିଠି ଇସ୍ୟୁ ହେବାର ୧୫ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଧାରିତ ସମୟ ସୁଦ୍ଧା ସେ ନେଇ ସ୍ପଷ୍ଟୀକରଣ ନ ଦେଲେ, ଉକ୍ତ ମିଲ୍ ବିରୋଧରେ ବନ୍ଦ ନୋଟିସ ଜାରି କରାଯିବ ବୋଲି ମଧ୍ୟ ସୂଚାଇ ଦିଆଯାଇଛି । କାରଣ ଦର୍ଶାଅ ନୋଟିସର ନକଲ ବରଗଡ଼ ଜିଲାପାଳଙ୍କ ନିକଟକୁ ପଠାଯାଇଛି ।

## ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ସମ୍ବର୍ଦ୍ଧନା



ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି ।

**ସୋହେଲା, ୧୪।୩(ଡି.ଏନ.ଏ)**

ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ ଅସୁସ୍ଥ ଥିବା ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ହେବା ପରେ ସେ ଗୁରୁବାର ବରଗଡ ଜିଲା ସୋହେଲାକୁ ଫେରିଛନ୍ତି। ଏହି ଅବସରରେ ଏନଏଚ୍–୬ର ଦଶମାଇଲ ଛକଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦଳୀୟ କର୍ମୀମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ଦୁର୍ଗାମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ସେଠାରେ ମନ୍ତ୍ରୀ ସିଂହ ମାଁଙ୍କୁ ଦର୍ଶନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ବିଜେଡି ଯୁବ ନେତା ସୁବ୍ରତ ସିଂହ, ଗଣତନ୍ତ୍ର ପଧାନ, କାର୍ତ୍ତିକ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରକାଶ ଥାଉକି, ମନ୍ତ୍ରୀ ସିଂହ କିଛିଦିନ ତଳେ ଆଜମା ଓ ଏସିଡିଟି ଯୋଗୁ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଗଲା ପରେ ବରଗଡ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା । ସେ ସୋହେଲା ଫେରୁଥିବା ବାଟରେ ନୟାଗଡଠାରେ ବୁଧବାର ରାତି ସାଢ଼େ ୯ଟାରେ ପୁଣି ଅସୁସ୍ଥ ହୋଇ ପଡିଥିଲେ । ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା । ଏବେ ସେ ସୁସ୍ଥ ଅଛନ୍ତି ।

## ଅତାବିରା ବିଜେଡିରେ ବଢୁଛି ବିଦ୍ରୋହ
# ସ୍ନେହାଙ୍ଗିନୀଙ୍କ ବିରୋଧରେ ବାହାରିଲେ କର୍ମୀ

**ବରଗଡ଼ ଅଫିସ୍, ୧୪।୩**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନୈତିକ ତାତି ସେଭଳି ବଢ଼ିବାରେ ଲାଗିଛି । ବରଗଡ଼ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀ ବିଜେଡ଼ିରେ ଦେଖାଯାଇଥିବା ବିଦ୍ରୋହ ଏବେ ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ଗୁରୁବାର ଏହି ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ଓ ଭେଡ଼େନ ବ୍ଲକ ସମେତ ଅତାବିରା ଏନଏସିର ଶତାଧିକ ଦଳୀୟ କର୍ମୀ ଓ ଯୁବକ ବାଇକ୍ ରାଲିରେ ବାହାରି ସ୍ଥାନୀୟ ବିଧାୟିକା ତଥା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିରୋଧରେ ନାରାବାଜି କରିଥିଲେ। ଅନ୍ୟପଟେ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ସପକ୍ଷରେ ସ୍ଲୋଗାନ ଦେଇ ଅତାବିରା ଓ ଭେଡ଼େନ ଅଞ୍ଚଳ ପରିକ୍ରମା କରିଥିଲେ । ଯୁବକମାନେ ଅତାବିରା ବ୍ଲକ ଗୋଡ଼ଭଗା ସମଲେଇ ମନ୍ଦିରରୁ ରେଙ୍ଗାଲିକ୍ୟାମ୍ପକୁ ଆସିଥିଲେ । ସେହିପରି ଭେଡ଼େନ ବ୍ଲକ ରେମଣ୍ଡା, ଥୁଆପାଲି ଅଞ୍ଚଳରୁ ମଧ୍ୟ ଯୁବକମାନେ ରେଙ୍ଗାଲିକ୍ୟାମ୍ପକୁ ଆସିଥିଲେ । ସେଠାରେ ଉଭୟ ବ୍ଲକର ଯୁବକ ତଥା ଦଳୀୟ କର୍ମୀମାନେ ଏକାଠି ହେବା ପରେ ଏକ ବାଇକ୍ ରାଲିରେ ଅତାବିରା ଦୁର୍ଗା ମନ୍ଦିର ସମ୍ମୁଖକୁ ଯାଇଥିଲେ । ସେଠାରେ ସ୍ନେହାଙ୍ଗିନୀଙ୍କ ବିରୋଧରେ କିଛି ସ୍ନେହାଙ୍ଗିନୀ ହଟାଅ, ଅତାବିରା ବଞ୍ଚାଅ ନାରାବାଜି କରିଥିଲେ । ବାଇକ୍ ରାଲିରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ କବିସୂର୍ଯ୍ୟ ପୁରୋହିତ, ପୂର୍ବତନ ଭେଡ଼େନ ବ୍ଲକ ଅଧ୍ୟକ୍ଷ କୃଷ୍ଣ କୁମାର ମହାନ୍ତି, ବଳରାମ ମିଶ୍ର, ସୁଶାନ୍ତ ପଣ୍ଡା, ସୁଧିର ସାହୁ, ମାନଭଞ୍ଜନ ମେଣ୍ଡଲି ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତେବେ ଏ ନେଇ ସ୍ନେହାଙ୍ଗିନୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲା । ମାତ୍ର ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ମତାମତ ମିଳି ପାରି ନ ଥିଲା । ଅନ୍ୟପଟେ ଅତାବିରା ବ୍ଲକ ବିଜେଡ଼ି ସଭାପତି ଲମ୍ବୋଦର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଗତ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ କିଛି ଅସନ୍ତୁଷ୍ଟ ଗୋଷ୍ଠୀ ସେଭଳି ଦଳ ବିରୋଧୀ କାମ କରିଥିଲେ। ମାତ୍ର ତାର କିଛି ଫରକ୍ ପଡ଼ି ନ ଥିଲା। ଏବେ ମଧ୍ୟ ସେହି ଗୋଷ୍ଠୀ ସେଭଳି ଦଳ ବିରୋଧୀ କାମରେ ବାହାରିଛନ୍ତି । ମାତ୍ର ତାହା ଦଳ ଉପରେ କିଛି ପ୍ରଭାବ ପକାଇ ପାରିବ ନାହିଁ । ମନ୍ତ୍ରୀ ଛୁରିଆ ଏହି ନିର୍ବାଚନ ମଣ୍ଡଳୀରୁ ପୁଣି ଟିକେଟ୍ ପାଇବେ ଏବଂ ନିର୍ବାଚିତ ହେବେ ବୋଲି ସେ କହିଥିଲେ । ଭେଡ଼େନ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କୁ ପଚାରିବାରୁ କହିଥିଲେ, ଯେଉଁମାନେ ବାଇକ୍ ରାଲିରେ ବାହାରିଥିଲେ, ସେମାନେ ବିଜେଡ଼ିର ପ୍ରାଥମିକ ସଦସ୍ୟ କିମ୍ବା କୌଣସି କାର୍ଯ୍ୟକର୍ତ୍ତା ନୁହନ୍ତି । ସେମାନେ ସବୁବେଳେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ମନ୍ତ୍ରୀ ଛୁରିଆଙ୍କ ବିକାଶଧାରା ପ୍ରତି ଈର୍ଷାନ୍ୱିତ ହୋଇ ବିରୋଧୀଙ୍କ କଥାରେ ପଡ଼ି ଷଡ଼ଯନ୍ତ୍ର ରଚନା କରୁଛନ୍ତି । ସେମାନେ ବହୁ ପୂର୍ବରୁ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ସାରିଛନ୍ତି । ସେମାନଙ୍କ ଏଭଳି କାର୍ଯ୍ୟ ସ୍ନେହାଙ୍ଗିନୀଙ୍କ ଲୋକପ୍ରିୟତାରେ କୌଣସି ପ୍ରଭାବ ପକାଇ ପାରିବ ନାହିଁ ।



ଅତାବିରାରେ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିରୋଧରେ ନାରାବାଜି କରାଯାଉଛି ।

## ଖବରଦାତାଙ୍କ ଆକ୍ରୋଶମୂଳକ ଗିରଫଦାରିକୁ ନିନ୍ଦା

**ବୌଦ୍ଧ, ୧୪।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ସାମ୍ବାଦିକ ସଂଘ ସଭାପତି ଆଦିତେଶ୍ୱର ମିଶ୍ର ଜମିଜମା ସମ୍ପର୍କିତ ତଥ୍ୟ ପାଇଁ ବୁଧବାର କଣ୍ଟାମାଳ ତହସିଲ ଅଫିସ୍‌କୁ ଯାଇଥିବାବେଳେ ସେଠାରେ ବିନା ଦୋଷରେ ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଇ ଜେଲ ପଠାଇଦିଆଯାଇଛି । ଏହି ଘଟଣା ପ୍ରଚାର ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଗୁରୁବାର ଜିଲା ସଂଘ କାର୍ଯ୍ୟାଳୟରେ ଉପସଭାପତି ରବିନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିନା ଦୋଷରେ ଖବରଦାତାଙ୍କୁ ଗିରଫ ଘଟଣାର ନିନ୍ଦା କରାଯିବା ସହିତ ମିଥ୍ୟା ଅଭିଯୋଗରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ଜିଲାପାଳ ବ୍ୟକ୍ତିଗତ ଭାବେ ତହସିଲଦାରଙ୍କ କାର୍ଯ୍ୟାଳୟର ସିସିଟିଭି ଫୁଟେଜ ଯାଞ୍ଚ କରିବା ପାଇଁ ଦାବି କରାଯାଇଥିଲା । ଏହାସହିତ ଉଭୟ ଥାନା ଅଧିକାରୀ ଓ ତହସିଲଦାରଙ୍କୁ ତୁରନ୍ତ ଜିଲାରୁ ଅନ୍ୟତ୍ର ବଦଳି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଉପଜିଲାପାଳଙ୍କ ଦ୍ୱାରା ଏହି ମାମଲାର ତଦନ୍ତ କରାଯିବାକୁ ଜିଲାପାଳ ସୀତାଂଶୁ କୁମାର ରାଉତ ସାମ୍ବାଦିକ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

## ରାମଚରିତ ମାନସ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ

**ଗାଇସିଲେଟ, ୧୪।୩ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଝାଙ୍କରପାଲି ଶ୍ରୀ ଲକ୍ଷ୍ମୀନାରାୟଣ ରାମ ଜାନକୀ ମଠ ମହନ୍ତ ସୁତୀକ୍ଷ୍ଣ ଦାସ ମହାରାଜ ଏବଂ ଗୋକୁଳାନନ୍ଦ ପଧାନଙ୍କ ଉଦ୍ୟମରେ ନବଦିନାତ୍ମକ ରାମଚରିତ ମାନସ ପାରାୟଣ ଓ ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଛି। ଏଥିରେ କିଶୋର ଚନ୍ଦ୍ର ପୁଟେଲ ଓ ତାଙ୍କ ସ୍ତ୍ରୀ ଯଶୋବନ୍ତୀ ପୁଟେଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ବିଶ୍ୱଶାନ୍ତି ମହାଯଜ୍ଞରେ ସୁନୀଲ ଅଗ୍ରୱାଲ ଓ ସ୍ତ୍ରୀ ଲକ୍ଷ୍ମୀ ଅଗ୍ରୱାଲ କର୍ତ୍ତା ଅଛନ୍ତି । ଏହି କାର୍ଯ୍ୟକ୍ରମରେ ଡମ୍ବରୁଗଡ ମହନ୍ତ ଗିରିବର ଦାସଜୀ ମହାରାଜ, ମହାମନ୍ତ୍ରଳେଶ୍ୱର ମହନ୍ତ ରାମସୁନ୍ଦରଜୀ ମହାରାଜ, ଯଜ୍ଞ ପରିଚାଳକ ମହନ୍ତ ଶ୍ରୀ ପରମାନନ୍ଦଜୀ ମହାରାଜ, ମହନ୍ତ ବଂଶୀଧରଜୀ ମହାରାଜ, ମହନ୍ତ କୌଶଳ କିଶୋର ଦାସଜୀ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ । ପରିଚାଳନା କମିଟିର ଲେକୃ ପୁଟେଲ, ଗୁରଦେବ ନାଏକ, ରବିଚନ୍ଦ୍ର ଭୋଇ ତଥା ଅଞ୍ଚଳବାସୀ ସହଯୋଗ କରୁଛନ୍ତି । ବେଲପଡା ରାମଜୀ ମଠ ମହନ୍ତ ଚିନ୍ମୟ ଦାସଜୀ ମହାରାଜ ସନ୍ଧ୍ୟାରେ ପ୍ରବଚନ ଦେଉଛନ୍ତି ।

**ଗାଇସିଲେଟ ବ୍ଲକ**



ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।

## ଦ୍ୱାଦଶ ସ୍କନ୍ଦ ଭାଗବତ ପାରାୟଣ

**ଘଣ୍ଟାପଡା, ୧୪।୩(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଛକ ଦୁର୍ଗାପୂଜା ମଣ୍ଡପରେ ଶ୍ରୀରାମ ଚରିତ ମାନସ ଭକ୍ତମାନଙ୍କ ପକ୍ଷରୁ ଦ୍ୱାଦଶ ସ୍କନ୍ଦ ଭାଗବତ ପାରାୟଣ ଗୁରୁବାର ଆରମ୍ଭ ହୋଇଛି । ଏହି ଅବସରରେ ସକାଳ ୮ଟାରେ ସମ୍ପାଦକ ଦାମୋଦର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମହିଳାମାନେ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ସନତ କୁମାର ମିଶ୍ର ଓ ରଘୁନାଥ ମହାପାତ୍ର ପୂଜା ଓ ଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ ମନ୍ଦିର ପୂଜକ ଆନନ୍ଦ ପାଢୀ ସହଯୋଗ କରିଥିଲେ। ସୁବର୍ଣ୍ଣପୁର ଜିଲା ଅଇଁଲାସାରୀ ଗ୍ରାମର ଶୁଭମ ପାଣିଗ୍ରାହୀ ବ୍ୟାସ ଭାବେ ଭାଗବତ ପାରାୟଣ ପାଠ କରିଥିଲେ। ସନ୍ଧ୍ୟାରେ ଭୁବନେଶ୍ୱରରୁ ଆସିଥିବା ଉମାକାନ୍ତ ମହାପାତ୍ର (ମାନସ କଳ୍ପତରୁ) ମୁଖ୍ୟ ପ୍ରବଚକ ଭାବେ ଦ୍ୱାଦଶ ସ୍କନ୍ଦ ଭାଗବତ କଥାମୃତ ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସଭାପତି ସନ୍ତୋଷ କୁମାର ବିଶି, ସମ୍ପାଦକ ଦାମୋଦର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରାଫିକ ସଂଯୋଜକ ସମ୍ବର୍ଦ୍ଧିତ

**ବରଗଡ଼ ଅଫିସ୍, ୧୪।୩**
ବରଗଡ଼ ଜିଲା ସୋହେଲା ବ୍ଲକ ପଣ୍ଡକିପାଲି ମନ୍ଦିର ପ୍ରତିଷ୍ଠା ସମାରୋହ ଅବସରରେ ଜଳନ୍ଧର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ ଦରବାରରେ ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜଳନ୍ଧର ମହାରାଜ ଭୋସାଗରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଭୋସାଗର ତାଙ୍କ ଅଭିଭାଷଣରେ ଉପସ୍ଥିତ ଜନତାଙ୍କୁ ଟ୍ରାଫିକ ସଚେତନତାର ବାର୍ତ୍ତା ଦେଇଥିଲେ ।



ଜଳନ୍ଧର ମହାରାଜ ଟ୍ରାଫିକ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ମାଣ୍ଡିଆଡ଼ିପା ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପିତ

**ପାଇକମାଳ, ୧୪।୩(ଡି.ଏନ.ଏ)**

ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡିଆଡ଼ିପା ଗ୍ରାମରେ ଷଷ୍ଠ ବର୍ଷ ଧନୁଯାତ୍ରା ମହୋତ୍ସବ ପାଇଁ ଗୁରୁବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି । କମିଟିର ମୁଖ୍ୟ ଉପଦେଷ୍ଟା ତଥା ଗ୍ରାମର ଗୌନ୍ତିଆ ରାଜକିଶୋର ସାହୁ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ସାହୁ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ । ପୁରୋହିତ ଅମ୍ବିକାଶ ତ୍ରିପାଠୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଏ ନେଇ ଗୋପବନ୍ଧୁ ସାହୁଙ୍କୁ କଂସ, ଚନ୍ଦନ ଥପା ଓ ସଞ୍ଜୀବ ଚନ୍ଦନଙ୍କୁ କୃଷ୍ଣ ଓ ବଳରାମ ଏବଂ କୁବେର ଗିରି ସାହୁଙ୍କୁ ଅକ୍ରୂର ଭାବେ ବରଣ କରାଯାଇଥିଲା । ଆସନ୍ତା ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଏହି ଧନୁଯାତ୍ରା ମହୋତ୍ସବ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା । କମିଟି ସଭାପତି ଡୋଲାମଣି ମାହାରା, କାର୍ଯ୍ୟକାରୀ ସଭାପତି ମୋତିଲାଲ ସାହୁ, ସମ୍ପାଦକ କ୍ଷୀରସାଗର ବରିହା, ଭାଗବତ ପଟେଲ, ହରିଶଙ୍କର ସାହୁ, ଶୁଭ କନ୍ଧା, ଦୁର୍ଯ୍ୟୋଧନ ସାହୁ, ଜଗନ୍ନାଥ ଥପା ପ୍ରମୁଖ ସହଯୋଗ କରିଥିଲେ ।



ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

## ବର୍ଷାରେ ଘର ଭାଂଗବାର ୩ ବଛର ହେଲା
# କୃଷ୍ଣ ଲାଗି ସାତସପନ ହେଇଛେ ଆବାସ ଯୋଜନା

**ଅତାବିରା, ୧୪।୩ (ଡି.ଏନ.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ ଦୁଖିକୁ ଆବାସ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ଥାନୀୟ ପରଶାସନର ଭୁଲଭଟକା ଆର ତଦଁତ ଲାଗି ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଛନ୍। ଯେନ୍‌ମାନେ ଥିଲାବାଲା, ପକାଘର ଅଛେ ସେମାନକୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ମୋ କୁଡ଼ିଆ, ଇନ୍ଦିରା ଆବାସ ଘର ମିଲୁଛେ। ହେଲେ ବହୁତ ଜାଗାରେ ନିହାତି ଗରିବ୍ ଦୁଖିକୁ ଇ ସରକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଛନ୍। ଯେନ୍‌ଥିରଲାଗି ଉପେ ଶୂଇନ୍ ହେଇ ସେମାନେ ବଛର ବଛର ଧରି ଖୁଲା ଆକାଶ ତଲେ ଜୀବନ ବିତଉଛନ୍। ଏନ୍‌ତା ଗୁଟେ ଉଦାହରନ ଦେଖବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ ଉଦେପୁର ଗାଁର କୃଷ୍ଣ ବନଛୁରକଁର ପରିବାରରେ। କୃଷ୍ଣକଁର ପରିବାର କହେଲେ ମାଏକିନା ଭାର(୬୫), ପୁଓ ପଦ୍ମନ(୪୦), ବହ ପଦ୍ମିନୀ(୨୯), ନାତି ଅମନ(୧୦) ଆର ଅନୀଲ(୮)କେ ନେଇ ପରିବାର। ଜମି ବଏଲେ ୧ ଏକର ୩୦ ଡିସିମିଲ। ୩ ବଛର ହେଲା ବର୍ଷା ପାଏନ୍‌ରେ ଘର ଭାଂଗିଯାଇଛେ। ଘରେ ଅଭାବ ଅନାଟନ ଲାଗି ରହିଛେ, ଯେନ୍‌ଥିରଲାଗି କୃଷ୍ଣ ଘର ତିଆରି ନାଇଁପାରବାର। ଉପେ ଶୂଇନ୍ ହେଇ ସେ ଉଦେପୁରରେ ଗୁଟେ କୁରିଆରେ ରହୁଛନ୍। ସେନ୍‌ତା ପରିବାରର ବାକି ଲୋକ୍ ଘର ଅଭାବୁ ମାନପୁର ଯାଇ ଉନିଆ ଲୁକ୍‌କର ଘରେ ଆଶ୍‌ରେ ନେଇଛନ୍। ପରିବାରକେ ମିଳୁଥିବାର ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ୩୦ କେ.ଜି. ଟଁକାକିଆ ଚାଉଲ, ଅଢ଼େ ଲିଟର କିରାସିନ ଆର କୃଷ୍ଣ ପାଉଥିବାର ବୁଢ଼ାବୁଢ଼ି ଭତା। ହେଲେ କୃଷ୍ଣ ସରକାରୀ ଯୋଜନାରେ ପକାଘର ଖଁଡ଼େ ପାଏବାର ଲାଗି ପଁଚେତ୍‌ନୁ ମୂଳ କରି ବ୍ଲକ ତକ୍ ଗୁହାରି କରି ଥକିଗଲେନ। ଶେଷେ ବରଗଡ଼ ଜିଲାପାଳକୁଁ ଯାଇ ଗୁହାରି କରମି ବଲି ତାହାକୁ ପଚରାଲାରୁ କହିଥିଲେ। ଇ ଗରିବ ପରିବାର ଉପରେ ଜିଲା ପରଶାସନ ଆର ଥାନୀୟ ପରଶାସନ ଦୁରୁଷ୍ଟି ଦେଇ ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଭେଡ଼େନ ବ୍ଲକ ବିଡିଓ ମୂରଲୀଧର ନାୟକକୁଁ ପଚରାଲାରୁ ଆବାସ ଘର ଯୁଗେଇ ଦେବାକେ ଜିଲାପାଳକୁଁ କହିଛେଁ। ଆବାସ ଘର ଆଏଲେ ନିହାତି ଭାବେ ହକ୍‌ଦାର ହିତାଧିକାରୀମାନକୁ ଦିଆଯିବା ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଦେଶଭଟିଲି ପଁଚେତ୍‌ର ନିର୍ବାହୀ ଅଧିକାରୀ ପ୍ରମୋଦ ଦାଶକୁଁ ପଚରାଲାରୁ ଯଦି ତାକର ନାଁ ତାଲିକାରେ ଥିବା ସେ ନିହାତି ପାଏବେ। ହେଲେ ସିରିଏଲ ହିସାବେ ଦିଆଯାଉଛେ ତାକର ନମ୍ବର ଆଏଲେ ଘର ଯୁଗେଇ ଦିଆଯିବା ବଲି ସେ କହିଥିଲେ।



କୃଷ୍ଣ ବନଛୁର।



ଧନ ଅର୍ଜନ କରିବାର ପିପାସା, ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି। - ସିସେରୋ

## ସଂକ୍ଷେପରେ

### ଦୋକାନ ଆଗରୁ ସ୍କୁଟି ଚୋରି ଅଭିଯୋଗ

ରେଢ଼ାଖୋଲ,୧୪।୩(ଡି.ଏନ.ଏ.)

ରେଢ଼ାଖୋଲ ସହରର ଖନ୍ଦାଡ଼ିପ ସାହିର କିଶୋର ସ୍ୱାଇଁ ନାମକ ଜଣେ ବ୍ୟବସାୟୀଙ୍କ ଏକ ସ୍କୁଟି (ହୁଣ୍ଡା ଆଭିଏଟର) ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ କିଶୋର ପ୍ରତିଦିନ ପରି ଗୁରୁବାର ସକାଳୁ ତାଙ୍କ ସ୍କୁଟି (ନଂ. ଓଆର ୧୫ଇ ୨୯୬୬)ରେ ଦୋକାନକୁ ବାହାରିଥିଲେ। ଦୋକାନ ସମ୍ମୁଖରେ ଗାଡ଼ିକୁ ରଖି ଦୋକାନ ଖୋଲି ଥିଲେ। ହେଲେ ସ୍କୁଟିରୁ ଚାବି ଆଣିବାକୁ ଭୁଲି ଯାଇଥିଲେ। ମଧ୍ୟାହ୍ନରେ ଦୋକାନ ବନ୍ଦ କରି ଖାଇବାକୁ ବାହାରିବା ବେଳେ ସ୍କୁଟି ନ ଥିବା ଦେଖିଥିଲେ। ଏହାପରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ରେଢ଼ାଖୋଲ ସହରରେ ମୋଟର ସାଇକେଲ ଡିକିରୁ ଟଙ୍କା ଲୁଟ୍ ଓ ସ୍କୁଟି, ମୋଟରସାଇକେଲ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି।

### ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ

ବଲାଙ୍ଗୀର ଅଫିସ, ୧୪।୩

ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ବାର୍ ହଲଠାରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କମିଟି ଆବାହକ ଲଳିତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନର ରୂପରେଖ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ହାଇକୋର୍ଟ ବେଞ୍ଚ ଆନ୍ଦୋଳନକୁ କୋହଳ କରାଯାଇଥିବା ସୂଚନା ଦିଆଯାଇଥିଲା। ତେବେ କୋର୍ଟରେ ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି। ନିକଟରେ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାନ ନିରୂପଣକୁ ନେଇ ପ୍ରଦତ୍ତ ଚିଠି ଉପରେ ତର୍ଜମା କରାଯାଇଥିଲା। ଏହି ଚିଠି ଉପରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିବାରୁ ଓକିଲ ସଂଘର ଏକ ପ୍ରତିନିଧି ଦଳ ଖୁବଶୀଘ୍ର ଗୃହ ବିଭାଗ ଉଚ୍ଚ ପଦାଧିକାରୀଙ୍କୁ ସାକ୍ଷାତ କରିବେ। ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ଯଥାର୍ଥତା ରହିଥିଲେ ମଧ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବୈଠକରେ ନିନ୍ଦା କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ପାଢ଼ୀ, କଂଗ୍ରେସ ନେତା ଅସୀମ ପଟ୍ଟନାୟକ, ସିନ୍ଧି ସମାଜର ମହେଶ ମଲନ, ପିକେ ଆସୋସିଏଟସ୍‌ର ରତନ ମହାରଣା, ଶ୍ରମିକ କର୍ମଚାରୀ ମିଳିତ ମଞ୍ଚର ନୂଆଁକର ସେଠ, ଏଆଇଟିୟୁସିର ଜିଲା ସଭାପତି ବିଭୁଦତ୍ତ ମିଶ୍ର, ନାଗରିକ କମିଟି ସମ୍ପାଦକ ଭବାନୀ ଶତପଥୀ, ପୁରାଣ ପଣ୍ଡା ଗାୟକ ସଂଘର କିଶୋର ମିଶ୍ର, ଟଙ୍ଗିଆ ଜାମ୍ କମିଟିର ଗୋପାଳ ହୋତା ବୈଠକରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଟୋ ଚାଳକ ସଂଘର ଦ୍ରୋଣ କୁମ୍ଭାର, ଖଣ୍ଡାୟତ ସଂଘର ଅଶୋକ ରାଉତ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ପାଷ୍ଟର ସୁବୋଧ, ମୋହନ ଅଗ୍ରୱାଲ, ମନୋରଞ୍ଜନ ସାହୁ, ହରିଶଙ୍କର ସାଏ, ମାହେଶ୍ୱରୀ ସଂଗଠନର ଅଙ୍କୁଶ ପାଣ୍ଡିଆ, ବିଙ୍ଗ ହ୍ୟୁମେନ ଫାଉଣ୍ଡେଶନର ସୋମନାଥ ମିଶ୍ର, ବାଇପାସ୍ କମିଟିର ହରିବନ୍ଧୁ ନାୟକଙ୍କ ସମେତ ଆଡ୍‌ଭୋକେଟ ଅରବିନ୍ଦ ପୂଜାରୀ, ରବି ବହିଦାର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଓକିଲ ସଂଘ ସଭାପତି ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ମା'ଙ୍କୁ ହରାଇଲେ ୮ ମାସର ଶିଶୁ କନ୍ୟା

ସମ୍ବଲପୁର,୧୪।୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଲଡୁଖାଇ ନିକଟରେ ଏକ ସଡକ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଅପରିଚିତ ମହିଳା ଭିମ୍ସାରରେ ଆଖି ବୁଜିଛନ୍ତି। ତାଙ୍କ ୮ ମାସର ଶିଶୁକନ୍ୟା ମା' ଛେଉଣ୍ଡ ହୋଇ ପଡିଛନ୍ତି। ପରିଚୟ ମିଳି ନ ଥିବାରୁ ପୋଲିସ ଚାଇଲ୍ଡଲାଇନକୁ ଶିଶୁକନ୍ୟାଙ୍କୁ ହସ୍ତାନ୍ତର କରିଛି। ଜିଲା ଶିଶୁ ସୁରକ୍ଷା ସମିତିରେ ହାଜର କରାଯାଇ ଶିଶୁକନ୍ୟାଙ୍କୁ ଛଚାନପାଲିସ୍ଥିତ ରୁକ୍ମିଣୀ ଲାଠ ବାଳ ନିକେତନରେ ରଖା ଯାଇଛି।

ଭାରତ-ପାକ ସୀମାନ୍ତରୁ ଫେରିଲେ ସୁମିତରାମ

# ୩ ବର୍ଷ ପରେ ପୁଅକୁ ଫେରିପାଇଲେ

ନୂଆପଡା ଅଫିସ,୧୪।୩

ଭାରତ-ପାକିସ୍ତାନ ସୀମାନ୍ତରେ ଆମର ଯବାନମାନେ ଦିନରାତି ପହରା ଦେଇ ଆମକୁ ସୁରକ୍ଷା ଦେଉଛନ୍ତି । ଠିକ ସେହିଭଳି ଆମରି ପୁଅ ସୁମିତରାମଙ୍କୁ ଉଦ୍ଧାର କରି ଘରକୁ ସୁରକ୍ଷିତ ଭାବରେ ଛାଡିଦେଇଥିବାରୁ ଆମେ ଭାରତୀୟ ଯବାନଙ୍କଠାରେ ଋଣୀ ରହିବୁ ବୋଲି ସୁମିତରାମଙ୍କ ପରିବାର ଲୋକ ଖୁସି ହୋଇଉଠିଛନ୍ତି । ଭାରତ-ପାକ ସୀମାନ୍ତ ଅର୍ଥାତ ରାଜସ୍ଥାନ ପୋଲିସ ହାତରେ ଧରା ହୋଇଥିବା ସୁମିତରାମ ଘରକୁ ଫେରିବା ପରେ ଗ୍ରାମବାସୀ ଖୁସିରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବାବେଳେ ତାଙ୍କୁ ପରିବାର ଲୋକ ନିକଟରେ ପାଇ ଏଭଳି କହିଛନ୍ତି ।

ସୁମିତରାମ ନିଜ ପୁଅ ଗୋବିନ୍ଦା ଏବଂ ବଡଭାଇଙ୍କ ସହ ବୁଧବାର ରାତିରେ ଗାଁକୁ ଫେରିଥିଲେ । ସୁମିତରାମ ମାନସିକ ଭାବେ ଠିକ ନ ଥିଲେ ହେଁ ଅଧା ଓଡିଆ-ଅଧା ହିନ୍ଦି ଖଣ୍ଡିଆ ଭାଷାରେ ନିଜର ଅନୁଭୂତି ପ୍ରକାଶ କରିଥିଲେ । ସେ ଯଦିବା ଦୀର୍ଘ ଦିନ ଧରି ପରିବାର ଲୋକଙ୍କଠାରୁ ଦୂରେଇ ଯାଇଥିଲେ । ହେଲେ ଭାରତୀୟ ଯବାନମାନେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ସହ ଜୁଟାଇଦେଇଛନ୍ତି । କିଛି ଦୂର ଗଲେ ପାକିସ୍ଥାନରେ ସେ ପହଞ୍ଚିଯାଇଥାନ୍ତେ । ତାଙ୍କ ପତ୍ତା ମିଳିନଥାନ୍ତା ବୋଲି କାନ୍ଦି କାନ୍ଦି ଗଣମାଧ୍ୟମ ଆଗରେ କହିଥିଲେ । ତେବେ ଗୁରୁବାର ସକାଳେ ପରିବାରବର୍ଗ ତାଙ୍କୁ ଫୁଲମାଳ, ଚାଉଳ ଦେଇ ବନ୍ଦାପନା କରିଥିଲେ । ପଡୋଶୀ ଲୋକଙ୍କ ସହ ଶତାଧିକ ଗ୍ରାମବାସୀ ଆସି ତାଙ୍କୁ ଦେଖିଥିଲେ । ପରିବାର ସହ ଦେଖା କରି ଖୁସିରେ ବିଭୋର ହୋଇଯାଇଥିବା ଦେଖାଯାଇଥିଲା । ଦୀର୍ଘ ୩ ବର୍ଷ ଧରି ସୁମିତରାମ ଆମ ପାଖରୁ ଦୂରେଇ ଯାଇଥିବାରୁ ବହୁ ଖୋଜାଖୋଜି କରି ନୟାନ୍ତ ହୋଇଯାଇଥିଲୁ । ତାଙ୍କୁ ଆଉ ପାଇବା ଆଶା ଛାଡିଦେଇଥିଲୁ । ଶେଷରେ ଭାରତୀୟ ଯବାନମାନେ ଆମକୁ ସୌଭାଗ୍ୟ ଆଣିଦେଇଛନ୍ତି ।

ଗ୍ରାମବାସୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ



ପାକ୍ ସୀମାନ୍ତ ଫେରନ୍ତା ସୁମିତଙ୍କ ଗହଣରେ ପରିବାର ଲୋକେ ।

ଏଥିପାଇଁ ଯବାନଙ୍କୁ ଶତତ ନମନ ବୋଲି ସୁମିତଙ୍କ ସ୍ତ୍ରୀ ମେନକା ଜଗତ କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୩ ତାରିଖ ଦିନ ଭାରତ-ପାକ ସୀମାନ୍ତରେ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବାବେଳେ ସୁମିତ ଏକାକୀ ବୁଲୁଥିଲେ। ଯବାନମାନେ କିଛି ସନ୍ଦିଗ୍ଧ ସନ୍ତ୍ରାସବାଦୀଙ୍କୁ ଗିରଫ କରିଥିଲେ । ଏଥିରେ ନୂଆପଡା ବ୍ଲକ ଦର୍ଲିମୁଣ୍ଡା ଗ୍ରାମପଞ୍ଚାୟତ ଅଏଁଲାଜୁବା ଗାଁର ସୁମିତରାମ ସାମିଲ ଥିଲେ । ଦୀର୍ଘ ଦିନର ଛାନଭିନ ପରେ ରାଜସ୍ଥାନ ପୋଲିସ ସୁମିତଙ୍କୁ ମାନସିକ ରୋଗୀ ଏବଂ ତାଙ୍କ ନିଜ ଘର ଓଡିଶାର ନୂଆପଡା ଜିଲା ଖରିଆରରୋଡ ଥାନା ଅଏଁଲାଜୁବା ଗାଁର ବୋଲି ଜାଣିପାରିଥିଲା । ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ନୂଆପଡା ଜିଲା ଖରିଆରରୋଡ ଜୋଙ୍କ ପୋଲିସକୁ ଯୋଗାଯୋଗ କରି ତାଙ୍କର ଫଟୋ ପଠାଇଥିଲା । ପରେ ପରିବାର ଲୋକେ ସେଠାକୁ ଯାଇ ଉଦ୍ଧାର କରି ଆଣିଥିଲେ ।



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ମରଣ, ପିତା ତିଉଣ,**
**ନ ମିଳେ ଋଣ;**
**ଆଗେ ଦୁଃଖ ପଛେ ସୁଖ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅକୁ ମାରି ବୋହୂକୁ ଶିଖାନ୍ତି ।**

ଝିଅକୁ ଦଣ୍ଡଦେବା ଛଳରେ ବୋହୂକୁ ଶିକ୍ଷାଦେବା। ଅନେକ କ୍ଷେତ୍ରରେ ବୋହୂର ଦୈନନ୍ଦିନ ଚଳଣିକୁ ଶାଶୁଘର ଲୋକେ ନାପସନ୍ଦ କରିଥାନ୍ତି। ତା'ର ହାବଭାବ ତଥା ଚାଲିଚଳଣକୁ ନେଇ ଦେଖେଇ ଶିଖେଇ ନାନାକଥା କହିଥାନ୍ତି। କାଳେ ମୁହଁ ଉପରେ କହିଦେଲେ କଥାଟା ଖରାପ ହୋଇଯିବ ସେଲାଗି କଥାକୁ ସିଧା ନ କହି ଅନ୍ୟ ନାଁରେ ବାଆଁରେଇ କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମହୁଚାଷ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

ନୂଆପଡା ଅଫିସ,୧୪।୩

ସ୍ଥାନୀୟ କୁରୁମପୁରୀ ବଜାର ପ୍ରାଙ୍ଗଣରେ ଓଡିଶା ଖଦି ଉଦ୍ୟୋଗ ଏବଂ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସହ ଜିଲା ଶିଳ୍ପ କେନ୍ଦ୍ର ତରଫରୁ ମହୁଚାଷ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦିକା ଇଭାରାଣୀ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି, ଫରେଷ୍ଟର ଜୟରାମ ଶବର, ଗ୍ରାମ୍ୟ ଖଦି ବୋର୍ଡର ନୋଡାଲ ଅଧିକାରୀ ପ୍ରଦୀପ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ସାତ ଦିନ ଧରି ଚାଲିଥିବା ତାଲିମ କାର୍ଯ୍ୟକ୍ରମରେ ଟ୍ରେନର ଭାବେ ଈଶ୍ୱର ପରିଡା ଯୋଗଦେଇ ପରିଚାଳନା କରିଥିଲେ। ମହୁଚାଷକୁ ବ୍ୟବସାୟ ଭିତିକ କରିବାକୁ କରାଯିବା ସକାଶେ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ଦେବକୀ ନନ୍ଦନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ସ୍ୱଂୟ ସହାୟକ ଦଳ ମହିଳାମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ବିଭିନ୍ନ ସମସ୍ୟାର ସମାଧାନ ଦାବି

# ଏଡିଏମ୍‌ଙ୍କ ସହ ଆଲୋଚନା କଲେ ସିପିଆଇ ପ୍ରତିନିଧି ଦଳ

ରାଉରକେଲା ଅଫିସ,୧୪।୩

ବିଭିନ୍ନ ସମସ୍ୟାର ସମାଧାନ ନେଇ ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳ ୟେଦ୍ଦୁଲା ବିଜୟଙ୍କ ସହ ଆଲୋଚନା କରାଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲଶ। ଏଥିରେ ଦର୍ଶାଯାଇଛିଯେ, ମହାନଗର ଅଧୀନ ବିଭିନ୍ନ ଅଞ୍ଚଳରେ ଗତ ଦୁଇ ବର୍ଷ ହେଲା ସ୍ୱେରେଜ ଲାଇନ କାମ ଜାରି ରହିଛି। ଏନେଇ ଖୋଳା ଯାଇଥିବା ନାଳ ଓ ରାସ୍ତା ମରାମତି ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ବିଭିନ୍ନ ବସ୍ତି ଓ କଲୋନୀ ବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ତୁରନ୍ତ ନିର୍ମାଣକାରୀ ସଂସ୍ଥା ଦୃଷ୍ଟି ଦେଉ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଶଙ୍ଖ, କୋଏଲ ନଦୀ ମିଳନ ସ୍ଥଳରୁ ଉତ୍ପତି ବ୍ରାହ୍ମଣୀ ନଦୀ ଉପରେ ୧୫ଲକ୍ଷ ଲୋକ ନିର୍ଭରଶୀଳ। ହେଲେ ନଦୀ ଦିନକୁ ଦିନ ପ୍ରଦୁଷିତ ହେବାରେ ଲାଗିଛି। ଏନେଇ ସିପିଆଇ ପକ୍ଷରୁ ନଦୀର ସୁରକ୍ଷା ଦାବି କରାଯାଇଛି। ରାଉରକେଲା ସହର ଏକ କଳା ସଂସ୍କୃତି ପୂର୍ଣ୍ଣ ସମୃଦ୍ଧ ସହର। ଏଠାରେ ବାର ମାସରେ ତେର ପର୍ବ ସାଙ୍ଗକୁ ମେଳା ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦୈନିକ ବିଭିନ୍ନ ସାମାଜିକ, ରାଜନୈତିକ ଦଳ ପକ୍ଷରୁ ସଭା ସମିତି ଆୟୋଜନ କରାଯାଉଛି। ସହରରେ ଏନେଇ ଏକ ସଭାଗୃହ ନିର୍ମାଣ କରା ନ ଯିବା ପରିତାପର ବିଷୟ ବୋଲି ଅଭିଯୋଗ ହୋଇଛି। ଏନେଇ ଆର୍‌ଏମ୍‌ସି ସକାରାତ୍ମକ ଚିନ୍ତା ତଥା ପଦକ୍ଷେପ ନେବାକୁ ସିପିଆଇ ନେତୃମଣ୍ଡଳୀ ଦାବି କରିଛନ୍ତି। ବୀରମିତ୍ରପୁର ଅଞ୍ଚଳରୁ ପ୍ରତିଦିନ ଶତାଧିକ ମହିଳା, ପୁରୁଷ, ଛାତ୍ରୀଛାତ୍ର, ଶ୍ରମିକ, ରୋଗୀ ବସ୍ ଯୋଗେ ରାଉରକେଲା ସହରକୁ ଯାତାୟତ କରୁଛନ୍ତି। ପ୍ରାୟ ସବୁ ସମୟରେ ବସ୍‌ଗୁଡିକରେ ଯାତ୍ରୀଙ୍କ ଭିଡ ପରିଲକ୍ଷିତ ହେଉଛି। ଫଳରେ ସମ୍ପୃକ୍ତ ଅଞ୍ଚଳର କର୍ମଜୀବୀ ମହିଳା ଓ ଛାତୀମାନେ ଯିବା ଆସିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବୀରମିତ୍ରପୁର ଅଞ୍ଚଳକୁ ରାଉରକେଲାରୁ ଏକ ସ୍ୱତନ୍ତ୍ର ମହିଳା ବସ୍ ଚଳାଚଳ କରାଗଲେ ମହିଳାମାନେ ଉପକୃତ ହୋଇପାରିବେ ବୋଲି ସିପିଆଇ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରତିନିଧି ଦଳରେ ଆଇନଜୀବୀ ସଦାନନ୍ଦ ସାହୁ, ଦଶରଥ ମାଝି, ପ୍ରଦୀପ ଡୁଙ୍ଗଡୁଙ୍ଗ, ବିଜୟ ସାହୁ, ପଞ୍ଚାନନ ସୁନା, ଅରୁଣ ଦାସ, ବିକାଶ ବେହେରା ଓ କାର୍ତ୍ତିକ ନାୟକ ପ୍ରମୁଖ ସାମିଲ ଥିଲେ।



ସିପିଆଇ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରୁଛନ୍ତି।

## ବିଶ୍ୱ କିଡ୍‌ନୀ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସମ୍ବଲପୁର,୧୪।୩(ବ୍ୟୁରୋ)

ବିଶ୍ୱ କିଡ୍‌ନୀ ଦିବସ ଗୁରୁବାର ରାତିରେ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ପାଳିତ ହୋଇ ଯାଇଛି । ଆୟୋଜକ ଉତ୍କଣ୍ଠା କାର୍ଯ୍ୟକାରୀ ସଭାପତି ସଞ୍ଜୀବ କୁମାର ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି ଓ ବୁର୍ଲା ଭିମ୍‌ସାର ନିର୍ଦ୍ଦେଶ ପ୍ରଫେସର ପ୍ରକାଶ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଡା. ମୁକେଶ କର ଓ ଡା. ପ୍ରଜିତ ଶାଶ୍ୱତ ହୋତା କିଡ୍‌ନୀ ରୋଗର ନିରାକରଣ ଉପରେ ଆଲୋଚନା କରିଥିଲେ । ସାଧାରଣ ସମ୍ପାଦକ ଡା. ସଞ୍ଜୀବ କୁମାର ମିଶ୍ର ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜଳନ୍ଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ବିକ୍ରମ କେଶରୀ ସାହୁ, ବୃନ୍ଦାବନ କାଣ୍ଡୋ, ବିହାରୀ କାଣ୍ଡୋ, ଲିଜା ସାହୁ, ରୀନା ଟେଟେ, ଅରୁଣାକ୍ଷ ପ୍ରଧାନ, ଆଶିଷ ପତି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନାମ ପଞ୍ଜୀକରଣ କରିବାରେ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add.: T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8570062731

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ ବେକନ



## ସଂକ୍ଷେପରେ

### ତୁଳସୀ ରାମାୟଣ ପାରାୟଣ

**ରିଷିଡା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଓଡିଆମୁଣ୍ଡାଠାରେ ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସ ଭାବେ ନରସିଂହ ତ୍ରିପାଠୀ ଯୋଗଦେଇଥିବା ବେଳେ ଝରେଇବାହିଲି ହନୁମାନ ମନ୍ଦିର ମହନ୍ତ ବାଳ ବ୍ରହ୍ମଚାରୀ ବାବା ବଳରାମ ଦାସ ପ୍ରବଚକ ଭାବେ ଯୋଗଦେଇଥିଲେ। ପ୍ରତ୍ୟହ ଶତାଧିକ ମହିଳା ପୁରୁଷ ଯୋଗଦେଇ ଆଧାତ୍ମିକ ପରିବେଶର ହରି କଥା ଶ୍ରବଣ କରିଥିଲେ।

### ଯମୁନାପୁର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ରିଷିଡା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯମୁନାପୁର ଖେଳ ପଡିଆଠାରେ ଯମୁନା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମାଧବ ସାହୁ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚରେ ତେରେସିଂହା ଦଳ ମ.ରାମପୁର ଦଳକୁ ୧-୦ ଗୋଲ ଏବଂ କୁଶୁର୍ଲା ଦଳ ଶିରାବାହାଲ ଦଳକୁ ୧-୦ ଗୋଲରେ ପରାସ୍ତ କରି ପରବର୍ତ୍ତି ପର୍ଯ୍ୟାୟ ଉନ୍ନତି ହୋଇଛନ୍ତି।

### ମାର୍ଚ୍ଚ ଆରମ୍ଭରୁ ଗ୍ରୀଷ୍ମପ୍ରବାହ, ଜଳସଙ୍କଟ

**ରିଷିଡା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ମାର୍ଚ୍ଚ ମାସର ଦ୍ୱିତୀୟ ସପ୍ତାହରେ ଗ୍ରୀଷ୍ମର ତାତି ବଢୁଛି। ଦିନ ବେଳେ ୩୮ ଡିଗ୍ରୀ ତାପମାତ୍ରା ରହୁଛି। ଗ୍ରୀଷ୍ମ ପ୍ରବାହ ସହିତ ଏଠାରେ ଏବେ ଜଳ ସଙ୍କଟ ଦେଖାଦେଇଛି। ରିଷିଡାରେ ଲୋକ ସଂଖ୍ୟା ତୁଳନାରେ ଆବଶ୍ୟକ ନଳକୂପ ନ ଥିବା ଏବଂ ନଳକୂପରୁ କମ ଜଳ ବାହାରୁଥିବାରୁ ଜଳ ସଙ୍କଟ ଦେଖାଦେଇଛି।

### ଲୋ ଭୋଲଟେଜ୍ ବିଦ୍ୟୁତ୍ ସମସ୍ୟା ନେଇ ଅସନ୍ତୋଷ

**ଭବାନୀପାଟଣା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ବଡକୁଟରୁ ଷ୍ଟ୍ରକଚରଠାରୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ଲୋ-ଭୋଲଟେଜ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢି ଚାଲିଥିବା ବେଳେ ଲୋ-ଭୋଲଟେଜ ଯୋଗୁ ବିଦ୍ୟୁତ ସାମଗ୍ରୀ ଚାଲୁନାହିଁ। ଏହାଛଡା ବିଦ୍ୟୁତ ବିଭ୍ରାଟ ଯୋଗୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ରବି ଫସଲରେ ଜଳ ସେଚନ ପାଇଁ ପାଣି ପମ୍ପ ଚଲିବାରେ ବାଧା ସୃଷ୍ଟି ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଠିକ୍ ଭାବେ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଇ-ସୁବିଧା କାର୍ଡ ନାମରେ ଠକେଇ

## ବେକାର ଯୁବକ ଯୁବତୀଙ୍କୁ ନକଲି ଚାକିରି ଦେଇ ଶୋଷଣ

**ଜୁନାଗଡ/ଭବାନୀପାଟଣା, ୧୪।୩(ସ୍ୱ.ପ୍ର./ଡି.ଏନ୍.ଏ.)**

ଇ-ସୁବିଧା କାର୍ଡ କରି ୩୦ ଟଙ୍କା ଦାଖଲ କଲେ ରାଶନ କାର୍ଡ, ଆବାସ ଯୋଜନା ଘର, କାଳିଆ ଯୋଜନା, ଭୋଟର କାର୍ଡ, ଆୟୁଷ୍ମାନ ଯୋଜନା ସମେତ ୪୦ଟି ସରକାରୀ ଯୋଜନାର ଅସୁବିଧାଗୁଡିକ ସମାଧାନ ହେବ। ଏହିଭଳି କହି କିଛି ଯୁବତୀଯୁବକ ଗାଁ ଗାଁରେ ବୁଲି ନୀରିହ ଲୋକମାନଙ୍କଠାରୁ ଟଙ୍କା ଆଦାୟ କରିବାରେ ଲାଗିଛନ୍ତି। ଗତ ୧୨ ତାରିଖରେ ଏଭଳି ୪ଜଣ ଯୁବତୀ ଯୁବକ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଢୀଦର ଗ୍ରାମରେ ଲୋକଙ୍କୁ ଭୁଆଁବୁଲାଉ ଥିବା ବେଳେ ସରପଞ୍ଚ ମୁଖିରାମ ମାଝି ଓ ଅନ୍ତ୍ୟୋଦୟର ଅଧକ୍ଷ ଦିଲୀପ କୁମାର ଦାସଙ୍କ ହାବୁଡରେ ପଡିଥିଲେ। ଫଳରେ ଗାଁ ଲୋକଙ୍କୁ ଠକି ନ ପାରି ସେଠାରୁ ପଳାଇ ଯାଇଥିଲେ। ଜାତୀୟ ମାନବ ଅଧିକାର ସିଟିଜେନସ୍ କମିସନ ନାମରେ ଭୁବନେଶ୍ୱର ରସୁଲଗଡର ପ୍ଲଟ ନଂ- ୮୪ ଠାରେ ଥିବା ଏକ ସଂସ୍ଥା ଦ୍ୱାରା ନିୟୋଜିତ



This card is issued for identification purpose only & does'nt entail so many benefits for their livelihood. Pre-authorization from E-Subidha Kendra is necessary for service and this card should be presented to E-subidha employee at that of service, issues etc. Authenticated Photo ID also be Presented along with this card provide time.

NATIONAL HUMAN RIGHTS CITIZENS COMMISSION
E-Subidha
National Office : Plot No-84 NH 16 Rasulgarh
Bhubaneswar.Pin-751010
Email :info@nhrccmmission.com
Website :www.esubidha.com www.nhrccommission.com
Customer Care Call us :7381368000, 7381369000
7077778000, 9078079000(10 AM TO 6PM)
This Card is the Property of E-Subidha Holder. It should be returned upon request or if found.

ଏହି ଯୁବତୀଯୁବକମାନେ କଳାହାଣ୍ଡି ଜିଲାର ଗାଁ ଗହଳି ଓ ସେମାନଙ୍କୁ ସେହି ଠକ ସଂସ୍ଥା ଚାକିରି ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିବା କାମରେ ନିୟୋଜିତ କରିଛି। ସଂସ୍ଥାକୁ ଫୋନ ଯୋଗେ ତାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟକୁ ଯୋଗାଯୋଗ କରାଗଲେ ମଧ ଠିକ ତଥ୍ୟ ମିଳୁ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗତ ସପ୍ତାହରେ ନୟାଗଡ ଜିଲା ଓଡଗାଁ ଥାନା ଅଞ୍ଚଳରେ ସମାନ ଠିକଣା ଥିବା ଭୁବନେଶ୍ୱର ରସୁଲଗଡ ପ୍ଲଟ ନଂ-୮୪ ର ନ୍ୟାସନାଲ ହ୍ୟୁମାନ ରାଇଟସ୍ କମିଶନ ଅଫ ଇଣ୍ଡିଆ ନାମକ ସଂସ୍ଥାର କିଛି ଠକ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡି ପୋଲିସ ହାତରେ ଦେଇଥିଲେ। ଯାହା ସେତେବେଳେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ସଂସ୍ଥାର ଲେଟର ପ୍ୟାଡରେ ଦିଆଯାଇଥିବା ୱେବସାଇଟ ଲିଙ୍କରେ ସର୍ଚ୍ଚ କଲେ ଜଣାପଡୁଛି ଏହି ଠିକଣାରେ ଆହୁରି ଅନେକ କମିଶନ ଯଥା ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ.ସି.ପି.ସି.ଆର), ମାନବ ଅଧିକାର ଆୟୋଗ ଇତ୍ୟାଦି ଏହି ସଂସ୍ଥା ଦ୍ୱାରା ଚାଲୁଛି ଓ ସଂସ୍ଥାଟି ମାନବଅଧିକାର କମିଶନ ଆଇନ -୧୯୯୩ ଅନୁଯାୟୀ ଗଠନ ହୋଇଛି। ୱେବସାଇଟରେ ଦର୍ଶାଯାଇଥିବା ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହା ବେଆଇନ ଭାବରେ କାର୍ଯ୍ୟ କରୁଛି। ଉପରୋକ୍ତ ଆଇନାନୁଯାୟୀ ଆମ ଦେଶରେ ସମସ୍ତ କମିଶନ ସରକାରଙ୍କ ଦ୍ୱାରା ସ୍ଥାପନା ହୋଇଛି ଓ ପରିଚାଳିତ ହେଉଛି। କୌଣସି ବେସରକାରୀ ସଂସ୍ଥା ମାନବଅଧିକାର କମିଶନ ଆଇନ -୧୯୯୩ କୁ ବ୍ୟବହାର କରି କମିସନ ଗଢନ କରିପାରିବ ନାହିଁ। ତାଛଡା ଆମ ଦେଶର ଯେତେସବୁ କମିଶନ ଅଛନ୍ତି ସେମାନେ କୌଣସି ସଭ୍ୟ ଚାନ୍ଦା ଗ୍ରହଣ କରନ୍ତି ନାହିଁ, କିନ୍ତୁ ରସୁଲଗଡର ପ୍ଲଟ ନଂ-୮୪ରେ ଥିବା ଏହି ସଂସ୍ଥା ଚାନ୍ଦା ସଂଗ୍ରହ କରୁଛି ଓ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଫର୍ମ ପିଛା ୩୦ ଟଙ୍କା ଲେଖାଁଏ ଆଦାୟ କରୁଛି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଦୁର୍ଦ୍ଦିନରେ ବାଉଁଶ ସାମଗ୍ରୀ କାରିଗର

■ ଉଚ୍ଚ ତାଲିମ ପ୍ରଦାନ କରିବାକୁ ଦାବି

**ପଲମ,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ରୁପ୍ରାରୋଡ ପଞ୍ଚାୟତସ୍ଥିତ ଲାଖପଦର ଗ୍ରାମରେ ଆଜକୁ ଅନେକ ବର୍ଷ ହେଲା ବାଉଁଶରେ ତିଆରି କରୁଥିବା କାରିଗର (ମାହାର)୧୦/୧୨ ପରିବାର ବାସ କରି ଆସୁଛନ୍ତି। ସେମାନେ ବାଉଁଶରେ ଅନେକ ପ୍ରକାର ସାମଗ୍ରୀ ତିଆରି କରି ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ତ୍ତମାନର ସମସ୍ୟା ଏହି ଯେ ବାଉଁଶ ମିଳୁ ନ ଥିବାରୁ ଅନ୍ୟଠାରୁ ବାଉଁଶ ଖଣ୍ଡ ପ୍ରତି ୩୦ ଟଙ୍କା ଦେଇ କିଣି ଲୋକଙ୍କ ଚାହିଦା ମୁତାବିକ କୁଲା, ଭୁଗା, ଟୁପା, ହାତପଙ୍ଖା, ଝୁଡି, ଖେଲଣା ପ୍ରଭୃତି ତିଆରି କରିଥାନ୍ତି। ପ୍ଲାଷ୍ଟିକର ଅନେକ ସାମଗ୍ରୀ ତିଆରି ହୋଇ ବଜାରକୁ ଆସୁଥିବାରୁ ବର୍ତ୍ତମାନ ବାଉଁଶ ନିର୍ମିତ ଜିନିଷକୁ ଲୋକଙ୍କର ଆଗ୍ରହ ବଢୁନାହିଁ। ଫଳରେ ଅନେକ ସମସ୍ୟା ଦେଖାଯାଉଛି। ଗତ୨୦୧୨ରେ ରାଜ୍ୟ ହସ୍ତଶିଳ୍ପର ବେତ ଓ ବାଉଁଶ ହସ୍ତକଳାର ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି କାରିଗରମାନେ ବେଶ୍ ଆଦୃତ ଲାଭ କରିଥିଲେ। କିନ୍ତୁ ତାଙ୍କ ପ୍ରତି ସରକାର ସମ୍ପୂର୍ଣ୍ଣ ଦୃଷ୍ଟି ଦେଉ ନ ଥିବାରୁ ବିବାହ, ବ୍ରତ ବ୍ୟତୀତ ଅନ୍ୟ ସମୟରେ ବିକ୍ରିବଟାର କମ୍ ଚାହିଦା ରହୁଛି। ଫଳରେ ଏହି ଗରିବ ପରିବାରମାନେ ହାତବାନ୍ଧି ରହିଥାନ୍ତି। ଏମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ନ ଥିବାରୁ ସରକାରୀ ସହଯୋଗ ଉନ୍ନତ କାରିଗରର ତାଲିମ ପାଇଲେ ଏମାନେ ଆଗକୁ ବଢିବା ଓ ହସ୍ତଶିଳ୍ପକୁ ବଞ୍ଚାଇବାରେ କୌଣସି ସମସ୍ୟା ରହନ୍ତା ନାହିଁ ବୋଲି ଗ୍ରାମର ବୁଦ୍ଧିଜିବୀମାନେ ମତବ୍ୟକ୍ତ କରିଛନ୍ତି।



କାରିଗର ବାଉଁଶରେ କୁଲା ନିର୍ମାଣରେ ବ୍ୟସ୍ତ ଅଛନ୍ତି।

## ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତରେ ଟଙ୍କା ହଡ଼ପ ଘଟଣା

# ଏକ ବର୍ଷ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

**ଭବାନୀପାଟଣା,୧୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତକୁ ବିଭିନ୍ନ ଉନ୍ନୟନ କାମ ପାଇଁ ଆସିଥିବା ଏସଏଫସି ଓ ସିଏଫସିର ଟଙ୍କାକୁ ବିନା କାମରେ ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ୟାଙ୍କରୁ ଉଠାଇ ବ୍ୟକ୍ତିଗତ ଖର୍ଚ୍ଚ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗତ ୨୦୧୮ ମାର୍ଚ୍ଚ ୧୩ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଭିଜିଲାନ୍ସ ଡିଏସପି ତଦନ୍ତ ଆରମ୍ଭ କରିଥିଲେ। ଏକବର୍ଷ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇବା ସହ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧର୍ମଗଡ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଛେଣ୍ଡିଆ ପଞ୍ଚାୟତକୁ ୨୦୧୭-୧୮ରେ ସିଏଫସି ଯୋଜନାରେ ୨୨ ଲକ୍ଷ ୫୨ ହଜାର ୮୮୬ ଟଙ୍କା ଓ ଏସଏଫସି ଯୋଜନାରେ ୩ ଲକ୍ଷ ୬୬ ହଜାର ୬୮ ଟଙ୍କା ସମେତ ସମୁଦାୟ ୨୬ ଲକ୍ଷ ୧୮ ହଜାର ୯୫୦ ଟଙ୍କା ଆସିଥିଲା। ସେଥିରୁ ସରପଞ୍ଚ ଓ ପିଇଓ ମିଶି ୨୪ ଲକ୍ଷରୁ ଅଧିକ ଟଙ୍କା ବ୍ୟକ୍ତିଗତ କାମ ପାଇଁ ଉଠାଣ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଅନଲାଇନରେ ତଦନ୍ତ ବେଳେ ବ୍ରାହ୍ମଣଛେଣ୍ଡିଅ ପଞ୍ଚାୟତକୁ ସମୁଦାୟ ୩୦ ଲକ୍ଷ ୨୫ ହଜାର ଟଙ୍କା ଆସିଥିବା ଜଣାପଡିଥିଲା। ବିଭିନ୍ନ ଗଣମାଧ୍ୟମ ଖବରରୁ ଏହି ଦୁର୍ନୀତିର ପର୍ଦ୍ଦାଫାଶ ହେବା ପରେ ଏହି ଘଟଣାର ତଦନ୍ତ ଭାର ଭିଜିଲାନ୍ସ ପକ୍ଷରୁ ନିଆଯାଇଥିଲା। ତତ୍କାଳୀନ ବିଡିଓ ତନ୍ମୟା କୁମାର ଦରୱାନ ଓ ଧର୍ମଗଡ ଜିପିଓ ସୁଧାଂଶୁ ଶେଖର ବାଗ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତକୁ ଯାଇ ତଦନ୍ତ କରିଥିଲେ। କିନ୍ତୁ ସରପଞ୍ଚ ବୀର କିଶୋର ନାୟକ ଓ ବର୍ତ୍ତମାନ ସ୍ୱର୍ଗତ ପିଇଓ ଶିବରାମ ସାହୁ ଉପସ୍ଥିତ ହୋଇ ନ ଥିଲେ। ଘଟଣାର ପରେ ପିଇଓ ସାହୁ ୪ ପୃଷ୍ଠାର ସୁସାଇଟ ନୋଟରେ ସରପଞ୍ଚଙ୍କ ଅଙ୍ଗୁଳି ନିର୍ଦ୍ଦେଶ କରି ଆତ୍ମହତ୍ୟା କରିଥିଲେ। ଏ ନେଇ ଗୋଲାମୁଣ୍ଡା ପୋଲିସ ଏକ ମାମଲା (ନଂ. ୩୪/୨୦୧୮) ରୁଜୁ କରି ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଥିଲେ। ଏହି ଘଟଣାକୁ ଆଜକୁ ଏକ ବର୍ଷ ପୁରିଥିଲେ ମଧ ଏ ପର୍ଯ୍ୟନ୍ତ କାରଣ ଅସ୍ପଷ୍ଟ ହୋଇରହିଛି। ଗତବର୍ଷ ଜୁନ ୨୧ ତାରିଖରେ ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ପଞ୍ଚାୟତକୁ ଆସି ତଦନ୍ତ କରିଥିଲେ। ଏହି ପଞ୍ଚାୟତର ପୂର୍ବ ଓ ବର୍ତ୍ତମାନ ସରପଞ୍ଚଙ୍କ ସମୁଦାୟ ୧ କୋଟି ୭୭ ହଜାର ୯୬ ଟଙ୍କାର କାମ ଉପରେ ତଦନ୍ତ ହୋଇଥିଲା। ହେଲେ ୫୪ ଲକ୍ଷ ୨୬ ହଜାର ୯୬ ଟଙ୍କାର କାଗଜପତ୍ର ମିଳି ନ ଥିବା ଭିଜିଲାନ୍ସ ତରଫରୁ ପ୍ରକାଶ କରିଥିଲେ। ଏ ନେଇ ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦଙ୍କୁ ପଚାରିବାରୁ ତଦନ୍ତ ଚାଲିଛି। ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଥିଲେ। ବର୍ତ୍ତମାନର ସରପଞ୍ଚ ଶାସକ ଦଳର ହୋଇଥିବା ଯୋଗୁ ଏହି ଘଟଣାକୁ ଚପାଇ ଦେବା ପାଇଁ ସବୁସ୍ତରରେ ଉଦ୍ୟମ ହୋଇଥିବା ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ତୁରନ୍ତ ଭିଜିଲାନ୍ସର ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରିବାକୁ ଜନସାଧାରଣରେ ଦାବି ହେଉଛି।

### ବଜ୍ରପାତରେ ଜଣେ ମୃତ, ୧ଗୁରୁତର

**ବେଦବ୍ୟାସ, ୧୪।୩ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା କାଲୋକୁଦର ଗ୍ରାମ ଫୁଟବଲ ଖେଳପଡିଆରେ ଗୁରୁବାର ୫ଟାରେ ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। କାଲୋକୁଦର ନଦୀକୂଳସ୍ଥିତ ଖେଳ ପଡିଆରେ କାଲୋକୁଦର ନିବାସୀ ସୂର୍ଯ୍ୟ ବାରାଙ୍କ ପୁଅ ପ୍ରଦୀପ (୧୬) ଓ ସେହି ଗ୍ରାମ ନିବାସୀ ମଙ୍ଗଲୁ ବାରାଙ୍କ ପୁଅ କାର୍ତ୍ତିକ (୧୬) ଯାଉଥିଲେ। ବଜ୍ରପାତ ହେବାରୁ ଉଭୟ ଗୁରୁତର ଆଘାତ ପାଇ ସଙ୍କଟାପନ୍ନ ହୋଇଥିଲେ। ଖବରପାଇ ପଟେଲ ଲାକ୍ରା, ଇଂ. ଦାଶରଥି କିଷାନ, ଚିକଟମାଟି ସରପଞ୍ଚ ଜଗନ୍ନାଥ ତିର୍କୀ, ଲୁଙ୍ଗେଇ ସରପଞ୍ଚ ଆପି ଟପ୍ପୋ, ରବି ରାଜ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଦେବା ସହ ପୋଲିସରେ ଖବର କରିଥିଲେ। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରଦୀପ ବାରାଙ୍କୁ ଡାକ୍ତର ମୃତ ଘୋଷଣା କରାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଜୁନାଗଡ,୧୪।୩(ସ୍ୱ.ପ୍ର./ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡଠାରେ ଚାଲିଥିବା ୭୨ ପ୍ରହର ନାମଯଜ୍ଞରେ ଅଘଟଣ ଘଟିଛି। ମେଳାରେ ଚାଲିଥିବା ମୀନାବଜାରର ଜଣେ ଯୁବକ ରାମଦୋଳି ତିଆରି କରୁଥିବା ବେଳେ ଚ୍ୟାନେଲ ପାଖରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁବାର ଘଟଣା ସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଯୁବକ ଜଣକ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ମଙ୍ଗଳପୁର ଗ୍ରାମର ଗୁରୁୱା ମୁଣ୍ଡା (୨୫) ବୋଲି ଚିହ୍ନଟ ହୋଇଛି।
ପୂର୍ବାହ୍ନ ସାଢେ ୧୦ଟାରେ ମୀନା ବଜାର ପାଇଁ ରାମଦୋଳି ପ୍ରସ୍ତୁତି ଚାଲିଥିଲା। ଏଥିପାଇଁ ବ୍ୟବହୃତ ଚ୍ୟାନେଲକୁ ଉପରକୁ ଟେକି ଧରୁଥିବା ବେଳେ ସେଠାରେ ଅସାବଧାନତା ବଶତଃ ଗୁରୁୱା ବିଦ୍ୟୁତ୍ ତାର ଚ୍ୟାନେଲରେ ଲାଗି ଯାଇଥିଲା। ସଙ୍କଟାପର୍ଣ୍ଣ ଅବସ୍ଥରେ ତାଙ୍କୁ ଉଦ୍ଧାର କରାଯାଇ ଜୁନାଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶବ ଜବତ କରିବା ସହିତ ଜୁନାଗଡ ଥାନାରେ ଏକ ମାମଲା (ନଂ. ୭୭/୨୦୧୯) ରୁଜୁ କରି ସବଇନିସପେକ୍ଟର ଥବିର ବରିଆ ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଭାତ କୁମାର ସେଠୀ କହିଛନ୍ତି। ସ୍ଥାନୀୟ ପୋଲିସଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ପ୍ରହରୀ କମିଟି କିମ୍ବା ମୀନାବଜାର ପକ୍ଷରୁ ବିଭାଗକୁ ନ ଜଣାଇ ବଦ୍ୟୁତ୍ ବ୍ୟବହାର କରୁଥିବା ଅଭିଯୋଗ ହେବା ସହିତ ଏହି କ୍ଷତି ପାଇଁ କ୍ଷତି ପୂରଣ ମିଳିବ ନାହିଁ ବୋଲି ଜୁନାଗଡ ୱେସକୋ ଏସଡିଓ ମନୋଜ କୁମାର ପଟ୍ଟନାୟକ କହିଛନ୍ତି।

## ଯାଦବମାନଙ୍କୁ ଟିକେଟ ଦେବାକୁ ଯାଦବ ମହାସଭାର ଦାବି

# ଅଣଦେଖା କଲେ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦିଆଯିବ

**ଜୁନାଗଡ,୧୪।୩(ଡି.ଏନ.ଏ.)**

ଯାଦବମାନଙ୍କୁ ଚଳିତ ନିର୍ବାଚନରେ ଟିକେଟ ଦିଆଯାଉ। ଜଦି ନିର୍ବାଚନରେ ଯାଦବମାନଙ୍କୁ ଅଣଦେଖା କଲେ ତାର ଉଚିତ ଜବାବ ଦିଆଯିବ ବୋଲି କଳାହାଣ୍ଡି ଜିଲା ଜୁନାଗଡ ସହର ଏକ ହୋଟେଲଠାରେ ଗୁରୁବାର ଜିଲା ଯାଦବ ମହାସଭାର ଏକ ଖବରଦାତା ସମ୍ମିଳନୀ କୁହାଯାଇଛି। ଏଥିସହ ଜିଲାରେ ଯାଦବମାନଙ୍କୁ ରାଜନୈତିକ ଦଳମାନେ ବିଧାୟକ ଟିକେଟ ଦେବା ପାଇଁ ଦାବି କରାଯାଇଛି। କଳାହାଣ୍ଡି ଏକ ଯାଦବ ବହୁଳ ଜିଲା ଅଟେ। ଜିଲାର ଜୁନାଗଡ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୬୦ ହଜାର ଯାଦବ, ଧର୍ମଗଡ ନିର୍ବାଚନ ମଣ୍ଡଳୀରେ ୮୫ ହଜାର ଯାଦବ, ନର୍ଲା ନିର୍ବାଚନ ମଣ୍ଡଳୀରେ ୫୦ ହଜାର ଯାଦବ ସମେତ ଜିଲାର ୫ଟି ନିର୍ବାଚନ ମଣ୍ଡଳୀରେ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଯାଦବ ସମ୍ପ୍ରଦାୟର ଭୋଟର ଅଛନ୍ତି। କଳାହାଣ୍ଡି ଜିଲାରେ ଯାଦବ ଏକକ ସଂଖ୍ୟା ଗରିଷ୍ଠତା ଥିବାବେଳେ ଆଜି ପର୍ଯ୍ୟନ୍ତ ରାଜନୈତିକ କ୍ଷେତ୍ରରେ ଯାଦବମାନଙ୍କ ପ୍ରତି ନିର୍ବାଚନରେ ଅଣଦେଖା କରାଯାଉଛି। ଜୁନାଗଡ ବ୍ଲକ ହାବସପୁର ଗ୍ରାମର ଯାଦବ ନେତା ମହେଶ୍ୱର ନାଏକ ୧୯୬୧ରୁ ୧୯୬୭ ମସିହା ପର୍ଯ୍ୟନ୍ତ ଗଣତନ୍ତ୍ର ପରିଷଦ ଓ ୧୯୬୭ରୁ ୧୯୭୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପାର୍ଟି ପକ୍ଷରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେତେବେଳଠୁ ୪୮ବର୍ଷ ମଧରେ ଯାଦବମାନେ କୌଣସି ବିଧାୟକ କିମ୍ବା ଏମ୍‌ପି ହୋଇପାରିନାହାନ୍ତି। ଆଗାମୀ ନିର୍ବାଚନରେ ଯାଦବମାନଙ୍କୁ ଭାଜପା,କଂଗ୍ରେସ, ବିଜେଡି କିମ୍ବା ଅନ୍ୟାନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଉ ବୋଲି ଦାବି କରାଯାଇଥିଲା। ଏହାକୁ କଳାହାଣ୍ଡି ଜିଲା ଯାଦବ ମହାସଭା ପକ୍ଷରୁ ପୂର୍ଣ୍ଣ ସମର୍ଥନ କରାଯିବ ବୋଲି କୁହାଯାଇଥିଲା। ୨୦୧୯ ନିର୍ବାଚନରେ ଯାଦବମାନେ ନିର୍ଣ୍ଣାୟକ ଭୂମିକା ତୁଲାଇବେ। ଯଦି ଯାଦବମାନଙ୍କୁ ଅଣଦେଖା କରାଯାଏ ତାହାହେଲେ ଭୋଟ ମାଧ୍ୟମରେ ରାଜନୈତିକ ଦଳମାନଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଯାଦବ ମହାସଭାର ଜିଲା ସଭାପତି ହରି ଶଙ୍କର ବାଗ, ଉପଭାପତି ଗୋବିନ୍ଦ ବନଛୋର, ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝି, କୋଷାଧକ୍ଷ ଖଗେଶ୍ୱର ଧଙ୍ଗଡାମାଝି, ଯୁବ ଯାଦବ ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ଉପଦେଷ୍ଟା ଶିବ ହାତୀ, ହିରଣ୍ୟ ବେହେରା, ଶ୍ରୀକାନ୍ତ ବନ୍ଧିଛୋଡ ପ୍ରମୁଖ ଉପସ୍ଥିତ ଥିଲେ।



ଜୁନାଗଡ ସହର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ବଦଳୁନି ଭୋଟରଙ୍କ ଭାଗ୍ୟ

# ସୀମା ପୁନଃନିର୍ଦ୍ଧାରଣ ବିକାଶରେ ବାଧକ

■ ବାରମ୍ବାର ବଦଳୁଛି ନିର୍ବାଚନମଣ୍ଡଳୀର ଭୌଗୋଳିକ ଚିତ୍ର

**ଭବାନୀପାଟଣା,୧୪।୩(ଡି.ଏନ.ଏ.)**

ଗଣତାନ୍ତ୍ରୀକ ରାଷ୍ଟ୍ରରେ ମତଦାନକୁ ଗୁରୁତ୍ୱ ଦେଇ ସରକାର ଗଠନ କରାଯାଏ। ବିଭିନ୍ନ ସମୟରେ ଭୌଗୋଳିକ ପ୍ରତିବନ୍ଧକକୁ ଏଡାଇବା ପାଇଁ ଜନ ସାଧାରଣଙ୍କ ମତ ନିଆଯାଇ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କରାଯାଏ। କେତେକ ସ୍ଥାନରେ ସୀମା ପୁନଃନିର୍ଦ୍ଧାରଣ ବିକାଶରେ ବାଧକ ସାଜୁଥିବା ସ୍ପଷ୍ଟ ଅନୁମାନ କରାଯାଏ। ଏହାର ଏକ ଉଦାହରଣ ହେଉଛି ଜୟପାଟଣା ବ୍ଲକ। ପ୍ରଥମ ବିଧାନସଭା ନିର୍ବାଚନ ୧୯୫୧-୫୨ରେ ଜୟପାଟଣା କାଶୀପୁର ଏକ ସ୍ୱତନ୍ତ୍ର ବିଧାନସଭା କ୍ଷେତ୍ର ଥିବା ବେଳେ କାଶୀପୁର ଅଞ୍ଚଳର ଝାଙ୍କୁ ଝୋଡିଆ ୧୧୩୦୬ ଭୋଟ ପାଇ ବିଶି କାଣ୍ଡିହାଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଥିଲେ। ୧୯୬୨ ନିର୍ବାଚନରେ ଜୟପାଟଣା ଅଞ୍ଚଳ ପୁଣି କୋକସରା ନିର୍ବାଚନମଣ୍ଡଳୀକୁ ଚାଲିଗଲା। ୨୦୦୬ର ସୀମା ପୁନଃନିର୍ଦ୍ଧାରଣରେ ଜୟପାଟଣା ଅଞ୍ଚଳକୁ ଏକ ପ୍ରତିବନ୍ଧକମୟ ସ୍ଥଳକୁ ଠେଲି ଦିଆଗଲା। ଭୌଗୋଳିକ ପ୍ରତିବନ୍ଧକ ଏଡାଇବା ନାମରେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ଗଠିତ ହୋଇଗଲା। ଲାଞ୍ଜିଗଡ ଓ ଥୁ. ରାମପୁର ବ୍ଲକର ସମସ୍ତ ପଞ୍ଚାୟତ ସାଙ୍ଗକୁ ଭବାନୀପାଟଣା ବ୍ଲକର ୯ଟି ପଞ୍ଚାୟତ ଓ ଜୟପାଟଣା ବ୍ଲକର ୨୨ଟି ପଞ୍ଚାୟତ ମଧ୍ୟରୁ ୧୮ଟି ପଞ୍ଚାୟତକୁ ସାମିଲ କରାଗଲା। ଇତିମଧ୍ୟରେ ଲାଞ୍ଜିଗଡ



ଜୟପାଟଣା ବ୍ଲକର ଏକ ଗାଁର ଦୃଶ୍ୟ।

ନିର୍ବାଚନମଣ୍ଡଳୀରୁ ଦୁଇଟି ନିର୍ବାଚନ ଶେଷ ହୋଇଥିବା ବେଳେ ଏବେ ତୃତୀୟ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନମଣ୍ଡଳୀରେ ବେଦାନ୍ତ, ଉତ୍କଳ ଆଲୁମିନା ଓ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପ ଥାଇ ମଧ୍ୟ ଏ ଅଞ୍ଚଳର ବିକାଶ ହେଉନି ବୋଲି ପ୍ରଶ୍ନ ଉଠିବାରେ ଲାଗିଛି। ଗମନାଗମନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ବିକାଶ ଅନେକ ଅଞ୍ଚଳକୁ ଛୁଇଁପାରେ ନାହିଁ। ଏହି ଅଞ୍ଚଳରେ ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା ନେତା ଓ କର୍ମଚାରୀଙ୍କ ଆର୍ଥିକ ବିକାଶ ଛୁଇଁ ସାରିଥିବା ବେଳେ ପାହାଡ ଉପରେ ରହି ଚାତକ ଭଳି ଆକାଶକୁ ଅନେଇ ରହିଥିବା ବନବାସୀଙ୍କ ଭାଗ୍ୟ ବଦଳାଇବାରେ ଏମାନେ କୁଣ୍ଠାବୋଧ କରୁଥିବା ଲୋକେ କହନ୍ତି। ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ପରିଧିରେ ଆସୁଥିବା ଜୟପାଟଣା ବ୍ଲକର ୧୮ଟି ପଞ୍ଚାୟତରେ ନୂତନ ଗଠନ ହୋଇଥିବା ତିନୋଟି ବୁଥ୍ ସାଙ୍ଗରେ ମୋଟ ବୁଥ ସଂଖ୍ୟା ୧୦୧ରେ ପହଞ୍ଚିଛି। ଏବେ ଭୋଟର ସଂଖ୍ୟା ମଧ୍ୟ ୭୭ ହଜାର ୮୭୩ରେ ପହଞ୍ଚିଛି। ଏସବୁ ସତ୍ତ୍ୱେ ୧୯୫୧ରୁ ଏକ ବିକାଶର ଭାବନା ରହି ଭୋଟ ଦେଇ ଆସୁଥିବା ପାହାଡି ଇଲାକା ଅପରଆଟିଗାଁ, ଡଙ୍ଗରୀଗୁଡା, ତଳଡଙ୍ଗରୀକୁଡା, ନଆଁଚୁଆଁ. ବାଙ୍ଗଟିସାହାଜ, ଢୁଲୁପଖାନ, ଭାଯିପାସ, ଭିତରପଣ୍ଡି, ଚଞ୍ଚରାଗୁଡା, ପଟାକୁସୁମି, ସାଇକେଲବରଗଛ, କରାଘାଟି, ଦାବ୍ରିଘାଟି, ଟେଣ୍ଡକାଚୁଆଁ ଆଦି ଅଞ୍ଚଳର ପ୍ରାୟ ୮୫୦ ଭୋଟର ଏବେବି ପାହାଡ ଉପରୁ ଦୁର୍ଗମ ପଥ ଦେଇ ଭୋଟ ଦେବା ପାଇଁ ଆସିଥାନ୍ତି। ଭୋଟ ଦେବାର ୬୮ ବର୍ଷ ବିତି ଯାଇଥିଲେ ମଧ୍ୟ ଏମାନଙ୍କ ପାଇଁ ମତଦାନ କୌଣସି ମୂଲ୍ୟ ରଖୁ ନ ଥିବା ଲୋକେ ପ୍ରକାଶ କରନ୍ତି। ଲୋକଙ୍କ ସରଳତାର ସୁଯୋଗ ଓ ବିକାଶର ପ୍ରଲୋଭନ ଦେଖାଇ ଠକି ଆସୁଥିବା ଲୋକେ କେବେ ଏମାନଙ୍କ ପାଇଁ ସମବେଦନା ଦେଖାଇ ମୁଖ୍ୟ ସ୍ରୋତକୁ ଆଣିବାର ପ୍ରଚେଷ୍ଟା କରିବେ ତାହା ଏବେ ଦେଖିବା ବେଳ ଆସିଛି।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଟିଟିଲାଗଡ଼, ୧୪।୩ (ଡି.ଏନ.ଏ):** ଟିଟିଲାଗଡ-ବଲାଙ୍ଗୀର ରେଳଧାରଣାରୁ ଗୁରୁବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ବଲାଙ୍ଗୀର ଜିଆରପି ଉଦ୍ଧାର କରିଛି। ମୃତଦେହ ନିକଟରୁ ମିଳିଥିବା ଏକ ଖାତାରୁ ମିଳିଥିବା ସୂଚନା ଅନୁଯାୟୀ ମୃତକ ହେଲେ ରାୟଗଡା ଅଞ୍ଚଳର ନିଶାନ୍ତ ପାତ୍ର ବୋଲି ଜଣାପଡିଛି। ସେ ଟିଟିଲାଗଡରେ ରହି ନିର୍ମାଣ କାର୍ଯ୍ୟ କରୁଥିଲେ। ଜିଆରପି ଏସ.ଆଇ ଜି.କେ. ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ଡାକ୍ତରଖାନା ପଠାଇଛି। ରେଳଧାରଣା କଡରେ ଥିବା ମୃତକଙ୍କ ବାଇକ, ଏକ ମୋବାଇଲ ପୋଲିସ ଜବତ କରିଛି। ମୃତକ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରିଛି। ପରିବାର ଲୋକେ ଖବର ପାଇ ଟିଟିଲାଗଡ ଆସୁଥିବା ଜିଆରପି ଅଧିକାରୀ ଦୁର୍ଗାଚରଣ ପ୍ରଧାନ ଜଣାଇଛନ୍ତି।

### ବାଇକ୍ ଦୁର୍ଘଟଣାଗ୍ରସ୍ତ: ଆରୋହୀ ମୃତ, ୨ ଗୁରୁତର

**ଟିକ୍ରାପଡା, ୧୪।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା-ଟିକ୍ରାପଡା ରାସ୍ତାର ପଟାମରା ଗ୍ରାମ ନିକଟ ଏକ ବୁଲାଣିରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରେ ଜଣେ ଆରୋହୀଙ୍କର ମୃତ୍ୟୁ ଘଟିଛି। ଗାଡିରେ ଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କେନ୍ଦୁଉଡାର ଗ୍ରାମର ରେବସ ବାଗ(୨୧), ତାଙ୍କ ଭାଇ ନରେଶ ବାଗ(୨୦) ଓ ଜଡାମୁଣ୍ଡା ଗ୍ରାମର ଶିରୁ ବାଗ(୨୧) ସଇଁତଳାରୁ ଗାଁକୁ ବାଇକ ନଂ ଓଡି୦୩ସି୦୫୨୨ ଯୋଗେ ଫେରୁଥିଲେ। ପଟାମରା ନିକଟିରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ରେବସଙ୍କର ମୃତ୍ୟୁ ହୋଇଯାଇଥିଲା। ନରେଶ ଓ ଶିରୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଟିକ୍ରାପଡା ଫାଣ୍ଡି ଅଧିକାରୀ ଆଦିତ୍ୟ ପ୍ରସାଦ ସାହୁ ପ୍ରକାଶ କରିଛନ୍ତି।

### ବ୍ଲକ ପରିସରରୁ ହଟିଲା ସରକାରୀ ହୋର୍ଡିଂ

**ବଙ୍ଗୋମୁଣ୍ଡା, ୧୪।୩(ଡି.ଏନ୍.ଏ.):** ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ପରିସରରେ ଲାଗିଥିବା ରାଜ୍ୟ ସରକାରଙ୍କ କାଳିଆ ଯୋଜନା, ପିଠା କାର୍ଯ୍ୟକ୍ରମ, ଭତ୍ତା ଯୋଜନା ସହ ମହିଳା ସଶକ୍ତିକରଣ ଇତ୍ୟାଦିର ହୋର୍ଡିଂକୁ ହଟାଇ ଦେଇଛି ପ୍ରଶାସନ। ଏତଦ୍‌ବ୍ୟତୀତ ବିଭିନ୍ନ ପଞ୍ଚାୟତ ଅଫିସ ଓ ସର୍ବସାଧାରଣ ସ୍ଥାନରେ ଲାଗିଥିବା କେନ୍ଦ୍ର ସରକାରଙ୍କ ଅନେକ ଯୋଜନାରେ ପୋଷ୍ଟର, ହୋର୍ଡିଂକୁ ଖୋଲାଯାଇଛି। ଏପରିକି ସଦର ମହକୁମା ପାର୍ଶ୍ୱ ରାସ୍ତାର ପାଚେରିମାନଙ୍କରେ ଉଜ୍ଜ୍ୱଳା ଯୋଜନାର ପୋଷ୍ଟରଗୁଡିକ ମଧ ଅଦ୍ୟାବଧି ଲାଗିଥିବା ଦେଖାଦେଇଛି।

### ବାଲବେଙ୍ଗରେ ଅଷ୍ଟ ପ୍ରହର ନାମଯଜ୍ଞ

**ବଙ୍ଗୋମୁଣ୍ଡା, ୧୪।୩(ଡି.ଏନ୍.ଏ.) :** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅର୍ଶାତୁଲା ପଞ୍ଚାୟତ ଅନ୍ତର୍ଗତ ବାଲବେଙ୍ଗ ଗାଁରେ ୧୧ତମ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗାଁର ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ନିକଟସ୍ଥ ଉନ୍ଦେର ନଦୀରୁ ଅଣାଯାଇ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ବଡ ଝାଙ୍କର ଓ ସେବତୀ ଝାଙ୍କର ଦାୟିତ୍ୱ ବହନ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ସମାପନରେ କମିଟି ସଦସ୍ୟ ସନ୍ତୋଷ ଜାନୀ, ମୁରଲୀଧର ବେହେରା, ସୀତାରାମ ନାଗ, କଲେବର ନାଗ, ବଡ ନାଗ, ତ୍ରିଲୋଚନ ବାଗ, ଦୁଷ୍ମନ୍ତ ନାଗ, ସତ୍ୟପ୍ରିୟ ବେହେରା ସହଯୋଗ କରିଥିଲେ।

# ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ



ଗାଁର ମହିଳାମାନେ ନଳକୂପରେ ପାଣି ନେବାପାଇଁ ଏକତ୍ରିତ ହୋଇଛନ୍ତି।

**ଦେଓଗାଁ, ୧୪।୩(ଡି.ଏନ.ଏ.)**

- ଦେଓଗାଁ ବ୍ଲକ ଟେପ୍ରେନରେ ପାନୀୟ ଜଳ ସମସ୍ୟା
- ୩ବର୍ଷ ହେଲା ଜଳଯୋଗାଣ ପ୍ରକଳ୍ପ ଅଚଳ
- ୬ରୁ ୪ନଳକୂପରୁ ବାହାରୁଛି ଫ୍ଲୋରାଇଡ ପାଣି
- ନଳକୂପ ପାଖରେ ମହିଳାଙ୍କ ଭିଡ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ଟେପ୍ରେନରେ ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ୩ ୱାର୍ଡ ବିଶିଷ୍ଟ ୨ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗାଁରେ ଫ୍ଲୋରାଇଡ ପାଣି ବ୍ୟବହାର ଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଜଣା ପଡିବା ପରେ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଗଭୀର ନଳକୂପ ଖୋଳାଯାଇ ଗାଁକୁ ପାଇପ ଜଳ ଯୋଗାଣ ଆରମ୍ଭ କରାଯାଇଥିଲା। ହେଲେ ବିଭାଗୀୟ ଅପାରଗତା ଯୋଗୁଁ ଆଜକୁ ୩ ବର୍ଷହେଲା ଏହି ପ୍ରକଳ୍ପ ଅଚଳ ହୋଇପଡିଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ବିଭାଗ କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଗତବର୍ଷ ଗ୍ରୀଷ୍ମ ଆରମ୍ଭରୁ ଗ୍ରାମବାସୀ ଜିଲା ଜଳ ଓ ପରିମଳ ବିଭାଗ ଅଫିସ ଘେରାଉ କରିଥିଲେ। ସେ ସମୟରେ ପ୍ରକଳ୍ପକୁ ମରାମତି ନ କରି ବିଭାଗ ଯୁଦ୍ଧକାଳୀନଭିତ୍ତିରେ ୨ଟି ନୂତନ ନଳକୂପ ଖନନ କରିଥିଲା। ଯେଉଁଥିରୁ ଗୋଟିଏ ନଳକୂପରୁ ପାଣି ବାହାରି ନ ଥିଲା। ଫଳରେ ଗାଁ ଲୋକ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ଥିବା ପମ୍ପ ହାଉସ ପାଇପ ଭାଙ୍ଗି ସେଥିରେ ଏକ ନଳକୂପକୁ ଖଞ୍ଜି ପାଣି ବାହାର କରି ବ୍ୟବହାର କରିଥିଲେ। ବର୍ତ୍ତମାନ ଗାଁରେ ୬ଟି ନଳକୂପ ଥିବା ବେଳେ ୨ଟି ବ୍ୟବହାର ଯୋଗ୍ୟ ହୋଇଥିବା ବେଳେ ଅନ୍ୟାନ୍ୟ ଚାରିଟିରୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି। ଅନ୍ୟପଟେ ଗାଁରେ ଥିବା ଜିଆରୱାଇ ବନ୍ଧ ଓ ଧବଳେଶ୍ୱର କଟାରୁ ଗ୍ରୀଷ୍ମ ଆରମ୍ଭରୁ ପାଣି ଶୁଖିବାରେ ଲାଗିଥିବା ବେଳେ ଅପ୍ରେଲ ମାସରେ ଉଭୟ ପୋଖରୀରେ ପାଣି ନ ଥାଏ। ଫଳରେ ଗାଁ ଲୋକେ ସ୍ନାନଶୌଚ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ବୋଲି ଗାଁର ସବିତା ଷଡଙ୍ଗୀ, ଇନ୍ଦ୍ରା ଖମାରୀ, ଅମୂଲ୍ୟ ତରିଆ, ବିଲ ବାଗ, ମମତା ଷଡଙ୍ଗୀ, ସୁରଭି ଖମାରୀ, ମନକାନ୍ତି ଖମାରୀ, ମନ୍ଦାକିନୀ ମିଶ୍ର ପ୍ରମୁଖ ଶତାଧିକ ଅଭିଯୋଗ କରିଛନ୍ତି। ଏଣୁ ଚଳିତ ବର୍ଷ ଗାଁର ଏହି ମୌଳିକ ସମସ୍ୟାକୁ ଦୃଷ୍ଟିରେ ରଖି ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ(କ) ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ଟେପ୍ରେନ ପ୍ରକଳ୍ପର ଗଭୀର ନଳକୂପରୁ ଆଉ ପାଣି ବାହାରୁ ନାହିଁ। ନୂତନ ଗଭୀର ନଳକୂପ ଖନନ ଓ ପାଇପ ମରାମତି ପାଇଁ ଟେଣ୍ଡର ଆହ୍ୱାନ କରାସରିଛି। ଖୁବ୍‌ଶୀଘ୍ର ନୂତନ କାମ ହେବ ବୋଲି କହିଥିଲେ।

**ଗ୍ରାମବାସୀ ଯାହା କୁହନ୍ତି...**



“ ଜଳଯୋଗାଣ ପ୍ରକଳ୍ପ ଚାଲୁ ରହିଥିବା ବେଳେ ପାଣି ସମସ୍ୟା ଜଣାପଡୁ ନ ଥିଲା। କିନ୍ତୁ ପ୍ରକଳ୍ପ ଅଚଳ ହେବା ଦିନଠାରୁ ଲୋକଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି।
**- ଐରାବତୀ ମିଶ୍ର**



“ ଖରାଦିନରେ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ପୋଖରୀ ପାଣି ଶୁଖିବାକୁ ବସିଲାଣି। ଏହି ପରିସ୍ଥିତିରେ ଜଳଯୋଗାଣ ପ୍ରକଳ୍ପ ଆଶାଭରସା ହେବା କଥା। ହେଲେ ତାହା ବି ହେଲାନାହିଁ।
**-ଅହଲ୍ୟା ଚାନ୍ଦ**



“ ପଞ୍ଚାୟତ ପକ୍ଷରୁ ବନ୍ଧମାନଙ୍କର ମାଟି ଉନ୍ନତୀକରଣ କରାଯାଉଥିଲେ ମଧ ଜଳ ସମସ୍ୟାର ସମାଧାନ ହେଉ ନାହିଁ। ଗଭୀର ନଳକୂପ ଜଳ ଗ୍ରାମବାସୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରି ପାରନ୍ତା।
**-ସତ୍ୟନାରାୟଣ ସିଂ**



“ ନିର୍ବାଚନ ପାଖେଇ ଆସିଲେ ନେତୃବୃନ୍ଦ ଗାଁକୁ ଆସି ସମସ୍ୟା ସମାଧାନ ପ୍ରତି ଆଶ୍ୱାସନା ଦେଇଥାନ୍ତି। ହେଲେ ଏଭଳି ସମସ୍ୟା ପ୍ରତି ବର୍ଷାଧିକ କାଳହେଲା କେହି କର୍ଣ୍ଣପାତ ନ କରିବା ପରିତାପର ବିଷୟ।
**-ପ୍ରଦୀପ ଷଡଙ୍ଗୀ**



“ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ ଦିଗରେ ସରକାର ଓ ପ୍ରଶାସନ ପ୍ରାଥମିକତା ଦେବା କଥା। ହେଲେ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ସତେ ଯେମିତି ପାଇପ ଜଳ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି।
**-ଅଶ୍ୱିନୀ ପଧାନ**

### ଢାବା ମାଲିକ, କର୍ମଚାରୀଙ୍କୁ ଆକ୍ରମଣ

**ସଇଁତଳା, ୧୪।୩ (ଡି.ଏନ.ଏ.)**

ସଇଁତଲା ଥାନା ବେଲଗାଁ ତେଲନଦୀ ନିକଟରେ ଥିବା ଏକ ଢାବାରେ ବୁଧବାର ରାତିରେ ଖାଇବା ଦେବାକୁ ଡେରି ହେବାରୁ କିଛି ଯୁବକ ଢାବା ମାଲିକ ଏବଂ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଢାବା ମାଲିକ ଡୋଳାମଣୀ ଥପା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ବେଲଗାଁ ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ସମ୍ପୃକ୍ତ ଯୁବକମାନେ ସେହି ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଆହତ ଥପାଙ୍କୁ ବେଲଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ଢାବା ମାଲିକ ଥପା ଗୁରୁବାର ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସଇଁତଲା ଥାନାରେ ଏକ ମାମଲା(ନଂ.୪୬/୧୯) ରୁଜୁ ହୋଇଛି। ଢାବାରେ ଲାଗିଥିବା ସିସି ଟିଭି ଫୁଟେଜକୁ ଆଧାର କରି ପୋଲିସ ଛାନଭିନ ଆରମ୍ଭ କରିଛି। ପ୍ରକାଶ ଯେ, ବଲାଙ୍ଗୀର ପଟରୁ ଆସୁଥିବା ଏକ ବସ୍ ଉକ୍ତ ଢ଼ାବା ପାଖରେ ଅଟକିଥିଲା। ବସରୁ ପ୍ରାୟ ୩୦ରୁ ୪୦ ଜଣ ଯୁବକ ଓହ୍ଲାଇ ଢାବାକୁ ଖାଇବାକୁ ଯାଇଥିଲେ। ଏହି ସମୟରେ ଢାବା ପାଖରେ ଅଟକି ଥିବା ୩ଟି ବସ୍‌ର ଯାତ୍ରୀ ଢ଼ାବାରେ ଖାଉଥିଲେ। ସିଟ୍ ଖାଲି ହେଲେ ଆପଣମାନେ ଖାଇବେ ବୋଲି କହିବା ପରେ ସେମାନେ ଢାବା ମାଲିକଙ୍କୁ ଗାଳିଗୁଲଜ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ଏହା ଦେଖି ଢ଼ାବାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀ ଘଟଣାସ୍ଥଳକୁ ଆସି ରୋକିବାକୁ ଚେଷ୍ଟା କହିଥିଲେ ମଧ ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ।

## ଖପ୍ରାଖୋଲ: ଜଳ ଯୋଗାଣ ପ୍ରକଳ୍ପ ଅଚଳ

**ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯିବ: ପ୍ରଶାସନ**

**ଖପ୍ରାଖୋଲ, ୧୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଖରାଦିନ ଆରମ୍ଭରୁ ଦେଖାଦେଲାଣି ପାନୀୟ ଜଳ ସମସ୍ୟା। ଚଳିତ ବର୍ଷ କମ୍ ବୃଷ୍ଟିପାତ ଯୋଗୁଁ ଅନେକ ପାରମ୍ପରିକ ଜଳଉତ୍ସ ପୋଖରୀ, ବନ୍ଧକଟା, ନାଳ ମାନ ଶୁଖି ଗଲାଣି। ଗାଁ ଗାଁରେ ନଳକୂଅରୁ କେଉଁଠି କମ୍ ପାଣି ବାହାରୁଛଇ ତ, ଆଉ କେଉଁଠି ଅଚଳ ଥିବା ଦେଖିବାକୁ ମିଳିଛି। ସେହିପରି ବ୍ଲକରେ ୧୩୩ଖଣ୍ଡ ରାଜସ୍ୱ ଗ୍ରାମ ଥିବାବେଳେ ସରକାରୀ ଅନୁସାରେ ୬୨ଟି ଗାଁରେ ଜଳ ଯୋଗଣ ପ୍ରକଳ୍ପ ନିର୍ମାଣ ଶେଷ ହୋଇଛି। ହେଲେ ବିଭିନ୍ନ କାରଣରୁ ୫ଟି ପ୍ରକଳ୍ପ ଅଚଳ ଥିବା ଜଳ ଯୋଗାଣ ବିଭାଗ କହୁଥିଲେ ବି ତାଠୁଁ ଅଧିକ ପ୍ରକଳ୍ପ ବର୍ଷବର୍ଷ ଧରି ଅଚଳ ହୋଇ ପଡି ରହିଛି। ବେଳହୁଁ ପ୍ରଶାସନ ପଦକ୍ଷେପ ନ ନେଲେ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେବ। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପଧାନଙ୍କୁ ପଚାରିବାରୁ ବ୍ଲକରେ ୬୨ରୁ ୫୫ଟି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି। ଯେଉଁଠି ସମସ୍ୟା ଅଛି ସ୍ଥାନୀୟ ପଞ୍ଚାୟତ ମାନଙ୍କୁ କହି ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ପଚାରିବାରୁ ପାନୀୟ ଜଳ ସମସ୍ୟା ନେଇ ପ୍ରଶାସନ ସଚେତନ ଅଛି। ଏ ନେଇ ବ୍ଲକସ୍ତରୀୟ ବୈଠକ ମଧ୍ୟ ସରିଛି। ପଞ୍ଚାୟତମାନଙ୍କୁ ନଳକୂଅ ମରାମତି, ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରୁ ଜଳ ଯୋଗାଣ ସୁନିଶ୍ଚିତ ପାଇଁ କୁହାଯାଇଛି। ଅତି ଜରୁରି ପରିସ୍ଥିତିରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ଗଣମାଧ୍ୟମ ପ୍ରତିନିଧିମାନେ ରାଲିରେ ଏସପି ଅଫିସକୁ ଯାଉଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟ ହେଲା ମେଡିକାଲ କଲେଜ ହସପିଟାଲ

## ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ

**ବଲାଙ୍ଗୀର ଅଫିସ, ୧୪।୩**




- ପାଣି ନାହିଁ, ପ୍ରସୂତି ପାଉଛନ୍ତି ଯମ ଯନ୍ତ୍ରଣା
- ପାଇଖାନା ସଫେଇ ହେଉନାହିଁ
- ପିଇବା ପାଣିର ବ୍ୟବସ୍ଥା ନାହିଁ

ବଲାଙ୍ଗୀରରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ବଲାଙ୍ଗୀରବାସୀ ଓ ଆଖପାଖ ଜିଲାର ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ ବୋଲି ଆଶା କରିଥିଲେ। ୨୦୧୮ ଅଗଷ୍ଟ ୩୧ ତାରିଖ ଦିନ ବହୁପ୍ରତୀକ୍ଷିତ ଭୀମଭୋଇ ସରକାରୀ ମେଡିକାଲ କଲେଜ ଉଦ୍‌ଘାଟିତ ହେଲା। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ ହସ୍‌ପିଟାଲ ଭାବେ ଉନ୍ନୀତ କରାଯାଇ ସେହିଦିନରୁ ଏଠାରେ ରୋଗୀସେବା ଜାରି ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂଆ କୋଠା ନିର୍ମାଣ କରାଯାଇଛି। ତେବେ ତରବରିଆ ଭାବେ ହସ୍‌ପିଟାଲ ଭିତରେ ବିଭିନ୍ନ କୋଠା ନିର୍ମାଣ ଓ ସେଠାରେ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ ନ ହେବାରୁ ଏବେ ରୋଗୀସେବା ପ୍ରହସନରେ ପରିଣତ ହୋଇଛି। ଘୋର ଅବ୍ୟବସ୍ଥା କାରଣରୁ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ହସପିଟାଲ ପରିସରରେ ସବୁଠୁ ବଡ ଅସୁବିଧା ଭାବେ ଉଭା ହୋଇଛି ପାଣି ସମସ୍ୟାକୁ ନେଇ। ହସପିଟାଲରେ ୧୨୫ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ହସପିଟାଲ(ଏମ୍‌ସିଏଚ୍) ରହିଛି। ଏହି ୭ ମହଲା ବିଶିଷ୍ଟ କୋଠାରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ନଥିବାରୁ ଏଠାରେ ବିଶେଷ କରି ପ୍ରସୂତୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଯୋଗାଣ ସୂଚାରୁରୂପେ ହେଉ ନ ଥିବାରୁ ଏହି କୋଠାରେ ଲାଟ୍ରିନ୍, ଟଏଲେଟ୍ ପ୍ରାୟତଃ ଅଚଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସପ୍ତାହରେ ମାତ୍ର ୨/୩ ଦିନ ପାଣି ଆସୁଥିବାବେଳେ ଅଧିକାଂଶ ସମୟ ଟ୍ୟାପ୍‌ରେ ପାଣି ଆସୁନାହିଁ। ପାଣି ନ ଥିବାରୁ ବିଶେଷକରି ପ୍ରସୂତୀ ମହିଳାମାନେ ରାତିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ନିଜେ ୪/୫ ମହଲା ତଳକୁ ଆସି ନଳକୂଅରୁ ପାଣି ସଂଗ୍ରହ କରି ଲାଟ୍ରିନ୍ ଯାଉଛନ୍ତି। ଏହା ସାଙ୍ଗକୁ ଅନେକ ଲାଟ୍ରିନ୍ ନିୟମିତ ସଫେଇ ହେଉ ନ ଥିବାରୁ ବ୍ୟବହାରଯୋଗ୍ୟ ହୋଇପାରୁନାହିଁ।

ଏହି ୱାର୍ଡ ଭଳି ସର୍ଜରୀ ୱାର୍ଡରେ ମଧ ପାଣି ଅଭାବରୁ ପାଇଖାନାଗୁଡିକର ଅବସ୍ଥା ସାଂଘାତିକ ହୋଇପଡିଛି। ଆବଶ୍ୟକ ପାଣି ନଥିବାରୁ ସଫେଇ କର୍ମଚାରୀମାନେ ମଧ ପାଇଖାନା ସଫେଇ କରିପାରୁ ନ ଥିବା କହିଛନ୍ତି। ସ୍ୱଚ୍ଛତା ଓ ରୋଗୀସେବା ଉପରେ ଗୁରୁତ୍ୱାରୋପ କରାଯାଉଥିବାବେଳେ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ତିଆରି କରାଯାଇଥିବା ମେଡିକାଲ କଲେଜ ହସ୍‌ପିଟାଲ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମଧ ସାଂଘାତିକ ହୋଇ ପଡିଲାଣି। ଏ ନେଇ ହସପିଟାଲ ମ୍ୟାନେଜର ସୁଦୀପ ଦତ୍ତଙ୍କୁ ପଚରାଯିବାରୁ ଦୁଇଦିନ ତଳେ ପୋଡି ଯାଇଥିବା ଏମ୍‌ସିଏଚ୍‌ର ପମ୍ପକୁ ସଜଡା ଯାଇଛି। ସର୍ଜରୀ ୱାର୍ଡର ସେପ୍‌ଟି ଟ୍ୟାଙ୍କ ବ୍ଲକ୍ ହୋଇଯାଇଥିବାରୁ ସେଠାରେ ପାଣି ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି ଓ ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଖବର ସଂଗ୍ରହ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ

**ବଲାଙ୍ଗୀର ଅଫିସ, ୧୪।୩**



ସରକାରୀ ମେଡିକାଲ କଲେଜ ହସପିଟାଲରେ ଆହତ ଗଣମାଧ୍ୟମ ପ୍ରତିନିଧି।

ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଓ ଜଣେ କ୍ୟାମେରାମ୍ୟାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଗୁରୁତର ଆହତ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସରକାରୀ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଚନ୍ଦ୍ରଭାନୁ ମୌଲାନା ଓ ଅନ୍ୟ ଏକ ଗଣମାଧ୍ୟମ କ୍ୟାମେରାମ୍ୟାନ୍ ଅମରଜିତ୍ ବେହେରା ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଷ୍ଣୁମୁଣ୍ଡା ଗାଁକୁ ଖବର ସଂଗ୍ରହ ପାଇଁ ଯାଇଥିଲେ। ଖରାଦିନ ଆସିବା ପୂର୍ବରୁ କିଭଳି ପାଣି ସମସ୍ୟା ଦେଖାଦେଇଛି ସେ ନେଇ ଖବର ସଂଗ୍ରହ କରୁଥିଲେ। ଏହି ସମୟରେ ସେହି ଗାଁରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଏକ ପାଣି ଟ୍ୟାଙ୍କର ଲାଗିଥିଲା ଓ ପରିବାର ଲୋକେ ଘରକୁ ପାଣି ସଂଗ୍ରହ କରି ନେଉଥିଲେ। ଏହି ଦୃଶ୍ୟକୁ କ୍ୟାମେରାରେ କଏଦ୍ କଲାବେଳେ ସେଠାରେ ପାଣି ସଂଗ୍ରହ କରୁଥିବା ୪/୫ ଜଣ ଯୁବକ ଗଣମାଧ୍ୟମ ପ୍ରତିନିଧି ମୌଲାନାଙ୍କ ପାଖକୁ ଦୌଡି ଆସି କେଉଁ କାରଣରୁ ଫଟୋ ଉଠାଇଲ କହି ଅତର୍କିତ ଆକ୍ରମଣ କରିଥିଲେ। ଏଭଳି ଅପ୍ରତ୍ୟାଶିତ ଆକ୍ରମଣ ହେବା ଦେଖି ପାଖେରେ ଥିବା କ୍ୟାମେରାମ୍ୟାନ୍ ବେହେରା ଆକ୍ରମଣକାରୀଙ୍କୁ ବାରଣ କରିବାରୁ ତାଙ୍କୁ ମଧ ମାଡ ମାରିଥିଲେ। ମୌଲାନାଙ୍କ ମୁଣ୍ଡରେ ଜୋରରେ ମାଡ ମାରିବା ଦ୍ୱାରା ସେ ଗୁରୁତର ହୋଇପଡିଥିଲେ। ଆକ୍ରମଣକାରୀଙ୍କ ମାଡରେ ଗୁରୁତର ଆହତ ମୌଲାନା ଓ ବେହେରାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଏ ନେଇ

**ଥାନାରେ ମାମଲା: ଜଣେ ଗିରଫ**

ଟାଉନ୍ ଥାନାରେ ଦୁଇଟି ପୃଥକ୍ ମାମଲା (ନଂ୧୧୮/ନଂ୧୧୯/୨୦୧୯) ରୁଜୁ କରାଯାଇଛି। ଏହି ମାମଲାରେ ପୋଲିସ ମନୋଜ ନାଏକ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଘଟଣା ସମ୍ପର୍କରେ ପଚରାଯିବାରୁ ଏସଡିପିଓ ଶ୍ରୀମନ୍ତ ବାରିକ ମାମଲା ରୁଜୁ ହୋଇ ଜଣେ ଗିରଫ ହୋଇଛନ୍ତି ଓ ଅନ୍ୟମାନଙ୍କୁ ଖୋଜା ଚାଲିଛି ବୋଲି କହିଛନ୍ତି। ଖବର ସଂଗ୍ରହ ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ନେତୃତ୍ୱରେ ଗଣମାଧ୍ୟମ ପ୍ରତିନିଧିମାନେ ଏକ ଶୋଭାଯାତ୍ରାରେ ଏସପି ଅଫିସକୁ ଯାଇ ସମସ୍ତ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଏହି ଘଟଣା ପରେ ବିଜେଡି କାଉନସିଲର ଟାଉନ୍ ଥାନାକୁ ଆସିବା ପରେ ଅଭିଯୁକ୍ତ ଜଣକ ସମ୍ପୃକ୍ତ ଦଳର ବୋଲି ଚର୍ଚ୍ଚା ଜୋର ଧରିଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ଫଟୋରେ ଖବର








ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ମଧ ବଲାଙ୍ଗୀର ଭାଗୀରଥି ଛକ ମୁଖ୍ୟ ରାସ୍ତା କଡରେ ଲାଗିଥିବା ରାଜନୈତିକ ଦଳର ପୋଷ୍ଟର ହଟାଯାଇନାହିଁ (ବାମ)। ଟ୍ରାଫିକ୍ ସଚେତନତାକୁ ନେଇ ଅନେକ କାର୍ଯ୍ୟକ୍ରମ କରାଯାଉଥିବା କୁହାଯାଉଥିଲେ ମଧ ବଲାଙ୍ଗୀର ସହରରେ ଗୋଟିଏ ବାଇକ୍‌ରେ ୪ ଜଣ ବସି ଯାଉଛନ୍ତି। ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସପିଟାଲ ଏମ୍‌ସିଏଚ୍ କୋଠାରେ ପିଇବା ପାଣି ମେଶିନ୍ ଲାଗିଥିଲେ ମଧ ଗୋଟିଏ ବି ଚାଲୁନାହିଁ। (ଫଟୋ-ସୁନୀଲ)



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ ବେକନ

## ସଂକ୍ଷେପରେ

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବଡ଼ଗାଁ, ୧୪।୩ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାନ କାଦୋପଡା ଗ୍ରାମର ଜଣେ ଯୁବକ ବୁଧବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତପନ ରଣା (୧୯)। ସୂଚନାନୁଯାଇ କିଛି ଦିନ ହେଲା ସେ ଅନ୍ୟମନସ୍କ ରହୁଥିଲେ। ଘର ଲୋକେ ଶୋଇ ପଡିବା ପରେ ବିଳମ୍ବିତ ରାତିରେ ଉଠି ନିକଟରେ ଥିବା ପୋଖରୀକୁ ଯାଇଥିଲେ। ପୋଖରୀ ହିଡରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସକାଳେ ଗ୍ରାମବାସୀ ଶୌଚ ଯାଇଥିଲା ବେଳେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

### ବଜ୍ରପାତରେ ଜଣେ ମୃତ, ୧ଗୁରୁତର

**ବେଦବ୍ୟାସ, ୧୪।୩ (ଡି.ଏନ.ଏ)-** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କାଲୋକୁଦର ଗ୍ରାମ ଫୁଟବଲ ଖେଳପଡିଆରେ ଗୁରୁବାର ୫ଟାରେ ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। କାଲୋକୁଦର ନଦୀକୂଳସ୍ଥିତ ଖେଳ ପଡିଆରେ କାଲୋକୁଦର ନିବାସୀ ସୂର୍ଯ୍ୟ ବାରାଙ୍କ ପୁଅ ପ୍ରଦୀପ (୧୬) ଓ ସେହି ଗ୍ରାମ ନିବାସୀ ମଙ୍ଗଲୁ ବାରାଙ୍କ ପୁଅ କାର୍ତ୍ତିକ (୧୬) ଯାଉଥିଲେ। ବଜ୍ରପାତ ହେବାରୁ ଉଭୟ ଗୁରୁତର ଆଘାତ ପାଇ ସଙ୍କଟାପନ୍ନ ହୋଇଥିଲେ। ଖବରପାଇ ଭାଜପା ଯୁବନେତା ପଟେଲ ଲାକ୍ରା, ଇଂ. ଦାଶରଥି କିଷାନ, ଚିକଟମାଟି ସରପଞ୍ଚ ଜଗନ୍ନାଥ ତିର୍କୀ, ଲୁଙ୍ଗେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ଆପି ଟପ୍ପୋ, ଯୁବ ସମାଜସେବୀ ଗୌତମ ଜୟସ୍ୱାଲ, ପୂର୍ବତନ ସମିତି ସଭ୍ୟ କଲୁଙ୍ଗା ଗ୍ରାମ ପଞ୍ଚାୟତ ତୁନୀ ଲାକ୍ରା, ରବି ରାଜ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଦେବା ସହ ସ୍ଥାନୀୟ ପୋଲିସକୁ ଖବର କରିଥିଲେ । ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରଦୀପ ବାରାଙ୍କୁ ଡାକ୍ତର ମୃତ ଘୋଷଣା କଲା ପରେ ତାଙ୍କର ମୃତଦେହ ଆର୍‌ଜିଏଚ୍‌ର ମର୍ଗ ହାଉସରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ।

### ଦୋକାନ ଆଗରୁ ସ୍କୁଟି ଚୋରି ଅଭିଯୋଗ

**ରେଢାଖୋଲ,୧୪।୩ (ଡି.ଏନ.ଏ.)** ରେଢାଖୋଲ ସହରର ଖନ୍ଦାଡିପ ସାହିର କିଶୋର ସ୍ୱାଇଁ ନାମକ ଜଣେ ବ୍ୟବସାୟୀଙ୍କ ଏକ ସ୍କୁଟି (ହୁଣ୍ଡା ଆଭିଏଟର) ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ କିଶୋର ପ୍ରତିଦିନ ପରି ଗୁରୁବାର ସକାଳୁ ତାଙ୍କ ସ୍କୁଟି (ନଂ. ଓଆର ୧୫ଇ ୨୯୬୬)ରେ ଦୋକାନକୁ ବାହାରିଥିଲେ। ଦୋକାନ ସମ୍ମୁଖରେ ଗାଡିକୁ ରଖି ଦୋକାନ ଖୋଲି ଥିଲେ। ହେଲେ ସ୍କୁଟିରୁ ଚାବି ଆଣିବାକୁ ଭୁଲି ଯାଇଥିଲେ। ମଧାହ୍ନରେ ଦୋକାନ ବନ୍ଦ କରି ଖାଇବାକୁ ବାହାରିବା ବେଳେ ସ୍କୁଟି ନ ଥିବା ଦେଖିଥିଲେ। ଏହାପରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ରେଢାଖୋଲ ସହରରେ ମୋଟର ସାଇକେଲ ଡିକିରୁ ଟଙ୍କା ଲୁଟ୍ ଓ ସ୍କୁଟି, ମୋଟରସାଇକେଲ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି।

---

ସୁନ୍ଦରଗଡ ଜିଲାରେ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡାନ୍ତ

# ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ମତଦାନ ଉପରେ ଗୁରୁତ୍ୱାରୋପ

**ସୁନ୍ଦରଗଡ , ୧୪।୩ (ଡି.ଏନ୍.ଏ)**

ସୁନ୍ଦରଗଡ ଲୋକସଭା ଆସନ ସହ ଜିଲାର ସମସ୍ତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆସନ୍ତା ଏପ୍ରିଲ ୧୮ରେ ଭୋଟ ଗ୍ରହଣ ହେବ। ଏହି ସାଧାରଣ ନିର୍ବାଚନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଅବାଧ, ନିରପେକ୍ଷ ତଥା ଶାନ୍ତପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଥିବା ସହ ପ୍ରଶାସନିକ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଶ୍ମିତା ପଣ୍ଡା ଗୁରୁବାର ଅପରାହ୍ନରେ ସ୍ଥାନୀୟ ପ୍ରଗତି ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲାପାଳ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ସାରିଥିବାରୁ ଏହି ଆଚରଣ ବିଧିକୁ କଡାକଡି ଭାବେ ପାଳନ କରିବା ନିମନ୍ତେ ସେ ସମସ୍ତ ରାଜନୈତିକ ଦଳଗୁଡିକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ ପରିଚାଳନା ସମ୍ପର୍କୀତ ବିଭିନ୍ନ ତଥ୍ୟ ଉପସ୍ଥାପନ କରି ଜିଲାପାଳ ଆଦର୍ଶ ଆଚରଣବିଧି ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଏପ୍ରିଲ ୧୮ତାରିଖ ସୁନ୍ଦରଗଡ ଲୋକସଭା ତଥା ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟଗ୍ରହଣ ସକାଶେ ଚଳିତ ମାର୍ଚ୍ଚ ୧୯ରେ ନାମାଙ୍କନ ନିମନ୍ତେ ବିଜ୍ଞପ୍ତି ଜାରି କରାଯିବ। ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିପାରିବେ। ସେହିପରି ମାର୍ଚ୍ଚ ୨୭ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବା ଲାଗି ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଧାର୍ଯ୍ୟ କରାଯାଇଛି। ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ସମୟରେ ସମସ୍ତ ପ୍ରାର୍ଥୀଙ୍କ ନିମନ୍ତେ ପାନକାର୍ଡ ବାଧ୍ୟତାମୂଳକ କରାଯାଇଛି। ଫର୍ମ ନଂ. ୨୬ରେ ସ୍ୱତନ୍ତ୍ର ଭାବେ ପ୍ୟାନକାର୍ଡ ସମ୍ପର୍କୀତ ସୂଚନା ପ୍ରଦାନ ନିମନ୍ତେ ବ୍ୟବସ୍ଥା ହୋଇଛି। ଯେଉଁ ପ୍ରାର୍ଥୀମାନଙ୍କର ପ୍ୟାନକାର୍ଡ ନ ଥିବ, ସେମାନେ ପାନକାର୍ଡ ନିମନ୍ତେ ତୁରନ୍ତ ଆବେଦନ କରିବା ସହ ତତ୍‌ସମ୍ପର୍କୀତ ତଥ୍ୟ ଏକ ଆଫିଡେଭିଟ ମାଧ୍ୟମରେ ଦାଖଲ କରିପାରିବେ। ଏଥିସହ ପ୍ୟାନକାର୍ଡ ନିମନ୍ତେ କରିଥିବା ଆବେଦନର ପ୍ରମାଣପତ୍ର ସଂଲଗ୍ନ କରିବା ବାଧ୍ୟତାମୂଳକ କରାଯାଇଛି। ଯେଉଁମାନଙ୍କର ଭୋଟ ପରିଚୟପତ୍ର ନ ଥିବ, ସେମାନେ ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ରାଜ୍ୟ କିମ୍ବା କେନ୍ଦ୍ର ତଥା ବିଭିନ୍ନ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ ଓ ପବ୍ଲିକ ଲିମିଟେଡ କମ୍ପାନୀ ଦ୍ୱାରା ଜାରି କରାଯାଇଥିବା ପରିଚୟପତ୍ର ଫଟୋ ସଂଲଗ୍ନ ବ୍ୟାଙ୍କ ବା ପୋଷ୍ଟ ଅଫିସ ଜମାଖାତା, ପ୍ୟାନ କାର୍ଡ, ଆଧାର କାର୍ଡ, ରାଶନ କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜବକାର୍ଡ, ନ୍ୟାସନାଲ ପପୁଲେସନ ରେଜିଷ୍ଟ୍ରର ଅଧୀନରେ ଆରଜିଆଇ ପକ୍ଷରୁ ଜାରି କରାଯାଇଥିବା ସ୍ମାର୍ଟ କାର୍ଡ, ଫଟୋ ସଂଲଗ୍ନ ପେନସନ କାଗଜାତ, ଶ୍ରମମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯଘାଇଥିବା ସ୍ୱାସ୍ଥ୍ୟବୀମାର ସ୍ମାର୍ଟ କାର୍ଡ, ସାଂସଦ ଓ ବିଧାୟକମାନଙ୍କୁ ଜାରି କରାଯାଇଥିବା ସରକାରୀ ପରିଚୟପତ୍ର ଦେଖାଇ ମତଦାନ କରିପାରିବେ। ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଥିବା ଯେଉଁ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ଚାଲୁଥିବ, ସେମାନେ ନିର୍ବାଚନ ପ୍ରଚାରର ଅବଧି ମଧ୍ୟରେ ନିଜ ମାମଲା ସମ୍ପର୍କୀତ ତଥ୍ୟକୁ ଅତିକମ୍‌ରେ ୩ଥର ଛାପା ତଥା ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ଜନସାଧରଣଙ୍କ ଉଦ୍ଦେଶ୍ୟରେ ସୂଚନା ପ୍ରଦାନ କରିବା ନିମନ୍ତେ ନିର୍ବାଚନ ଆୟୋଗ ବାଧ୍ୟତାମୂଳକ କରିଥିବା ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଲୋକସଭା ଆସନ ପାଇଁ ନିର୍ବାଚନ ଲଢିବାକୁ ଥିବା ପ୍ରାର୍ଥୀମାନେ ସର୍ବାଧିକ ୭୦ଲକ୍ଷ ଟଙ୍କା ଓ ବିଧାନସଭା ଆସନ ପାଇଁ ପ୍ରାର୍ଥୀମାନେ ସର୍ବାଧିକ ୨୮ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ।

ନିର୍ବାଚନ ସମ୍ପର୍କୀତ ସମସ୍ତ ଅଭିଯୋଗ ଟୋଲ ଫ୍ରି ନମ୍ବର ୧୯୫୦ ଓ ଗୁଗୁଲ ପ୍ଲେ ଷ୍ଟୋର ମାଧ୍ୟମରେ ଯେକୌଣସି ବ୍ୟକ୍ତି ଦାଖଲ କରିପାରିବେ। ଏପରିକି ସରକାରୀ କୋଠାବାଡିରେ କୌଣସି ରାଜନୈତିକ ଦଳ ତଥା ପ୍ରାର୍ଥୀମାନେ ପୋଷ୍ଟର, ବ୍ୟାନର ,ହୋଡି ଇତ୍ୟାଦି ଲଗାଇପାରିବେ ନାହିଁ। ଏପରିକି ପ୍ରାର୍ଥୀମାନଙ୍କ ନିମନ୍ତେ ଫର୍ମ ନଂ.୨୬ ନୂତନ ଭାବେ ଜାରି କରାଯାଇଛି ଯାହାକି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟ ଡବ୍ଲୁ ଡବ୍ଲୁ ଡବ୍ଲୁ ଡଟ୍ ସିଇଓ ଓରିଶା . ଏନଆଇସି. ଇନ୍‌ରେ ଉପଲବ୍ଧ ଅଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଫର୍ମରେ କୌଣସି ସ୍ଥାନ ଖାଲି ଛାଡିବା ଉଚିତ ନୁହେଁ। ଯଦି ଖାଲିସ୍ଥାନ ଛଡାଯାଇଥିବ ତେବେ ପ୍ରାର୍ଥୀପତ୍ର ନାକଚ ହେବ। ନିର୍ବାଚନକୁ ସୁଚାରୂ ରୂପେ ସମ୍ପାଦନ କରିବା ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ନିର୍ବାଚନ ବିଭାଗରେ ଏକ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏହି କଣ୍ଟ୍ରୋଲ ରୁମ ଯୋଗାଯୋଗ ନଂ ୦୬୬୨୨ – ୨୭୨୨୭୨ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

- ମାର୍ଚ୍ଚ ୧୯ରେ ନାମାଙ୍କନ ନିମନ୍ତେ ବିଜ୍ଞପ୍ତି ଜାରି
- ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ
- ୨୭ରେ ପ୍ରାର୍ଥିପତ୍ର ଯାଞ୍ଚ
- ଏପ୍ରିଲ ୧୮ରେ ଭୋଟ ଗ୍ରହଣ

---



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ମରଣ, ପିତା ତିଉଣ,
ନ ମିଳେ ରଣ;
ଆଗେ ଦୁଃଖ ପଛେ ସୁଖ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅକୁ ମାରି ବୋହୂକୁ ଶିଖାନ୍ତି ।**

ଝିଅକୁ ଦଣ୍ଡଦେବା ଛଳରେ ବୋହୂକୁ ଶିକ୍ଷାଦେବା। ଅନେକ କ୍ଷେତ୍ରରେ ବୋହୂର ଦୈନନ୍ଦିନ ଚଳଣିକୁ ଶାଶୁଘର ଲୋକେ ନାପସନ୍ଦ କରିଥାନ୍ତି। ତା'ର ହାବଭାବ ତଥା ଚାଲିଚଳଣକୁ ନେଇ ଦେଖେଇ ଶିଖେଇ ନାନାକଥା କହିଥାନ୍ତି। କାଳେ ମୁହଁ ଉପରେ କହିଦେଲେ କଥାଟା ଖରାପ ହୋଇଯିବ ସେଲାଗି କଥାକୁ ସିଧା ନ କହି ଅନ୍ୟ ନାଁରେ ବାଆଁରେଇ କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

---



ସଭାରେ ବିଜୁ ଯୁବ ଜନତା ଓ ବିଜୁ ଛାତ୍ର ଜନତାର କର୍ମକର୍ତ୍ତା।

# ବିଜୁ ଛାତ୍ର ଜନତା ଦଳର ବାଇକ୍ ରାଲି, ସଭା

**ରାଜଗାଙ୍ଗପୁର, ୧୪।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳର ମିଳିତ ଆନୁକୂଲ୍ୟରେ ଗୁରୁବାର ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ହକ ମାଗୁଛି ଓଡିଶା ନାରାରଖି ଏହି ରାଲି ଆୟୋଜିତ ହୋଇଥିଲା। ରାଲି ବିଜେଡି ଯୁବ ନେତା ମହେଶ ନାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ବେଦବ୍ୟାସଠାରୁ ରାଲି ବାହାରି ରାଜଗାଙ୍ଗପୁର ଲିପଲୋଇ ଦେଇ କୁତ୍ରାରେ ପହଞ୍ଚିଥିଲା। କୁତ୍ରାଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମହେନ୍ଦ୍ର କୁମାର, ଗୋପାଳ କେର୍କେଟା, ଫଗୁଆ ମିନଜା, ଦିଲୀପ ଖେସଙ୍କ ସମେତ ବହୁ ଭାଜପା କର୍ମୀ ବିଜେଡିରେ ମିଶିଥିବା ଲାଠିକଟା (ଖ) ଜିଲା ପରିଷଦ ମହେଶ ନାଗ ପ୍ରକାଶ କରିଥିଲେ। ସଭାରେ ବିଜେଡି କର୍ମୀ ରବୀନ୍ଦ୍ର ପ୍ରଧାନ, ବିଶ୍ୱ ପ୍ରକାଶ ବେହେରା, ଏମଡି ଇମତିଆଜ, ଏମଡି ମିନଟୁ, ସଂଯୁକ୍ତା ବିନ୍ଦୁ, ଶଶିକାନ୍ତ ସିଂ, ଅନନ୍ତ ବାର୍ଲା, ସାମୁଏଲ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

---

# ଦେଶୀ, ବିଦେଶୀ ମଦ ଜବତ : ୩ ଗିରଫ

**ଲହୁଣୀପଡା, ୧୪।୩ (ଡି.ଏନ.ଏ)**

ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଗୁରୁଣ୍ଡିଆ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ଦେଶୀ ମହୁଲି ମଦ ଓ ବିଦେଶୀ ମଦ ଜବତ କରାଯାଇଛି। ଏହା ସହିତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନ, ସବଇନ୍ସପେକ୍ଟର ନିରଞ୍ଜନ ନାଏକ, ଲହୁଣୀପଡା ସବଇନ୍ସପେକ୍ଟର ମାନୁଅଏଲଙ୍କ ନେତୃତ୍ୱରେ ଚଢାଉ କରାଯାଇ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ କୁଣ୍ଡେଇଡିହା ଗ୍ରାମର ତେିରାସ ବାର୍ଲା, ଶୁଖାଟୋଲାର ତୁଳସୀରାନୀ ପାତ୍ର, ତୁରିଆ ଓରାମ ବେନିୟମ ମଦ ବିକ୍ରି କରୁଥିବା ଅଭିଯୋଗରେ ଗିରଫ କରିଥିଲେ। ସେମାନଙ୍କଠାରୁ ବିପୁଳ ପରିମାଣରେ ଦେଶି ଓ ବିଦେଶୀ ମଦ ଜବତ କରିଥିବା ଜଣାଯାଇଛି। ଏହି ଚଢ଼ାଉ କାଳରେ ଅବକାରୀ କର୍ମଚାରୀ ସହଯୋଗ କରିଥିଲେ।



ଜବତ ମଦ ସହ ଅବକାରୀ କର୍ମଚାରୀ ଓ ଅଭିଯୁକ୍ତ।

# ଦୁର୍ଘଟଣାରେ ମା'ଙ୍କୁ ହରାଇଲେ ୮ ମାସର ଶିଶୁ କନ୍ୟା

**ସମ୍ବଲପୁର,୧୪।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଲଡୁଖାଇ ନିକଟରେ ଏକ ସଡକ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଅପରିଚିତ ମହିଳା ଭିମ୍ସାରରେ ଆଖି ବୁଜିଛନ୍ତି। ତାଙ୍କ ୮ ମାସର ଶିଶୁକନ୍ୟା ମା' ଛେଉଣ୍ଡ ହୋଇ ପଡିଛନ୍ତି। ପରିଚୟ ମିଳି ନ ଥିବାରୁ ପୋଲିସ ଚାଇଲ୍ଡଲାଇନକୁ ଶିଶୁକନ୍ୟାଙ୍କୁ ହସ୍ତାନ୍ତର କରିଛି। ଜିଲା ଶିଶୁ ସୁରକ୍ଷା ସମିତିରେ ହାଜର କରାଯାଇ ଶିଶୁକନ୍ୟାଙ୍କୁ ଛଚାନପାଲିସ୍ଥିତ ରୁକ୍ମିଣୀ ଲାଠ ବାଳ ନିକେନତରେ ରଖା ଯାଇଛି।

---

# ବୃଦ୍ଧି ପାଉଛି ବେଆଇନ ପଥର ଚୋରା ଚାଲାଣ, ନାହିଁ କାର୍ଯ୍ୟାନୁଷ୍ଠାନ

**କୁଆଁରମୁଣ୍ଡା,୧୪।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଓ ବୀରମିତ୍ରପୁର ତହସିଲ ଅଞ୍ଚଳରେ ବିଭିନ୍ନ ବେଆଇନ ପଥର ଖାଦାନରୁ ଦୈନନ୍ଦିନ ଟ୍ରକ, ଡମ୍ପର ଓ ଟ୍ରାକ୍ଟର ଯୋଗେ ବିଭିନ୍ନ ଅଞ୍ଚଳକୁ ଚୋରା ମାଙ୍କଡ଼ା ପଥର ଚାଲାଣ ହେଉଛି। ସ୍ୱଷ୍ଟ ଦିବାଲୋକରେ ପଥର ଗାଡିଗୁଡିକ ବିଭିନ୍ନ ଗ୍ରାମ ଓ ବସ୍ତିକୁ ଚାଲାଣ ହେଉଥିବା ବେଳେ ରାଜସ୍ୱ ଅଧିକାରୀମାନେ ଜାଣି ଚୁପ୍ ରହୁଥିବା ଅଭିଯୋଗ ହେଉଛି। ଫଳରେ ସରକାର ଏହି ଦୁଇ ତହସିଲରୁ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଅନ୍ୟପକ୍ଷରେ ଚୋରା ଚାଲାଣକାରୀ ସ୍ଥାନୀୟ ରାଜସ୍ୱ ଅଧିକାରୀମାନଙ୍କୁ ବିପୁଳ ଅର୍ଥ ହାତଗୁଞ୍ଜା ଦେଇ ଏପରି କାର୍ଯ୍ୟ ଜାରି ରଖିଛନ୍ତି। ଏପରିକି ଅସାଧୁ କର୍ମଚାରୀମାନେ କୌଣସି ସ୍ଥାନରେ ସ୍କ୍ୱାଡ୍ ପକ୍ଷରୁ ଯଦି ଚଢାଉ କରାଯିବାର ଥିବ ସେହି ଗୁପ୍ତ ଖବରକୁ ମଧ୍ୟ ଚୋରା ଚାଲାଣକାରୀମାନଙ୍କୁ ଆଗୁଆ ଜଣାଇବାକୁ ପଛାଉ ନାହାନ୍ତି। ଫଳରେ ଚଢାଉ ହେବା ଦିନ ପଥର ଚାଲାଣକାରୀ ଚୁପ୍ ହୋଇ ରହିବା ଯୋଗୁ ସେମାନଙ୍କୁ ଧରିବା ସମ୍ଭବ ହୋଇପାରୁ ନାହିଁ। ଅନ୍ୟ ପକ୍ଷରେ ଚୋରା ପଥର ଗାଡିଗୁଡିକ ଗଳିକନ୍ଦି ରାସ୍ତା ଦେଇ ଯାତାୟାତ କରୁଥିବାରୁ ଚେକିଂ ହାବୁଡ଼ରେ ପଡିବା ମଧ୍ୟ ସମ୍ଭବ ହେଉନାହିଁ। ଏଥିପ୍ରତି ରାଜସ୍ୱ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବେଆଇନ ପଥର ଖାଦାନ ଉପରେ ଅଚାନକ ଚଢାଉ କଲେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତିକୁ କିଛି ମାତ୍ରାରେ ରୋକାଯାଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

---

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ – ଫୋନ୍ କରନ୍ତୁ
9899587663
8743922900

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ – ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ

## ସଂକ୍ଷେପରେ

### ହାଇୱା ଧକ୍କାରେ ସୁପରଭାଇଜରଙ୍କ ମୃତ୍ୟୁ : କ୍ଷତିପୂରଣ ଦାବିରେ ଆନ୍ଦୋଳନ

**ଝାରସୁଗୁଡ଼ା ଅଫିସ,୧୪।୩-** ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଏମ୍‌ସିଏଲ୍ ପରିଚାଳନାଧୀନ ଲଜକୁରା କୋଇଲା ଖଣିରେ ଗୁରୁବାର ଏକ ଦୁର୍ଘଟଣା ଘଟି ଜଣେ ସୁପରଭାଇଜରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଜପତିନଗରର ସୁନୀଲ ପାଣିଗ୍ରାହୀ(୩୫)। ଅନ୍ୟପକ୍ଷେ କାର୍ଯ୍ୟରତ କର୍ମଚାରୀମାନେ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ସନ୍ଧ୍ୟାରେ ପୋଲିସ ପ୍ରଶାସନ ଉପସ୍ଥିତିରେ ତ୍ରିପାକ୍ଷିକ ଆଲୋଚନା କରାଯାଇ କ୍ଷତିପୂରଣ ପ୍ରଦାନ ନେଇ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିବା ବ୍ରଜରାଜନଗର ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନରେ ଲଜକୁରା ଖଣି ଭିତରେ ଏକ କୋଇଲା ବୋଝେଇ ହାଇୱା(ନଂ.ଓଡ଼ି୨୩ଇ-୫୭୯୫) ଭାରସାମ୍ୟ ହରାଇ ସୁପରଭାଇଜର ସୁନୀଲଙ୍କ ବାଇକ୍ ଉପରେ ଚଢ଼ି ଯାଇଥିଲା। ଫଳରେ ସୁନୀଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ କର୍ମଚାରୀମାନେ କ୍ଷତିପୂରଣ ଦାବିରେ ଖଣି ଭିତରେ ଆନ୍ଦୋଳନ କରିଥିଲେ। ଏପରି କି କୋଇଲା ପରିବହନ ବନ୍ଦ କରି ଦେଇଥିଲେ। ସୁନୀଲଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ବାବଦକୁ ୧୩ ଲକ୍ଷ ଟଙ୍କା ସହାୟତା ଏବଂ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।



### ଅର୍ଡା, ବନ୍ଧପାଲିରେ ନବଙ୍କ ବୈଠକ

**କିର୍ମିରା,୧୪।୩ (ଡି.ଏନ.ଏ.)-** ଝାରସୁଗୁଡ଼ା ପୂର୍ବତନ ବିଧାୟକ ନବ କିଶୋର ଦାସ କଂଗ୍ରେସ ଛାଡି ଶଙ୍ଖ ଧରିବା ପରେ ନିଜ ସମର୍ଥକଙ୍କୁ ସଂଗଠିତ କରିବାରେ ଲାଗି ପଡିଛନ୍ତି । ତେବେ ନିର୍ବାଚନ ତାରିଖ ଘୋଷଣା ପରେ ବର୍ତ୍ତମାନ ପଞ୍ଚାୟତସ୍ତରରେ ସଭା ଆୟୋଜନ ଆରମ୍ଭ କରିଛନ୍ତି। ଗୁରୁବାର ଅର୍ଡା ପଞ୍ଚାୟତର ଅର୍ଡା, ସାରଶପାଲି, ତୁଡିବାହାଲ, ବନ୍ଧପାଲି ପଞ୍ଚାୟତର ଭାଲୁପତ୍ରା ଏବଂ ଭୁର୍ଷିମାଲରେ ସଭା କରିଛନ୍ତି । ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ ଦାସ ନିଜ ପୁରୁଣା ଅନୁଗତମାନଙ୍କୁ ସଭାରେ ସାମିଲ କରିବାକୁ ଲାଗି ପଡିଛନ୍ତି। ସଭାରେ କୃଷକ ନେତା ଜଗନ୍ନାଥ ଜେନା, ଜିଲା ପରିଷଦ ସଭ୍ୟ ସ୍ୱପ୍ନାମୟୀ ପଟେଲ, ବିଜେଡି ବ୍ଲକ ସଭାପତି ନକୁଳ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ଗୋପାଳ କଲାର ପ୍ରମୁଖ ସାମିଲ ଥିଲେ।

## ବିଭିନ୍ନ ସମସ୍ୟାର ସମାଧାନ ଦାବି

# ଏଡିଏମ୍‌ଙ୍କ ସହ ଆଲୋଚନା କଲେ ସିପିଆଇ ପ୍ରତିନିଧି ଦଳ

- ପ୍ରଦୂଷିତ ବ୍ରାହ୍ମଣୀକୁ ସୁରକ୍ଷା ଦିଅ
- ବୀରମିତ୍ରପୁରକୁ ମହିଳା ବସ୍ ଚଳାଇବାକୁ ଦାବି

**ରାଉରକେଲା ଅଫିସ,୧୪।୩**

ବିଭିନ୍ନ ସମସ୍ୟାର ସମାଧାନ ନେଇ ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳ ଯେସୁଲା ବିଜୟଙ୍କ ସହ ଆଲୋଚନା କରାଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲଶ। ଏଥିରେ ଦର୍ଶାଯାଇଛି ଯେ, ମହାନଗର ଅଧୀନ ବିଭିନ୍ନ ଅଞ୍ଚଳରେ ଗତ ଦୁଇ ବର୍ଷ ହେଲା ସ୍ୱେରେଜ ଲାଇନ କାମ ଜାରି ରହିଛି। ଏନେଇ ଖୋଳା ଯାଇଥିବା ନାଳ ଓ ରାସ୍ତା ମରାମତି ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ବିଭିନ୍ନ ବସ୍ତି ଓ କଲୋନୀ ବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ତୁରନ୍ତ ନିର୍ମାଣକାରୀ ସଂସ୍ଥା ଦୃଷ୍ଟି ଦେଉ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଶଙ୍ଖ, କୋଏଲ ନଦୀ ମିଳନ ସ୍ଥଳରୁ ଉତ୍ପତ୍ତି ବ୍ରାହ୍ମଣୀ ନଦୀ ଉପରେ ୧୫ଲକ୍ଷ ଲୋକ ନିର୍ଭରଶୀଳ। ହେଲେ ନଦୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ଏନେଇ ସିପିଆଇ ପକ୍ଷରୁ ନଦୀର ସୁରକ୍ଷା ଦାବି କରାଯାଇଛି। ରାଉରକେଲା ସହର ଏକ କଳା ସଂସ୍କୃତି ପୂର୍ଣ୍ଣ ସମୃଦ୍ଧ ସହର। ଏଠାରେ ବାର ମାସରେ ତେର ପର୍ବ ସାଙ୍ଗକୁ ମେଳା ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦୈନିକ ବିଭିନ୍ନ ସାମାଜିକ, ରାଜନୈତିକ ଦଳ ପକ୍ଷରୁ ସଭା ସମିତି ଆୟୋଜନ କରାଯାଉଛି। ସହରରେ ଏନେଇ ଏକ ସଭାଗୃହ ନିର୍ମାଣ କରା ନ ଯିବା ପରିତାପର ବିଷୟ ବୋଲି ଅଭିଯୋଗ ହୋଇଛି। ଏନେଇ ଆର୍‌ଏମ୍‌ସି ସକାରାତ୍ମକ ଚିନ୍ତା ତଥା ପଦକ୍ଷେପ ନେବାକୁ ସିପିଆଇ ନେତୃମଣ୍ଡଳୀ ଦାବି କରିଛନ୍ତି। ବୀରମିତ୍ରପୁର ଅଞ୍ଚଳରୁ ପ୍ରତିଦିନ ଶତାଧିକ ମହିଳା, ପୁରୁଷ, ଛାତ୍ରୀଛାତ୍ର, ଶ୍ରମିକ, ରୋଗୀ ବସ୍ ଯୋଗେ ରାଉରକେଲା ସହରକୁ ଯାତାୟାତ କରୁଛନ୍ତି। ପ୍ରାୟ ସବୁ ସମୟରେ ବସ୍‌ଗୁଡିକରେ ଯାତ୍ରୀଙ୍କ ଭିଡ ପରିଲକ୍ଷିତ ହେଉଛି। ଫଳରେ ସମ୍ପୃକ୍ତ ଅଞ୍ଚଳର କର୍ମଜୀବୀ ମହିଳା ଓ ଛାତୀମାନେ ଯିବା ଆସିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବୀରମିତ୍ରପୁର ଅଞ୍ଚଳକୁ ରାଉରକେଲାରୁ ଏକ ସ୍ୱତନ୍ତ୍ର ମହିଳା ବସ୍ ଚଳାଚଳ କରାଗଲେ ମହିଳାମାନେ ଉପକୃତ ହୋଇପାରିବେ ବୋଲି ସିପିଆଇ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରତିନିଧି ଦଳରେ ଆଇନଜୀବୀ ସଦାନନ୍ଦ ସାହୁ, ଦଶରଥ ମାଝି, ପ୍ରଦୀପ ଡୁଙ୍ଗଡୁଙ୍ଗ, ବିଜୟ ସାହୁ, ପଞ୍ଚାନନ ସୁନା, ଅରୁଣ ଦାସ, ବିକାଶ ବେହେରା ଓ କାର୍ତ୍ତିକ ନାୟକ ପ୍ରମୁଖ ସାମିଲ ଥିଲେ।



ସିପିଆଇ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରୁଛନ୍ତି।

## ୪୦ ଆସନରେ ପ୍ରାର୍ଥୀ ଦେବ କେକେଡି

**ଝାରସୁଗୁଡା ଅଫିସ,୧୪।୩**

କୋଶଳ କ୍ରାନ୍ତୀ ଦଳ(କେକେଡି) କେନ୍ଦ୍ରୀୟ କମିଟି ବୈଠକ ଗୁରୁବାର ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଅଧ୍ୟକ୍ଷ ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ୨୦୧୯ ନିର୍ବାଚନରେ ୪୦ଟି ବିଧାନସଭା ଆସନ ଏବଂ ୬ଟି ଲୋକସଭା ଆସନରେ କେକେଡି ନିଜସ୍ୱ ପ୍ରାର୍ଥୀ ଦେବ ବୋଲି ନିଷ୍ପତ୍ତି ହୋଇଛି। ଖୁବଶୀଘ୍ର କେକେଡିର ସଂସଦୀୟ କମିଟି ବୈଠକ ହୋଇ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଆଗାମୀ ନିର୍ବାଚନରେ କୋଶଳ ରାଜ୍ୟ ଗଠନ ଏକ ମାତ୍ର ନିର୍ବାଚନୀ ଏଜେଣ୍ଡା ନେଇ ନିର୍ବାଚନ ଲଢ଼ିବାକୁ ବୈଠକରେ ସ୍ଥିର ହୋଇଛି। ପଶିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଏବଂ ଭାଷାକୁ ସ୍ୱିକୃତୀ ଦେବା ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ସ୍ଥାପନ କ୍ଷେତ୍ରରେ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ନେଇ ନିର୍ବାଚନରେ ଲୋକ ଏହାର ଜବାବ ଦେବେ ବୋଲି କୁହାଯାଇଛି। ବୈଠକରେ କୋଶଳବାଦୀ ନେତା ସୁରେନ୍ଦ୍ର ସାହୁ, ବୁନ୍ଦେ ଧୁରୁଆ, ଉଗ୍ରସେନ ପାତ୍ର, ସାଓ୍ୱରମଲ ଅଗ୍ରୱାଲ, ବନମାଳୀ ସା ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ବିଜୟ ସଂକଳ୍ପ ଯାତ୍ରା

**ରାଉରକେଲା ଅଫିସ,୧୪।୩**

ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଗୁରୁବାର ଭାଜପାପକ୍ଷରୁ ବିଜୟ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭାରୀ ଦିଲୀପ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଜଗବନ୍ଧୁ ବେହେରା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ସେକ୍ଟର-୨ ରିଂ ରୋଡ ନିକଟରୁ ବାହାରିଥିବା ବିଜୟ ସଂକଳ୍ପ ଯାତ୍ରା ସ୍ଥାନୀୟ ମାର୍କେଟ ପରିକ୍ରମା କରିବା ସହ ଏନ୍‌ଆଇଟି ଗେଟ, ସେକ୍ଟର- ୨ ମାର୍କେଟ, ସେକ୍ଟର- ୨୦ ମାର୍କେଟ, ପାଣିଟାଙ୍କି ଛକ, ସେକ୍ଟର- ୧ ମାର୍କେଟ ଏବଂ ତର୍କରା ବସ୍ତି ପରିକ୍ରମା କରିଥିଲା। ଏଥିରେ କେନ୍ଦ୍ର ମନ୍ତ୍ରୀ ଓରାମ ଯୋଗଦେଇ ମୋଦି ସରକାରଙ୍କ ସମୟରେ ଦେଶବାସୀଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନା କରାଯାଇଛି। ଲୋକେ ଏହାର ସୁଫଳ ପାଇଥିବା କହିଥିଲେ। ଏପରି କି ପୁଲୱାମାଠାରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ସରକାର ଦୃଢତାର ସହ ମୁକାବିଲା କରୁଥିବା ସେ କହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଓରାମ ରାଜ୍ୟ ସରକାରଙ୍କ ଅପାରଗତାକୁ ସମାଲୋଚନା କରିଥିଲେ। ଏଥିରେ ବାବୁଲ ମୁର୍ମୁ, ବସନ୍ତ ସାମଲ, ସେଖ ମୁଜାହିଦ, ଅଙ୍କୁଶ ବର୍ମା, ବୈକୁଣ୍ଠ ପାତ୍ର, ପ୍ରୀତୀ ମୁଣ୍ଡା, ସୋନୁ କଂସାରୀ, ପ୍ରଦୀପ ନାୟକ, ଗୋପାଳ ଘଡାଇ, ସନ୍ତୋଷ ଦାସ, ଜଗନ୍ନାଥ ବଳ, ଲକ୍ଷ୍ମୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାଡର ରୁଲ୍‌ରୁ ବଞ୍ଚିତ ହେବେ ୩୫୮ ସ୍ନାତକ ବିଜ୍ଞାନ ଶିକ୍ଷକ

- ନ୍ୟାୟ ପାଇଁ ହାଇକୋର୍ଟ ଯିବୁ

**ରାଉରକେଲା ଅଫିସ,୧୪।୩**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ସୁନ୍ଦରଗଡ଼ ଜିଲାର ୩୫୦ରୁ ଊର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ସ୍ନାତକ ବିଜ୍ଞାନ ଶିକ୍ଷକ କ୍ୟାଡର ରୁଲରୁ ବଞ୍ଚିତ ହେବେ। ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁ ଶିକ୍ଷକମାନେ ଚାକିରି ଲେବଲ ୪ରୁ ମଧ୍ୟ ବଞ୍ଚିତ ହେବେ। ଚଳିତ ମାସ ୧୫ ତାରିଖ ସୁଦ୍ଧା ପ୍ରୋଫାଇଲ ଷ୍ଟାଟସ ବଦଳା ନ ଗଲେ ସ୍ନାତକ ଶିକ୍ଷକ ପରିବର୍ତ୍ତେ ଯୁକ୍ତ ୨ ଶିକ୍ଷକ ହୋଇ ରହିବେ। ସୂଚନା ମୁତାବକ, ଗତ ୧୦।୧।୨୦୧୧ରେ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଷାରେ ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକରେ ଶିକ୍ଷକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଥିବା ଅଣ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ପରବର୍ତ୍ତୀ ସମୟରେ ବିଇଡି ତାଲିମ ପ୍ରଦାନ ବ୍ୟବସ୍ଥା ରହିଥିଲା। ହେଲେ ସରକାର ଏହା ନ କରି ଅଣତାଲିମ ଶିକ୍ଷକଙ୍କୁ କେନ୍ଦ୍ର ସରକାରଙ୍କ ପ୍ରଚଳିତ ଡିଇଏଲ୍‌ଇଡି ତାଲିମ ଦେଇ ଯୋଜନାକୁ ବାଟବଣା କରିଥିବା ଅଭିଯୋଗ ହୋଇଛି। ଗତ ବର୍ଷଠାରୁ ସମ୍ପୃକ୍ତ ସ୍ନାତକ ବିଜ୍ଞାନ ଶିକ୍ଷକଙ୍କ ପ୍ରୋଫାଇଲ ମଧ୍ୟ ପରିବର୍ତ୍ତନ କରି ଦିଆଯାଇଛି। ଫଳରେ ସ୍ନାତକ ବିଜ୍ଞାନ ଶିକ୍ଷକଙ୍କ ଆଶା ଭାଙ୍ଗି ଚୁରମାର୍ ହୋଇଯାଇଛି। ସରକାର ଯେଉଁନୂଆ କ୍ୟାଡର ରୁଲ ପ୍ରସ୍ତୁତ କରୁଛନ୍ତି ସେଥିରୁ ୩୫୦ ଶିକ୍ଷକ ବଞ୍ଚିତ ହେବେ ବୋଲି ଜଣାଯାଇଛି। ଏହି ଘଟଣା ଜଣାପଡିବା ପରେ ସମ୍ପୃକ୍ତ ଶିକ୍ଷକ ଗୋଷ୍ଠୀ ମହଲରେ ନୈରାଶ୍ୟ ଖେଳିଯାଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ସାଧାରଣ ନିର୍ବାଚନ ନେଇ ଆଚରଣ ବିଧି ଲାଗୁ ହୋଇଛି। ଏପରିସ୍ଥିତିରେ ଶିକ୍ଷକମାନେ ସ୍ୱର ଉଠାଇ ପାରିବେନି ବୋଲି ସରକାର ଜାଣିଛନ୍ତି। ଏ ନେଇ ଶିକ୍ଷକ ନେତା ଧୀରେନ ସାହୁ କହିଛନ୍ତି, ସରକାର ପ୍ରୋଫାଇଲ ପରିବର୍ତ୍ତନ ନ କଲେ ବାଧ ହୋଇ ହାଇକୋର୍ଟର ଆଶ୍ରୟ ନେବୁ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ଦେଶ ଓ ସମାଜ ଗଢ଼ିବାରେ ଜୀବନକୁ ଉତ୍ସର୍ଗ କରିଥିବା ଶିକ୍ଷକଙ୍କ ପ୍ରତି ସରକାର ଏଭଳି ନିର୍ଦ୍ଦୟ ହେବା ଅନୁଚିତ ବୋଲି ସାହୁ ମତ ପ୍ରକାଶ କରିଛନ୍ତି।

## ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ବୈଠକ

**ରାଉରକେଲା ଅଫିସ,୧୪।୩**

ଷ୍ଟିଲସିଟିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ବୈଠକ ସେକ୍ଟର-୨ ସେହେନାଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ କାୟଲ ଅଧ୍ୟକ୍ଷତା କରିଥିଲେ। ଆଗାମୀ ଉତ୍କଳ ଦିବସ ପାଳନ ନେଇ ଗାରିମା ୨୦୧୯ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ରହିଥିବା ପ୍ରତିବଦ୍ଧତା ଆଧାରରେ ଗାରିମା ଆୟୋଜନ କରାଯିବ। ଏପ୍ରିଲ ୧ ତାରିଖ ସକାଳ ୬ଟାରେ ଏକ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ ସେକ୍ଟର- ୨ ବିଜୁ ପଟ୍ଟନାୟକ ଛକରୁ ବାହାରି ସହର ପରିକ୍ରମା କରିବ। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ରହିଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟାରେ ଭଞ୍ଜଭବନଠାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ଶଙ୍କର ଜେନା ପ୍ରକାଶ କରିଛନ୍ତି। ପୂର୍ବରୁ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ, ଘରୋଇ ଅନୁଷ୍ଠାନ କର୍ତ୍ତୃପକ୍ଷ ସଂସ୍ଥାର ନାମ ଫଳକ, ବିଜ୍ଞାପନ ହୋର୍ଡିଂ ଓଡ଼ିଆରେ ଲେଖିବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ କୁଞ୍ଜବିହାରୀ ରାଉତ, ସିଲି ମହାନ୍ତି, ମିନାକ୍ଷୀ ଧର, କୌଶିକା ସାହୁ, ଅରବିନ୍ଦ ପରିଡା, ବୀରେନ୍ଦ୍ର ସ୍ୱାଇଁ, ସାଗର ଜେନା, ପଣତୀ ଜେନା, ଝୁନୁ ନାୟକ, ନିଶିପଦ୍ମା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏଭି ସ୍କୁଲରେ ବିଦ୍ୟାରମ୍ଭ ସଂସ୍କାର

**ଝାରସୁଗୁଡ଼ା ଅଫିସ,୧୪।୩**

ଝାରସୁଗୁଡ଼ା ଡିଏଭି ସ୍କୁଲରେ ଚଳିତ ଶିକ୍ଷାବର୍ଷର ବିଦ୍ୟାରମ୍ଭ ସସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ନାମ ଲେଖାଇଥିବା ନର୍ସରୀ ଏବଂ ପ୍ରଥମ ଶ୍ରେଣୀ କୁନି ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରାଯାଇଥିଲା। ନାମ ଲେଖାଇଥିବା ୧୧୮ କୁନି ଛାତ୍ରୀଛାତ୍ରଙ୍କୁ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକମାନେ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜ୍ଞାପନ କରିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ନେଇ ଗୀତ, ନୃତ୍ୟ, ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା କେକ୍ କାଟି କୁନି ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଂଯୋଜିକା ଅପର୍ଣ୍ଣା ଦେ, ଉମାସିଂ ଚଣ୍ଡେଲ, ସ୍ମିତା ସାହୁ, ସବିତାରାଣି ଧଳ, ସୁନନ୍ଦା ପ୍ରହରାଜ, ରିଙ୍କୁ ଶର୍ମା, ମୋନିକା ଶ୍ରୀବାସ୍ତବ, ଗୀତାଞ୍ଜଳି ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଗୁଣ୍ଡୁଚିର ବାର୍ଷିକ ସମାରୋହ

**ରାଉରକେଲା ଅଫିସ,୧୪।୩**

ସେବାଧର୍ମୀ ସାମାଜିକ ସଂଗଠନ ଗୁଣ୍ଡୁଚି ପକ୍ଷରୁ ବାର୍ଷିକ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାସନ୍ତୀ କଲୋନୀ ତ୍ରିନାଥ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରଫେସର ଜେ.କେ. ରାଓ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ପୂର୍ବତନ ସଭାପତି ସୁନୀଲ କାୟଲ, ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ ପଦ୍ମିନୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିପୁଲ ହିମାନୀ, ନାରାୟଣ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ସେବା ଧର୍ମୀ ସଂଗଠନ ଗୁଣ୍ଡୁଚି ଇତି ମଧ୍ୟରେ ବହୁ ଜନମଙ୍ଗଳ କାର୍ଯ୍ୟ କରିବା ସହ ଗରିବଙ୍କ ଦୁଃଖରେ ସାଥୀ ହୋଇପାରିଛି ବୋଲି ମଞ୍ଚାସୀନ ଅତିଥି କହିଥିଲେ। ଏଥିରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଭଗବାନ ରାଉତ ବାର୍ଷିକ ବିବରଣୀ ପାଠ କରି ସଂଗଠନର ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ୭ବର୍ଷ ମଧ୍ୟରେ ଏହି ଅନୁଷ୍ଠାନ ସହରର ୪୪ଜଣ ରୋଗୀଙ୍କୁ ୨ଲକ୍ଷ ୫ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦେବାକୁ ସକ୍ଷମ ହୋଇପାରିଛି। ମୋଟ ୮ଟି ମେଗା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରି ସହରବାସୀଙ୍କ ଆସ୍ଥା ଜିଣି ପାରିଛି ବୋଲି ରାଉତ ସୂଚନା ପ୍ରଦାନ କରିଥିଲେ। ଏଥିରେ କୁମୁଦ ରଞ୍ଜନ ମହାନ୍ତି, ଯଯାତୀ ଜେନା, ସତ୍ୟଜିତ ସୂତାର, ଅମିୟ ଶତପଥୀ, ଅମୂଲ୍ୟ ମିଶ୍ର, ଭଗବାନ ନାୟକ, ଶ୍ୟାମସୁନ୍ଦର କର, ରାଧାକୃଷ୍ଣ ମିଶ୍ର, ସୁବାସ ସାମଲ, ସଞ୍ଜୟ ଜେନା, ପୂର୍ଣ୍ଣ ପଲାଇ, ଯୁଧିଷ୍ଠିର ପଣ୍ଡା, କାଳିଚରଣ ପରିଡା, କୈଳାସ ପାତ୍ର, ଗଗନ ରାଉତ, ଗୋପବନ୍ଧୁ ପାଣିଗ୍ରାହୀ ଓ ରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ବାର୍ଷିକ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ଟିକଟ ପରିବର୍ତ୍ତନ ନେଇ ଜୋର ଧରୁଛି ଦାବି

**ରାଉରକେଲା ଅଫିସ,୧୪। ୩**

**ରଘୁନାଥପାଲ୍ଲୀ**

ବିଧାୟକ ସୁବ୍ରତ ତରାଇଙ୍କ ପରିବର୍ତ୍ତେ ଅନ୍ୟ କାହାକୁ ଟିକଟ ଦିଅ ଆମେ ସମର୍ଥନ କରିବୁ, ପୁରୁଣାଙ୍କୁ ସହଯୋଗ କରିପାରିବୁ ନାହିଁ। ଏମିତି ସ୍ୱର ଶୁଣାଯାଇଛି ରଘୁନାଥପାଲ୍ଲୀ ବିଜୁ ପରିବାରର କିଛି ଅସନ୍ତୁଷ୍ଟଙ୍କ ମୁହଁରୁ। ଏନେଇ ବୁଧବାର ସନ୍ଧ୍ୟାରେ ସେକ୍ଟର- ୨ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ତଳେ ଦାବି ଦୋହରାଇ ଥିଲେ ଅସନ୍ତୁଷ୍ଟ। ଏଥିରେ ବହୁ ଯୁବକ, ମହିଳା ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୧୦ରେ ପ୍ରାର୍ଥୀ ପରିବର୍ତ୍ତନ ନେଇ ଇସ୍ପାତ ସେଣ୍ଟ୍ରାଲ ମାର୍କେଟଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଗଠନ କର୍ମକର୍ତ୍ତା ଯୋଗଦେଇ ବିଧାୟକ ତରାଇଙ୍କ ପରିବର୍ତ୍ତେ ନୂଆମୁହଁଙ୍କୁ ଟିକଟ ଦେବାକୁ ଦାବି କରିଥିଲେ। ବିଧାୟକ ତାଙ୍କ ୧୦ବର୍ଷ ଶାସନ କାଳରେ ନିର୍ବାଚନ ମଣ୍ଡଳୀ ବାସିନ୍ଦାଙ୍କ ପାଇଁ ଆଶାନୁରୂପ କାମ କରି ନାହାଁନ୍ତି ବୋଲି ଅସନ୍ତୁଷ୍ଟ ଅଭିଯୋଗ କରିଥିଲେ। ବିଧାୟକ ତରାଇ ଏହାକୁ ଖଣ୍ଡନ କରି କହିଛନ୍ତି, କିଛି ବିରୋଧି ମୋ ନାଁରେ ଏଭଳି ଅପପ୍ରଚାର କରୁଛନ୍ତି। ଏଥିରେ କୌଣସି ସତ୍ୟତା ନାହିଁ। ରଘୁନାଥପାଲ୍ଲୀ ବିଜେଡି ନଗର ସଭାପତି ସୁଧୀର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ବୁଧବାର ସେକ୍ଟେର- ୩ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ବିଧାୟକଙ୍କ କାର୍ଯ୍ୟାକାଳରେ କରାଯାଇଥିବା ଉନ୍ନୟନ କାମର ଲମ୍ବା ଫର୍ଦ୍ଦ ବଣ୍ଟା ଯାଇଥିଲା। ବୈଠକରେ ନେତୃତ୍ୱ ପରିବର୍ତ୍ତନ ଚାହୁଁଥିବା ଦାବିଦାରଙ୍କୁ ମଞ୍ଚାସୀନ ବିଜେଡି ନେତା ପରୋକ୍ଷ ସମାଲୋଚନା କରିଥିଲେ। ଏହା ସତ୍ତ୍ୱେ ପ୍ରାର୍ଥୀ ପରିବର୍ତ୍ତନ ନାରା କମି ନ ଥିବା ଦେଖାଯାଇଛି।



ଟିକଟ ପରିବର୍ତ୍ତନ ନେଇ କର୍ମୀମାନେ ଦାବି କରୁଛନ୍ତି।

## ମହିଳାଙ୍କ ଆନ୍ଦୋଳନ ସଫଳ ହେଲା

# ହଟିଲା ଭାଲୁପତ୍ରା ମଦଭାଟି

**କିର୍ମିରା, ୧୪।୩ (ଡି.ଏନ.ଏ)**

କିର୍ମିରା ବ୍ଲକ ଭାଲୁପତ୍ର ଗ୍ରାମରେ ମଦଭାଟି ଉଚ୍ଛେଦ ଦାବିରେ ୪୦ ଦିନ ଧରି ଧାରଣାରେ ବସିଥିବା ମହିଳାଙ୍କୁ ଶେଷରେ ନ୍ୟାୟ ମିଳିଛି । ଜିଲା ପ୍ରଶାସନ ଧାରଣାରତ ମହିଳାଙ୍କୁ ନ୍ୟାୟ ପ୍ରଦାନ କରି ଭାଟି ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗୁରୁବାର ମହିଳାମାନେ ଧାରଣା ଭଙ୍ଗ କରିଛନ୍ତି । ଏହା ସହିତ ବାଣ ଫୁଟାଇ ଦୁଲଦୁଲି ବାଜାର ତାଳେ ନାଚି ଗାଁ ପରିକ୍ରମା କରି ନିଜ ଖୁସି ଜାହିର କରିଛନ୍ତି । ଭାଲୁପତ୍ରା ଗ୍ରାମ ରାସ୍ତା କଡରେ ଅନେକ ବର୍ଷରୁ ଏକ ଦେଶୀ ମଦଭାଟି ଖୋଲିଥିବା ବେଳେ ଏଥିପାଇଁ ଅଞ୍ଚଳରେ ମଦୁଆଙ୍କ ସଂଖ୍ୟା ବୃଦ୍ଧି ପାଇବା, ଘରୋଇ ହିଂସା ସହ ରାସ୍ତାରେ ଯାତାୟତ କରୁଥିବା ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡୁଥିଲା । ଏହା ଅଞ୍ଚଳର ମହିଳାଙ୍କୁ ବ୍ୟଥିତ କରିଥିଲା ଏବଂ ଅଞ୍ଚଳର ମହିଳା ସଙ୍ଗଠିତ ହୋଇ ଏହାକୁ ବନ୍ଦ କରିବାକୁ ଆଗେଇ ଆସିଥିଲେ । ତେବେ ମହିଳାଙ୍କୁ ପୋଲିସର ନାଲିଆଖି ସହ ମଦବେପାରୀଙ୍କ ଧମକ ମଧ୍ୟ ଶୁଣିବାକୁ ପଡିଥିଲା । ତେବେ ସବୁବାଧାବିଘ୍ନ ସତ୍ତ୍ୱେ ମହିଳା ୪୦ ଦିନ ଧରି ନ୍ୟାୟ ଅପେକ୍ଷାରେ ପଡିରହିବା ପରେ ତାଙ୍କୁ ଶେଷରେ ନ୍ୟାୟ ମିଳିଥିଲା । ମହିଳାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସହଯୋଗ ମିଳିଥିଲା । ଜିଲା ନାରୀ କଲ୍ୟାଣ ଅଧ୍ୟକ୍ଷା ସଞ୍ଜୁଲତା ନାଏକ, ଜନଜାତି ଅଧିକାର ମଞ୍ଚର ରାଷ୍ଟ୍ରୀୟ ଅଧ୍ୟକ୍ଷା ହାରାବତୀ ଗଣ୍ଡ, ଝାରସୁଗୁଡା ଜନଜାଗରଣ ମଞ୍ଚର ସଦସ୍ୟ ମହିଳାଙ୍କ ଧାରଣାରେ ସାମିଲ ହୋଇଥିଲେ। ବୁଧବାରଠାରୁ ଜନଜାଗରଣ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ରିଲେ ଅନଶନ କରାଯାଇଥିଲା। ସନ୍ଧ୍ୟାରେ ପ୍ରଶାସନ ତରଫରୁ ଆନ୍ଦୋଳନକାରୀଙ୍କ ସହ ବୈଠକ କରାଯାଇଥିଲା । ଏଥିରେ ମଦଭାଟିକୁ ବନ୍ଦ କରାଯିବା ସହ ଆଗକୁ ଲାଇସନ୍ସ ନବୀକରଣ ନ କରିବାକୁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଭାଲୁପତ୍ରା ଆନ୍ଦୋଳନରତ ମହିଳା ଗୁରୁବାର ନିଜ ଧାରଣା ଭଙ୍ଗ କରିବା ସହ ବିଜୟ ଉତ୍ସବ ପାଳନ କରିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୧୯



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଟ୍ରକ୍ ଚାପାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍, ୧୪।୩**

ବରଗଡ଼ ସହରର ଭଟଲି ଛକ ନିକଟରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୯ଟାରେ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଚାଳକ ହେଲେ ଭଟଲି ଛକ ନିବାସୀ ଗୋପାଳ ଦାଶଙ୍କ ପୁଅ ଅଭିଷେକ ଦାଶ(୧୭) ବୋଲି ଜଣାପଡ଼ିଛି । ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି । ଅଭିଷେକ ଏକ ବାଇକ୍ (ନଂ.ଓଡ଼ି୧୭ଏଚ୍/୯୩୨୨) ଯୋଗେ ଘରକୁ ଫେରୁଥିବା ବେଳେ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା ।

### ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ

**ବରପାଲି, ୧୪।୩ (ଡି.ଏନ.ଏ):** ବରପାଲି ସହରର ଗଳିକନ୍ଦି ରାସ୍ତା ଉପରେ ଇଟା, ବାଲି, ଗେଟି ଆଦି ଘର ନିର୍ମାଣ ସାମଗ୍ରୀ ଗଦା ହୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଅନ୍ୟପଟେ ଦୋକାନୀ ରାସ୍ତା ଅବରୋଧ ସାଙ୍ଗକୁ ରାସ୍ତା ମଝିରେ ଉଠା ସାଇନବୋର୍ଡ ରଖୁଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି । ସେହିପରି ଡାକ୍ତରଖାନା ରାସ୍ତାରେ ଦୁଇ ଚକିଆ ଯାନ ରହୁଥିବାରୁ ଦୁର୍ଘଟଣା ଘଟୁଛି । ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

### ପାଇକମାଳ ନାଗରିକ କମିଟି ବୈଠକ

**ପାଇକମାଳ, ୧୪।୩(ଡି.ଏନ.ଏ):** ପାଇକମାଳ ଧର୍ମଶାଳା ପରିସରରେ ନାଗରିକ କମିଟିର ଏକ ବୈଠକ ସଭାପତି ମନୋଜ କୁମାର ତ୍ରିବେଦୀଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନାଗରିକ କମିଟି ସଭ୍ୟମାନଙ୍କ ଉପସ୍ଥିତିରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏଣୁ ନାଗରିକ କମିଟି ତରଫରୁ ଉକ୍ତ ସମସ୍ୟା ସମାଧାନ ନ କଲେ ମାର୍ଚ୍ଚ ମାସରେ ବିଦ୍ୟୁତ୍ ବିଲ ଆଦାୟକୁ ବିରୋଧ କରାଯାଇଛି ଓ ବିଦ୍ୟୁତ୍ ବିଲ୍ ପୈଠ ନ କରାଯିବା ପାଇଁ ନିଷ୍ପତି ନିଆଯାଇଛି ।



### ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସୋହେଲା, ୧୪।୩(ଡି.ଏନ.ଏ):** ସୋହେଲା ବ୍ଲକ ଲୁହୁରାଚଟିଠାରେ ନବନିର୍ମିତ ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିଥିଲା । ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ସୁରେନ୍ଦ୍ର ଶତପଥୀ ପୂଜକ ଭାବେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ଦାରା ମେହେର ଓ ତାଙ୍କ ସ୍ତ୍ରୀ କୁନ୍ତୀ ମେହେର ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗିରିଧାରୀ ମେହେରଙ୍କ ନେତୃତ୍ୱରେ ମୁନୁ ମେହେର, ଲୁରୁ ମେହେର, ଶ୍ରୀଧର ମେହେର, ଚଏତୁ ମେହେର, ମଙ୍ଗଳୁ ମେହେର, ଉଦେ ମେହେର ପ୍ରମୁଖ ସହଯୋଗ କରିଥିଲେ ।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଉଦ୍‌ଯାପିତ

**ଘଣ୍ଟାପଡା, ୧୪।୩ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ସିଲେଟପଡା ଗ୍ରାମରେ ହରିଦ୍ୱାର ଶାନ୍ତିକୁଞ୍ଜଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ଚାଲିଥିବା ଗାୟତ୍ରୀ ପଞ୍ଚକୁଣ୍ଡୀୟ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ପୂର୍ଣ୍ଣଶ୍ଚରଣ ଦିବସରେ ଗାୟତ୍ରୀ ପରିବାର ତରଫରୁ ମନୋଜ ପ୍ରଧାନ ଓ ନଳିନୀ କଅଁରଙ୍କ ବିବାହ କରାଯାଇଥିଲା । ତିନି ଦିନ ଧରି ଚାଲିଥିବା ଗାୟତ୍ରୀ ଯଜ୍ଞର ପ୍ରଥମ ଦିବସରେ ଶ୍ରଦ୍ଧାଳୁ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା । ଦ୍ୱିତୀୟ ଦିବସରେ ଯଜ୍ଞର ଗର୍ଭଧାରଣ ସଂସ୍କାର, ମଣ୍ଡନ ସଂସ୍କାର ପରେ ଦୀପ ଯଜ୍ଞ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ପ୍ରଜ୍ଞାପୁରାଣ ପ୍ରବଚନ ହୋଇଥିଲା । ଗୁରୁବାର ପୂର୍ଣ୍ଣଶ୍ଚରଣ ଦିବସରେ ବିବାହ ସଂସ୍କାର ଓ ୧୫ ପରିବାର ଦୀକ୍ଷା ସଂସ୍କାର ଦିଆଯାଇଥିଲା । ଉକ୍ତ ଯଜ୍ଞରେ ଧୋବା ପ୍ରଧାନ, ତୀର୍ଥବାସୀ ରଣା, ଗୁରୁ ରଣା, ଗୌତମ ରଣା, ଦିଲୀପ ସାହୁ ଓ କଣ୍ଟାମାଳ ଗାୟତ୍ରୀ ପରିବାର ସହଯୋଗ କରିଥିଲେ ।

## ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ

# ହଟିନି ସରକାରୀ ପୋଷ୍ଟର

**ଝାରସୁଗୁଡା ଅଫିସ, ୧୪।୩**

ବାଜି ସାରିଛି ନିର୍ବାଚନୀ ବିଗୁଲ । ଲାଗୁ ହୋଇଛି ନିର୍ବାଚନ ଆଚରଣ ବିଧି । ଏହି ବିଧିର ଅନୁପାଳନ ପାଇଁ ଭାରତୀୟ ନିର୍ବାଚନ ଆୟୋଗ ରାଜ୍ୟଗୁଡିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ନିର୍ବାଚନ ଆଦର୍ଶ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନର ଏକ ନମୁନା ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲାରେ । ସରକାରୀ ଖର୍ଚ୍ଚରେ ଲଗାଯାଇଥିବା ବ୍ୟାନର, ପୋଷର, ହୋର୍ଡିଂକୁ ପ୍ରତ୍ୟାହାର ପାଇଁ କଡ଼ା ନିର୍ଦ୍ଦେଶ ରହିଛି । ଏପରି କି ନିର୍ବାଚନ ଆଚରଣ ବିଧି ଘୋଷଣାର ପ୍ରଥମ ୪୮ ଘଣ୍ଟା ଏବଂ ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ୭୨ ଘଣ୍ଟାର ଅବଧି ସ୍ଥିର କରିଥିଲେ ରାଜ୍ୟ ନିର୍ବାଚନ ଅଧିକାରୀ । ହେଲେ ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୯୬ ଘଣ୍ଟା ବିତି ଯାଇଥିଲେ ମଧ ଝାରସୁଗୁଡାର କେତେକ ସ୍ଥାନରେ ସରକାରୀ ଯୋଜନାର ବ୍ୟାନର ଏବଂ ହୋର୍ଡିଂ, ପୋଷ୍ଟର ଦେଖିବାକୁ ମିଳିଛି । ଘରୋଇ ବସ୍‌ରେ ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ପୋଷ୍ଟର ଲାଗି ରହିଥିବା ବେଳେ କେନ୍ଦ୍ର ସରକାରଙ୍କ ଦିନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାର ବୋର୍ଡ ହଟିନାହିଁ । ଏହା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି । ଏପରିସ୍ଥଳେ ଉଚ୍ଛେଦ ଏବଂ ପ୍ରତ୍ୟାହାର ଦାୟିତ୍ୱରେ ଥିବା ଅଧିକାରୀମାନେ ସବୁ ପ୍ରତ୍ୟାହାର ହୋଇଥିବା ଭାବି ଚୁପ୍ ବସିଛନ୍ତି ।

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ନୋଡାଲ ଅଫିସର ସତ୍ୟ ନାରାୟଣ ଦାଶ ଏକ ଖବରଦାତା ସମିଳନୀର ଆୟୋଜନ କରିଥିଲେ । ଏହି ସମୀଳନୀରେ ନିର୍ବାଚନ ଆଚରଣ ବିଧିର ଅନୁପାଳନକୁ ଗୁରୁତ୍ୱ ଦେଇଥିଲେ । ଏହାସହ ଆଚରଣ ବିଧିର ଉଲ୍ଲଂଘନ ଯେପରି ନ ହୁଏ ସେନେଇ ଜିଲାସ୍ତରୀୟ ଅଧିକାରୀଙ୍କୁ ସତର୍କ କରାଯାଇଛି । ସହରାଞ୍ଚଳରେ ନିର୍ବାହୀ ଅଧିକାରୀ ଏବଂ ଗ୍ରାମାଞ୍ଚଳରେ ବିଡିଓଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା । ହେଲେ ଅଧିକାଂଶ ପୋଷ୍ଟର, ବ୍ୟାନର ହଟିଥିବା ବେଳେ ଆହୁରି କେତେକ ସ୍ଥାନରେ ଏହା ପ୍ରଦର୍ଶିତ ହେଉଥିବା ଦେଖିବାକୁ ମିଳିଛି । ଆଚରଣ ବିଧିର ୭୨ ଘଣ୍ଟାପରେ କୌଣସି ସ୍ଥାନରେ ପୋଷ୍ଟର, ବ୍ୟାନର ପ୍ରଦର୍ଶିତ ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଖବରଦାତା ସମ୍ମିଳନୀରେ କହିଥିଲେ । ତେବେ ଝାରସୁଗୁଡ଼ାରେ ହୋଇଥିବା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ନିର୍ବାଚନ ଆୟୋଗ କି ପଦକ୍ଷେପ ଗ୍ରହଣ କରିବେ ସେନେଇ ଦେଖିବା ବାକି ରହିଛି ।



ଘରୋଇ ବସରେ କାଳିଆ ପୋଷ୍ଟର ।




ଦୁର୍ଲଗା ଛକରେ ଗ୍ରାମ ଜ୍ୟୋତି ଯୋଜନା ବୋର୍ଡ ।

## ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ସମ୍ବର୍ଦ୍ଧନା

**ସୋହେଲା, ୧୪।୩(ଡି.ଏନ.ଏ)**

ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ ଅସୁସ୍ଥ ଥିବା ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ସୁସ୍ଥ ହେବା ପରେ ସେ ଗୁରୁବାର ବରଗଡ ଜିଲା ସୋହେଲାକୁ ଫେରିଛନ୍ତି । ଏହି ଅବସରରେ ଏନଏଚ୍-୬ର ଦଶମାଇଲ ଛକଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦଳୀୟ କର୍ମୀମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ଦୁର୍ଗାମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ସେଠାରେ ମନ୍ତ୍ରୀ ସିଂହ ମାଁଙ୍କୁ ଦର୍ଶନ କରିଥିଲେ । ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ବିଜେଡି ଯୁବ ନେତା ସୁବ୍ରତ ସିଂହ, ଗଣତନ୍ତ୍ର ପଧାନ, କାର୍ତ୍ତିକ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରକାଶ ଥାଉକି, ମନ୍ତ୍ରୀ ସିଂହ କିଛିଦିନ ତଳେ ଆଜମା ଓ ଏସିଡିଟି ଯୋଗୁ ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଗଲା ପରେ ବରଗଡ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା । ସେ ସୋହେଲା ଫେରୁଥିବା ବାଟରେ ନୟାଗଡଠାରେ ବୁଧବାର ରାତି ସାଢ଼େ ୯ଟାରେ ପୁଣି ଅସୁସ୍ଥ ହୋଇ ପଡିଥିଲେ । ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା । ଏବେ ସେ ସୁସ୍ଥ ଅଛନ୍ତି ।



ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି ।

# ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ

**ବରଗଡ଼ ଅଫିସ୍, ୧୪।୩**

ବରଗଡ଼ ଜିଲାରେ ଛତୁ ଫୁଟିବା ଭଳି ରାଇସ ମିଲ୍ ଗଢ଼ି ଉଠୁଛି । କେତେକ ରାଇସ ମିଲ ପ୍ରଦୂଷଣ ଆଇନ କାନୁନକୁ ମାନୁ ନ ଥିବା ଯୋଗୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରଦୂଷଣ ବଳୟରେ ରହୁଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ମଧ୍ୟ ସମ୍ପୃକ୍ତ ରାଇସ୍ ମିଲ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ । କେବଳ ନୋଟିସ ଜାରିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର କାର୍ଯ୍ୟାନୁଷ୍ଠାନ ସୀମିତ ରହୁଥିବା ଦେଖିବାକୁ ମିଳୁଛି । ଗତ ଅଳ୍ପଦିନ ତଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଜିଲାର ଏକ ରାଇସ ମିଲକୁ ବନ୍ଦ ନୋଟିସ୍ ଜାରି କରିଥିଲା । ଅନୁରୂପ ଭାବେ ଜିଲାର ଜେ. ଶ୍ରୀଗିଡ଼ାସ୍ଥିତ ଆଉ ଏକ ରାଇସ ମିଲ ସୁବର୍ଣ୍ଣ ଫୁଡ୍ସ ପ୍ରଡ଼କ୍ଟସ୍‌କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ଘଟଣା ସାମ୍ନାକୁ ଆସିଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପତ୍ରସଂଖ୍ୟା- ୮୦୩ ତା-୧୨/୩/୨୦୧୯ ଅନୁସାରେ, ଉପରୋକ୍ତ ରାଇସ ମିଲ୍ ଚଳାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦେଇଥିବା ଅନୁମତିର ଅବଧି ୨୦୨୦ ମାର୍ଚ୍ଚ ୩୧

**ରାଇସ ମିଲ୍ କରୁଛି ପ୍ରଦୂଷଣ**

ତାରିଖ ପର୍ଯ୍ୟନ୍ତ ରହିଛି । ଅନୁମତି ପ୍ରଦାନ ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଯେଉଁ ସର୍ତ୍ତ ରଖିଥିଲା, ଉକ୍ତ ରାଇସ ମିଲ୍ କର୍ତ୍ତୃପକ୍ଷ ତାକୁ ଖିଲାପ କରିଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅଧିକାରୀ ଜାଣିବାକୁ ପାଇଥିଲେ । ଗତ ୧ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ଆର୍‌ଓ ଇଂ ଡି.କେ ଦାଶ ଏବଂ ଏଇଏସ ଡଃ ଏସ.ଏନ ପଣ୍ଡା ଉକ୍ତ ରାଇସ ମିଲ୍ ନିରୀକ୍ଷଣରେ ଯାଇଥିଲେ ଏବଂ ନିରୀକ୍ଷଣ ସମୟରେ ସେଠାରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା (ଇଟିପି) କାର୍ଯ୍ୟକ୍ଷମ ନ ଥିବା ଏବଂ ନିଷ୍କାସିତ ବର୍ଜ୍ୟବସ୍ତୁ ପାଖ ଜମିକୁ ଯାଉଥିବା ଦେଖିବାକୁ ମିଳିଥିଲା । ଫଳରେ ଏଭଳି ପ୍ରଦୂଷଣ ନିୟମର ଖିଲାପ ଯୋଗୁ ସମ୍ପୃକ୍ତ ରାଇସ ମିଲ୍‌କୁ କାହିଁକି ବନ୍ଦ ନୋଟିସ ଜାରି କରା ନ ଯିବ, ସେ ନେଇ ଚିଠି ଇସ୍ୟୁ ହେବାର ୧୫ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଧାରିତ ସମୟ ସୁଦ୍ଧା ସେ ନେଇ ସ୍ପଷ୍ଟୀକରଣ ନ ଦେଲେ, ଉକ୍ତ ମିଲ୍ ବିରୋଧରେ ବନ୍ଦ ନୋଟିସ ଜାରି କରାଯିବ ବୋଲି ମଧ୍ୟ ସୂଚାଇ ଦିଆଯାଇଛି ।

## ଖବରଦାତାଙ୍କ ଆକ୍ରୋଶମୂଳକ ଗିରଫଦାରିକୁ ନିନ୍ଦା

**ବୌଦ୍ଧ, ୧୪।୩(ସ୍ୱ.ପ୍ର)**

ବୌଦ୍ଧ ଜିଲା ସାମ୍ବାଦିକ ସଂଘ ସଭାପତି ଆଦିତେଶ୍ୱର ମିଶ୍ର ଜମିଜମା ସମ୍ପର୍କିତ ତଥ୍ୟ ପାଇଁ ବୁଧବାର କଣ୍ଟାମାଳ ତହସିଲ ଅଫିସ୍‌କୁ ଯାଇଥିବାବେଳେ ସେଠାରେ ବିନା ଦୋଷରେ ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଇ ଜେଲ ପଠାଇଦିଆଯାଇଛି । ଏହି ଘଟଣା ପ୍ରଚାର ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଗୁରୁବାର ଜିଲା ସଂଘ କାର୍ଯ୍ୟାଳୟରେ ଉପସଭାପତି ରବିନ୍ଦ୍ର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିନା ଦୋଷରେ ଖବରଦାତାଙ୍କୁ ଗିରଫ ଘଟଣାର ନିନ୍ଦା କରାଯିବା ସହିତ ମିଥ୍ୟା ଅଭିଯୋଗରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ଜିଲାପାଳ ବ୍ୟକ୍ତିଗତ ଭାବେ ତହସିଲଦାରଙ୍କ କାର୍ଯ୍ୟାଳୟର ସିସିଟିଭି ଫୁଟେଜ ଯାଞ୍ଚ କରିବା ପାଇଁ ଦାବି କରାଯାଇଥିଲା । ଏହାସହିତ ଉଭୟ ଥାନା ଅଧିକାରୀ ଓ ତହସିଲଦାରଙ୍କୁ ତୁରନ୍ତ ଜିଲାରୁ ଅନ୍ୟତ୍ର ବଦଳି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା । ଉପଜିଲାପାଳଙ୍କ ଦ୍ୱାରା ଏହି ମାମଲାର ତଦନ୍ତ କରାଯିବାକୁ ଜିଲାପାଳ ସୀତାଂଶୁ କୁମାର ରାଉତ ସାମ୍ବାଦିକ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

## ରାମଚରିତ ମାନସ ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ

**ଗାଇସିଲେଟ, ୧୪।୩ (ଡି.ଏନ.ଏ)**

**ଗାଇସିଲେଟ ବ୍ଲକ**

ଗାଇସିଲେଟ ବ୍ଲକ ଝାଙ୍କରପାଲି ଶ୍ରୀ ଲକ୍ଷ୍ମୀନାରାୟଣ ରାମ ଜାନକୀ ମଠ ମହନ୍ତ ସୁତୀକ୍ଷ୍ଣ ଦାସ ମହାରାଜ ଏବଂ ଗୋକୁଳାନନ୍ଦ ପଧାନଙ୍କ ଉଦ୍ୟମରେ ନବଦିନାତ୍ମକ ରାମଚରିତ ମାନସ ପାରାୟଣ ଓ ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଛି । ଏଥିରେ କିଶୋର ଚନ୍ଦ୍ର ପୁଟେଲ ଓ ତାଙ୍କ ସ୍ତ୍ରୀ ଯଶୋବନ୍ତୀ ପୁଟେଲ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ବିଶ୍ୱଶାନ୍ତି ମହାଯଜ୍ଞରେ ସୁନୀଲ ଅଗ୍ରୱାଲ ଓ ସ୍ତ୍ରୀ ଲକ୍ଷ୍ମୀ ଅଗ୍ରୱାଲ କର୍ତ୍ତା ଅଛନ୍ତି । ଏହି କାର୍ଯ୍ୟକ୍ରମରେ ଡମ୍ବରୁଗଡ ମହନ୍ତ ଗିରିବର ଦାସଜୀ ମହାରାଜ, ମହାମନ୍ତ୍ରଳେଶ୍ୱର ମହନ୍ତ ରାମସୁନ୍ଦରଜୀ ମହାରାଜ, ଯଜ୍ଞ ପରିଚାଳକ ମହନ୍ତ ଶ୍ରୀ ପରମାନନ୍ଦଜୀ ମହାରାଜ, ମହନ୍ତ ବଂଶୀଧରଜୀ ମହାରାଜ, ମହନ୍ତ କୌଶଳ କିଶୋର ଦାସଜୀ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ । ପରିଚାଳନା କମିଟିର ଲେକୃ ପୁଟେଲ, ଗୁରଦେବ ନାଏକ, ରବିଚନ୍ଦ୍ର ଭୋଇ ତଥା ଅଞ୍ଚଳବାସୀ ସହଯୋଗ କରୁଛନ୍ତି । ବେଲପଡା ରାମଜୀ ମଠ ମହନ୍ତ ଚିନ୍ମୟ ଦାସଜୀ ମହାରାଜ ସନ୍ଧ୍ୟାରେ ପ୍ରବଚନ ଦେଉଛନ୍ତି ।



ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି ।

## ଦ୍ୱାଦଶ ସ୍କନ୍ଦ ଭାଗବତ ପାରାୟଣ

**ଘଣ୍ଟାପଡା, ୧୪।୩(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଛକ ଦୁର୍ଗାପୂଜା ମଣ୍ଡପରେ ଶ୍ରୀରାମ ଚରିତ ମାନସ ଭକ୍ତମାନଙ୍କ ପକ୍ଷରୁ ଦ୍ୱାଦଶ ସ୍କନ୍ଦ ଭାଗବତ ପାରାୟଣ ଗୁରୁବାର ଆରମ୍ଭ ହୋଇଛି । ଏହି ଅବସରରେ ସକାଳ ୮ଟାରେ ସମ୍ପାଦକ ଦାମୋଦର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମହିଳାମାନେ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ସନତ କୁମାର ମିଶ୍ର ଓ ରଘୁନାଥ ମହାପାତ୍ର ପୂଜା ଓ ଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ ମନ୍ଦିର ପୂଜକ ଆନନ୍ଦ ପାଢୀ ସହଯୋଗ କରିଥିଲେ । ସୁବର୍ଣ୍ଣପୁର ଜିଲା ଅଇଁଲାସାରୀ ଗ୍ରାମର ଶୁଭମ ପାଣିଗ୍ରାହୀ ବ୍ୟାସ ଭାବେ ଭାଗବତ ପାରାୟଣ ପାଠ କରିଥିଲେ । ସନ୍ଧ୍ୟାରେ ଭୁବନେଶ୍ୱରରୁ ଆସିଥିବା ଉମାକାନ୍ତ ମହାପାତ୍ର (ମାନସ କଳ୍ପତରୁ) ମୁଖ୍ୟ ପ୍ରବଚକ ଭାବେ ଦ୍ୱାଦଶ ସ୍କନ୍ଦ ଭାଗବତ କଥାମୃତ ଶୁଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ସଭାପତି ସନ୍ତୋଷ କୁମାର ବିଶି, ସମ୍ପାଦକ ଦାମୋଦର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଟ୍ରାଫିକ ସଂଯୋଜକ ସମ୍ବର୍ଦ୍ଧିତ

**ବରଗଡ଼ ଅଫିସ୍, ୧୪।୩**

ବରଗଡ଼ ଜିଲା ସୋହେଲା ବ୍ଲକ ପଣ୍ଡକିପାଲି ମନ୍ଦିର ପ୍ରତିଷ୍ଠା ସମାରୋହ ଅବସରରେ ଜଳନ୍ଧର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ ଦରବାରରେ ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜଳନ୍ଧର ମହାରାଜ ଭୋସାଗରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଭୋସାଗର ତାଙ୍କ ଅଭିଭାଷଣରେ ଉପସ୍ଥିତ ଜନତାଙ୍କୁ ଟ୍ରାଫିକ ସଚେତନତାର ବାର୍ତ୍ତା ଦେଇଥିଲେ ।



ଜଳନ୍ଧର ମହାରାଜ ଟ୍ରାଫିକ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ମାଣ୍ଡିଆଡ଼ିପା ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପିତ

**ପାଇକମାଳ, ୧୪।୩(ଡି.ଏନ.ଏ)**

ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡିଆଡ଼ିପା ଗ୍ରାମରେ ଷଷ୍ଠ ବର୍ଷ ଧନୁଯାତ୍ରା ମହୋତ୍ସବ ପାଇଁ ଗୁରୁବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି । କମିଟିର ମୁଖ୍ୟ ଉପଦେଷ୍ଟା ତଥା ଗ୍ରାମର ଗୌନ୍ତିଆ ରାଜକିଶୋର ସାହୁ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ସାହୁ କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ । ପୁରୋହିତ ଅମ୍ବିକାଶ ତ୍ରିପାଠୀ ପୂଜାକାର୍ଯ୍ୟ ତୁଲାଇଥିଲେ । ଏ ନେଇ ଗୋପବନ୍ଧୁ ସାହୁଙ୍କୁ କଂସ, ଚନ୍ଦନ ଥପା ଓ ସଞ୍ଜୀବ ଚନ୍ଦନଙ୍କୁ କୃଷ୍ଣ ଓ ବଳରାମ ଏବଂ କୁବେର ଗିରି ସାହୁଙ୍କୁ ଅକ୍ରୁର ଭାବେ ବରଣ କରାଯାଇଥିଲା । ଆସନ୍ତା ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଏହି ଧନୁଯାତ୍ରା ମହୋତ୍ସବ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା । କମିଟି ସଭାପତି ଡୋଲାମଣି ମାହାରା, କାର୍ଯ୍ୟକାରୀ ସଭାପତି ମୋତିଲାଲ ସାହୁ, ସମ୍ପାଦକ କ୍ଷୀରସାଗର ବରିହା, ଭାଗବତ ପଟେଲ, ହରିଶଙ୍କର ସାହୁ, ଶୁଭ କନ୍ଦା, ଦୁର୍ଯ୍ୟୋଧନ ସାହୁ, ଜଗନ୍ନାଥ ଥପା ପ୍ରମୁଖ ସହଯୋଗ କରିଥିଲେ ।



ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି ।

## ବର୍ଷାରେ ଘର ଭାଂଗବାର ୩ ବଛର ହେଲା

# କୃଷ୍ଣ ଲାଗି ସାତସପନ ହେଇଛେ ଆବାସ ଯୋଜନା

**ଅତାବିରା, ୧୪।୩ (ଡି.ଏନ.ଏ)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ ଦୁଖିକୁ ଆବାସ ଯୋଜନାରେ ପକାଘର ଯୁଗେଇ ଦେଉଛନ୍ । ହେଲେ ଥାନୀୟ ପରଶାସନର ଭୁଲଭଟକା ଆର ତଦନ୍ତ ଲାଗି ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଛନ୍ । ଯେନ୍‌ମାନେ ଥିଲାବାଲା, ପକାଘର ଅଛେ ସେମାନକୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ମୋ କୁଡ଼ିଆ, ଇନ୍ଦିରା ଆବାସ ଘର ମିଲୁଛେ । ହେଲେ ବହୁତ ଜାଗାରେ ନିହାତି ଗରିବ୍ ଦୁଖିକୁ ଇ ସରକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଉଛନ୍ । ଯେନ୍‌ଥିରଲାଗି ଉପେ ଶୂଇନ୍ ହେଇ ସେମାନେ ବଛର ବଛର ଧରି ଖୁଲା ଆକାଶ ତଲେ ଜୀବନ ବିତଉଛନ୍ । ଏନ୍‌ତା ଗୁଟେ ଉଦାହରନ ଦେଖବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ ଉଦେପୁର ଗାଁର କୃଷ୍ଣ ବନଛୁରକଁର ପରିବାରରେ । କୃଷ୍ଣକଁର ପରିବାର କହେଲେ ମାଏକିନା ଭାର(୬୫), ପୁଓ ପଦ୍ମନ(୪୦), ବହ ପଦ୍ମିନୀ(୨୯), ନାତି ଅମନ(୧୦) ଆର ଅନୀଲ(୮)କେ ନେଇ ପରିବାର । ଜମି ବଏଲେ ୧ ଏକର ୩୦ ଡିସିମିଲ । ୩ ବଛର ହେଲା ବର୍ଷା ପାଏନ୍‌ରେ ଘର ଭାଂଗିଯାଇଛେ । ଘରେ ଅଭାବ ଅନାଟନ ଲାଗି ରହିଛେ, ଯେନ୍‌ଥିରଲାଗି କୃଷ୍ଣ ଘର ତିଆରି ନାଇଁପାରବାର । ଉପେ ଶୂଇନ୍ ହେଇ ସେ ଉଦେପୁରରେ ଗୁଟେ କୁଡିଆରେ ରହୁଛନ୍ । ସେନ୍‌ତା ପରିବାରର ବାକି ଲୋକ୍ ଘର ଅଭାବୁ ମାନପୁର ଯାଇ ଉନିଆ ଲୁକ୍‌କର ଘରେ ଆଶ୍ରେ ନେଇଛନ୍ । ପରିବାରକେ ମିଲୁଥିବାର ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ୩୦ କେ.ଜି. ଟଁକୋକିଆ ଚାଉଲ, ଅଢ଼େ ଲିଟର କିରାସିନ ଆର କୃଷ୍ଣ ପାଉଥିବାର ବୁଢ଼ାବୁଢ଼ି ଭତା । ହେଲେ କୃଷ୍ଣ ସରକାରୀ ଯୋଜନାରେ ପକାଘର ଖଁଡ଼େ ପାଏବାର ଲାଗି ପଁଚେତ୍‌ନୁ ମୂଳ କରି ବ୍ଲକ ତକ୍ ଗୁହାରି କରି ଥକିଗଲେନ । ଶେଷେ ବରଗଡ଼ ଜିଲାପାଳକୁଁ ଯାଇ ଗୁହାରି କରମି ବଲି ତାହାକୁ ପଚରାଲାରୁ କହିଥିଲେ । ଇ ଗରିବ ପରିବାର ଉପରେ ଜିଲା ପରଶାସନ ଆର ଥାନୀୟ ପରଶାସନ ଦୁରୁଷ୍ଟି ଦେଇ ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍ । ଇ ବାବ୍‌ଦେ ଭେଡ଼େନ ବ୍ଲକ ବିଡିଓ ମୂରଲୀଧର ନାୟକକୁଁ ପଚରାଲାରୁ ଆବାସ ଘର ଯୁଗେଇ ଦେବାକେ ଜିଲାପାଳକୁଁ କହିଛେଁ । ଆବାସ ଘର ଆଏଲେ ନିହାତି ଭାବେ ହକ୍‌ଦାର ହିତାଧିକାରୀମାନକୁ ଦିଆଯିବା ବଲି ସେ କହିଥିଲେ । ସେନ୍‌ତା ଇ ବାବ୍‌ଦେ ଦେଶଭଟିଲି ପଁଚେତ୍‌ର ନିର୍ବାହୀ ଅଧିକାରୀ ପ୍ରମୋଦ ଦାଶକୁଁ ପଚରାଲାରୁ ଯଦି ତାକର ନାଁ ତାଲିକାରେ ଥିବା ସେ ନିହାତି ପାଏବେ । ହେଲେ ସିରିଏଲ ହିସାବେ ଦିଆଯାଉଛେ ତାକର ନମ୍ବର ଆଏଲେ ଘର ଯୁଗେଇ ଦିଆଯିବା ବଲି ସେ କହିଥିଲେ ।



କୃଷ୍ଣ ବନଛୁର ।